- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 42 ◆ISSUE-205 ◆BHUBANESWAR ◆MONDAY ◆20 JANUARY 2025 ◆PAGE-14 ◆₹ 6.00

◆ବର୍ଷ-୪୨ ◆ସଂଖ୍ୟା-୨୦୫ ◆ଭୁବନେଶ୍ୱର ◆ସୋମବାର ◆୨୦ ଜାନୁଆରୀ ୨୦୨୫ ◆ପୃଷ୍ଠା-୧୪ ◆ଟ.୬.୦୦


ପ୍ରଥମ ଖୋ-ଖୋ ବିଶ୍ୱକପ୍

# ଇତିହାସ ରଚିଲା ଭାରତ





■ **ନୂଆଦିଲ୍ଲୀ, ୧୯ ।୧ (ଏଜେନ୍ସି):** ଭାରତରେ ଅନୁଷ୍ଠିତ ପ୍ରଥମ ଖୋ ଖୋ ବିଶ୍ୱକପ୍‌ରେ ଇତିହାସ ରଚିଛି ଭାରତ । ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଇନ୍‌ଡୋର୍ ଷ୍ଟାଡିୟମରେ ଆଜି ଅନୁଷ୍ଠିତ ବିଶ୍ୱକପ୍ ଫାଇନାଲରେ ଉଭୟ ମହିଳା ଓ ପୁରୁଷ ବର୍ଗରେ ଭାରତ ଚାମ୍ପିଅନ ହୋଇଛି । ଏହାସହିତ ଖୋ ଖୋ ଇତିହାସରେ ଭାରତର ନାମ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇଛି । ପ୍ରଥମେ ଖେଳାଯାଇଥିବା ମହିଳା ଫାଇନାଲରେ ଭାରତ ୭୮-୪୦ରେ ନେପାଳକୁ ଓ ପୁରୁଷ ବିଭାଗ ଫାଇନାଲରେ ମଧ୍ୟ ସମାନ ପ୍ରତିଦ୍ୱନ୍ଦ୍ୱୀ ନେପାଳକୁ ୫୪-୩୬ ପଏଣ୍ଟରେ ହରାଇ ଏହି ଐତିହାସିକ ସଫଳତା ପାଇଛି । ଉଭୟବର୍ଗରେ ନେପାଳ ରନର୍ସଅପ୍ ହୋଇ ▶ପୃଷ୍ଠା-୭

**ଉଭୟ ବର୍ଗରେ ଭାରତ ଚାମ୍ପିଅନ, ନେପାଳ ରନର୍ସଅପ୍**

# ମହାକୁମ୍ଭରେ ଅଗ୍ନିକାଣ୍ଡ



■ **ପ୍ରୟାଗରାଜ, ୧୯।୧ (ଏଜେନ୍ସି):** ପ୍ରୟାଗରାଜରେ ଚାଲିଥିବା ମହାକୁମ୍ଭ ମେଳାରେ ନିଆଁ ଲାଗି ଶତାଧିକ ଶିବିର ପୋଡ଼ି ପାଉଁଶ ହୋଇଯାଇଛି । ତେବେ ଏଥିରେ କେହି ମୃତାହତ ହୋଇ ନାହାନ୍ତି । ମେଳା ପରିସରରେ ସେକ୍ଟର ୧୯ରେ ଥିବା ଏକ ଶିବିରରେ ଗ୍ୟାସ୍ ସିଲିଣ୍ଡର ଫାଟିଯିବାରୁ ନିଆଁ ଲାଗିଯାଇଥିବା କୁହାଯାଉଛି । ନିଆଁର ପ୍ରକୋପ ଏତେ ଭୀଷଣ ଥିଲା ଯେ ମେଳା ଅଞ୍ଚଳରେ ଶ୍ରଦ୍ଧାଳୁମାନଙ୍କ ମଧ୍ୟରେ କିଛି ସମୟ ପାଇଁ ଆତଙ୍କର ବାତାବାରଣ ସୃଷ୍ଟି ହୋଇଥିଲା । ନିଆଁ ବହୁ ଦୂରକୁ ଦୃଶ୍ୟମାନ ହେଉଥିବାରୁ ଏହାଦ୍ୱାରା ପ୍ରଭୁତ କ୍ଷତି ହେବ ବୋଲି ଆଶଙ୍କା କରି ଶ୍ରଦ୍ଧାଳୁମାନେ ଭୟଭୀତ ହୋଇପଡ଼ିଥିଲେ । ତେବେ ପ୍ରାୟ ୧୫ଟି ଅଗ୍ନିଶମ ଟିମ୍ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ଘଟଣା ପରେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି । ରାଜ୍ୟ ପ୍ରଶାସନ ପକ୍ଷରୁ କ୍ଷତିଗ୍ରସ୍ତ ଶିବିରଗୁଡ଼ିକର ଥଇଥାନ ଏବଂ ସହାୟତା ▶ପୃଷ୍ଠା-୭

**ଗ୍ୟାସ୍ ସିଲିଣ୍ଡର ଫାଟି ଜଳିଗଲା ଶତାଧିକ ଶିବିର**

**ପୋଲାଭରମ କଷଣ**

# ସରକାରଙ୍କ ତୁଣ୍ଡ ଫିଟୁନି

## ପ୍ରକଳ୍ପର ପରିବର୍ତ୍ତିତ 'ଡି-ୱାଲ୍' କାମ ଆରମ୍ଭ

- **ଶୀଘ୍ର କାମ ସାରିବାକୁ ଜଳଶକ୍ତି ମନ୍ତ୍ରାଳୟର ପରାମର୍ଶ**
- **ପ୍ରତିବାଦ କରୁନାହାନ୍ତି ବିଜେପିର ୨୦ ସାଂସଦ**
- **ବିଜେଡିର ଦାବିକୁ କେନ୍ଦ୍ର ସରକାରଙ୍କ ଉପେକ୍ଷା**



■ **ଭୁବନେଶ୍ୱର, ୧୯।୧ (ସମିସ):** 'ଡବଲ ଫୁଲ, ବହୁତ ଭଲ' ବୋଲି ବିଜେପି ନେତାମାନେ ନିର୍ବାଚନୀ ସମାବେଶରେ ଘୋଷଣା କରିବା ସହ ଡବଲ ଇଞ୍ଜିନ୍ ଆସିଲେ ଓଡ଼ିଶା ଘିଅ ମହୁରେ ଭାସିବ ବୋଲି କହିଥିଲେ । ଓଡ଼ିଶାବାସୀ ଏଥିରେ ବିଶ୍ୱାସ କଲେ, କେନ୍ଦ୍ର ଓ ରାଜ୍ୟରେ ଡବଲ ଇଞ୍ଜିନ୍ ସରକାର ଆସିଲା । ନୂଆ ସରକାର ଆସୁଆସୁ ଓଡ଼ିଶାର ସ୍ୱାର୍ଥ ସହ କୌଣସି ପ୍ରସଙ୍ଗରେ ସାଲିସ କରାଯିବ ନାହିଁ ବୋଲି ଦୃଢ଼ ସ୍ୱରରେ ଘୋଷଣା କଲେ । ମାତ୍ର ଦିନ କେଇଟା ଯାଇନାହିଁ ଡବଲ ଇଞ୍ଜିନ୍ ସରକାର ଓଡିଶାର ସ୍ୱାର୍ଥଜଡ଼ିତ ପ୍ରସଙ୍ଗ ଉପରେ ଯେପରି ରହସ୍ୟମୟ ନିରବତା ଅବଲମ୍ବନ କରି ଚାଲିଛି ତାହା ରାଜ୍ୟବାସୀଙ୍କୁ ନିରାଶ କରିଛି । ବିଶେଷକରି ପୋଲାଭରମ୍ ପ୍ରସଙ୍ଗରେ ଡବଲ ଇଞ୍ଜିନ୍ ସରକାର ଓଡ଼ିଶା ପିଠିରେ 'ମିଠାବୋଲା ଛୁରି' ଭୂସି ଓଡ଼ିଶାର ଆତ୍ମା ଓ ଅସ୍ମିତାକୁ ଲହୁଲୁହାଣ କରିଥିବା ଅଭିଯୋଗ ହୋଇଛି । କେନ୍ଦ୍ର ସରକାର ପୋଲାଭରମ୍ ପ୍ରକଳ୍ପ ପାଇଁ ବିପୁଳ ଆର୍ଥିକ ଅନୁଦାନ ଦେଇଛନ୍ତି । କେନ୍ଦ୍ର ଜଳଶକ୍ତି ମନ୍ତ୍ରଣାଳୟ ପ୍ରକଳ୍ପ କାର୍ଯ୍ୟ ତୁରନ୍ତ ଶେଷ କରିବାକୁ ଆନ୍ଧ୍ରପ୍ରଦେଶ ସରକାରଙ୍କୁ ପରାମର୍ଶ ଦେଉଛନ୍ତି । ମାତ୍ର ଏହି ପ୍ରକଳ୍ପ ଯୋଗୁଁ ଓଡ଼ିଶାର ସ୍ୱାର୍ଥହାନିକୁ କେନ୍ଦ୍ର ସରକାର ଗୁରୁତ୍ୱ ଦେଉନାହାନ୍ତି କିମ୍ବା ରାଜ୍ୟ ସରକାର ମଧ୍ୟ ଏ ପ୍ରସଙ୍ଗରେ ତୁଣ୍ଡ ଖୋଲୁ ନାହାନ୍ତି । ▶ପୃଷ୍ଠା-୭

ଫେବୃଆରୀରୁ ସୁନା ମହଙ୍ଗା

# ଦୀପାବଳି ସୁଦ୍ଧା ୧ ଲକ୍ଷ ଛୁଇଁବ



**ବଜେଟରେ ବଢ଼ିପାରେ ସୀମା ଶୁଳ୍କ**

■ **ନୂଆଦିଲ୍ଲୀ, ୧୯।୧ (ଏଜେନ୍ସି):** ଗତ ଦୁଇ ସପ୍ତାହ ଧରି ଘରୋଇ ବଜାରରେ ସୁନାର ମୂଲ୍ୟ କ୍ରମାଗତ ଭାବେ ବୃଦ୍ଧି ପାଇବାରେ ଲାଗିଛି । ଆଜି ରାଜଧାନୀ ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୮୧,୧୧୦ ଟଙ୍କା ଏବଂ ୨୨ କ୍ୟାରେଟ୍‌ର ମୂଲ୍ୟ ୭୪,୩୫୦ରେ ପହଞ୍ଚିଛି । ବିଶେଷଜ୍ଞଙ୍କ ମତରେ, ଆଗାମୀ ଦିନରେ ସୁନା ମୂଲ୍ୟରେ ଆହୁରି ବୃଦ୍ଧି ଦେଖିବାକୁ ମିଳିପାରେ । ଏପରିକି ଚଳିତବର୍ଷ ଦୀପାବଳି ସୁଦ୍ଧା ଘରୋଇ ବଜାରରେ ସୁନା ମୂଲ୍ୟ ୧ ଲକ୍ଷ ଟଙ୍କା ଛୁଇଁଯାଇପାରେ ।

ସେୟାର ବଜାର ତଳମୁହାଁ ହେବାର ଫାଇଦା ସୁନା କ୍ଷେତ୍ରରେ ଦେଖିବାକୁ ମିଳୁଛି । ଏଥିପାଇଁ ବର୍ତ୍ତମାନ ସୁନା ନିବେଶକଙ୍କ ଲାଗି ଏକ ସୁରକ୍ଷିତ ନିବେଶ ମାଧ୍ୟମ ପାଲଟିଛି । ଆସନ୍ତା ଫେବୃଆରୀ ପହିଲାରେ କେନ୍ଦ୍ରୀୟ ବଜେଟ୍ ଉପସ୍ଥାପିତ ହେବ । ବଜେଟରେ ସରକାର ▶ପୃଷ୍ଠା-୭

**ଭିତର ପୃଷ୍ଠାରେ...**




ଆଜି ଶପଥ ନେବେ ଟ୍ରମ୍ପ

ଇଞ୍ଜିନିୟରଙ୍କଠାରୁ ୧୧ କୋଟି ଲୁଟିନେଲେ ସାଇବର୍ ଠକ

ନନ୍ଦନକାନନ ଟଏ ଟ୍ରେନ୍: ବଗିଛାଡ଼ି ପଳାଇଲା ଇଞ୍ଜିନ୍




**ସପ୍ତାହକ ପରେ 'ଉତ୍କର୍ଷ ଓଡ଼ିଶା'**

# ପ୍ରଶାସନ ଗଳଦ୍‌ଘର୍ମ

■ **ଭୁବନେଶ୍ୱର, ୧୯ ।୧ (ସମିସ):** ଆଉ ସପ୍ତାହେ ପରେ ଭୁବନେଶ୍ୱରରେ ଅନୁଷ୍ଠିତ ହେବ 'ମେକ ଇନ୍ ଓଡ଼ିଶା- ଉତ୍କର୍ଷ ଓଡ଼ିଶା' । ପୂର୍ବରୁ ନବୀନ ସରକାର 'ମେକ୍ ଇନ୍ ଓଡ଼ିଶା' କାର୍ଯ୍ୟକ୍ରମ ଜରିଆରେ ଓଡ଼ିଶାରେ ନିବେଶ ପାଇଁ ପଥ ପ୍ରସ୍ତୁତ କରିଥିଲେ । ଏବେ ମୋହନ ସରକାର ସେହି ପଥରେ ଆରମ୍ଭ କରିଛନ୍ତି ନିବେଶ ସମାବେଶ । 'ମେକ୍ ଇନ୍ ଓଡ଼ିଶା' ସହ 'ଉତ୍କର୍ଷ ଓଡ଼ିଶା'କୁ ସଂଯୋଗ କରି ଶିଳ୍ପ ସମାବେଶ କରିବାକୁ ଲକ୍ଷ୍ୟ ରଖିଛନ୍ତି । ବିଜେଡି ସରକାର ସମୟରେ ଅନୁଷ୍ଠିତ ୩ଟି ମେକ୍ ଇନ୍ ଓଡ଼ିଶା କାର୍ଯ୍ୟକ୍ରମ ଜରିଆରେ ଓଡ଼ିଶାକୁ ବିପୁଳ ନିବେଶ ଆସିଥିଲା । ଏହି ପରିପ୍ରେକ୍ଷୀରେ ପୂର୍ବ ସଫଳତାକୁ ବଜାୟ ରଖିବା ସହ ଅଧିକରୁ ଅଧିକ ନିବେଶ ଆଣିବା ରାଜ୍ୟ ସରକାରଙ୍କ ପାଇଁ ଆହ୍ୱାନ ପାଲଟିଛି । ସରକାର ପରିବର୍ତ୍ତନ ହୋଇଥିଲେ ମଧ୍ୟ ଯେଉଁ ଅଧିକାରୀମାନେ 'ମେକ୍ ଇନ୍ ଓଡ଼ିଶା' ପାଇଁ କାମ କରୁଥିଲେ, ଏବେ ସେହି ଅଧିକାରୀମାନେ ଚଳିତ ବର୍ଷ ମଧ୍ୟ ନିବେଶ ସମାବେଶ କାର୍ଯ୍ୟରେ ନିୟୋଜିତ ଅଛନ୍ତି । ସମାବେଶର ଢାଞ୍ଚା, ପୁସ୍ତିକା ସବୁ ସମାନ ରହିଛି । କେବଳ ବହିର ମଲାଟ ବଦଳିଛି ଓ ତମ୍ବୁର ରଙ୍ଗ ବଦଳାଇବାକୁ ଯୋଜନା କରାଯାଇଛି । ପୂର୍ବ ସମାବେଶ ତୁଳନାରେ ଏହାକୁ ଅଧିକ ସଫଳ କରିବାକୁ ସରକାରଙ୍କ ଅଧିକାରୀମାନେ ଗଳଦ୍‌ଘର୍ମ ହୋଇ ପଡ଼ିଛନ୍ତି । ଓଡ଼ିଶାରେ ବିଜେପି କ୍ଷମତାକୁ ଆସିବା ପରେ ରାଜଧାନୀରେ ଏହା ତୃତୀୟ ବୃହତ୍ ଆୟୋଜନ ହେବ । ପ୍ରଥମେ ▶ପୃଷ୍ଠା-୭

**ପାଠ, ବହି ସମାନ; ଖାଲି ବଦଳିଛି ମଲାଟ**

**ଟ୍ରାଫିକ୍ ପରିଚାଳନା ସବୁଠାରୁ ବଡ଼ ଆହ୍ୱାନ**

**ଜୀବନ ନେଉଛି ଜୀବନରେଖା**

# ଦୟା ପାଣିରେ ଜହର

## ଝାଡ଼ାବାନ୍ତିରେ ପୁଣି ଜଣେ ମୃତ; ମୃତ୍ୟୁସଂଖ୍ୟା ୪କୁ ବୃଦ୍ଧି



■ **ପୁରୀ/କଣାସ, ୧୯।୧ (ସମିସ):** ଏକଦା ଲୋକଙ୍କ ପାଇଁ ଜୀବନରେଖା ପାଲଟିଥିବା 'ଦୟା' ନଦୀ ଏବେ ଜୀବନ ନେଉଛି । 'ଦୟା'ର ଦୟାରେ ଶସ୍ୟଶ୍ୟାମଳାରେ ହସୁଥିବା କଣାସ ଅଞ୍ଚଳରେ ଏବେ ଦୟା ଆଣିଛି ଦୁଃଖ । ଏହାର ପାଣି ପାଲଟିଯାଇଛି ଜହର । ଏହି ଦୂଷିତ ପାଣି ବ୍ୟବହାର କରିବା ପରେ ଏବେ କଣାସ ଅଞ୍ଚଳରେ ବ୍ୟାପିଛି ଝାଡ଼ାବାନ୍ତି । ସ୍ଥିତି ଏମିତି ହେଲାଣି ଯେ ଝାଡ଼ାବାନ୍ତିରେ ୪ ଜଣଙ୍କ ଜୀବନ ବି ଗଲାଣି । ଗୋଟିଏପଟେ ଝାଡ଼ାବାନ୍ତିରେ ମୃତ୍ୟୁ ସଂଖ୍ୟା ବଢୁଥିବା ବେଳେ ଅନ୍ୟପଟେ ହସ୍ପିଟାଲରେ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି ।

ପୂର୍ବରୁ ଏକ ରିପୋର୍ଟରେ ଦର୍ଶାଯାଇଥିଲା ଯେ ମହାନଦୀରୁ ଆରମ୍ଭ କରି ତା'ର ସବୁ ଶାଖା ନଦୀରେ ଜହର ବହୁଛି । ଅର୍ଥାତ୍ ▶ପୃଷ୍ଠା-୭

# ସରୁନି ସର୍ଭେ; ମିଳୁନି ଟୋକନ

**ଚାଷୀଙ୍କୁ ସରକାରଙ୍କ ଧାନ ଯନ୍ତ୍ରଣା ୧**



**ଏଯାଏଁ ମାତ୍ର ୬ ଜିଲ୍ଲାରେ ସରିଛି ସାଟେଲାଇଟ୍ ଫଟୋଚିତ୍ର ଫିଲ୍‌ଡ ସର୍ଭେ**

**'ଦାନା', ଅଦିନିଆ ବର୍ଷା ପ୍ରଭାବିତ ଧାନକୁ ଧରି ବସିଛନ୍ତି ୨୪ ଜିଲ୍ଲାର ଚାଷୀ**

■ **ଭୁବନେଶ୍ୱର, ୧୯।୧ (ସମିସ):** ଓଦା ଧାନକୁ ଶୁଖାଇ ବିକିବାକୁ ଅନାଇ ବସିଛି ଚାଷୀ । ହେଲେ ସରକାରୀ କଳର ଚରମ ଅବହେଳା ପାଇଁ ଚାଷୀଙ୍କୁ ଏଯାଏଁ ଟୋକନ୍ ମିଳିନି । ୧୭ହଜାର ୧୩୬ଟି ଜମିର ସାଟେଲାଇଟ୍ ଫଟୋଚିତ୍ର ସର୍ଭେ କାର୍ଯ୍ୟ ସରି ନ ଥିବାରୁ ରାଜ୍ୟର ୨୪ଟି ଜିଲ୍ଲାର ସମ୍ପୃକ୍ତ ଚାଷୀଙ୍କୁ ଟୋକନ୍ ମିଳିପାରି ନ ଥିବା ଜଣାପଡ଼ିଛି । ଫଳରେ 'ଦାନା' ବାତ୍ୟା ଓ ଅଦିନିଆ ବର୍ଷା ମାଡ଼ରୁ ଉଦ୍ଧାର କରି ଚାଷୀ ରଖିଥିବା ହଜାର ହଜାର ବସ୍ତା ଅମଳ ଧାନ ବିକ୍ରି ହୋଇ ନ ପାରି ଗମୁଆ ହେବାକୁ ବସିଲାଣି । ଏହାକୁ ନେଇ ଚାଷୀକୁଳ ଚିନ୍ତାରେ ପଡ଼ିଥିବା ବେଳେ ଏତେ ପରିମାଣ ଜମିର ସାଟେଲାଇଟ୍ ଫଟୋଚିତ୍ର ସର୍ଭେ କାର୍ଯ୍ୟ କାହିଁକି ଏପର୍ଯ୍ୟନ୍ତ ଶେଷ ହୋଇନି, ସେନେଇ କିଛି ନିର୍ଦ୍ଦିଷ୍ଟ ତଥ୍ୟ ମିଳିପାରିନାହିଁ ।

ରାଜ୍ୟ ସମବାୟ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ଜାନୁୟାରୀ ୧୬ ତାରିଖ ସୁଦ୍ଧା ୨୪ଟି ଜିଲ୍ଲାରେ ୧୭ହଜାର ୧୩୬ଟି ଜମିର ସାଟେଲାଇଟ୍ ଫଟୋଚିତ୍ରର ଫିଲ୍‌ଡ ସର୍ଭେ ବାକି ରହିଛି । ମୋଟ ୧୮ହଜାର ୨୩୯ଟି ଜମିର ସାଟେଲାଇଟ୍ ଫଟୋଚିତ୍ର ଯାଞ୍ଚ ଓ ଫିଲ୍‌ଡ ସର୍ଭେକୁ ଅନୁମୋଦନ ମିଳି ନ ଥିବାରୁ ସମ୍ପୃକ୍ତ ଜମିର ମାଲିକ ଅବା ଚାଷୀମାନେ ନିଜର ଧାନ ବିକ୍ରି ପାଇଁ ଏପର୍ଯ୍ୟନ୍ତ ଟୋକନ୍ ପାଇ ନ ଥିବା ଜଣାପଡ଼ିଛି । କେବଳ ବରଗଡ଼, କନ୍ଧମାଳ, କେନ୍ଦ୍ରାପଡ଼ା, ନୂଆପଡ଼ା, ସମ୍ବଲପୁର ଓ ସୁନ୍ଦରଗଡ଼ ଜିଲ୍ଲାକୁ ବାଦ୍ ଦେଲେ ଅନ୍ୟ ସମସ୍ତ ଜିଲ୍ଲାରେ ଏହି ସବୁ ଜମି ରହିଥିବା ସୂଚନାମିଳିଛି ॥ ।ବିଭାଗରତଥ୍ୟଅନୁସାରେ, ମୋଟ ୧୯ଲକ୍ଷ ୫ହଜାର ୪୯୦ଟି ଜମିର ▶ପୃଷ୍ଠା-୭







## ଅନନ୍ୟ ମନ୍ଦିର
## କରଜରୁ ମୁକ୍ତି ପାଇଁ ଆସନ୍ତି ଶ୍ରଦ୍ଧାଳୁ

ଭାରତରେ ବହୁ ଦେବଦେବୀଙ୍କ ମନ୍ଦିର ରହିଛି । ପ୍ରତିଟି ମନ୍ଦିରର ନିଜସ୍ୱ ଇତିହାସ ଓ କିମ୍ବଦନ୍ତୀ ରହିଛି । ଏମିତି ଏକ ମନ୍ଦିର ହେଉଛି ଧନର ଦେବତା କୁବେର ଦେବଙ୍କ ମନ୍ଦିର । କୁବେର ଯାହା ଉପରେ ପ୍ରସନ୍ନ ହୋଇଯାନ୍ତି ତାଙ୍କ ଘରେ ଧନର ଅଭାବ ରୁହେ ନାହିଁ ବୋଲି କୁହାଯାଏ । ଉତ୍ତରାଖଣ୍ଡ ଅଲମୋଡ଼ା ଜିଲ୍ଲାରୁ ପାଖାପାଖି ୪୦ କିଲୋମିଟର ଦୂରରେ ଜାଗେଶ୍ୱର ଧାମରେ କୁବେର ଦେବଙ୍କ ମନ୍ଦିର ରହିଛି । ଏଠାରେ ୧୨୫ ଦେବଦେବୀଙ୍କ ମନ୍ଦିର ଥିବାବେଳେ କୁବେର ଦେବଙ୍କ ମନ୍ଦିରରେ ସବୁବେଳେ ଭିଡ଼ ଲାଗି ରହିଥାଏ । କାରଣ ଧାରକରଜରୁ ମୁକ୍ତ ହେବାକୁ ଏଠାରେ ଶ୍ରଦ୍ଧାଳୁଙ୍କ ପ୍ରବଳ ସମାଗମ ହୋଇଥାଏ । ଯେଉଁମାନେ ଏହି ମନ୍ଦିରରେ ଦର୍ଶନ କରିବା ପରେ ମୁଦ୍ରା ଚଢ଼ାନ୍ତି, ସେମାନେ ଧାରକରଜରୁ ମୁକ୍ତ ହୋଇଥାନ୍ତି ବୋଲି ବିଶ୍ୱାସ ରହିଛି । କେବଳ ସେତିକି ନୁହେଁ, ଯିଏ ଏଠାକୁ ଦର୍ଶନ ପାଇଁ ଆସନ୍ତି, ସେମାନଙ୍କ ଜୀବନରୁ ଅଭାବ ଅନଟନ ଦୂରେଇଯାଏ । ଖାସ୍ ସେଥିପାଇଁ ଏହି ମନ୍ଦିରକୁ ନିୟମିତ ହଜାର ହଜାର ଶ୍ରଦ୍ଧାଳୁ ଦର୍ଶନ ପାଇଁ ଆସନ୍ତି । ମନ୍ଦିରକୁ ଆସୁଥିବା ଶ୍ରଦ୍ଧାଳୁମାନେ ସୁନା, ଚାନ୍ଦିର ମୁଦ୍ରା ଅର୍ପଣ କରନ୍ତି । ପୂଜା ପରେ ଏହି ମୁଦ୍ରାକୁ ହଳଦିଆ ରଙ୍ଗର କପଡ଼ାରେ ବାନ୍ଧି ଘରକୁ ନେଇଯିବା ଦ୍ୱାରା ଭଗବାନଙ୍କ କୃପା ମିଳିଥାଏ ବୋଲି ବିଶ୍ୱାସ ରହିଛି । ଧାର କରଜରୁ ମୁକ୍ତ ହେବା ପରେ ଶ୍ରଦ୍ଧାଳୁମାନେ ଏଠାକୁ ଆସି ହଳଦିଆ କପଡ଼ା ଚଢ଼ାଇବା ସହ କ୍ଷୀରି ଭୋଗ ଲାଗି କରିଥାନ୍ତି ।

## 'ଗଲି ବୟ-୨'ରୁ ବାଦ୍ ପଡ଼ିବେ
# ଆଲିଆ-ରଣବୀର



୨୦୧୯ ରେ ରିଲିଜ୍ ହୋଇଥିବା ଫିଲ୍ମ 'ଗଲିବୟ' ବ୍ଲକ୍‌ବଷ୍ଟର ସାବ୍ୟସ୍ତ ହୋଇଥିଲା । ଏଥିରେ ଲିଡ୍ ରୋଲରେ ରଣବୀର ସିଂହ, ସିଦ୍ଧାନ୍ତ ଚତୁର୍ବେଦୀ ଓ ଆଲିଆ ଭଟ୍ଟ ନଜର ଆସିଥିଲେ । ଫିଲ୍ମର କାହାଣୀ ସାଙ୍ଗକୁ ରଣବୀର ଓ ଆଲିଆଙ୍କ ଚମତ୍କାର ଅଭିନୟ ଦର୍ଶକଙ୍କୁ ବେଶ୍ ପସନ୍ଦ ଆସିଥିଲା । ଏହି ଫିଲ୍ମର ରିଲିଜ୍ ଦିନଠାରୁ ଦର୍ଶକେ ଏହାର ଦ୍ୱିତୀୟ ପାର୍ଟକୁ ଅପେକ୍ଷା କରିଛନ୍ତି । ଇତିମଧ୍ୟରେ ଏହାର ସିକ୍ୱେଲ ପାଇଁ କାମ ଆରମ୍ଭ ହୋଇଛି । ତେବେ ଏଥିରେ ଲିଡ୍ ରୋଲରେ ଏହାର ମୂଳ କଳାକାର ରଣବୀର, ଆଲିଆ କିମ୍ବା ସିଦ୍ଧାନ୍ତ ନଜର ଆସିବେ ନାହିଁ । ଏଥିରେ ଆଲିଆ ଓ ରଣବୀରଙ୍କ ସ୍ଥାନ ନେବେ ଅନନ୍ୟା ପାଣ୍ଡେ ଓ ଭିକି କୌଶଳ । ଜୋୟା ଅଖତର ମଧ୍ୟ ଏହାର ନିର୍ଦ୍ଦେଶନା ଦେବେ ନାହିଁ । 'ଖୋ ଗଏ ହମ୍ କହାଁ' ଫେମ୍ ଅର୍ଜୁନ୍ ବରେନ ସିଂହ ଏହାର ନିର୍ଦ୍ଦେଶନା ଭାର ସମ୍ଭାଳିବେ ବୋଲି ଜଣାପଡ଼ିଛି ।

## ୨୦ ଥର ଗୁଳି ଖାଇ ବି ଜୀବିତ



ଜଣଙ୍କ ଶରୀରରେ ଗୋଟିଏ ଗୁଳି ବାଜିଲେ ବି ଏହା ବେଶ୍ ବିପଦପୂର୍ଣ୍ଣ ହୋଇଥାଏ । କାରଣ ଗୁଳି ବାଜିବା ସ୍ଥାନରୁ ପ୍ରବଳ ରକ୍ତସ୍ରାବ ହୋଇଥାଏ । ତୁରନ୍ତ ହସ୍ପିଟାଲରେ ଭର୍ତ୍ତି କରାଯାଇ ଅସ୍ତ୍ରୋପଚାର ମାଧ୍ୟମରେ ଶରୀରରୁ ଗୁଳି ବାହାର କରାଯାଏ । ଏମିତି ବି ଅନେକ ଘଟଣା ରହିଛି, ଯେଉଁଠି ବନ୍ଧୁକର ଗୋଟେ ଗୁଳି ମାଡ଼ରେ ବି ଲୋକଙ୍କ ଜୀବନ ଚାଲିଯାଇଥାଏ । ହେଲେ ଏମିତି ଜଣେ ଅଛନ୍ତି, ଯାହାଙ୍କ ନାଁ ସବୁଠୁ ଅଧିକ ଗୁଳି ଖାଇ ଜୀବିତ ଥିବା ବ୍ୟକ୍ତି ତାଲିକାରେ ରହିଛି । ଏହି ବ୍ୟକ୍ତି ଜଣକ ଥରେ କି ଦୁଇଥର ନୁହେଁ, ୨୦ ଥର ଗୁଳି ମାଡ଼ ଖାଇଛନ୍ତି । ଆଉ ଏତେ ସବୁ ପରେ ବି ସେ ଜୀବିତ ରହିଛନ୍ତି । ଏଭଳି ଜଣେ ଭାଗ୍ୟବାନ ମଣିଷ ହେଉଛନ୍ତି ଉତ୍ତର କାରୋଲିନାର କେନି ବୋନ୍ । ୧୯୯୫ ମସିହାରେ କେନିଙ୍କ ଉପରେ ପାଖାପାଖି ୨୦ ଥର ଗୁଳିମାଡ଼ କରାଯାଇଥିଲା । ହେଲେ ଗୁଳିଗୁଡ଼ିକ ତାଙ୍କର ମୁଣ୍ଡ ଏବଂ ଛାତିରେ ବାଜି ନ ଥିବାରୁ ଏବେ ସୁଦ୍ଧା ସେ ଜୀବିତ ଥିବା କୁହନ୍ତି । ତେବେ ଏତେସାରା ଗୁଳି ମାଡ଼ ପରେ ସେ ଜୀବିତ ରହିବାର ଆଉ ଏକ କାରଣ ହେଉଛି ତାଙ୍କର ଆତ୍ମବିଶ୍ୱାସ । ଗୁଳିମାଡ଼ ସମୟରେ ଆହତ ହୋଇଥିଲେ ମଧ୍ୟ ସେ କେବେ ବି ଆଖି ବୁଜି ନ ଥିଲେ । ନିଜର ଅଦମ୍ୟ ସାହସ ଯୋଗୁଁ ୨୦ ଥର ଗୁଳି ମାଡ଼ ହେବା ପରେ ବି ସେ ଜୀବିତ ରହି ଏହି ରେକର୍ଡ ରଚିଛନ୍ତି ।

## ମୂଷାଙ୍କ ଉପରେ କାହିଁକି ହୁଏ ପ୍ରଥମ ପରୀକ୍ଷଣ

ବୈଜ୍ଞାନିକମାନେ ତିଆରି କରୁଥିବା ନୂଆ ଔଷଧ କି ଟିକାକୁ କେବେ ବି ସିଧାସଳଖ ମଣିଷ ଶରୀରରେ ପ୍ରୟୋଗ କରାଯାଇନଥାଏ । ପ୍ରଥମେ ବୈଜ୍ଞାନିକମାନେ ମୂଷା ଉପରେ ହିଁ ପରୀକ୍ଷା କରି ଏଥିରୁ ସଫଳ ହେଲେ ଏହାକୁ ମାନବ ପରୀକ୍ଷା ପାଇଁ ଅନୁମତି ପ୍ରଦାନ କରନ୍ତି । ତେବେ ପ୍ରଶ୍ନ ଉଠୁଛି ଯେ, କାହିଁକି ବୈଜ୍ଞାନିକମାନେ ସମସ୍ତ ପରୀକ୍ଷା ପାଇଁ ଅନ୍ୟ ଜୀବଙ୍କୁ ନ ନେଇ କେବଳ ମୂଷା ଉପରେ ପରୀକ୍ଷା କରନ୍ତି । ଏହାର କାରଣ ହେଉଛି, ମଣିଷ ଏବଂ ମୂଷା ପରସ୍ପର ଠାରୁ ଭିନ୍ନ । ତେବେ ଗୋଟିଏ କଥା, ଯାହା ଦୁହିଁଙ୍କୁ ଏକ କରେ, ତାହା ହେଉଛି ସେମାନଙ୍କ ଡିଏନ୍ଏ । ମଣିଷ ଓ ଲାବ୍‌ରେ ବ୍ୟବହାର ହେଉଥିବା ମୂଷାଙ୍କ ଜିନ୍ ପ୍ରାୟତଃ ଏକାପରି । ସରଳ ଭାଷାରେ କହିବାକୁ ଗଲେ, ମୂଷା ଓ ମଣିଷର ଶରୀରରେ ହେଉଥିବା ଅନେକ ଜୈବିକ ପ୍ରକ୍ରିୟା ଏକାପରି । ଯେମିତି କି ମଣିଷ ଓ ମୂଷାର ରୋଗପ୍ରତିରୋଧକ କ୍ଷମତା, ମସ୍ତିଷ୍କର ଗଠନ, ହର୍ମୋନାଲ ସିଷ୍ଟମ ଓ ଅର୍ଗାନ ଫଙ୍କ୍‌ସନ ପ୍ରାୟତଃ ସମାନ ହୋଇଥାଏ । ସେଥିପାଇଁ ମଣିଷ ଉପରେ ଗବେଷଣା କରିବା ପୂର୍ବରୁ ମୂଷା ଉପରେ ଏହାକୁ ପରୀକ୍ଷା କରାଯାଏ । ଯଦ୍ୱାରା କି ବୈଜ୍ଞାନିକଙ୍କୁ ଜଣାପଡ଼ିବ ଔଷଧର ପ୍ରଭାବ ମଣିଷ ଉପରେ କ'ଣ ପଡ଼ିପାରେ । ଏହାବାଦ୍ ମୂଷାଙ୍କ ଉପରେ ଗବେଷଣାର ଫଳାଫଳ ଖୁବ୍‌ଶୀଘ୍ର ମିଳିଥାଏ । ଏହାଦ୍ୱାରା ବୈଜ୍ଞାନିକମାନେ ଶୀଘ୍ର ଔଷଧର ପ୍ରଭାବ ବିଷୟରେ ଜାଣିବା ପାଇଁ ମୂଷାକୁ ବ୍ୟବହାର କରିଥାନ୍ତି । ଏହାବାଦ୍ ମୂଷାଙ୍କ ରକ୍ଷଣାବେକ୍ଷଣ ଖୁବ୍ ସହଜ । ଏହାକୁ ଲାବ୍‌ରେ ଏକ ନିୟନ୍ତ୍ରିତ ପରିବେଶରେ ରଖାଯାଇପାରେ । ଯେଉଁଠାରେ କି ସେମାନଙ୍କ ଖାଦ୍ୟ, ଜୀବନଶୈଳୀ ଓ ବ୍ୟବହାର ଉପରେ ସହଜରେ ନଜର ରଖି ହୁଏ । ଏମାନଙ୍କ ଜୀବନ କାଳ କମ୍ ହେବା ସହ ଖୁବ୍‌ଶୀଘ୍ର ବଂଶବୃଦ୍ଧି କରିଥାନ୍ତି । ଯଦ୍ୱାରା ବୈଜ୍ଞାନିମାନଙ୍କୁ ପରୀକ୍ଷା ପାଇଁ ବହୁତ ଜଲ୍‌ଦି ନୂଆ ମୂଷା ମିଳିଯାନ୍ତି ।



# ଟେଲି ଫୋବିୟା
## ଫୋନ୍ ରିଂ ହେବାମାତ୍ରେ ଲାଗେ ଡର



ଆଜିକାଲି ଖାଦ୍ୟ ଅର୍ଡରଠାରୁ ଆରମ୍ଭ କରି ଟିକେଟ୍ ବୁକିଂ ସବୁ କାର୍ଯ୍ୟ ମୋବାଇଲ୍ ଦ୍ୱାରା ଆଖି ପିଛୁଳାକେ ହୋଇପାରୁଛି । ମୋବାଇଲ୍ ଯେତିକି ଲୋକଙ୍କ କାମକୁ ସହଜ କରିଛି ଏଥିଯୋଗୁଁ ଅନେକ ସମସ୍ୟା ମଧ୍ୟ ସୃଷ୍ଟି ହୋଇଛି । ବିଶେଷକରି ଏହା ମାନସିକ ସ୍ୱାସ୍ଥ୍ୟ ଉପରେ ନକାରାତ୍ମକ ପ୍ରଭାବ ପକାଉଛି । ବ୍ରିଟେନ୍‌ର ୨୫ ଲକ୍ଷ ଯୁବକଯୁବତୀ ଏବେ ଫୋନ୍ ରିଂ ହେବା ମାତ୍ରେ ଭୟ କରି ଯାଉଛନ୍ତି । କେବଳ ବ୍ରିଟେନ୍ ନୁହେଁ ୟୁରୋପର ଲକ୍ଷ ଲକ୍ଷ ଯୁବକ ଯୁବତୀ ଏଥିରେ ଆକ୍ରାନ୍ତ । ମେଡିକାଲ ଭାଷାରେ ଏହାକୁ 'କଲ୍ ଆଙ୍ଗଜାଇଟି' ବା 'ଟେଲି ଫୋବିୟା' କୁହାଯାଉଛି । ଏହା ଏକପ୍ରକାର ମାନସିକ ଚାପ । ଏଥିରେ ଆକ୍ରାନ୍ତ ବ୍ୟକ୍ତି ଶାନ୍ତ ହୋଇଯାଏ, ମୋବାଇଲ୍ ଫୋନ୍ ରିଂ ହେବା ମାତ୍ରେ ତାକୁ ଡର ଲାଗିଥାଏ । କେବଳ ସେତିକି ନୁହେଁ, ଫୋନ୍ ରିଂ ହେବା ମାତ୍ରେ ଉଠାଇବେ କି ନାହିଁ ସେନେଇ ମଧ୍ୟ ବିଚଳିତ ଥାଏ । ଏକ ରିପୋର୍ଟ ଅନୁସାରେ, ଆଜିକାଲି ଯୁବକଯୁବତୀ ଫୋନ୍‌ରେ କଥାବାର୍ତ୍ତା କରିବା ଅପେକ୍ଷା ମେସେଜ୍ କିମ୍ବା ଚାଟ୍ କରିବାକୁ ଇଚ୍ଛା କରୁଛନ୍ତି । ତେଣୁ ସେମାନେ ଫୋନ୍‌ରେ କଥାବାର୍ତ୍ତା କରିବା ସମୟରେ ଭୟ କରୁଛନ୍ତି । ସେହିପରି ଏକ ସର୍ଭେରୁ ଜଣାପଡ଼ିଛି ୧୮ ରୁ ୩୪ ବର୍ଷ ବୟସର ୭୦% ଯୁବପିଢ଼ି କଥାବାର୍ତ୍ତା ଅପେକ୍ଷା ମେସେଜ୍ କରିବାକୁ ପସନ୍ଦ କରୁଛନ୍ତି । ତେଣୁ ଏଭଳି ଯୁବକ ଯୁବତୀ ଅଧିକ ଟେଲି ଫୋବିଆରେ ଆକ୍ରାନ୍ତ ହେଉଛନ୍ତି । ଯୁବପିଢ଼ିଙ୍କ ଠାରେ ଦେଖାଯାଉଥିବା ଏହି ଭୟକୁ ଦୂର କରିବାକୁ ବ୍ରିଟେନ୍‌ର ନର୍ଟିଂହାମ୍ କଲେଜରେ ଏକ କୋଚିଂ କ୍ଲାସ୍‌ର ଆରମ୍ଭ ହୋଇଛି । ଏଥିରେ ଯୁବପିଢ଼ି ଫୋନ୍‌ରେ କିପରି କଥାବାର୍ତ୍ତା କରିବେ ସେସମ୍ପର୍କୀୟ ତାଲିମ ପ୍ରଦାନ କରାଯାଉଛି । ଏହାଦ୍ୱାରା ସେମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ ବଢ଼ୁଛି । ଧୀରେ ଧୀରେ ସେମାନେ ଟେଲି ଫୋବିୟାରୁ ମୁକ୍ତ ହେଉଥିବା ଦେଖାଯାଉଛି । ଏହାସହିତ ସେମାନଙ୍କୁ ଲୋକଙ୍କ ସହ ସିଧାସଳଖ କଥାବାର୍ତ୍ତା କରିବା ପାଇଁ ମଧ୍ୟ ଶିକ୍ଷା ଦିଆଯାଉଛି । କୋଚିଂ ପ୍ରଦାନ କରୁଥିବା ଲିଜ୍ ବେକଷ୍ଟର୍‌ଙ୍କ କହିବା ଅନୁଯାୟୀ, ଏଡି କୋର୍ସରେ ଯୁବବର୍ଗଙ୍କୁ ଫୋନ୍‌ରେ କଥାବାର୍ତ୍ତା କରିବାର କଳା ଶିଖାଯାଉଛି । କାରଣ ଅନେକ ଯୁବକଯୁବତୀ ଏବେ ଫୋନ୍‌ରେ କଥାବାର୍ତ୍ତା କରିବାକୁ ଡରୁଛନ୍ତି । ଏଠାରେ ସେମାନେ ଦୈନନ୍ଦିନ ଫୋନ୍‌ରେ କଥାବାର୍ତ୍ତା କରିବା ଦ୍ୱାରା ସେମାନଙ୍କ ମଧ୍ୟରେ ଦେଖାଯାଉଥିବା ଭୟ ଦୂରେଇ ଯିବ । ଏହି କୋର୍ସର ମୂଳ ଉଦ୍ଦେଶ୍ୟ, ଯୁବବର୍ଗଙ୍କ ମଧ୍ୟରେ ଆତ୍ମବିଶ୍ୱାସ ବୃଦ୍ଧି କରିବା ।

## ଛଅ ପିଢ଼ି ଦେଖିଥିବା ମହିଳା
## ୧୨୪ ବର୍ଷରେ ଅଛନ୍ତି ଫିଟ୍

ଚୀନର ନାନଚୋଙ୍ଗରେ ରହୁଥିବା କିୟୁ ଚାଇଙ୍କ ବୟସ ଏବେ ୧୨୪ ବର୍ଷ । ୧୯୦୧ ମସିହାରେ ଜନ୍ମଗ୍ରହଣ କରିଥିବା ଚାଇ ଏଇ ଜାନୁଆରୀ ୧ ତାରିଖରେ ୧୨୪ ବର୍ଷରେ ପାଦ ଦେଇଛନ୍ତି । ଚାଇଙ୍କର ଜୀବନଶୈଳୀ ଏବେ ବହୁ ଲୋକଙ୍କୁ ପ୍ରେରିତ କରିଛି । ସେହିପରି ଚାଇ ତାଙ୍କ ଦୀର୍ଘ ଜୀବନର ରହସ୍ୟ ସମ୍ପର୍କରେ କହିଛନ୍ତି । ସେ ଦିନକୁ ତିନି ଥର ଖାଆନ୍ତି, ବାହାର କାମକାର୍ଯ୍ୟ କରିଥାନ୍ତି । ପ୍ରତ୍ୟେକ ଦିନ ଏକ ନିର୍ଦ୍ଦିଷ୍ଟ ସମୟ ଅର୍ଥାତ୍ ରାତି ୮ ରେ ସେ ଶଯ୍ୟାକୁ ଯାଆନ୍ତି । ଚାଇ ଭାତ, ସବୁଜ ପନିପରିବା ଏବଂ ପଶୁ ଚର୍ବିକୁ ଖାଦ୍ୟରେ ସାମିଲ କରିଥାନ୍ତି । ଅବଶ୍ୟ ଆଖି ଓ କାନର ସ୍ଥିତିକୁ ଦୃଷ୍ଟିରେ ରଖି ଡାକ୍ତର ତାଙ୍କୁ ଚର୍ବି ଖାଇବା କମ୍ କରିବାକୁ କହିବା ପରେ ଏବେ ସେ ଏହାକୁ ସୀମିତ ମାତ୍ରାରେ ଖାଉଛନ୍ତି । କିନ୍ତୁ ଏହାକୁ ଖାଇବା ବନ୍ଦ କରି ନାହାନ୍ତି । ତେବେ ଖାଇବା ପରେ କିଛି ସମୟ ସେ ବାହାରେ ଚଲାବୁଲା କରନ୍ତି । ସେହିପରି ଯୁବାବସ୍ଥାରେ ସେ ସନ୍ଧ୍ୟାରେ ତେଲଯୁକ୍ତ ନୁଡଲ୍ସ ଖାଇବାକୁ ପସନ୍ଦ କରୁଥିଲେ । ଅନ୍ୟପଟେ ଏତେ ବୟସରେ ପହଞ୍ଚିବା ପରେ ବି ସେ ନିଜ କେଶ ନିଜେ କୁଣ୍ଡାଇବା, ପକ୍ଷୀଙ୍କୁ ଦାନା ଦେବା, ଚୁଲା ଲଗାଇବା, ଶିଢ଼ି ଚଢ଼ିବା ଭଳି ନିତିଦିନିଆ କାମ କରିବାରେ କୌଣସି ସମସ୍ୟା ସାମ୍ନା କରି ନ ଥାନ୍ତି । ହେଲେ ୧୦୦ ବର୍ଷ ବୟସରେ ପାଦ ଥାପିବା ପରେ ଚାଇଙ୍କ ଦୃଷ୍ଟିଶକ୍ତି କମ୍ ହେବା ସହ କାନକୁ କମ୍ ଶୁଭିଲା । ଚାଇଙ୍କର ପ୍ରିୟ ଖାଦ୍ୟ ହେଉଛି କଖାରୁ, ତରଭୁଜ, ମକାଚୂନାରେ ପ୍ରସ୍ତୁତ ଚୀନ୍‌ର ଏକ ପାରମ୍ପରିକ ଖାଦ୍ୟ । ତେବେ ଚାଇ ୪୦ ବର୍ଷ ବୟସରେ ତାଙ୍କ ସ୍ୱାମୀଙ୍କୁ ହରାଇ ଥିଲେ । ଏହାସହ ଏକାକୀ ସେ ତାଙ୍କ ଚାରି ସନ୍ତାନକୁ ପାଳିପୋଷି ବଡ଼ କରିଛନ୍ତି । ଅବଶ୍ୟ ଏ ଲାଗି ତାଙ୍କୁ ବହୁ ସଂଘର୍ଷ କରିବାକୁ ପଡ଼ିଛି । ଚାଇ ତାଙ୍କ ଜୀବନକାଳରେ ତାଙ୍କର ଛଅ ପିଢ଼ିକୁ ବି ଦେଖି ସାରିଲେଣି । ତାଙ୍କର ନାତି ନାତୁଣୀମାନଙ୍କର ବୟସ ୬୦ ବର୍ଷରୁ ଅଧିକ । ସବୁଠୁ ବୟସ୍କ ମହିଳା ଭାବେ ସେ ସ୍ଥାନୀୟ ପ୍ରଶାସନ ଦ୍ୱାରା ଅନେକ ଥର ପୁରସ୍କୃତ ମଧ୍ୟ ହୋଇଛନ୍ତି ।



## ଆଜିର ଇତିହାସ

- ୧୮୧୭-କଲିକତାରେ ହିନ୍ଦୁ କଲେଜର ସ୍ଥାପନା ।
- ୧୯୪୨- ଜାପାନ, ବର୍ମା ଉପରେ ଆକ୍ରମଣ କଲା ।
- ୧୯୬୧-ଜନ୍ ଅଫ୍ କେନେଡି ଆମେରିକାର ରାଷ୍ଟ୍ରପତି ଭାବେ ଶପଥ ନେଲେ ।
- ୧୯୯୦-ମହାକାଶଯାନ କଲମ୍ବିଆ-୧୦ର ଅବତରଣ ।
- ୧୯୯୩- ବିଲ୍ କ୍ଲିଣ୍ଟନ୍ ଆମେରିକାର ରାଷ୍ଟ୍ରପତି ଭାବେ ଶପଥ ନେଲେ ।
- ୨୦୦୦- ଅନ୍ତର୍ଜାତୀୟ ଫୁଟବଲ ସଂଘ ପେଲେଙ୍କୁ ଶତାବ୍ଦୀର ସର୍ବଶ୍ରେଷ୍ଠ ଖେଳାଳି ଘୋଷଣା କଲା ।
- ୨୦୧୦- ଭାରତରେ ମୋବାଇଲ୍ ପୋର୍ଟିବିଲିଟି ସେବାର ଆରମ୍ଭ ।

## ଆଜିର ରାଶିଫଳ

**ମେଷ:** କାର୍ଯ୍ୟରୁ ଆଶାଜନକ ଫଳ ମିଳିବ । ଦୂରଯାତ୍ରା ଯୋଗ ରହିଛି । ପୁରୁଣା ସମସ୍ୟାର ସମାଧାନ ହେବ । ଜୀବନସାଥୀଙ୍କ ସହଯୋଗ ମିଳିବ । ପ୍ରେମିକପ୍ରେମିକାଙ୍କ ପାଇଁ ଦିନଟି ଭଲ ।

**ବୃଷ:** ପାରିବାରିକ ସମସ୍ୟା ଦେଖା ଦେବ । ଧନପ୍ରାପ୍ତି ହେବ । ଅଟକିଥିବା କାର୍ଯ୍ୟ ପୂର୍ଣ୍ଣ ହେବ । ଆୟ କମ୍ ହେବ ଏବଂ ଖର୍ଚ୍ଚ ବଢ଼ିବ । ପ୍ରେମ ସମ୍ପର୍କ ସୁଖମୟ ହେବ ।

**ମିଥୁନ:** ପିତାଙ୍କ ସହଯୋଗ ମିଳିବ । ଆୟରେ ଉନ୍ନତି ପରିଲକ୍ଷିତ ହେବ । ଋଣ ସମସ୍ୟା ସମାଧାନ ହେବ । କାର୍ଯ୍ୟସ୍ଥଳରେ ବରିଷ୍ଠଙ୍କ ସହଯୋଗ ମିଳିବ । ଚିନ୍ତାମୁକ୍ତ ରହିବେ ।

**କର୍କଟ:** କୌଣସି କଥାକୁ ନେଇ ଚିନ୍ତାରେ ରହିବେ । କାର୍ଯ୍ୟରେ ସଫଳତା ମିଳିବ । ଧନପ୍ରାପ୍ତି ଯୋଗ ରହିଛି । ଦିନଟି ବ୍ୟସ୍ତତା ଭିତରେ ବିତିବ । ବିଦ୍ୟାର୍ଥୀ ପରୀକ୍ଷାରେ ଭଲ କରିବେ ।

**ସିଂହ:** ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ । ଅଟକିଥିବା କାର୍ଯ୍ୟ ପୂର୍ଣ୍ଣ ହେବ । ଛାତ୍ରଛାତ୍ରୀଙ୍କ ପାଇଁ ଦିନଟି ଉତ୍ତମ । ଠିକ୍ ସମୟରେ କାର୍ଯ୍ୟ ପୂରା କରିବେ ।

**କନ୍ୟା:** ନୂଆ ବ୍ୟବସାୟ ଆରମ୍ଭ କରିପାରନ୍ତି । ଧନ ଆଗମନର ଯୋଗ ରହିଛି । କାର୍ଯ୍ୟରେ ମନ ଲାଗିବ ନାହିଁ । ବିଦ୍ୟାର୍ଥୀ ପାଠରେ ମନୋନିବେଶ କରିବେ । ଦାମ୍ପତ୍ୟ ଜୀବନ ସୁଖମୟ ହେବ ।

**ତୁଳା:** ବ୍ୟବସାୟରେ ଉନ୍ନତିକୁ ନେଇ ପ୍ରସନ୍ନ ରହିବେ । ଧାର୍ମିକ କାର୍ଯ୍ୟରେ ଯୋଗ ଦେବେ । ଧନ ଆଗମନ । ନୂଆ ଯାନ କିଣିପାରନ୍ତି । ପରିବାର ସହିତ ସମ୍ପର୍କ ମଧୁର ହେବ ।

**ବିଛା:** ସମସ୍ୟାକୁ ସାମ୍ନା କରିବେ । ବିରୋଧୀଙ୍କଠାରୁ ଦୂରେଇ ରୁହନ୍ତୁ । ମନ ଉଦାସ ରହିବ । କାର୍ଯ୍ୟରେ ଲୋକଙ୍କ ସାହାଯ୍ୟ ମିଳିବ । ବିଦ୍ୟାର୍ଥୀଙ୍କ ପାଇଁ ଉତ୍ତମ ସମୟ ।

**ଧନୁ:** ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ । କାର୍ଯ୍ୟରେ ପଦୋନ୍ନତି ମିଳିବା ସମ୍ଭାବନା ଅଧିକ । ପୂଜାକାର୍ଯ୍ୟରେ ସମୟ କଟିବ । ଘରେ ସମସ୍ୟା ଦେଖା ଦେବ । ପ୍ରେମିକ ପ୍ରେମିକାଙ୍କ ପାଇଁ ଭଲ ଦିନ ।

**ମକର:** ମନୋରଞ୍ଜନରେ ସମୟ ବିତିବ । ସାଙ୍ଗସାଥୀଙ୍କ ସହଯୋଗରେ କାର୍ଯ୍ୟ ସଫଳ ହେବ । ଆୟରେ ବୃଦ୍ଧି ହେବ । ମାନସିକ ଦୁଶ୍ଚିନ୍ତାରେ ରହିବେ ।

**କୁମ୍ଭ:** ରାଜନୀତିରେ ଆଶାତୀତ ସଫଳତା ମିଳିବ । ବ୍ୟବସାୟ ଓ ଚାକିରିରୁ ଲାଭ ମିଳିବ । ଗାଈଙ୍କୁ ଖାଇବାକୁ ଦିଅନ୍ତୁ । ପାରିବାରିକ ଜୀବନ ସୁଖମୟ ହେବ ।

**ମୀନ:** ବାଦ ବିବାଦଠାରୁ ଦୂରେଇ ରୁହନ୍ତୁ । ଆୟ କମ୍ ଓ ବ୍ୟୟ ଅଧିକ ହେବ । ଅଯଥା କଥାକୁ ନେଇ ଚିନ୍ତାରେ ରହିବେ । ନୂଆ କାର୍ଯ୍ୟରେ ପରିବାର ଲୋକଙ୍କ ସହଯୋଗ ମିଳିବ ।

## ଆଜିଠୁ କୋଣାର୍କରେ ଦୁଇ ଦିନିଆ ଖଣିମନ୍ତ୍ରୀ ସମ୍ମିଳନୀ

# ନୟାଗଡ଼ରେ ଲିଥିୟମ୍

**ଭୁବନେଶ୍ୱର, ୧୯।୧ (ସମିସ):** ଓଡ଼ିଶା ଦେଶର ଖଣି ରାଜଧାନୀ। କୋଇଲା, ଲୁହାପଥର, ବକ୍ସାଇଟ୍ ଓ ମାଙ୍ଗାନିଜ୍ ପରେ ଓଡ଼ିଶାରେ ଗ୍ରାଫାଇଟ୍ ଭଳି ଗୁରୁତ୍ୱପୂର୍ଣ୍ଣ ଖଣିଜ ଦ୍ରବ୍ୟ ରହିଥିବା ନିକଟ ଅତୀତରେ ଜଣାପଡ଼ିଛି। ସେହିପରି କେନ୍ଦୁଝରର ବାଂଶପାଳ ବ୍ଲକର ଜଳଡିହାରୁ ସୁନାଖଣି ଏବଂ ନୟାଗଡ଼ରୁ ଲିଥିୟମ୍‌ର ସନ୍ଧାନ ମିଳିଛି। ନୟାଗଡ଼ ମାଟି ତଳେ ଲିଥିୟମ୍ ଭଳି ଦୁର୍ଲଭ ଖଣିଜ ଦ୍ରବ୍ୟ ରହିଥିବା ଜିଓଲୋଜିକାଲ ସର୍ଭେ ଅଫ୍ ଇଣ୍ଡିଆ(ଜିଏସ୍‌ଆଇ) ଜାଣିବାକୁ ପାଇଛି। ଖୁବ୍‌ଶୀଘ୍ର ରାଜ୍ୟରେ ଆଉ ପ୍ରାୟ ୧୫ଟି କ୍ରିଟିକାଲ ମିନୋରାଲ ବ୍ଲକ୍‌ର ନିଲାମ କରାଯିବ। ଆଜି ଭୁବନେଶ୍ୱରରେ ଖଣି ମନ୍ତ୍ରଣାଳୟ ଅଧୀନସ୍ଥ ଜିଏସ୍‌ଆଇର ବୋର୍ଡ ବୈଠକରେ ଏହି ସୂଚନା ମିଳିଛି।

- ଖୁବ୍‌ଶୀଘ୍ର ନିଲାମ ହେବ ୧୫ କ୍ରିଟିକାଲ ମିନେରାଲ ବ୍ଲକ୍
- ଓଡ଼ିଶାର ଖଣି ପରିଚାଳନା ସାରା ଦେଶ ପାଇଁ ମଡେଲ୍
- ରାଜଧାନୀରେ ଜିଏସ୍‌ଆଇ ବୋର୍ଡ ବୈଠକ ଅନୁଷ୍ଠିତ

ସୋମବାରଠାରୁ କୋଣାର୍କରେ ଅନୁଷ୍ଠିତ ହେବାକୁ ଥିବା ଦୁଇଦିନିଆ ଖଣି ମନ୍ତ୍ରୀ ସମ୍ମିଳନୀ ପୂର୍ବରୁ ଆଜି ଭୁବନେଶ୍ୱରରେ ଜିଏସ୍‌ଆଇର କେନ୍ଦ୍ରୀୟ ଭୂତାତ୍ତ୍ୱିକ କାର୍ଯ୍ୟକ୍ରମ ବୋର୍ଡ (ସିଜିପିବି) ବୈଠକ ଆରମ୍ଭ ହୋଇଛି। ଏଥିରେ କେନ୍ଦ୍ର ଖଣି ସଚିବ ଭି.ଏଲ୍. କାନ୍ତାରାଓ ଯୋଗଦେଇ କହିଛନ୍ତି ଯେ ଦେଶର ଖଣି କ୍ଷେତ୍ରରୁ ୫୦ ଭାଗ ଖଣିଜ ଦ୍ରବ୍ୟ ଯୋଗାଇ ଓଡ଼ିଶା ଦେଶର ଖଣି ରାଜଧାନୀ ପାଲଟିଛି। ଖଣି ପରିଚାଳନା କ୍ଷେତ୍ରରେ ସାରା ଦେଶ ପାଇଁ ଓଡ଼ିଶା ମଡେଲ ପାଲଟିଛି। ଗୁରୁତ୍ୱପୂର୍ଣ୍ଣ ଖଣିଜ ଦ୍ରବ୍ୟର ସନ୍ଧାନରେ ଜିଏସ୍‌ଆଇ ପକ୍ଷରୁ କୃତ୍ରିମ ବୁଦ୍ଧିମତ୍ତା (ଏ.ଆଇ) ଏବଂ ଡ୍ରୋନ୍ ଟେକ୍ନୋଲୋଜିର ଉପଯୋଗ କରାଯାଉଛି। ଡ୍ରୋନ୍ ଜରିଆରେ ଖଣିଜଦ୍ରବ୍ୟ ସନ୍ଧାନ କରିବା ଲାଗି ରାଜସ୍ଥାନ ଏବଂ ଓଡ଼ିଶାର ମୟୂରଭଞ୍ଜ ଜିଲ୍ଲାରେ ପାଇଲଟ୍ ପ୍ରକଳ୍ପ ଆରମ୍ଭ ହୋଇଛି। ଦୀର୍ଘ ବର୍ଷ ଧରି ବନ୍ଦ ଥିବା କନ୍ଧମାଳ, ମାଲକାନଗିରି ଭଳି ଦକ୍ଷିଣ ଓଡ଼ିଶାର ଜିଲ୍ଲାଗୁଡ଼ିକରେ ବି ଖଣି ସର୍ଭେ କାମ ଜୋର୍ ଧରିବ ବୋଲି ସେ କହିଛନ୍ତି।



କାର୍ଯ୍ୟକ୍ରମରେ ଯୋଗଦେଇ ଜିଏସ୍‌ଆଇର ଉପମହାନିର୍ଦ୍ଦେଶକ ପଙ୍କଜ କୁମାର କହିଛନ୍ତି, ପୂର୍ବଘାଟ ପର୍ବତମାଳାର ନୟାଗଡ଼ ଜିଲ୍ଲା ସମେତ ରାଜ୍ୟର ଅନ୍ୟ କିଛି ଜିଲ୍ଲାରେ ଲିଥିୟମ୍ ଥିବା ନେଇ ସନ୍ଧାନ ମିଳିଛି। ତେବେ ଏନେଇ ସର୍ଭେ ଏବେ ପ୍ରାଥମିକ ସ୍ତରରେ ରହିଛି। ରାଜ୍ୟ ସରକାରଙ୍କ ମିଳିତ ସହଯୋଗରେ ଜିଏସ୍‌ଆଇ ଏହି ପ୍ରକଳ୍ପ ଉପରେ କାମ କରୁଛି। ଆଗାମୀ ଦିନରେ ଅଧିକ ଅନୁସନ୍ଧାନ ପରେ ଏ ସମ୍ପର୍କରେ ଆହୁରି ତଥ୍ୟ ମିଳିପାରିବ ବୋଲି ସେ କହିଛନ୍ତି।

ବୈଠକରେ ଆସନ୍ତା ବର୍ଷ ପାଇଁ ଜିଏସ୍‌ଆଇ ପ୍ରାୟ ୧୦୬୫ଟି ବୈଜ୍ଞାନିକ କାର୍ଯ୍ୟକ୍ରମ ପ୍ରସ୍ତୁତ କରିଛି। ଏଥିରେ ୪୦୨ଟି ଖଣିଜ ବିକାଶ ପ୍ରକଳ୍ପ ସାମିଲ ରହିଛି। ଏସବୁ ପ୍ରକଳ୍ପ ନିକଟ ଭବିଷ୍ୟତରେ ନିଲାମଯୋଗ୍ୟ ଖଣିଜ ବ୍ଲକ୍ ସୃଷ୍ଟି କରିବାର କ୍ଷମତା ରଖିଛି। ଶ୍ରୀ ରାଓ ଚଳିତବର୍ଷ ଏ ପର୍ଯ୍ୟନ୍ତ ୨୪ଟି ଗୁରୁତ୍ୱପୂର୍ଣ୍ଣ ଖଣିଜ ବ୍ଲକର ସଫଳ ନିଲାମି ଏବଂ ଭାରତର ପ୍ରଥମଥର ପାଇଁ ୧୩ଟି ଅଫସୋର୍ ଖଣିଜ ବ୍ଲକର ନିଲାମିର ଶୁଭାରମ୍ଭ ଉପରେ ଆଲୋକପାତ କରିଥିଲେ। ଖଣିଜ ଅନ୍ୱେଷଣ ପ୍ରୟାସ ଏବଂ ଗବେଷଣା ଓ ବିକାଶ ପ୍ରକଳ୍ପର କାର୍ଯ୍ୟକାରିତାକୁ ବୃଦ୍ଧି କରିବା ପାଇଁ ଏନ୍‌ଏମ୍‌ଇଟି ପାଣ୍ଠିର ଉପଯୋଗ କରିବାକୁ ସେ ଅନ୍ୱେଷଣ ସଂସ୍ଥାଗୁଡ଼ିକୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମରେ ଜିଏସ୍‌ଆଇର ମହାନିର୍ଦ୍ଦେଶକ ଅସିତ ଶାହା ଏବଂ ଖଣି ମନ୍ତ୍ରଣାଳୟର ଅତିରିକ୍ତ ସଚିବ ସଞ୍ଜୟ ଲୋହିୟାଙ୍କ ସମେତ ସମସ୍ତ ରାଜ୍ୟର ଖଣି ଏବଂ ଜିଏସ୍‌ଆଇ ଅଧିକାରୀମାନେ ଉପସ୍ଥିତ ଥିଲେ।

## ପୁଣି ପଦାରେ ପଡ଼ିଲା ଢିଲା ସୁରକ୍ଷା ବ୍ୟବସ୍ଥା

# ଶ୍ରୀମନ୍ଦିର ଗର୍ଭଗୃହ ଭିଡିଓ ଭାଇରାଲ୍

**ପୁରୀ, ୧୯।୧ (ସମିସ):** ପୁଣି ଭାଇରାଲ ହୋଇଛି ଶ୍ରୀମନ୍ଦିର ଭିତର ଭିଡିଓ। ଏଥର ଗର୍ଭଗୃହର ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଛି। ମୋବାଇଲରୁ ମୋବାଇଲକୁ ଘୂରି ବୁଲୁଛି ଭିତରବେଢ଼ା ଆଉ ଗରୁଡ଼ ସ୍ତମ୍ଭରୁ ଗର୍ଭଗୃହର ଦୃଶ୍ୟ। ବୃନ୍ଦାବନର ଜଣେ ଭକ୍ତ ବାଙ୍କେବିହାରୀ ଅନନ୍ତ ନିଜ ଇନଷ୍ଟାଗ୍ରାମ ଓ ଫେସ୍‌ବୁକରେ ଏହି ଭିଡିଓ ଅପଲୋଡ୍ କରିଥିବା ବେଳେ ବଡ଼ଦେଉଳର ସୁରକ୍ଷା ବ୍ୟବସ୍ଥାକୁ ପଦାରେ ପକାଇଛି।

ଶ୍ରୀମନ୍ଦିର ଉପରେ ଆତଙ୍କବାଦୀ ଆକ୍ରମଣର ଆଶଙ୍କା ରହିଛି। ଏ ନେଇ ବିଭିନ୍ନ ସମୟରେ ଗୋଇନ୍ଦା ବିଭାଗ ରିପୋର୍ଟ ଦେଇଛି। ଏହାକୁ ନଜରରେ ରଖି ଶ୍ରୀମନ୍ଦିରର ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଏପରିକି, ବିଭିନ୍ନ ସମୟରେ ଏନ୍‌ଏସ୍‌ଜି ପକ୍ଷରୁ ବଡ଼ଦେଉଳର ସୁରକ୍ଷା ବ୍ୟବସ୍ଥା ତଦାରଖ କରାଯାଇଛି। ବିଶେଷକରି ମନ୍ଦିର ଭିତର ଫଟୋ ଏବଂ ଭିଡ଼ିଓ ଯେପରି ବାହାରକୁ ନ ଆସିବ, ସେଥିଲାଗି ଏସବୁର ଉତ୍ତୋଳନ ଉପରେ କଟକଣା ରହିଛି। ସୁରକ୍ଷା ଦୃଷ୍ଟିକୋଣରୁ ଏହି କଟକଣା ଲଗାଯାଇଥିଲେ ହେଁ ବିଭିନ୍ନ ସମୟରେ ଏଥିରେ ବ୍ୟତିକ୍ରମ ଘଟୁଛି। ବାହାରେ ବୁଲୁଛି ଶ୍ରୀମନ୍ଦିର ଭିତର ଫଟୋ ଏବଂ ଭିଡିଓ।

ଗତ ୧୨ ତାରିଖରେ ଗୌରବ କୁମାର ସାହୁ ନାମକ ଜଣେ ବ୍ୟକ୍ତି ସୋସିଆଲ ମିଡିଆରେ ଶ୍ରୀମନ୍ଦିର ଫଟୋ ଭାଇରାଲ କରିଥିଲେ। ଏହାର ୬ ଦିନ ପରେ ପୁଣି ବଡ଼ଦେଉଳର ଭିଡିଓ ଭାଇରାଲ ହୋଇଛି। ବାଙ୍କେ ବିହାରୀ ଅନନ୍ତ ଭାଇରାଲ କରିଥିବା ଏହି ଭିଡିଓରେ ସିଂହଦ୍ୱାର ଗୁମୁଟଠାରୁ ଆରମ୍ଭ କରି ବାଇଶିପାହାଚ, ଭିତରବେଢ଼ା, କୀର୍ତ୍ତନ ଚକଡ଼ା ରହିଥିବା ବେଳେ ସବୁଠୁ ସମ୍ବେଦନଶୀଳ କୁହାଯାଉଥିବା ଗର୍ଭଗୃହର ଭିଡିଓ ବି କରିଛନ୍ତି। ଗରୁଡ଼ ସ୍ତମ୍ଭ ପାଖରୁ ସିଧା ଗର୍ଭଗୃହର ଭିଡିଓ ଉଠାଯାଇଛି। ଏଥିରେ ନାଟମଣ୍ଡପ ଏବଂ ଭିତରକାଠରେ ଭକ୍ତ ଦର୍ଶନ କରୁଥିବା ବେଳେ ରତ୍ନସିଂହାସନରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଗ୍ରହ ବି ଦେଖାଯାଉଛି। ଶନିବାର ରାତିରେ ଏହି ଭିଡିଓ ସେ ତାଙ୍କ ଫେସ୍‌ବୁକ ଏବଂ ଇନ୍‌ଷ୍ଟାଗ୍ରାମ୍ ଆଇଡିରେ ଅପ୍‌ଲୋଡ କରିଛନ୍ତି।

ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ମନ୍ଦିର ଭିତରକୁ ମୋବାଇଲ ନେବା ଉପରେ କଟକଣା ଥିବା ବେଳେ କିପରି ଏତେ ଜାଗାର ଭିଡ଼ିଓ ଉତ୍ତୋଳନ କଲେ ଏବଂ କେହି କିପରି ଜାଣିପାରିଲେ ନାହିଁ, ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଅନ୍ୟପକ୍ଷରେ ଏ ସମ୍ପର୍କରେ ଅବଗତ ହେବା ପରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ଏହାକୁ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ଏ ବାବଦରେ ସେ ପୁରୀ ଏସ୍‌ପିଙ୍କ ସହ କଥା ହୋଇଛନ୍ତି। ଅଧିକ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ପାଇଁ ପୁଲିସ ପକ୍ଷରୁ ପଦକ୍ଷେପ ଆରମ୍ଭ ହୋଇସାରିଛି।

# ଜି ଉଦୟଗିରିରେ ୪ ଡିଗ୍ରୀ ପାରଦ

**ଭୁବନେଶ୍ୱର/ ଜି.ଉଦୟଗିରି,୧୯।୧(ସମିସ):** ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ଶୀତ ଅନୁଭୂତ ହେଉଛି। ଗତ ୨୪ ଘଣ୍ଟାରେ ଜି ଉଦୟଗିରିରେ ରାଜ୍ୟର ସର୍ବନିମ୍ନ ତାପମାତ୍ରା ୪.୮ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ସେହିପରି ସେମିଳିଗୁଡ଼ାରେ ତାପମାତ୍ରା ୭.୨ ଡିଗ୍ରୀ, ଫୁଲବାଣୀରେ ୮, ଦାରିଙ୍ଗବାଡ଼ିରେ ୯ ଓ ରାଉରକେଲାରେ ତାପମାତ୍ରା ୯.୫ ଡିଗ୍ରୀ ସେଲସିୟସ ରେକର୍ଡ ହୋଇଛି। ଶୀତ ସାଙ୍ଗକୁ ବିଭିନ୍ନ ସ୍ଥାନରେ କୁହୁଡ଼ି ମଧ୍ୟ ଜାରି ରହିଛି।

## ୨୨-୨୩ରେ ପ୍ରବଳ କୁହୁଡ଼ି ଆଶଙ୍କା

ସୋମବାର ରାତିରୁ ମଙ୍ଗଳବାର ସକାଳ ମଧ୍ୟରେ ଖୋର୍ଦ୍ଧା, ପୁରୀ, ଜଗତସିଂହପୁର, କେନ୍ଦ୍ରାପଡ଼ା, ନୟାଗଡ଼, କଳାହାଣ୍ଡି, କନ୍ଧମାଳ, ସୁନ୍ଦରଗଡ଼, କୋରାପୁଟ ଓ କଟକରେ ମଧ୍ୟମ ଧରଣର କୁହୁଡ଼ି ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି। ସୋମବାର ସକାଳ ସୁଦ୍ଧା ୪ ଜିଲ୍ଲାରେ କୁହୁଡ଼ି ଆଶଙ୍କା କରି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକୁ ୟେଲୋ ଆଲର୍ଟ ଜାରି କରିଛି। ଅନ୍ୟପଟେ ୨୨ ଓ ୨୩ରେ ରାଜ୍ୟରେ ଘନ କୁହୁଡ଼ି ଆଶଙ୍କା ରହିଛି। ଏହି ସମୟରେ ଓଡ଼ିଶା ଉପରେ ଗୋଟିଏ ଗୁରୁଚାପ ବଳୟ ସୃଷ୍ଟି ହେବ। ଏହାଦ୍ୱାରା ରାଜ୍ୟକୁ ବଙ୍ଗୋପସାଗରୀୟ ଜଳୀୟବାଷ୍ପପୂର୍ଣ୍ଣ ବାୟୁ ପ୍ରବେଶ କରିବ। ଏହାବ୍ୟତୀତ ବାୟୁ ମଣ୍ଡଳର ଉପରି ଭାଗରେ ବାୟୁ ଚଳାଚଳ ନିଷ୍କ୍ରିୟ ରହିବା ହେତୁ ରାଜ୍ୟରେ ଘନ କୁହୁଡ଼ି ପାଇଁ ପାଗ ଅନୁକୂଳ ହେବ। ତେଣୁ ୨ ଦିନ ବିଭିନ୍ନ ସ୍ଥାନରେ ପ୍ରବଳ କୁହୁଡ଼ି ଦୃଶ୍ୟମାନ ହେବାର ଆଶଙ୍କା ରହିଛି ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି।

## ଆର୍ଦ୍ରଭୂମିରେ ପକ୍ଷୀଙ୍କ ଶୀତ ସମାଗମ

# ଆକର୍ଷଣ ହରାଉଛି ନୀଳାମ୍ବୁ ଚିଲିକା!

**ଭୁବନେଶ୍ୱର,୧୯।୧(ସମିସ):** ଏ ବର୍ଷ ରାଜ୍ୟରେ ଅଧିକ ପ୍ରଜାତିର ପକ୍ଷୀଙ୍କ ସମାଗମ ହୋଇଛି। ହେଲେ ପକ୍ଷୀଙ୍କ ଭୂ-ସ୍ୱର୍ଗ କୁହାଯାଉଥିବା ଚିଲିକାରେ ପୂର୍ବବର୍ଷ ତୁଳନାରେ ପକ୍ଷୀଙ୍କ ସଂଖ୍ୟାରେ ହ୍ରାସ ଘଟିଛି। ଚଳିତବର୍ଷ ରାଜ୍ୟକୁ ପ୍ରାୟ ୨୦୦ ପ୍ରଜାତିର ୧୫ ଲକ୍ଷରୁ ଅଧିକ ପକ୍ଷୀ ଆସିଛନ୍ତି। ଏଥିମଧ୍ୟରୁ ଚିଲିକାକୁ ୧୯୬ପ୍ରଜାତିର ୧୧.୨୭ ଲକ୍ଷ ପକ୍ଷୀ ଆସିଛନ୍ତି। ୧୮ ତାରିଖ ଦିନ ସାରା ରାଜ୍ୟରେ ପକ୍ଷୀ ଗଣନା କରାଯାଇ ବନ ବିଭାଗ ପକ୍ଷରୁ ଏହି ତଥ୍ୟ ପ୍ରଦାନ କରାଯାଇଛି। ଶୀତ ଦିନେ ରାଜ୍ୟର ପ୍ରମୁଖ ୩ଟି ଆର୍ଦ୍ରଭୂମି ଚିଲିକା, ହୀରାକୁଦ ଓ ଭିତରକନିକାରେ ସର୍ବାଧିକ ବିଦେଶାଗତ ଓ ଦେଶୀୟ ପକ୍ଷୀଙ୍କୁ ଦେଖିବାକୁ ମିଳିଥାଏ। ଚଳିତ ବର୍ଷ ମଧ୍ୟ ଏହି ୩ଟି ସ୍ଥାନରେ ପକ୍ଷୀଙ୍କ ସମାଗମ ହୋଇଛି। ତେବେ ଦୁଇଟି ସ୍ଥାନ ହୀରାକୁଦ ଓ ଭିତରକନିକାରେ ପୂର୍ବବର୍ଷ ତୁଳନାରେ ଉଭୟ ପକ୍ଷୀଙ୍କ ପ୍ରଜାତି ଓ ସଂଖ୍ୟାରେ ବୃଦ୍ଧି ଘଟିଥିବା ବେଳେ ଚିଲିକାରେ ପକ୍ଷୀଙ୍କ ସଂଖ୍ୟା କମିବା ପରିବେଶବିତ୍‌ଙ୍କୁ ନିରାଶ କରିଛି।

ରାଜ୍ୟ ବନ ବିଭାଗ ପକ୍ଷରୁ ମିଳିଥିବା ତଥ୍ୟ ଅନୁଯାୟୀ, ଚଳିତ ବର୍ଷ ଚିଲିକାରେ ୧୯୬ ପ୍ରଜାତିର ୧୧ ଲକ୍ଷ ୨୭ ହଜାର ୨୨୮ ପକ୍ଷୀଙ୍କର ସମାଗମ ହୋଇଛି। ଗତ ବର୍ଷ ପକ୍ଷୀ ଗଣନା ବେଳେ ଚିଲିକାରେ ୧୮୭ ପ୍ରଜାତିର ୧୧ ଲକ୍ଷ ୩୭ ହଜାର ୭୫୯ ପକ୍ଷୀଙ୍କର ସମାଗମ ହୋଇଥିଲା। ଚଳିତ ବର୍ଷର ସଂଖ୍ୟାକୁ ଦେଖିଲେ, ୧୦ ହଜାର ୫୦୦ରୁ ଊର୍ଦ୍ଧ୍ୱ ସଂଖ୍ୟାରେ ପକ୍ଷୀ କମ୍ ଆସିଥିବା ଜଣାପଡ଼ିଛି। ଗଣନା ବେଳେ ଜଣାପଡ଼ିଛି ଯେ ଏହି ପକ୍ଷୀଙ୍କ ମଧ୍ୟରେ ୧୦୯ ପ୍ରଜାତିର ୧୦ ଲକ୍ଷ ୮୭ ହଜାର ୨୨୬ ବିଦେଶୀ ପକ୍ଷୀ ରହିଛନ୍ତି। ଏହାସହ ୮୭ ପ୍ରଜାତିର ୪୦ହଜାର ସ୍ଥାନୀୟ ବା ଦେଶୀୟ ପକ୍ଷୀ ରହିଛନ୍ତି। ପକ୍ଷୀଙ୍କ ଅଭୟାରଣ୍ୟ କୁହାଯାଉଥିବା ନଳବଣରେ ୯୨ ପ୍ରଜାତିର ୩ଲକ୍ଷ ୪୩ହଜାର ୨୨୬ ପକ୍ଷୀଙ୍କର ସମାବେଶ ହୋଇଛି। ଚିଲିକାରେ ପକ୍ଷୀଙ୍କ ପ୍ରଜାତି ସଂଖ୍ୟା ବୃଦ୍ଧି ଏକ ସକାରାତ୍ମକ ଖବର ହୋଇଥିଲେ ମଧ୍ୟ ପକ୍ଷୀଙ୍କ ସଂଖ୍ୟାରେ ହ୍ରାସ ଏକ ଚିନ୍ତାଜନକ ବିଷୟ ବୋଲି କୁହାଯାଉଛି।

ଏନେଇ ପକ୍ଷୀ ବିଶେଷଜ୍ଞ ଡଃ ଶିବପ୍ରସାଦ ପରିଡ଼ା କହିଛନ୍ତି ଯେ ସାଧାରଣତଃ ଯେଉଁ ସ୍ଥାନରେ ଭଲ ପରିବେଶ, ଖାଦ୍ୟ ଓ ସୁରକ୍ଷା ମିଳିଥାଏ, ପକ୍ଷୀମାନେ ସେହିଠାକୁ ଆସିଥା'ନ୍ତି। ଚିଲିକାକୁ ମଧ୍ୟ ପକ୍ଷୀମାନେ ଏହି ଲକ୍ଷ୍ୟ ନେଇ ଆସିଥା'ନ୍ତି। ତେବେ ଓଡ଼ିଶାରେ ଧୀରେଧୀରେ ପରିବେଶରେ ଅସନ୍ତୁଳନ ଘଟୁଛି। ମୁଖ୍ୟତଃ ବିଳମ୍ବରେ ଶୀତ ଆସିବା ଓ ଶୀଘ୍ର ଗରମ ଅନୁଭୂତ ହେବା ପକ୍ଷୀଙ୍କ ଆସିବା ଉପରେ ପ୍ରଭାବ ପକାଉଥିବା ଆଶଙ୍କା କରାଯାଉଛି। ଏହାବ୍ୟତୀତ ପାଣି ଅଧିକ ରହିଲେ, ପକ୍ଷୀଙ୍କୁ ଖାଦ୍ୟ ସଂଗ୍ରହରେ ମଧ୍ୟ ସମସ୍ୟା ହୋଇଥାଏ। ଏଭଳି କିଛି କାରଣ ପାଇଁ ହୁଏତ ପକ୍ଷୀଙ୍କ ସଂଖ୍ୟା କମିଥାଇପାରେ ବୋଲି ସେ କହିଛନ୍ତି।



- ବିଳମ୍ବିତ ଶୀତ ଓ ଶୀଘ୍ର ଗରମ ଯୋଗୁଁ କମୁଛି ପକ୍ଷୀ ଆଗମନ
- ଏ ବର୍ଷ ଆସିଛନ୍ତି ୨୦୦ ପ୍ରଜାତିର ୧୫ ଲକ୍ଷରୁ ଅଧିକ ପକ୍ଷୀ
- ଭିତରକନିକା ଓ ହୀରାକୁଦରେ ବଢ଼ିଛି ପକ୍ଷୀ ଆଗମନ ସଂଖ୍ୟା

ସେହିପରି ଚଳିତବର୍ଷ ହୀରାକୁଦରେ ୧୨୨ପ୍ରଜାତିର ୩ ଲକ୍ଷ ୭୭ ହଜାର ୭୨୩ ପକ୍ଷୀଙ୍କର ସମାଗମ ହୋଇଥିବା ବେଳେ ଗତବର୍ଷ ଏହି ସମୟରେ ୧୧୩ ପ୍ରଜାତିର ୩ ଲକ୍ଷ ୪୨ ହଜାର ୩୪୫ ପକ୍ଷୀଙ୍କର ସମାବେଶ ହୋଇଥିଲା। ଚଳିତ ବର୍ଷ ପକ୍ଷୀ ଗଣନାରେ ଭିତରକନିକାରେ ୧୧୮ ପ୍ରଜାତିର ୧ ଲକ୍ଷ ୫୧ ହଜାର ୬୧୪ ପକ୍ଷୀଙ୍କୁ ଠାବ କରାଯାଇଥିବା ବେଳେ ଗତବର୍ଷ ଏହି ସମୟରେ ୧୨୧ ପ୍ରଜାତିର ମୋଟ ୧ ଲକ୍ଷ ୫୧ ହଜାର ୪୨୧ ପକ୍ଷୀଙ୍କର ସମାବେଶ ହୋଇଥିବା ଜଣାପଡ଼ିଛି।

ବନ ବିଭାଗ ପକ୍ଷରୁ କୁହାଯାଇଛି ଯେ ରାଜ୍ୟର ମୋଟ ୭୦୦ ବର୍ଗ କିଲୋମିଟର ଜଳାଶୟକୁ ୨୧ଟି ସେକ୍ଟରରେ ବିଭକ୍ତ କରାଯାଇ ପକ୍ଷୀ ଗଣନା କରାଯାଇଛି। ଏଥିରେ ୩୨ଟି ଦଳର ୭୦ରୁ ଅଧିକ ପକ୍ଷୀ ଗବେଷକ, ପକ୍ଷୀ ବିଶାରଦ, ପକ୍ଷୀପ୍ରେମୀ, ଛାତ୍ରଛାତ୍ରୀଙ୍କ ସହ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ସାମିଲ ହୋଇଥିଲେ। ପ୍ରତିବର୍ଷ ରାଜ୍ୟରେ ବିଦେଶାଗତ ଏବଂ ସ୍ଥାନୀୟ ପକ୍ଷୀ ଗଣନା ଡିସେମ୍ବର-ଜାନୁଆରୀ ମଧ୍ୟରେ ଅନୁଷ୍ଠିତ ହୋଇଥାଏ। ଚଳିତ ବର୍ଷ ଏହି ଗଣନା ଜାନୁଆରୀ ୧୮ ତାରିଖ ଦିନ ସମଗ୍ର ରାଜ୍ୟରେ ଏକକାଳୀନ କରାଯାଇଥିଲା। ଯଦିଓ ଏହି ପକ୍ଷୀ ଗଣନା ସମସ୍ତ ଆର୍ଦ୍ରଭୂମି ଏବଂ ପକ୍ଷୀମଣ୍ଡଳୀରେ ହୋଇଥିଲା, ତଥାପି ଚିଲିକା, ଭିତରକନିକା ଏବଂ ହୀରାକୁଦ ଭଳି ରାଜ୍ୟର ତିନି ପ୍ରମୁଖ ଆର୍ଦ୍ରଭୂମି ଉପରେ ସ୍ୱତନ୍ତ୍ର ଧ୍ୟାନ ଦିଆଯାଇଥିବା ନେଇ ବିଭାଗ ପକ୍ଷରୁ କୁହାଯାଇଛି। ଅପରପକ୍ଷେ, ସାତକୋଶିଆରେ ଆଜି ପକ୍ଷୀ ଓ କୁମ୍ଭୀର ଗଣନା ଶେଷ ହୋଇଥିବା ଜଣାଯାଇଛି।

# ଗୁଣି ସନ୍ଦେହରେ ବୃଦ୍ଧାଙ୍କୁ ଛୁରାମାଡ଼

**ରାୟଗଡ଼ା,୧୯।୧(ସମିସ):** ଗୁଣି ସନ୍ଦେହରେ ୭୦ ବର୍ଷୀୟା ଜଣେ ବୃଦ୍ଧାଙ୍କୁ ଛୁରାମାଡ଼ ହୋଇଛି। ରାୟଗଡ଼ା ଟାଉନ୍ ଥାନା ଅନ୍ତର୍ଗତ ମାଙ୍କଡ଼ଝୋଲା ଗ୍ରାମରେ ଏଭଳି ଅଭାବନୀୟ ଘଟଣା ଘଟିଛି। ଆହତ ବୃଦ୍ଧାଜଣଙ୍କ ହେଲେ, ଖଳିମଣି ଜାନି। ଗୁରୁତର ଅବସ୍ଥାରେ ତାଙ୍କୁ ଆଜି ସକାଳେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ବୃଦ୍ଧାଙ୍କ ପେଟର ଡାହାଣ ପାଖରେ ଗଭୀର ଆଘାତ ଲାଗିଛି।

ଗତ ରାତି ପ୍ରାୟ ୧୦ଟାରେ ମାଙ୍କଡ଼ଝୋଲାର ବାଲୁ ଝୋଡ଼ିଆ ଓ ବେଙ୍କୁ ଜାନି ମିଶି ଖଳିମଣିଙ୍କୁ ଘରୁ ବାହାରକୁ ଡାକି ପେଲାଠେଲା କରିଥିଲେ। ପରେ ଏକ ଧାରୁଆ ଛୁରିରେ ତାଙ୍କୁ ଆକ୍ରମଣ କରି ମାଡ଼ ମାରିବା ସହ ପାଖ ନଦୀପଠାରେ ଫିଙ୍ଗି ଦେଇଥିଲେ। ଖବର ପାଇ ଆଜି ସକାଳେ କିଛି ସ୍ଥାନୀୟ ଲୋକଙ୍କ ସହ ପରିବାରଲୋକ ତାଙ୍କୁ ଉଦ୍ଧାର କରିଥିଲେ।

**ନଦୀପଠାରୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର**



କିଛି ମାସ ତଳେ ଅଭିଯୁକ୍ତ ବାଲୁର ବୋହୂ ଓ ନାତିଙ୍କର ଅସୁସ୍ଥତା ଯୋଗୁଁ ମୃତ୍ୟୁ ହୋଇଥିଲା। ଖଳିମଣି ଗୁଣିଗାରେଡ଼ି କରି ଦୁହିଁଙ୍କୁ ମାରିଥିବା ନେଇ ବୁଲୁ ସନ୍ଦେହ କରି ବିଭିନ୍ନ ସମୟରେ ଝଗଡ଼ା କରି ଆସୁଥିଲେ। ଦିନେ ତାଙ୍କୁ ନିସ୍ତୁକ ମାଡ଼ ମଧ୍ୟ ମାରିଥିଲେ ବୋଲି ଆହତ ବୃଦ୍ଧାଙ୍କ ବୋହୂ ବିମଳା ଜାନି କହିଛନ୍ତି। ତେବେ ଗତରାତିରେ ଖଳିମଣିଙ୍କୁ ଏକୁଟିଆ ପାଇ ବାଲୁ ଆକ୍ରମଣ କରି ଫେରାର୍ ହୋଇଯାଇଥିଲେ। ଟାଉନ୍ ଥାନା ପୁଲିସ୍ ଘଟଣାର ତଦନ୍ତ ଆରମ୍ଭ କରିବା ସହ ଜଣକୁ ଅଟକ ରଖି ପଚରାଉଚରା କରୁଥିବା ରାୟଗଡ଼ା ଥାନା ଆରକ୍ଷୀ ନିରୀକ୍ଷକ କମଳାକାନ୍ତ ବସନ୍ତ କୁମାର କହଁର କହିଛନ୍ତି।

# ଲୁଣ ଭାବି ସାର ଖାଇଦେଲେ ୫ ଶିଶୁ ଗୁରୁତର

**ଦେବଗଡ଼/ପାଲଲହଡ଼ା, ୧୯।୧(ସମିସ):** ଲୁଣ ଭାବି ସାର ଖାଇଦେଲେ ୫ ଶିଶୁ। ବାରକୋଟ ବ୍ଲକ୍ ଅଧୀନ ସରୁଆଳି ଗ୍ରାମରେ ରବିବାର ଏପରି ଏକ ଅଭାବନୀୟ ଘଟଣା ଘଟିଛି। ଗୁରୁତର ଅବସ୍ଥାରେ ସେମାନଙ୍କୁ ପାଲଲହଡ଼ା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଚିକିତ୍ସା ପରେ ସମସ୍ତଙ୍କ ଅବସ୍ଥା ସ୍ଥିର ଥିବା ଡା. ଦିଲ୍ଲୀପ କୁମାର ଭୋଇ କହିଛନ୍ତି।



ଗୁରୁତର ଶିଶୁମାନେ ହେଲେ, ସରୁଆଳି ଗ୍ରାମର ରାକେଶ ଗାଗରାଇ(୯), ଜୟନ୍ତ କୁମାର ଟିଉ(୧୦), ପ୍ରତୀଶ କୁମାର ଟିଉ (୭), ରବୀନ୍ଦ୍ର ଡାଙ୍ଗ (୧୦) ଓ ସୁଜିତ ଡାଙ୍ଗ (୪)। ସୂଚନାନୁଯାୟୀ, ଆଜି ଦିନ ଦିପହରେ ଏମାନେ ସାଙ୍ଗ ହୋଇ ଗ୍ରାମର ସୁନ୍ଦରସିଂ ଟିଉଙ୍କ ବାଡ଼ିରେ ଖେଳୁଥିଲେ। ଖେଳୁଥିବା ବେଳେ ବାଡ଼ିରୁ କମଳା ତୋଳି ଖାଇବା ପାଇଁ ଲୁଣ ଖୋଜିଥିଲେ। ତେବେ ବଗିଚାରେ ଦେବା ପାଇଁ କାନ୍ଥରେ ଟଙ୍ଗା ଯାଇଥିବା ପଟାସ ଓ ୟୁରିଆ ସାରକୁ ସେମାନେ ଲୁଣ ଭାବି ଖାଇଦେଇଥିଲେ। କିଛି ସମୟ ପରେ ସମସ୍ତେ ବାନ୍ତି କରିବା ସହ ଜଣଙ୍କ ପରେ ଜଣେ ଅଚେତ ହୋଇଯାଇଥିଲେ। ଏହାଦେଖି ପରିବାରଲୋକ ସମସ୍ତଙ୍କୁ ଆମ୍ବୁଲାନ୍ସରେ ନିକଟସ୍ଥ ପାଲଲହଡ଼ା ଉପଖଣ୍ଡ ଚିକିତ୍ସାଳୟରେ ଚିକିତ୍ସା ପାଇଁ ଭର୍ତ୍ତି କରାଇଥିଲେ।



# ଥମୁନି ଝାଡ଼ାବାନ୍ତି; ଗୋଟିଏ ଦିନରେ ୨୦ ଆକ୍ରାନ୍ତ







**କଣାସ,୧୯।୧(ସମିସ):** କଣାସ ବ୍ଲକରେ ଝାଡାବାନ୍ତି ଦିନକୁ ଦିନ ଉଗ୍ରରୂପ ଧାରଣ କରୁଛି। ମୃତ୍ୟୁସଂଖ୍ୟା ୪ରେ ପହଞ୍ଚିଲାଣି। ରବିବାର ବିଭିନ୍ନ ଗ୍ରାମରୁ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୨୦ ଜଣ ଝାଡାବାନ୍ତି ଆକ୍ରାନ୍ତ ରୋଗୀ ଚିକିତ୍ସିତ ହେଉଛନ୍ତି। ଝାଡାବାନ୍ତି ବ୍ୟାପିବା ନେଇ ପ୍ରଶାସନର ନିଦ ହଜି ଯାଇଛି। ଆମ୍ବୁଲାନ୍ସରେ ରୋଗୀ ବୁହା ହେଉଥିବା ସାଇରନ ଶୁଣି ଗାଁଗଣ୍ଡାରେ କୋକୁଆଭୟ ସୃଷ୍ଟି ହୋଇଛି। ଘରୁ ବାହାରକୁ ବାହାରିବା ପାଇଁ ଲୋକେ ଡ଼ରିଲେଣି। ନୂଆଗାଁ ଗ୍ରାମର ଅହଲ୍ୟା ଦଳାଇ, ତାରା ବେହେରା ଓ କବିତା ରାଉତରାୟ ଝାଡାବାନ୍ତିରେ ଆକ୍ରାନ୍ତ ହୋଇ ଗୁରୁତର ଅବସ୍ଥାରେ ଆଇସିୟୁରେ ଭର୍ତ୍ତି ହୋଇଛନ୍ତି। ଅନ୍ୟ ପକ୍ଷରେ ଶିମିଳିପାଟଣା ଗ୍ରାମର ବିନୋଦ ରଣସିଂହ ମଧ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଗଡିଶାଗୋଦା ପଞ୍ଚାୟତର ନୂଆଗାଁ ଏବଂ ଗୋପୀନାଥପୁର ପଞ୍ଚାୟତର ଜାଗୁଲାଇପଦରକୁ ମାଳମାଳ ପ୍ରଶାସନିକ ଅଧିକାରୀ ଘନ ଘନ ଗସ୍ତ କରି ଲୋକଙ୍କୁ ସଚେତନ କରାଇବା ସହିତ ଦୟା ନଦୀର ଜଳକୁ ବ୍ୟବହାର ନ କରିବାକୁ ପରାମର୍ଶ ଦେଉଛନ୍ତି।

## ସ୍ୱାସ୍ଥ୍ୟ ବିଭାଗ ଓ ପ୍ରଶାସନିକ ଅଧିକାରୀଙ୍କ ତୋଫାନୀ ଗସ୍ତ

ନୂଆଗାଁ ଗ୍ରାମରୁ ପୂର୍ବରୁ ଦୁଇ ଜଣ ସାରଥୀ ପ୍ରଧାନ ଓ ସଚଳା ସାହୁଙ୍କ ମୃତ୍ୟୁ ହୋଇଥିବା ବେଳେ ଗତକାଲି ବିଳମ୍ବିତ ରାତିରେ ମାଗି ଦଳାଇଙ୍କ ମୃତ୍ୟୁ ହୋଇଥିଲା। ସେହି ପଞ୍ଚାୟତର ନଇକୂଳପାଟଣା ଗ୍ରାମର ଗୁରେଇ ସେଠୀ (୬୦)ଙ୍କର ଚିକିତ୍ସାଧିନ ଅବସ୍ଥାରେ ଶନିବାର ରାତିରେ ମୃତ୍ୟୁ ହୋଇଛି। ଦୟା ନଦୀ ଜଳ ବ୍ୟବହାର ନ କରିବା ପାଇଁ ପରାମର୍ଶ ଦିଆଯାଉଥିବାରୁ ଜାଗୁଲାଇପଦର ଓ ନୂଆଗାଁର ଲୋକେ ପାନୀୟ ଜଳ ପାଇଁ ଗରା ବାଲଟି ଧରି ଟ୍ୟାଙ୍କରକୁ ଅନାଇ ବସି ରହୁଛନ୍ତି। ଆଜି ଦିନ ୧ଟା ସୁଦ୍ଧା ନୂଆଗାଁରେ ଟ୍ୟାଙ୍କର ନ ପହଁଚିଥିବାରୁ ଉଚ୍ଚ ପଦସ୍ଥ ଅଧିକାରୀଙ୍କ ପାଖରେ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଯୋଗାଇ ଦିଆଯାଉଥିବା ପାଣି ପର୍ଯ୍ୟାପ୍ତ ହେଉ ନ ଥିବାରୁ ଦିନକୁ ୪ ଟ୍ୟାଙ୍କର ପାନୀୟ ଜଳ ଯୋଗାଇବାକୁ ଗ୍ରାମବାସୀ ଅନୁରୋଧ ଜଣାଇଛନ୍ତି। ନୂଆଗାଁର ୪ଟି ୱାର୍ଡର ଲୋକସଂଖ୍ୟା ୧୫୨୦ ହୋଇଥିବା ବେଳେ ପରିବାର ସଂଖ୍ୟା ୨୩୦। ସେହିପରି ଜାଗୁଲାଇପଦରରେ ୪ଟି ୱାର୍ଡର ପରିବାର ସଂଖ୍ୟା ୮୦୦ ହୋଇଥିବା ବେଳେ ଲୋକସଂଖ୍ୟା ୩୪୦୦। ଗ୍ରାମବାସୀ ପାନୀୟ ଜଳ ସମସ୍ୟା ନେଇ ଅତିରିକ୍ତି ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା, ଉପଜିଲ୍ଲାପାଳ ରାଜ କିଶୋର ଜେନା, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ରୂପଭାନୁ ମିଶ୍ର, ଅତିରିକ୍ତ ଚିକିତ୍ସା ଅଧିକାରୀ ବିରଜା ଶଙ୍କର ରଥ, କଣାସ ତହସିଲଦାର ହିମାଂଶୁ ଶେଖର ଗିରି, ଗ୍ରାମ୍ୟଜଳଯୋଗାଣ ବିଭାଗ ମୁଖ୍ୟଯନ୍ତ୍ରୀ ଜୟନାରାୟଣ ସିଟ୍, ଅତିରିକ୍ତ ମୁଖ୍ୟଯନ୍ତ୍ରୀ ସିରେଶ କୁମାର ବେହେରା ଓ ଅଧିକ୍ଷଣ ଯନ୍ତ୍ରୀ ଅଭିମନ୍ୟୁ ଦାସଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ନୂଆଗାଁରେ ୪ଟି ଓ ଜାଗୁଲାଇପଦରରେ ୪ଟି ଟ୍ୟାଙ୍କରରେ ପାନୀୟ ଜଳ ଯୋଗାଇବା ପାଇଁ ପ୍ରଶାସନିକ ନିର୍ଦ୍ଦେଶ ଦିଆଯାଇଛି।। ଦୟା ନଦୀ ଓ ତାର ଶାଖା ମକରା, ରାଜୁଆ ନଦୀ ଅବବାହିକାରେ କେଉଁ କେଉଁ ଗ୍ରାମ ରହିଛି ତାର ଏକ ତାଲିକା ପ୍ରସ୍ତୁତ କରି ଦେବାକୁ ଅତିରିକ୍ତ ଜିଲ୍ଲାପାଳ କଣାସ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ଗ୍ରାମବାସୀଙ୍କ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କରାଯାଇ କିଛି ସ୍ୱେଚ୍ଛାସେବୀ ମାନଙ୍କୁ ମେଡିକାଲ ଟିମରେ ସହଯୋଗ କରିବା ନିମନ୍ତେ ୬ଟି ଟିମ ଗଠନ କରାଯାଇଛି। ଦୟା ନଦୀର ଜଳ ପରୀକ୍ଷା କରାଯିବାରେ ଜଣାପଡିଛି ଯେ ଦୟାନଦୀ ଜଳରେ ଡାଇରିଆ ଭୂତାଣୁ ଥିବାରୁ ଉକ୍ତ ଜଳକୁ ନଦୀର ଆଖାପାଖ ଗ୍ରାମବାସୀମାନେ ବ୍ୟବହାର ନ କରିବା ପାଇଁ ନିର୍ଦ୍ଦେଶ ଦେବା ସହିତ ନୂଆଗାଁ, ନଇକୂଳପାଟଣା, ଗଡିଶାଗୋଦା ଠାରେ ଥିବା ନଦୀଘାଟକୁ ବାଉଁଶ ବ୍ୟାରିଗେଟ୍ କରାଯାଇ ବନ୍ଦ କରିଦିଆଯାଇଛି । ବିଧାୟକଙ୍କ ପତ୍ନୀ ଶ୍ରୀମତୀ ମିଶ୍ର, ପୂର୍ବତନ ସତ୍ୟବାଦୀ ବିଧାୟକ ରମାରଞ୍ଜନ ବଳିଆରସିଂହ, ପୂର୍ବତନ ବିଧାୟକ ଉମାକାନ୍ତ ସାମନ୍ତରାୟ, ଜିଲ୍ଲା ପରିଷଦ ସଭ୍ୟା ଲତାମଣି ଜଗଦେବ, ବିଜେପିର ବରିଷ୍ଠ ନେତା କୃଷ୍ଣ ଜଗଦେବ, ବିଜେପି ଯୁବନେତା କାମାକ୍ଷା ପ୍ରଧାନ ଉକ୍ତ ଝାଡାବାନ୍ତି ଗ୍ରାମ ଗସ୍ତ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି।

# ସତ୍ୟବାଦୀ ବ୍ଲକସ୍ତରୀୟ ଧାନମଣ୍ଡିର ଶୁଭାରମ୍ଭ

**ସାକ୍ଷୀଗୋପାଳ,୧୯ ।୧(ସମିସ):** ସତ୍ୟବାଦୀ ବ୍ଲକସ୍ତରୀୟ ଧାନମଣ୍ଡି ଶୁଭାରମ୍ଭ ହୋଇଛି । ସାକ୍ଷୀଗୋପାଳ ନିୟନ୍ତ୍ରିତ ବଜାର କମିଟି ପ୍ରାଙ୍ଗଣରେ ଖରିଫ ଧାନ ବିକ୍ରି ପାଇଁ ପୁରୀ ସାଂସଦ ଡ.ସମ୍ବିତ ପାତ୍ର ଓ ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର ଧାନମଣ୍ଡି ଶୁଭାରମ୍ଭ କରିଛନ୍ତି। ପ୍ରଥମ ଦିନରେ ନଅ ଜଣ ଚାଷୀଙ୍କଠାରୁ ୪୧୫ କ୍ୱିଣ୍ଟାଲ ଧାନ ସଂଗ୍ରହ ହୋଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ସିଓ ସଞ୍ଜିବ ସାହୁ, ସମବାୟ ଉପନିବନ୍ଧକ ସୁନିତା ପତି, ସହ ନିବନ୍ଧକ ସ୍ୱରୂପ କୁମାର କର, ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲିପ୍ସା ରାୟ, ଆରଏମସି ସମ୍ପାଦକ ଜିତେନ୍ଦ୍ରୁ ଦାଶ, ଜିଲ୍ଲା ପରିଷଦ ସଭ୍ୟ ରତିକାନ୍ତ ମିଶ୍ର ଓ ବିଷ୍ଣୁପ୍ରିୟା ବରାଳ ପ୍ରମୁଖ ଯୋଗ ଦେଇଥିଲେ। ଅଦିନିଆ ବର୍ଷାରେ ଚାଷୀମାନଙ୍କର ବହୁତ ଧାନ କ୍ଷତି ହୋଇଥିବା ବେଳେ ବୀମା ଅର୍ଥ ଓ ସରକାରୀ ସହାୟତା ପାଇବାରୁ ବଞ୍ଚିତ ହୋଇଛନ୍ତି ବୋଲି ଚାଷୀମାନେ ଅଭିଯୋଗ କରିଥିଲେ। ସତ୍ୟବାଦୀ ବ୍ଲକରେ ଶୀତଳ ଭଣ୍ଡାର ନିର୍ମାଣ କରିବାକୁ ଜିଲ୍ଲା ପରିଷଦ ସଭ୍ୟ ଶ୍ରୀ ମିଶ୍ର ଓ ଶ୍ରୀମତୀ ବରାଳ ଦାବି କରିଥିଲେ। ସାଂସଦ ନିଜେ ଅନଲାଇଜର ମେସିନରେ ପ୍ରଥମ ଚାଷୀ ଅନୁପ ପ୍ରଧାନଙ୍କ ଧାନର ମାନ ପରୀକ୍ଷା କରିଥିଲେ।

# ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ୫ ଗାଈ ମୃତ



**ନୟାହାଟ/ଗୋପ ୧୯।୧(ସମିସ):** ନୟାହାଟ ଫାଣ୍ଡି ଅନ୍ତର୍ଗତ ସୋରବା ପଞ୍ଚାୟତ ତିରୁଣା ମୌଜାରେ ୧୧କେଭି ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଶନିବାର ବିଳମ୍ବିତ ରାତିରେ ୫ଟି ଗାଈ ପ୍ରାଣ ହରାଇଛନ୍ତି। ଉକ୍ତ ବିଦ୍ୟୁତ ତାର ଛିଣ୍ଡି ବିଲରେ ପଡ଼ିଥିଲା। ରାତିରେ ଘାସ ଚରିବାକୁ ଯାଇ ଗାଈ ଗୁଡ଼ିକ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଘଟଣାସ୍ଥଳରେ ପ୍ରାଣ ହରାଇଥିଲେ। ଖବର ପାଇ ନୟାହାଟ ଫାଣ୍ଡି ଅଧିକାରୀ ଅଶୋକ ବେହେରା ଓ ବିଦ୍ୟୁତ ବିଭାଗ ଯନ୍ତ୍ରୀ ସଂକେତ ବେହୁରା ଘଟଣାସ୍ଥଳରେ ପହଞ୍ଚିଥିଲେ। ଝଞ୍ଜାଳିଆ, ଶୋରବା ଓ ତିରୁଣା ଗ୍ରାମର ରମେଶ ଚନ୍ଦ୍ର ମହାନ୍ତି, ପ୍ରମୋଦ ବେହେରା, ସମୀର ସାହୁ,ଦୀପକ ବାରିକ ଓ ରଞ୍ଜିତ ସାହୁଙ୍କର ଗାଈ ପ୍ରାଣ ହରାଇଛନ୍ତି। ଗାଈ ମାଲିକଙ୍କୁ କ୍ଷତିପୂରଣ ଦେବାକୁ ପୂର୍ବତନ ସରପଞ୍ଚ କମଳାକାନ୍ତ କୁଅଁର ଓ ଶୋରବା ପଞ୍ଚାୟତର ଯୁବ ନେତା ଜ୍ୟୋତି ରଞ୍ଜନ ନାୟକ ବିଦ୍ୟୁତ ବିଭାଗ ନିକଟରେ ଦାବି କରିଛନ୍ତି।

# ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ସଫେଇ କାର୍ଯ୍ୟକ୍ରମ

**ଗୋପ,୧୯।୧(ସମିସ):** ଗୋପ ବ୍ଲକର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ 'ସେବକ' ପକ୍ଷରୁ ବୀରତୁଙ୍ଗ ପଞ୍ଚାୟତସ୍ଥିତ କଣ୍ଟେଶ୍ୱରୀ ପୀଠରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ପଞ୍ଚାୟତର ଶତାଧିକ ସ୍ୱେଚ୍ଛାସେବୀ ଯୋଗଦେଇ ସଫେଇରେ ସାମିଲ ହୋଇଥିଲେ। ସଂଗଠନର ସଭାପତି ଆଲୋକ ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସ୍ୱେଚ୍ଛାସେବୀମାନେ ଏହି ପୀଠ ସଫେଇ କରିଥିଲେ। ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ବର୍ଷତମାମ ବିଭିନ୍ନ ଜନହିତକର କାର୍ଯ୍ୟ ଲାଗି କାର୍ଯ୍ୟପନ୍ଥା ସ୍ଥିର କରାଯାଇଥିଲା। ଆଗାମୀ ଦିନରେ ସଫେଇ କାର୍ଯ୍ୟକ୍ରମ ସହ ବିଭିନ୍ନ ଜନହିତକର କାର୍ଯ୍ୟ ହାତକୁ ନିଆଯିବ ବୋଲି ସଂଗଠନର ସଭାପତି ଶ୍ରୀ ଜେନା କହିଛନ୍ତି।

# ବିଦ୍ୟାଳୟର ବାର୍ଷିକୋତ୍ସବ ଓ ସାମ୍ୟବାଦୀ ନେତା ଲିଙ୍ଗରାଜ ଦାଶଙ୍କ ୨୧ତମ ସ୍ମୃତି ସମାରୋହ



**ନିମାପଡା,୧୯।୧(ସମିସ):** ନିମାପଡା ଏନଏସି ଅନ୍ତର୍ଗତ ଗୁହାଳପଡାସ୍ଥିତ ସରକାରୀ ଜନତା ଉପ୍ରା ବିଦ୍ୟାଳୟର ପରିସରରେ ବିଦ୍ୟାଳୟ ପରିଚାଳନା କମିଟି ଓ ଲିଙ୍ଗରାଜ ଦାଶ ଫାଉଣ୍ଡେସନ ମିଳିତ ପ୍ରଚେଷ୍ଟାରେ ବିଦ୍ୟାଳୟର ବାର୍ଷିକୋତ୍ସବ ଓ ବିଦ୍ୟାଳୟର ପ୍ରତିଷ୍ଠାତା ସଦସ୍ୟ ସାମ୍ୟବାଦୀ ନେତା ସ୍ୱର୍ଗତ ଲିଙ୍ଗରାଜ ଦାଶଙ୍କ ୨୧ତମ ସ୍ମୃତି ସମାରୋହ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପୂର୍ବତନ ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ସମୀର ରଂଜନ ଦାଶ, ମୁଖ୍ୟବକ୍ତା ନିମାପଡ଼ାର ପୂର୍ବତନ ବିଇଓ ଅନିଲ କୁମାର ବିଶ୍ୱାଳ, ସମ୍ମାନିତ ଅତିଥି ନିମାପଡା ପଞ୍ଚାୟତସମିତି ଅଧ୍ୟକ୍ଷ ଶଙ୍କର ଭୋଇ, ଗୋପ ବ୍ଲକ ଉପାଧ୍ୟକ୍ଷ ବନ ରଞ୍ଜନ ପଟ୍ଟନାୟକ,୧୧ନଂ ୱାର୍ଡ କାଉନସିଲର ଅନୁସୂୟା ପାଣି, ସିଆରସିସି ଲକ୍ଷ୍ମୀଧର ସେଠୀ, ବରିଷ୍ଠ ଆଇନଜୀବୀ ମୃତ୍ୟୁଞ୍ଜୟ ଦାଶ, ଏନଏସି ଉପାଧ୍ୟକ୍ଷ ସନ୍ତୋଷ ଦାଶ, ବରିଷ୍ଠ ସାମ୍ୟବାଦୀ ନେତା ଦେବେନ୍ଦ୍ର ନାଥ ସାହୁ, ନିମାପଡା ପୂର୍ବତନ ନଗରପାଳ ସନାତନ ପ୍ରଧାନ, ଲିଙ୍ଗରାଜ ଦାଶ ଫାଉଣ୍ଡେସନର ସଭାପତି ପ୍ରଦୀପ୍ତ ଖଟୋଇ, ସଂପାଦକ କୃଷ୍ଣଚନ୍ଦ୍ର ରାଉତ, ପରିଚାଳନା କମିଟି ସଭାପତି ଶ୍ରୀଧର ନାୟକ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଦାଶଙ୍କ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ପୂର୍ବତନ ଏବିଇଓ ସୀମାନ୍ତ ଶେଖର ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ବିବେକିନୀ ଦାଶଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ବିଦ୍ୟାଳୟର ଛାତ୍ର ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲ।

# ସ୍ୱେଚ୍ଛାକୃତ ରକ୍ତଦାନ ଶିବିର; ୪୦ ୟୁନିଟ୍ ସଂଗ୍ରହ



**ଗୋପ,୧୯।୧(ସମିସ):** ଗୋପ ବ୍ଲକ ଅଧିନ ବାୟାକୁଦାସ୍ଥିତ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟରେ ଉତ୍ସର୍ଗ ପରିବାର ଓ ସାହୁ ଟ୍ୟୁଟୋରିଆଲ ପକ୍ଷରୁ ରବିବାର ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଗୁରୁ ପ୍ରକାଶ ଚନ୍ଦ୍ର ସେନାପତିଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏହି ରକ୍ତଦାନ ଶିବିର ଆୟୋଜନ କରାଯାଇଥିବା ବେଳେ ଏଥିରେ ୪୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। ଅତିଥି ଭାବେ ସମାଜସେବୀ ତଥା ଗୋପ ବ୍ଲକ ମହିଳା ମହାସଂଘ ସଭାନେତ୍ରୀ ମିନାକ୍ଷୀ ପୃଷ୍ଟି, ବିଶିଷ୍ଟ ସମାଜସେବୀ ଚନ୍ଦ୍ରଶେଖର ମିଶ୍ର, ବ୍ରଜବନ୍ଧୁ ମହାରଣା, ବୈଦ୍ୟନାଥ ପାଣି, ପଦ୍ମନାଭ ସାହୁ, ସଞ୍ଜୟ କୁମାର ବରାଳ, ଓଡ଼ିଶା ଜନକଲ୍ୟାଣ ସଂଗଠନର ସଭାପତି ସୁଶାନ୍ତ କୁମାର ବେହେରା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଏହି ଶିବିରିକୁ ସାହୁ ଟ୍ୟୁଟେରିଆଲର ମୁଖ୍ୟ ମାନସୀ ପୃଷ୍ଟି, ଜଗବନ୍ଧୁ ବାରିକ, ଦୀପ୍ତିରଞ୍ଜନ ପାତ୍ର, ବିଷ୍ଣୁମୋହନ ପ୍ରଧାନ, ପ୍ରକାଶ ଚନ୍ଦ୍ର ଖଟୋଇ, ଲକ୍ଷ୍ମୀଧର ବେହେରା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ନୟାହାଟ ମହାବିଦ୍ୟାଳୟରେ ଆତ୍ମରକ୍ଷା ତାଲିମ ଶିବିର




**ନୟାହାଟ,୧୯।୧(ସମିସ)** ଗୋପ ବ୍ଲକ ଅନ୍ତର୍ଗତ ନୟାହାଟ ମହାବିଦ୍ୟାଳୟରେ ଆତ୍ମରକ୍ଷା କୌଶଳ ତାଲିମ୍ ଶିବିର ଅନୁଷ୍ଠିତ ହୋଇଯାଇଛି। ଉଦଯା।ପନୀ ଉତ୍ସବରେ କଲେଜ ଅଧ୍ୟକ୍ଷ ଭୋଳାନାଥ ପାତ୍ର ଉଦଘାଟନ କରିବା ସହ ସଭାପତିତ୍ୱ କରିଥିଲେ। ଛାତ୍ରୀ ମାନଙ୍କୁ ଆତ୍ମରକ୍ଷା କୌଶଳ ସମ୍ପର୍କରେ ବୁଝାଇଥିଲେ। ଶିବିରର ସଂଯୋଜକ ଅଧ୍ୟାପକ ରତିକାନ୍ତ ଦାସ ଅଧ୍ୟାପକ ଭାବଗ୍ରାହୀ ଜେନା, ଲକ୍ଷ୍ମୀଧର ସାମନ୍ତରାୟ, ରାଜକିଶୋର ଦାସ, ସଖିଲତା ନାୟକ, ପ୍ରିୟମ୍ବଦା ମହାପାତ୍ର ପ୍ରମୁଖ ଅଧ୍ୟାପକ ଅଧ୍ୟାପିକାମାନେ ବିଦ୍ୟାଳୟର ଯୁକ୍ତ ଦୁଇ ଛାତ୍ରୀମାନଙ୍କୁ ନିଜ ପ୍ରତି ବିପଦ ଆସିଲେ କିପରି ମୁକାବିଲା କରିବ ସେ ସମ୍ପର୍କରେ ବୁଝାଇଥିଲେ।

# ଜାହାନ ପବ୍ଲିକ ସ୍କୁଲର ୧୪ତମ ବାର୍ଷିକ ଉତ୍ସବ




**କୁଣ୍ଢେଇ/ଗମ୍ଭାରୀପଦା,୧୯ ।୧(ସମିସ):** ପୁରୀ ଜିଲ୍ଲା କାକଟପୁର ବ୍ଲକର ଜାହାନ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ବିଦ୍ୟାଳୟର ଶିକ୍ଷକ ପ୍ରେମଶଙ୍କର ପୂଜାରୀଙ୍କ ସଂଯୋଜନାରେ ଉକ୍ତ କାର୍ଯ୍ୟକ୍ରମରେ ସ୍କୁଲର ନିର୍ଦ୍ଦେଶିକା ସୁମିତ୍ରା ଘୋଷ ଅଧ୍ୟକ୍ଷତା କରିଥିବାବେଳେ ସ୍କୁଲର ଅଧ୍ୟକ୍ଷା ମମତା ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ଭୁବନେଶ୍ୱର ସ୍ଥିତ ଏନଏମଆଇଇଟିର ପରିଚାଳନା ନିର୍ଦ୍ଦେଶକ ବିଜୟ କୁମାର ନନ୍ଦ, ମୁଖ୍ୟବକ୍ତା କାକଟପୁର ଗୋଷ୍ଠୀ ଶିକ୍ଷାଧିକାରୀ ଦିଲ୍ଲୀପ କୁମାର ଜେନା, ସମ୍ମାନିତ ଅତିଥି ଭାବେ କାକଟପୁର ବ୍ଲକ ଅଧ୍ୟକ୍ଷ ଶ୍ରୀଧର ନାୟକ ପ୍ରମୁଖ ଯୋଗଦେଇ ଛୋଟଛୋଟ ଛାତ୍ରଛାତ୍ରୀମାନଙ୍କ ଭବିଷ୍ୟତ ନିର୍ମାଣରେ ଅଭିଭାବକମାନଙ୍କ ମୁଖ୍ୟ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ ଏବଂ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ହାସ୍ୟ ଅଭିନେତା ପ୍ରଜ୍ଞାନ ଖଟୁଆଙ୍କ ହାସ୍ୟାଭିନୟ ସମସ୍ତଙ୍କୁ ମନୋରଞ୍ଜନର ଖୋରାକ ଯୋଗାଇଥିଲା। ବିଭିନ୍ନ ବିଭାଗରେ ପାରଦର୍ଶିତା ଲାଭ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପରିଶେଷରେ ବିଦ୍ୟାଳୟର କୁନି କୁନି ଛାତ୍ରଛାତ୍ରୀମାନଙ୍କ ପକ୍ଷରୁ ଚିତ୍ତାକର୍ଷକ ନୃତ୍ୟ ତଥା ସଂଗୀତଭିତ୍ତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ବ୍ଲକ୍‌ସ୍ତରୀୟ ପ୍ରଧାନଶିକ୍ଷକଙ୍କ ବୈଠକ



**ଗମ୍ଭାରୀପଦା,୧୯।୧(ସମିସ):** ଶିକ୍ଷାନୁଷ୍ଠାନ ଗୁଡ଼ିକରେ ଗୁଣାତ୍ମକ ଶିକ୍ଷା ସହିତ ଶିକ୍ଷାର ସରଳୀକରଣ କରି ଶିକ୍ଷାର୍ଥୀମାନଙ୍କୁ ଶିକ୍ଷାଦାନ କରିବା ଓ ଶିକ୍ଷା ପାଇଁ ସୁସ୍ଥ ପରିବେଶ ସୃଷ୍ଟି କରିବା ଉପରେ ପରସ୍ପର ମଧ୍ୟରେ ଭାବର ଆଦାନପ୍ରଦାନ କରିବା ପାଇଁ ବ୍ଲକସ୍ତରୀୟ ୧୩ତମ ପ୍ରଧାନଶିକ୍ଷକଙ୍କ ବୈଠକରେ ଗୁରୁତ୍ୱାରୋପ କରାଯାଇଛି। ଉକ୍ତ ବୈଠକରେ ନିମନ୍ତ୍ରିତ ଅତିଥି ଭାବେ ଜିଲ୍ଲା ଶିକ୍ଷାଧିକାରୀ ଦୀପକ କୁମାର ପାରହି, ସହ ଶିକ୍ଷାଧିକାରୀ ହିମାଂଶୁ ଶେଖର ସମର୍ଥ, ଶିକ୍ଷକ ପ୍ରଶିକ୍ଷକ ଅମିୟ ରଞ୍ଜନ ପରିଡ଼ା, ଗୋଷ୍ଠୀ ଶିକ୍ଷାଧିକାରୀ ଦୀଲ୍ଲିପ କୁମାର ଜେନା, ଅବସରପ୍ରାପ୍ତ ସହ ଶିକ୍ଷାଧିକାରିଣୀ ପଙ୍କଜିନୀ ଦେଇ, ପ୍ରଧାନ ଶିକ୍ଷୟିତ୍ରୀ ଚପଳା ବେହେରା, ସିଆରସିସି ରଞ୍ଜନ ବେହେରା, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରବିନ୍ଦ୍ର ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ।

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



✓ ଦୁଲାମଣି ପଣ୍ଡା
ଆବିର୍ଭାବ - ୨୦/୧୨/୧୯୩୯
ତିରୋଧାନ - ୧୦/୦୧/୨୦୨୫
ପଣ୍ଡାଳମ, ବାଙ୍କୀ, କଟକ

ଚାହୁଁ ଚାହୁଁ ଏଗାର ଦିନ ବିତିଗଲା । ଆପଣଙ୍କର ଶ୍ରଦ୍ଧା ଓ ସ୍ନେହକୁ ଆମ୍ଭେମାନେ ସର୍ବଦା ମନେ ରଖିବୁ । ଆପଣଙ୍କ ଅମର ଆତ୍ମାର ସଦଗତି ପାଇଁ ପ୍ରଭୁଙ୍କ ଚରଣରେ ପ୍ରାର୍ଥନା କରୁଛୁ ।

ଶୋକସନ୍ତପ୍ତ : ପୁଅ - ଦିଲ୍ଲୀପ, ବୋହୂ- କାଦମ୍ବିନୀ, ନାତି- ଚଗଲା, ନାତୁଣୀ - ଲାଲି, ଝିଅ - ସୌଦାମିନୀ, ବିକାସ, ଲତା, ନମିତା, ଜ୍ୱାଇଁ - ଦେବରାଜ ଓ ବୈକୁଣ୍ଠ ଆତ୍ମୀୟ ପରିବାରର ବର୍ଗ ସମେତ

# ଚିଲିକା ରିଂ ବନ୍ଧ କାର୍ଯ୍ୟ ନିମ୍ନମାନର ଅଭିଯୋଗ; ଭିଜିଲାନ୍ସ ତଦନ୍ତ ଦାବି



**କୃଷ୍ଣପ୍ରସାଦ,୧୯।୧(ସମିସ):** କୃଷ୍ଣପ୍ରସାଦ ବ୍ଲକ ଅଧିନ ଚିଲିକା ପାଶ୍ୱର୍ ରିଂ ବନ୍ଧର ଉନ୍ନତିକରଣ ନିମନ୍ତେ ରାଜ୍ୟ ସରକାର ଜଳସମ୍ପଦ ବିଭାଗ ଜରିଆରେ କୋଟି କୋଟି ଟଙ୍କାର ଅନୁଦାନ ଅର୍ଥ ମଞ୍ଜୁର କରିଛନ୍ତି। ମାତ୍ର ରିଂ ବନ୍ଧ ନିର୍ମାଣ କାର୍ଯ୍ୟରେ ନିୟୋଜିତ ଠିକାଦାରଙ୍କ ମନମାନି ଓ କାର୍ଯ୍ୟ ତଦାରଖ ଦାୟିତ୍ୱରେ ଥିବା ଯନ୍ତ୍ରୀଙ୍କ ଅଣଦେଖା ଯୋଗୁଁ ରିଂ ବନ୍ଧରେ ପଥର ପ୍ୟାକିଙ୍ଗ କାର୍ଯ୍ୟ ସଠିକ ଭାବେ ହେଉ ନ ଥିବା ଦେଖିବାକୁ ମିଳିଛି। ଯେଉଁଭଳି ଢଙ୍ଗରେ କାର୍ଯ୍ୟ ଚାଲିଛି ସାମାନ୍ୟ ବର୍ଷା ହେଲେ ରିଂ ବନ୍ଧରୁ ପଥର ଖଣ୍ଡ ଗୁଡ଼ିକ ଖସିଯିବା ଆଶଙ୍କା ପ୍ରକାଶ ପାଇଛି। ରିଂ ବନ୍ଧ ଉନ୍ନତିକରଣ କାର୍ଯ୍ୟରେ ହେଉଥିବା ଦୁର୍ନୀତିର ଉଚ୍ଚସ୍ତରୀୟ ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ନିମନ୍ତେ ରାଜ୍ୟ ସରକାରଙ୍କ ଦୁର୍ନୀତି ନିବାରଣ ବିଭାଗ ଦୃଷ୍ଟି ଦେବାକୁ କୃଷ୍ଣପ୍ରସାଦ ବ୍ଲକ ଅଞ୍ଚଳବାସୀ ଦାବି କରିଛନ୍ତି। ଏହି ରିଂ ବନ୍ଧ କାର୍ଯ୍ୟ ପ୍ରତି ପୁରୀ ଜଳସମ୍ପଦ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଦୃଷ୍ଟି ଦେବାକୁ ଦାବି ହେଉଛି।

# ଶ୍ରୀକ୍ଷେତ୍ର ସିଟି

୧୯/୧/୨୦୨୫ (ରବିବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୬,୫୮,୦୧୧/-
ସୁନା: ୦୦.୭୫୦ ଗ୍ରାମ୍
ରୁପା: ୨୭.୪୫୦ ଗ୍ରାମ୍



### ଓଡ଼ିଶା ସଙ୍ଗୀତ ପରିଷଦର ବାର୍ଷିକ ଉତ୍ସବ

## ଆକର୍ଷଣ ସାଜିଲା ନୃତ୍ୟ, ସଙ୍ଗୀତର ମୂର୍ଚ୍ଛନା



ପୁରୀ,୧୯।୧(ସମିସ): ଓଡ଼ିଶା ସଙ୍ଗୀତ ପରିଷଦର ୮୯ତମ ବାର୍ଷିକ ଉତ୍ସବ ଅନୁଷ୍ଠାନ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ଡ. କୈଳାସ ଚନ୍ଦ୍ର ଟିକାୟତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଉଦ୍‌ଘାଟକ ତଥା ମୁଖ୍ୟଅତିଥି ଭାବେ ସୂଚନା ଓ ଲୋକସମ୍ପର୍କ ବିଭାଗ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ କୁମାର ବେହେରା ଯୋଗଦେଇ ୧୯୩୬ ମସିହାରୁ ପ୍ରତିଷ୍ଠିତ ଏହି ଅନୁଷ୍ଠାନର କଳା, ସଂସ୍କୃତି, ସଙ୍ଗୀତ ଓ ବାଦ୍ୟଯନ୍ତ୍ରରେ ଉତ୍ତମ ପ୍ରତିଭା ଗଢିବାର ସଙ୍କଳ୍ପକୁ ସ୍ୱାଗତ କରିଥିଲେ। ଏହି ଅବସରରେ ଇଂ. ଦେବବ୍ରତ ଷଡ଼ଙ୍ଗୀ, ସ୍ୱର୍ଗତ ପୂର୍ଣ୍ଣଚନ୍ଦ୍ର ଚଇନି, ପରିଷଦର ପୂର୍ବତନ ସମ୍ପାଦକ ଗୁରୁ ବିଶ୍ୱନାଥ ପୂଜାପଣ୍ଡା, ନୃତ୍ୟଗୁରୁ ବିଜୟ କୁମାର ସେନାପତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ଚିତ୍ରକଳା ପ୍ରଦର୍ଶନୀ, ଛାତ୍ରଛାତ୍ରୀଙ୍କ ଦ୍ୱାରା ହିନ୍ଦୁସ୍ଥାନୀ, ଓଡିଶୀ ଶାସ୍ତ୍ରୀୟ ସଙ୍ଗୀତ, ଭଜନ, ମର୍ଦ୍ଦଳ ବାଦନ, ଓଡ଼ିଶୀ ଓ ଭଜନ ନୃତ୍ୟ ପରିବେଷଣ କରାଯାଇଥିଲା। ଏଥିରେ ଗୁରୁ ଉର୍ମିଳା ପ୍ରଧାନ, ଗୁରୁ ନଳିନୀକାନ୍ତ ନାୟକ, ଗୁରୁ ଇତିଶ୍ରୀ ପଟ୍ଟନାୟକ, ଗୁରୁ ହରିଶ୍ଚନ୍ଦ୍ର ଦାସ ଓ ଦେବାଶିଷ ଦାସ ବେହେଲା, ଗୁରୁ ସତ୍ୟନାରାୟଣ ଗୁରୁ ସୀତାର, ଗୁରୁ ଶକ୍ତିଭୁଷଣ ମିଶ୍ର ତବଲା, ମାଧବ ଶ୍ରୀନନ୍ଦନ ମର୍ଦ୍ଦଳ, ଆଦିତ୍ୟ ନାରାୟଣ ମଞ୍ଜିରା ଏବଂ ଗୁରୁ ବିକ୍ରମ ଦାସ ଅକ୍ଟୋପ୍ୟାଡରେ ସହଯୋଗ କରିଥିଲେ।

ପ୍ରାରମ୍ଭରେ ଅବସରପ୍ରାପ୍ତ ଶିକ୍ଷା ମଣ୍ଡଳାଧୀଶ ବିଜୟଲକ୍ଷ୍ମୀ ଦାଶ ମିଶ୍ରଙ୍କ ରଚିତ ସଙ୍ଗୀତକୁ ଅନୁଷ୍ଠାନର କଳାକାରମାନେ ସ୍ୱାଗତ ସଙ୍ଗୀତ ଭାବେ ପରିବେଷଣ କରିଥିଲେ। ମଞ୍ଚରେ ଦୁଇ ଉପସଭାପତି ଭାଗିରଥି ଖୁଣ୍ଟିଆ ଏବଂ ଉମାକାନ୍ତ ଦାସ, ଉପଦେଷ୍ଟା ଗୋବିନ୍ଦ ମହାନ୍ତି ଉପସ୍ଥିତ ଥିଲେ। ବିରଞ୍ଚି ଜଗଦେବ, ମାଧବ ଶ୍ରୀଚନ୍ଦନ ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ। ଅନୁଷ୍ଠାନର ସମ୍ପାଦକ ପ୍ରସନ୍ନ କୁମାର ମିଶ୍ର ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସର୍ବାଣୀ ଦାସ, ଶ୍ୟାମପ୍ରକାଶ ସେନାପତି ଏବଂ କୃଷ୍ଣଚନ୍ଦ୍ର ସାହୁ ମଞ୍ଚ ପରିଚାଳନା କରିଥିଲେ।

ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଭାଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ରାମଚନ୍ଦ୍ର ଦାସ ମହାପାତ୍ର, କବିତିଳକ ଗୁରୁ ଆର୍ତ୍ତତ୍ରାଣ ଶତପଥୀ, ବିଚିତ୍ର ରଞ୍ଜନ ମହାପାତ୍ର, ଅନାମ ଚନ୍ଦ୍ର ସାହୁ, ଚକ୍ରଧର ମହାପାତ୍ର, ଗୁରୁ ଦାମୋଦର ବିଶୋଇ, ଦୀପକ ମିଶ୍ର, ପ୍ରଫୁଲ୍ଲ ଦୋରା, ଜଗନ୍ନାଥ ସାହୁ, ବିଜୟ କୁମାର ପଣ୍ଡା, ଜଗଦୀଶ ଜେନା, ବିପିନ ବିହାରୀ ଦଳାଇ ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ଉପସଭାପତି ଭାଗିରଥି ଖୁଣ୍ଟିଆ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ କରାଯାଇଥିଲା।

### ଚିଲିକାରେ ଫସିଲା ଯାତ୍ରୀବାହୀ ଡଙ୍ଗା

## ୪୦ରୁ ଉର୍ଦ୍ଧ୍ୱ ଯାତ୍ରୀ ଘଣ୍ଟାଏରୁ ଅଧିକ ସମୟ ଫସିଲେ



**ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଅଧା ବାଟରେ ଅଟକିଲା**

ପୁରୀ,୧୯।୧(ସମିସ)

ମଝି ଚିଲିକାରେ ଅଟକିଲା ଯାତ୍ରୀବାହୀ ଡଙ୍ଗା। ଯାନ୍ତ୍ରିକ ତ୍ରୁଟି ଯୋଗୁ ୪୦ରୁ ଅଧିକ ଯାତ୍ରୀ ପ୍ରାୟ ଘଣ୍ଟାଏରୁ ଉର୍ଦ୍ଧ୍ୱ ଚିଲିକା ଜଳ ରାଶିରେ ଫସିରହିଲେ। ଅନ୍ୟ ଦୁଇଟି ମତ୍ସ୍ୟଜୀବୀ ଡଙ୍ଗା ଟାଣି ଟାଣି ସେହି ଡଙ୍ଗାକୁ କୂଳକୁ ଆଣିଥିଲେ। ଫଳରେ ସୁରକ୍ଷିତ ଭାବେ କୂଳରେ ପହଞ୍ଚିଥିଲେ ସମସ୍ତ ଯାତ୍ରୀ। ଚିଲିକାରେ ଯାତ୍ରୀବାହି ଡଙ୍ଗା କିମ୍ବା ଭସାପୋଲ ଅଟକିଯିବା ନୂଆ କଥା ନୁହେଁ। ଜୀବନ ପ୍ରତି ବିପଦ ଥିଲେ ବି ଲୋକେ ନିରୂପାୟ। ଗମନାଗମନର ମୁଖ୍ୟ ମାଧ୍ୟମ ଡଙ୍ଗା ଏବଂ ଭସାପୋଲ ହୋଇଥିବାରୁ ବିଭିନ୍ନ ସମୟରେ ପାଣି କମିଗଲେ କିମ୍ବା ଚ୍ୟାନେଲ ଟ୍ରାକ୍ ମିସ୍ ହେଲେ ଭସାପୋଲ ଅଟକୁଥିବା ବେଳେ ଯାନ୍ତ୍ରିକ ତ୍ରୁଟି ଯୋଗୁ ଡଙ୍ଗା ମଧ୍ୟ ଅଟକି ଯାଇଥାଏ।

ସାତପଡ଼ାରୁ ଜହ୍ନିକୁଦା ଏବଂ ଜହ୍ନିକୁଦାରୁ ସାତପଡ଼ା ଜଳପଥରେ ହିଁ ଲୋକେ ଯିବାଆସିବା କରିଥାନ୍ତି। ପ୍ରାୟ ୫ କିମି ଏହି ଜଳପଥରେ ଗମନାଗମନର ମୁଖ୍ୟ ମାଧ୍ୟମ ହେଉଛି ଡଙ୍ଗା ଏବଂ ଭସାପୋଲ। ତେବେ ରବିବାର ଅପରାହ୍ନରେ ଏକ ଯାତ୍ରୀବାହୀ ଡଙ୍ଗା ଜହ୍ନିକୁଦାରୁ ପ୍ରାୟ ୪୦ରୁ ଉର୍ଦ୍ଧ୍ୱ ଯାତ୍ରୀ ଏବଂ ୨୦ଟି ବାଇକ୍ ନେଇ ସାତପଡ଼ା ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲା। ପ୍ରାୟ ୨ କିମି ଆସିବା ପରେ ଡଙ୍ଗାରେ ଯାନ୍ତ୍ରିକ ତ୍ରୁଟି ଦେଖା ଦେଇଥିଲା। ମଏଁଷା ଗାଁ ନିକଟରେ ପ୍ରାୟ ଘଣ୍ଟାଏରୁ ଅଧିକ ସମୟ ଧରି ଫସି ରହିଥିଲା। ପରେ ଦୁଇଟି ମତ୍ସ୍ୟଜୀବୀ ଡଙ୍ଗା ବାଉଁଶ ଏବଂ ରସି ସାହାଯ୍ୟରେ ବାନ୍ଧି ସେହି ଡଙ୍ଗାକୁ ଭିଡ଼ି ଭିଡ଼ି ସାତପଡ଼ା ଘାଟରେ ପହଞ୍ଚାଇଥିଲେ। ସୂଚନାଥାଉ କି, ଚିଲିକାରେ ଏକ ପୋଲ ନିର୍ମାଣ ପାଇଁ ଦୀର୍ଘଦିନ ହେବ ଅଞ୍ଚଳବାସୀ ଦାବି କରିଆସୁଛନ୍ତି। ହେଲେ ଏ ପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଫଳରେ ପୂର୍ବରୁ ଅନେକଥର ଏଭଳି ଘଟଣା ଘଟିଛି। ହେଲେ କେହି ଗୁରୁତ୍ୱ ଦେଉ ନ ଥିବାରୁ ଚିଲିକାରେ ଯାତ୍ରୀଙ୍କ ଜୀବନ ବାଜିରେ ଲାଗୁଛି। ଦିନେ ନା ଦିନେ ଏକ ବଡ଼ ଧରଣର ଅଘଟଣ ଦେଖିବାକୁ ମିଳିବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

## ସମ୍ମାନ ପ୍ରଦାନ ଉତ୍ସବ 'ଆଶୀର୍ବାଦ'




**ପ୍ରତିଭାଙ୍କୁ ସମ୍ମାନ ଓ ପୁରସ୍କାର ପ୍ରଦାନ**

ପୁରୀ,୧୯।୧(ସମିସ)

ଜିଲ୍ଲା ସଂସ୍କୃତି ଭବନ ପରିସରରେ ରବିବାର କେଶବ ସୁଭଦ୍ରା ପ୍ରତିଷ୍ଠାନ ଏବଂ ଡାଫୋଡିଲ୍ ପ୍ଲେ ସ୍କୁଲର ମିଳିତ ଆନୁକୂଲ୍ୟରେ ସମ୍ମାନ ପ୍ରଦାନ ଉତ୍ସବ 'ଆଶୀର୍ବାଦ' ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୦୨୪ ବର୍ଷ ପାଇଁ ବିଭିନ୍ନ ପ୍ରତିଭାଙ୍କୁ ବାଗ୍‌ଦେବୀ ସମ୍ମାନ, ଶ୍ରୀଗୁରୁ ସମ୍ମାନ, ସୁବିଦ୍ୟା ସମ୍ମାନ ଓ ଗବେଷଣା ପୁରସ୍କାରରେ ପୁରସ୍କୃତ ଓ ସମ୍ମାନିତ କରାଯାଇଛି। ଏଥିରେ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଶ୍ରୀସଦାଶିବ ପରିସରର ନିର୍ଦ୍ଦେଶକ ପ୍ରଫେସର ବନମାଳୀ ବିଶ୍ୱାଳ, କୋରପୁଟସ୍ଥିତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଡିନ୍ ପ୍ରଫେସର ନୃସିଂହ ଚରଣ ପଣ୍ଡା, ଶୈଳବାଳା ମହାବିଦ୍ୟାଳୟର ଅବସରପ୍ରାପ୍ତ ଅ ଧକ୍ଷ ଡ. ନିରଞ୍ଜନ ପତି, କୋଲକାତାସ୍ଥିତ ସିତାରାମ ବୈଦିକ ଆଦର୍ଶ ସଂସ୍କୃତ ମହାବିଦ୍ୟାଳୟର ପ୍ରାଧ୍ୟାପକ ଡ. ଶଶିଭୂଷଣ ମିଶ୍ର ଏବଂ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ବେଦବିଭାଗର ମୁଖ୍ୟ ଡ. ପରାମ୍ବା ଶ୍ରୀଯୋଗମାୟାଙ୍କୁ ବାଗ୍‌ଦେବୀ ସମ୍ମାନରେ ସମ୍ମାନିତ କରାଯାଇଛି। ସେହିପରି ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ସାହିତ୍ୟ ବିଭାଗର ଅବସରପ୍ରାପ୍ତ ପ୍ରାଧ୍ୟାପକ ବ୍ରଜକିଶୋର ନାୟକ, ବିରଜା ମନ୍ଦିର ପଣ୍ଡିତ ସଭାର ଅଧ୍ୟକ୍ଷ ପଣ୍ଡିତ ଭୂପତିଭୂଷଣ ମିଶ୍ର, ବ୍ରହ୍ମଗିରି ରାଧାମୋହନ ଉଚ୍ଚ ବିଦ୍ୟାୟର ଶିକ୍ଷକ ଯତୀନ୍ଦ୍ର ଦାସଙ୍କୁ ଶ୍ରୀଗୁରୁ ସମ୍ମାନରେ ସମ୍ମାନିତ କରାଯାଇଛି।

ରେଭେନ୍ସା କଲିଜିଏଟ୍ ସ୍କୁଲର ଅବସରପ୍ରାପ୍ତ ଶିକ୍ଷକ ବିପିନ ବିହାରୀ ଶତପଥୀ, ବୈପାରୀଗୁଡାର ଶିକ୍ଷକ ଡ. ଈଶ୍ୱର ଚନ୍ଦ୍ର ଦେଙ୍କୁ ସୁବିଦ୍ୟା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଓଡିଶା ଆଦର୍ଶ ବିଦ୍ୟାଳୟ ବଲାଙ୍ଗୀରର ଶିକ୍ଷକ ଡ. ମାନସ ରଞ୍ଜନ ସାହୁଙ୍କୁ କଳାକ୍ଷେତ୍ରରେ ଉତ୍କୃଷ୍ଟ ଅବଦାନ ପାଇଁ ସମ୍ମାନିତ କରାଯାଇଥିଲା। ବିଶିଷ୍ଟ ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ରଙ୍କୁ ୧୦ ହଜାର ଟଙ୍କାର ଅର୍ଥରାଶି ସହିତ ଗବେଷଣା ପୁରସ୍କାରରେ ପୁରସ୍କୃତ କରାଯାଇଥିଲା।

ଏହି କାର୍ଯ୍ୟକ୍ରମରେ ଗଳ୍ପ ସୁଖବାସୀର ଅଡିଓ ଉନ୍ମୋଚନ, ଉପନ୍ୟାସ ଅଞ୍ଜଳୀର ପାଠକାର୍ପଣ ହୋଇଥିଲା। ଦ୍ୱିଭାଷୀ ଚଳଚ୍ଚିତ୍ର ସଦ୍‌ଗୀତର ଲୋକାର୍ପଣ ହାସ୍ୟ ଅଭିନେତା ଆଶୀଷ ଦାସଙ୍କ ଦ୍ୱାରା କରାଯାଇଥିଲା। ତତ୍‌ସହିତ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଜିଲ୍ଲାସ୍ତରୀୟ ସ୍ତୋତ୍ର ପାଠ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଅନୁଷ୍ଠାନ ଦ୍ୱାରା ନ୍ୟାୟ ଶାସ୍ତ୍ରର ବିଦ୍ୱାନ ପ୍ରଫେସର କମଳେଶ ମିଶ୍ରଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନର କୁନି କୁନି ଛାତ୍ରଛାତ୍ରୀଙ୍କ ଦ୍ୱାରା ପରିବେଷିତ ଗୀତ, ନୃତ୍ୟ ଓ ଯୋଗାସନାଦି ମନୋରଞ୍ଜନାତ୍ମକ କର୍ଯ୍ୟକ୍ରମ ଅତିଥି ଏବଂ ଅଭିଭାବକଙ୍କୁ ଆକୃଷ୍ଟ କରିଥିଲା। କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ସମ୍ପାଦକ ଡ. ଅଶ୍ୱିନୀ ମହାନ୍ତି ଏବଂ ସହଯୋଗ କରିଥିଲେ ସଂଯୁକ୍ତା ଦାସ, କାଜଲ ସାହୁ, ଇତିଶ୍ରୀ ଆଚାର୍ଯ୍ୟ, ପଦ୍ମାଳୟା ପଣ୍ଡା, ମିତାଲି କର୍ମକାର, ଶୁଭସ୍ମିତା ବେହେରା, ବିଭୁସ୍ମିତା ନାୟକ, ରୀନା ଦାଶ ଓ ସୁଚିତ୍ରା ମିଶ୍ର।

## ସଂକଳ୍ପ ଫାଉଣ୍ଡେସନ୍ ଟ୍ରଷ୍ଟର ବାର୍ଷିକ ଉତ୍ସବ

ପୁରୀ,୧୯।୧(ସମିସ)

ଖଡିପଦାସ୍ଥିତ ସଂକଳ୍ପ ଫାଉଣ୍ଡେସନ ଟ୍ରଷ୍ଟର ଷଷ୍ଠ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶୁଭ୍ରାଂଶୁ ମହାରଣା, ବାସେଳୀ ସାହି ଥାନାଧିକାରୀ ମାନସ ବାରିକ, ସଦର ବ୍ଲକ ଅଧ୍ୟକ୍ଷ ଦିବାକର ପାତ୍ର, ଖଡିପଡ଼ା ସରପଞ୍ଚଙ୍କ ପ୍ରତିନିଧି ଅଜୟ କୁମାର ସାହୁ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସୁଷମା ସାହୁ, ସମାଜସେବୀ ରବୀନ୍ଦ୍ର ନାଥ ପଣ୍ଡା, ବିଶିଷ୍ଟ କବି ରବୀନ୍ଦ୍ର ନାଥ ପଟ୍ଟନାୟକ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନୁଷ୍ଠାନର ସଭାପତି ଅତିଥି ପରିଚୟ ସହ ବାର୍ଷିକ ବିବରଣୀ ପାଠ କରିଥିଲେ। ସଂକଳ୍ପ ଫାଉଣ୍ଡେସନ ନିରାଶ୍ରୟର ଏକ୍ଟୁଡିଶାଳ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ଏହାପରେ ଅନ୍ତେବାସୀଙ୍କ ଦ୍ୱାରା କ୍ଷୁଦ୍ର ନାଟକ "ଘରୁ ଯଦି ତଡ଼ା ଖାଇବା ସଂକଳ୍ପରେ ମୁଣ୍ଡ ଗୁଞ୍ଜିବା' ପରିବେଷଣ କରାଯାଇଥିଲା। ଏହି ନାଟକ ସମସ୍ତଙ୍କ ମନକୁ ଛୁଇଁଥିଲା। ଅତିଥିମାନେ ଅନ୍ତେବାସୀମାନଙ୍କୁ ପୁରସ୍କୃତ କରିଥିଲେ। ଏତଦ୍‌ବ୍ୟତୀତ କୁନି କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶେଷରେ ଅନୁଷ୍ଠାନର ସମ୍ପାଦିକା ଶ୍ରାବଣୀ ପାଢୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲ୍ଲାସ୍ତରୀୟ ମୁଷ୍ଟିଯୁଦ୍ଧ ପ୍ରତିଯୋଗିତା

ପୁରୀ,୧୯।୧(ସମିସ): ସ୍ଥାନୀୟ ପୁରୀ ଷ୍ଟାଡିୟମରେ ରବିବାର ଜିଲ୍ଲାସ୍ତରୀୟ କନିଷ୍ଠ ବାଳକ ଓ ବାଳିକା ଏବଂ ଯୁବ ମହିଳା ମୁଷ୍ଟିଯୁଦ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗ୍ରାମ ଉଥାନ, କିରନ ଓ ପୁରୀ ବକ୍ସିଂ ଏକାଡେମୀର ଖେଳାଳିମାନେ ଅଂଶଗ୍ରହଣ କରିଥିଲେ। ଓଡିଶା ଅଲମ୍ପିକ ସଂଘ କୋଷାଧ୍ୟକ୍ଷ ରବିଶଙ୍କର ପ୍ରତିହାରୀ, ଗ୍ରାମ ଉଥାନର ବ୍ରିଜେଶ୍ ଦାଶ, ସୌମ୍ୟାଶ୍ରୀ ଜେନା, ବିନୋଦ ସିଂ, ପୁରୀ ବକ୍ସିଂ ଏକାଡେମୀ ପ୍ରତିଷ୍ଠାତା ସୁଦର୍ଶନ ସାହୁ ପ୍ରମୁଖ ଯୋଗଦେଇଥିଲେ। ବିଜୟୀ ହୋଇଥିବା ଖେଳାଳିମାନେ ଆସନ୍ତା ୨୧ ଓ ୨୨ ତାରିଖରେ ରାଉରକେଲାଠାରେ ଆୟୋଜିତ ହେବାକୁ ଥିବା ରାଜ୍ୟସ୍ତରୀୟ କନିଷ୍ଠ ବାଳକ ଓ ବାଳିକା ଏବଂ ଯୁବ ମହିଳା ମୁଷ୍ଟିଯୁଦ୍ଧ ଚୟନ ପ୍ରତିଯୋଗିତାରେ ପୁରୀ ଜିଲ୍ଲା ତରଫରୁ ଅଂଶଗ୍ରହଣ କରିବେ।



## ୨୨ରୁ ସର୍ବଭାରତୀୟ ଓଡ଼ଗାଁ କପ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ

ଓଡ଼ଗାଁ,୧୯।୧(ସମିସ): ଓଡ଼ଗାଁ ଫୁଟବଲ ଆସୋସିଏସନ୍ ଦ୍ୱାରା ଆୟୋଜିତ ୬ଷ୍ଠ ସର୍ବଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଓଡ଼ଗାଁ କପ୍-୨୦୨୫ ଚଳିତ ମାସ ୨୨ରୁ ସ୍ଥାନୀୟ ମିନିଷ୍ଟାଡିୟମ ପରିସରରେ ଆରମ୍ଭ ହେବ। ଏଥିରେ ଜଗା ୟୁନାଇଟେଡ଼ ଭୁବନେଶ୍ୱର, ଫ୍ରେଣ୍ଡସ ପାରାଡାଇଜ କ୍ଲବ୍ ଜଟଣି, ଗରଦପୁର ଏଫସି-କଟକ, କିଶୋର କ୍ଲବ୍, ଭୁବନେଶ୍ୱର, ମଙ୍ଗଳାକ୍ଲବ କଟକ ଏବଂ ସ୍ପୋର୍ଟସ ହଷ୍ଟେଲ କଟକ ଅଂଶଗ୍ରହଣ କରିବେ। ୨୨ ଏବଂ ୨୩ ତାରିଖ ଦୁଇଟି ମ୍ୟାଚ ପରେ ୨୪ ଓ ୨୫ ତାରିଖରେ ୨ଟି ସେମି ଫାଇନାଲ ଏବଂ ୨୬ ତାରିଖରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ। ଆସୋସିଏସନର ସଭାପତି ତଥା ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ଏବଂ ସମ୍ପାଦକ ତଥା ଓଡ଼ଗାଁ ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁଙ୍କ ସହିତ ଅନ୍ୟ କ୍ରୀଡ଼ାପ୍ରେମୀଙ୍କ ସହଯୋଗରେ ଆୟୋଜିତ ଫୁଟବଲ ଟୁର୍ଣ୍ଣାମେଣ୍ଟ ପ୍ରତ୍ୟେକଦିନ ଅପରାହ୍ଣ ୩ଟାରେ ଅନୁଷ୍ଠିତ ହେବ।



## ରାମକୃଷ୍ଣ ମିଶନ ପକ୍ଷରୁ କୃତୀ ଛାତ୍ରଛାତ୍ରୀ ପୁରସ୍କୃତ

ପୁରୀ,୧୯।୧(ସମିସ): ଜାତୀୟ ଯୁବ ଦିବସ ଅବସରରେ ରାମକୃଷ୍ଣ ମିଶନ ଆଶ୍ରମ ପକ୍ଷରୁ ପୁରୀ ସହରର ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିବିଧ ପ୍ରତିଯୋଗିତା ଯଥା ଚିତ୍ରାଙ୍କନ, ଆବୃତ୍ତି, ବକ୍ତୃତା ଓ ପ୍ରବନ୍ଧ ଆୟୋଜନ କରାଯାଇଥିଲା। କୃତି ୩୫ ଜଣ ଛାତ୍ରଛାତ୍ରୀଙ୍କୁ ରବିବାର ଆୟୋଜିତ ସାଧାରଣ ସଭାରେ ପୁରସ୍କୃତ କରାଯାଇଛି। ସଭା ପ୍ରାରମ୍ଭରେ ସ୍ୱାମୀ ବିବେକାନନ୍ଦଙ୍କ ପ୍ରତିମୂର୍ତ୍ତିରେ ପ୍ରଦୀପ ଦୀପ ପ୍ରଜ୍ୱଳନ ପୂର୍ବକ ଅତିଥିମାନେ ସଭାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ଜିଲ୍ଲା ମଙ୍ଗଳ ଅଧିକାରୀ ବିକାଶ କୁମାର ମହାନ୍ତି, ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ପଣ୍ଡା ଯୋଗ ଦେଇଥିଲେ। ଏଥିରେ ସଭାପତିତ୍ୱ କରିଥିଲେ ପୁରୀ ରାମକୃଷ୍ଣ ମଠର ଅଧ୍ୟକ୍ଷ ଶ୍ରୀମତ୍ ସ୍ୱାମୀ ସୋମଦେବାନନ୍ଦଜୀ ମହାରାଜ। ଛାତ୍ରଛାତ୍ରୀମାନଙ୍କୁ ଉତ୍ତମ ଶିକ୍ଷା ସହିତ ଚରିତ୍ରବାନ ହୋଇ ଦେଶ ସେବାରେ ନିଜକୁ ନିୟୋଜିତ କରିବାକୁ ଆହ୍ୱାନ ଦେଇଥିଲେ। ସଭା ଆରମ୍ଭରେ ଆଶ୍ରମର ସମ୍ପାଦକ ସ୍ୱାମୀ ଆପ୍ତେଶ୍ୱରାନନ୍ଦଜୀ ମହାରାଜ ଅତିଥି ପରିଚୟନ ପ୍ରଦାନ କରିବା ସହ ସେମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଶିକ୍ଷାବିତ୍ ସତ୍ୟନାରାୟଣ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଆଶ୍ରମ ପରିଚାଳନା କମିଟିର ସଦସ୍ୟ ଧନଞ୍ଜୟ ଦାସ ସଭା ସଞ୍ଚାଳନ କରିଥିଲେ। ସ୍ୱାମୀ ଯୋଗପୂର୍ଣ୍ଣାନନ୍ଦଙ୍କ ତତ୍ତ୍ୱାବଧାନରେ ଆଶ୍ରମର ସମସ୍ତ ସନ୍ନ୍ୟାସୀ, ସେବକ ବୃନ୍ଦ ଏବଂ ସ୍ୱେଚ୍ଛାସେବୀ ଏହାକୁ ସୁପରିଚାଳନା କରିଥିଲେ।

### ଜାତୀୟ ସୁଟିଂବଲ୍ ଚାମ୍ପିଅନସିପ୍ ଉଦ୍‌ଘାଟିତ

## ପୁରୁଷରେ ପଞ୍ଜାବ, ମହିଳାରେ ବିଦର୍ଭ ଚାମ୍ପିଅନ

ପୁରୀ,୧୯।୧(ସମିସ)

ସ୍ଥାନୀୟ ତାଳବଣିଆ ଇଣ୍ଡୋର ଷ୍ଟାଡିୟମରେ ଚାଲିଥିବା ତିନିଦିନିଆ ୪୩ତମ ରାଜ୍ୟସ୍ତରୀୟ ସୁଟିଂବଲ୍ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଓଡିଶା ସୁଟିଂ ବଲ୍ ଆସୋସିଏସନ ପକ୍ଷରୁ ଆୟୋଜିତ ଏହି ପ୍ରତିଯୋଗିତାକୁ ଓଡ଼ିଶା ଅଲମ୍ପିକ୍ସ ଆସୋସିଏସନର କୋଷାଧ୍ୟକ୍ଷ ରବିଶଙ୍କର ପ୍ରତିହାରୀ, ପୁରୀ ପୌରପରିଷଦର ପୂର୍ବତନ ନଗରପାଳ ଗୌରହରି ପ୍ରଧାନ ଉଦ୍‌ଘାଟନ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଏସିଆନ ସୁଟିଂ ବଲ୍ ଫେଡେରେସନର ସେକ୍ରେଟାରୀ ଜେନେରାଲ ରବୀନ୍ଦ୍ର ସିଂ ତୋମାର, ସୁଟିଂ ବଲ୍ ଫେଡେରେଶନ ଇଣ୍ଡିଆର ସେକ୍ରେଟାରୀ ଜେନେରାଲ ଜିତରାଜ ତୋମାର, ଏସିଆନ୍ ଶୁଟିଂବଲ୍ ଆସୋସିଏସନର କୋଷାଧ୍ୟକ୍ଷ ପ୍ରମୁଖ ଉପସ୍ଥିତ ଥିଲେ।

ଏହି ଚାମ୍ପିୟନସିପ୍‌ରେ ବିଭିନ୍ନ ରାଜ୍ୟର ୨୫ଟି ପୁରୁଷ ଓ ୨୩ଟି ମହିଳା ଦଳ ଅଂଶଗ୍ରହଣ କରିଥିଲେ। ରବିବାର ପୁରୁଷ ଫାଇନାଲ ମ୍ୟାଚ୍ ପଞ୍ଜାବ ଏବଂ ମହାରାଷ୍ଟ୍ର ମଧ୍ୟରେ ଖେଳାଯାଇଥିଲା। ଏଥିରେ ପଞ୍ଜାବ ବିଜୟୀ ହୋଇଥିଲା। ସେହିପରି ମହିଳା ଫାଇନାଲ ମ୍ୟାଚ୍ ମହାରାଷ୍ଟ୍ର ଏବଂ ବିଦର୍ଭ ମଧ୍ୟରେ ଖେଳାଯାଇଥିଲା। ମହାରାଷ୍ଟ୍ରକୁ ହରାଇ ଚାମ୍ପିଅନ ହୋଇଥିଲା ବିଦର୍ଭ।



ନେତାଜୀ ଉତ୍ସବରେ ବିଶିଷ୍ଟ ବ୍ୟକ୍ତିଙ୍କ ମାଲ୍ୟାର୍ପଣ

## କୁମ୍ଭାଶ୍ଚର୍ଯ୍ୟ... ସୌନ୍ଦର୍ଯ୍ୟ ଛଡ଼ାଇନେଲା ବେପାର

**କୁମ୍ଭମେଳା ଛାଡ଼ିବାକୁ ବାଧ୍ୟ ହେଲେ ଭାଇରାଲ୍ ଗର୍ଲ ମୋନାଲିସା**

ପ୍ରୟାଗରାଜ,୧୯।୧(ଏଜେନ୍ସି) : ପେଟ ପାଟଣା ପାଇଁ ମଧ୍ୟପ୍ରଦେଶର ଇନ୍ଦୋର ସହର ନିକଟରୁ ରୁଦ୍ରାକ୍ଷ ମାଳା ବିକିବା ପାଇଁ ପ୍ରୟାଗରାଜ ମହାକୁମ୍ଭ ମେଳାକୁ ଆସିଥିବା ୧୬ ବର୍ଷୀୟା ମୋନାଲିସା ନିଜ ସୌନ୍ଦର୍ଯ୍ୟ ପାଇଁ ଘରକୁ ଫେରିବାକୁ ବାଧ୍ୟ ହୋଇଛନ୍ତି। ଦୁଇ ଦିନ ମଧ୍ୟରେ ସେ ପର୍ଯ୍ୟଟକ ଏବଂ କୁମ୍ଭମେଳାକୁ ଆସୁଥିବା ଭକ୍ତମାନଙ୍କ ଆକର୍ଷଣ ପାଲଟି ଯାଇଥିଲା ବେଳେ ସ୍ଥିତି ଏଭଳି ହୋଇଥିଲା ଯେ, ସେ ତାଙ୍କ ସୁରକ୍ଷା ପାଇଁ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ନିକଟରେ ଗୁହାରୀ ମଧ୍ୟ କରିଥିଲେ। କିନ୍ତୁ ଶେଷରେ ବେପାର ଛାଡି ତାଙ୍କୁ ଘରକୁ ଫେରିଯିବାକୁ ପଡ଼ିଛି। ଇନ୍ଦୋରର ମୋନାଲିସା କୁମ୍ଭମେଳାକୁ ରୁଦ୍ରାକ୍ଷ ମାଳା ବିକିବାକୁ ଆସିଥିଲେ ସତ । ହେଲେ ତାଙ୍କ ଆଖିର ସୌନ୍ଦର୍ଯ୍ୟ ସମସ୍ତଙ୍କୁ ଆକୃଷ୍ଟ କରିଥିଲା। ଯାହାକୁ ନେଇ ତାଙ୍କ ଭିଡିଓ ଭାଇରାଲ ହେବା ସହ ତାଙ୍କ ଫଟୋ ଏବଂ ଭିଡିଓ ନେବାକୁ ପ୍ରବଳ ଭିଡ଼ ଜମିବାରେ ଲାଗିଥିଲା। ସୋସିଆଲ ମିଡିଆରେ ମୋନାଲିସାଙ୍କ ଭିଡିଓ ୧୫ ଲକ୍ଷରୁ ଅଧିକ ଲୋକ ଦେଖିବା ପରେ କୁମ୍ଭମେଳାରରେ ତାଙ୍କୁ ଦେଖିବାକୁ ଆହୁରି ଭିଡ଼ ବଢିଥିଲା। ପରେ ପରେ 'ବ୍ରାଉନ୍ ବିୟୁଟି' ନାମରେ ପରିଚିତ ହୋଇଗଲେ। ଏହାପରେ ମୋନାଲିସାଙ୍କ ନିକଟରେ ୟୁଟ୍ୟୁବରଙ୍କ ଭିଡ଼ ମଧ୍ୟ ବଢିବାକୁ ଲାଗିଥିଲା। କିନ୍ତୁ ଏହାଦ୍ୱାରା ମୋନାଲିସାଙ୍କ ବେପାର ବୁଡି ଯାଇଥିଲା। ସେ ଯେଉଁ ଉଦ୍ଦେଶ୍ୟରେ ମହାକୁମ୍ଭ ମେଳାକୁ ଆସିଥିଲେ ତାହା ପୂରଣ ହୋଇପାରି ନଥିଲା। ଏହାକୁ ଦେଖି ମୋନାଲିସାଙ୍କ ପରିବାର ତାଙ୍କୁ ଘରକୁ ଫେରି ଆସିବାକୁ କହିବାରୁ ସେ ଏବେ ଫେରି ଯାଇଛନ୍ତି।



# ସୈଫଙ୍କ ଆକ୍ରମଣକାରୀ ବାଂଲାଦେଶୀ!

**ଅଭିଯୁକ୍ତ ମହମ୍ମଦ ସରିଫୁଲକୁ ଗିରଫକଲା ପୁଲିସ**

**୫ ଦିନିଆ ରିମାଣ୍ଡରେ ଗଲା ଅଭିଯୁକ୍ତ**

ମୁମ୍ବଇ,୧୯।୧(ଏଜେନ୍ସି):

ବଲିଉଡ୍ ଅଭିନେତା ସୈଫ ଅଲ୍ଲୀ ଖାନଙ୍କ ଉପରେ ହୋଇଥିବା ମରଣାନ୍ତକ ଆକ୍ରମଣ ଘଟଣାରେ ମୁମ୍ବଇ ପୁଲିସକୁ ବଡ଼ ସଫଳତା ମିଳିଛି। ଏହି ଘଟଣା ବିଭିନ୍ନ ମହଲରେ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା ବେଳେ ଆକ୍ରମଣକାରୀକୁ ଧରିବା ପୁଲିସ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ହୋଇଥିଲା। ଅଭିଯୁକ୍ତକୁ ଧରିବା ଲାଗି ମୁମ୍ବଇ ପୁଲିସର ୩୦ଟି ଟିମ୍ ଯାଞ୍ଚ ଆରମ୍ଭ କରିଦେଇଥିଲା ବେଳେ ରବିବାର ଥାନେରୁ ଅଭିଯୁକ୍ତ ମହମ୍ମଦ ସରିଫୁଲ ଇସଲାମ ଶେହଜାଦକୁ ଗିରଫ କରାଯାଇଛି। କିନ୍ତୁ ଗିରଫ ପରେ ଅଭିଯୁକ୍ତ ଜଣକ ବାଂଲାଦେଶରୁ ଆସି ଭାରତରେ ବେଆଇନ ଭାବେ ବସବାସ କରୁଥିବା ଜଣାପଡ଼ିବା ପରେ ଏହି ଘଟଣାକୁ ନେଇ ପୁଣି ଚାଞ୍ଚଲ୍ୟ ଖେଳିଯାଇଛି। ବାଂଲାଦେଶରୁ ଆସି ମୁମ୍ବଇରେ ରହି ସେ ସୈଫଙ୍କୁ କାହିଁକି ନିଶାଣ କରି ଆକ୍ରମଣ କଲା ଏବଂ ଏହା ପଛରେ ତାହାର କି ଉଦ୍ଦେଶ୍ୟ ଥିଲା ତାହାକୁ ନେଇ ଏବେ ବିଭିନ୍ନ ମହଲରେ ପ୍ରଶ୍ନ ଉଠିଛି। ଏଭଳି ଘଟଣା ପଛରେ କୌଣସି ଆନ୍ତର୍ଜାତିକ ଷଡ଼ଯନ୍ତ୍ର ରହିଛି କି ନାହିଁ ତାହାକୁ ନେଇ ପୁଲିସ ତଜର୍ମା ଆରମ୍ଭ କରିଦେଇଛି। ମହମ୍ମଦ ସରିଫୁଲକୁ ଗିରଫ କରାଯିବା ପରେ ପୁଲିସ ତାକୁ ଅଦାଲତରେ ହାଜର କରିବା ସହିତ ଅଧିକ ପଚରାଉଚରା ପାଇଁ ୫ ଦିନିଆ ରିମାଣ୍ଡରେ ନେଇଛି।



ପୁଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ମହମ୍ମଦ ସରିଫୁଲ ବେଆଇନ ଭାବେ ଭାରତରେ ପ୍ରବେଶ କରିଥିଲା ବେଳେ ନିଜର ନାମ ବଦଳାଇ ବିଜୟ ଦାସ ନାମରେ ମୁମ୍ବଇରେ ରହୁଥିଲା। ପୁଲିସ ତାହାର ସବୁ ଦସ୍ତାବିଜ୍ ଯାଞ୍ଚ କରିଥିଲା ବେଳେ ପରିବର୍ତ୍ତିତ ନାମକୁ ନେଇ କୌଣସି ପ୍ରମାଣ ପାଇ ନଥିଲା। କିନ୍ତୁ ତା' ନିକଟରୁ ଯେଉଁସବୁ କାଗଜପତ୍ର ମିଳିଥିଲା ତଦ୍ୱାରା ସେ ବାଂଲାଦେଶ ନାଗରିକ ଏବଂ ବେଆଇନ ଭାବେ ଭାରତରେ ପ୍ରବେଶ କରିଥିଲା ବୋଲି ଜଣାପଡ଼ିଛି। ଗିରଫ ପରେ ପୁଲିସ ମହମ୍ମଦ ସରିଫୁଲକୁ ଜେରା କରିବା ପରେ ସେ ନିଜ ଦୋଷ ସ୍ୱୀକାର କରିଛି। ହେଲେ ସୈଫଙ୍କ ଭଳି ଜଣେ ନାମୀଦାମୀ ଅଭିନେତାଙ୍କ ଘରେ ପଶିଛି ବୋଲି ନିଜେ ଜାଣିପାରି ନଥିବା ପୁଲିସକୁ କହିଛି। ମହମ୍ମଦ ସରିଫୁଲ ବେକାର ରହିଥିଲା ବେଳେ କିଛି କାମ ପାଇବା କିମ୍ବା ଚୋରି କରିବା ଉଦ୍ଦେଶ୍ୟରେ ସୈଫଙ୍କ ଘରେ ପଶିଥିଲା ବୋଲି ପୁଲିସ ସନ୍ଦେହ କରୁଛି। କିନ୍ତୁ କୌଣସି ଆନ୍ତର୍ଜାତିକ ଷଡ଼ଯନ୍ତ୍ରକୁ ମଧ୍ୟ ଏଡାଇ ଦିଆଯାଇପାରିବନି ବୋଲି ପୁଲିସ ଆକଳନ କରି ଏ ଦିଗରେ ମଧ୍ୟ ଯାଞ୍ଚ କରିବାକୁ ପୁଲିସ ଅଦାଲତଙ୍କ ଅନୁମତି ଲୋଡିଛି। ଅନ୍ୟପକ୍ଷରେ ଆକ୍ରମଣରେ ଗୁରୁତର ଆହତ ହୋଇ ଲୀଳାବତୀ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ସୈଫ ଅଲ୍ଲୀ ଖାନଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଦ୍ରୁତ ଉନ୍ନତି ଘଟୁଛି ଏବଂ କିଛି ଦିନ ମଧ୍ୟରେ ସେ ହସ୍ପିଟାଲରୁ ମୁକ୍ତ ହେବେ ବୋଲି ସୂଚନା ମିଳିଛି।

### କଂଗ୍ରେସ-ଟିଏମ୍‌ସି କ୍ଷମା ମାଗନ୍ତୁ: ବିଜେପି

ବଲିଉଡ ଅଭିନେତା ସୈଫ ଅଲି ଖାନଙ୍କ ଉପରେ ଆକ୍ରମଣ ଘଟଣାକୁ ନେଇ ଏବେ ରାଜନୀତି ଆରମ୍ଭ ହୋଇଯାଇଛି। ବିଜେପି ଆଇଟି ସେଲ୍ ମୁଖ୍ୟ ଅମିତ ମାଲବ୍ୟ ସୋସିଆଲ ମିଡିଆରେ ପୋଷ୍ଟ କରି କଂଗ୍ରେସ ଏବଂ ଟିଏମସି ଉପରେ ବର୍ଷିଛନ୍ତି। ସେ ଏକ୍ସରେ ପୋଷ୍ଟ କରି ଲେଖିଛନ୍ତି ଯେ, ସୈଫ ଅଲି ଖାନଙ୍କ ଉପରେ ଆକ୍ରମଣ କରିଥିବା ମହମ୍ମଦ ସରିଫୁଲ ଇସଲାମ ବାଂଲାଦେଶର ଜଣେ ବେଆଇନ ବାସିନ୍ଦା ଏବଂ ହିନ୍ଦୁ ପରିଚୟ ଗ୍ରହଣ କରିଛନ୍ତି। କଂଗ୍ରେସ, ଟିଏମସି ଏବଂ ଭାରତର ଅନ୍ୟ ରାଜନୈତିକ ଦଳମାନେ ଏଭଳି ପ୍ରବାସୀଙ୍କୁ ନିଜ ଭୋଟ୍ ବ୍ୟାଙ୍କ ପାଇଁ ବ୍ୟବହାର କରୁଛନ୍ତି ଏବଂ ହିନ୍ଦୁଙ୍କୁ ବଦନାମ କରିବା ପାଇଁ ଏହି ଘଟଣାରେ ସାମ୍ପ୍ରଦାୟିକ ରଙ୍ଗ ଦେବାକୁ ଚେଷ୍ଟା କରୁଛନ୍ତି। କଂଗ୍ରେସ, ଟିଏମସି ଏନେଇ କ୍ଷମା ମାଗିବା ଉଚିତ୍।

# ଆଜି ଶପଥ ନେବେ ଟ୍ରମ୍ପ

ୱାଶିଂଟନ,୧୯।୧(ଏଜେନ୍ସି): ଆମେରିକାର ୪୭ତମ ରାଷ୍ଟ୍ରପତି ଭାବେ ଡୋନାଲ୍ଡ ଟ୍ରମ୍ପ ଆସନ୍ତାକାଲି ଶପଥ ନେବେ। ଏଥିପାଇଁ ଶନିବାର ଠାରୁ ଉତ୍ସବ ପର୍ବ ଆରମ୍ଭ ହୋଇଯାଇଛି। ଭର୍ଜିନିଆ ଠାରେ ଟ୍ରମ୍ପ ନ୍ୟାସନାଲ ଗଲ୍ଫ କ୍ଲବରେ ୫୦୦ ଜଣିଆ ସ୍ୱତନ୍ତ୍ର ଅତିଥିଙ୍କୁ ନେଇ ଉତ୍ସବ ଚାଲିଛି। ତେବେ ଆସନ୍ତାକଲି ଭାରତୀୟ ସମୟ ରାତି ପ୍ରାୟ ୧୦ଟା ବେଳେ ଟ୍ରମ୍ପ ୟୁଏସ କ୍ୟାପିଟଲ ହାଉସ୍ରେ ଶପଥ ନେବେ । ମୁଖ୍ୟ ବିଚାରପତି ଜନ୍ ରବର୍ଟସ୍ ଡୋନାଲ୍ଡ ଟ୍ରମ୍ପଙ୍କୁ ଶପଥ ପାଠ କରାଇବେ। ଏଥର ପ୍ରବଳ ଥଣ୍ଡା ଯୋଗୁଁ ଖୋଲା ସ୍ଥାନରେ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହେବ ନାହିଁ । ଶପଥ ଗ୍ରହଣ ଉତ୍ସବରେ ଆମେରିକାର ଦୁଇ ପୂର୍ବତନ ରାଷ୍ଟ୍ରପତିଙ୍କ ସମେତ ଦେଶ ବିଦେଶରୁ ଆମନ୍ତ୍ରିତ ବହୁ ନେତା ଏବଂ ଉଦ୍ୟୋଗପତି ଉପସ୍ଥିତ ରହିବେ। ଟ୍ରମ୍ପ ଦ୍ୱିତୀୟଥା ପାଇଁ ରାଷ୍ଟ୍ରପତି ଭାବେ ଶପଥ ନେବାକୁ ଯାଉଥିବାରୁ ଅନେକ କିଛି ଭିନ୍ନ ଦେଖିବାକୁ ମିଳିବ ବୋଲି କୁହାଯାଇଛି। ଏଥିପାଇଁ କେବଳ ଆମେରିକା ନୁହେଁ, ଭାରତ ସମେତ ସାରା ବିଶ୍ୱର ଲୋକମାନେ ଟ୍ରମ୍ପଙ୍କ ଶପଥ ଗ୍ରହଣ ସମାରୋହକୁ ନେଇ ଉତ୍ସାହିତ ରହିଛନ୍ତି। ସୂଚନା ଅନୁଯାୟୀ, ଆମେରିକାର ରାଷ୍ଟ୍ରପତିଙ୍କ ଦ୍ୱାରା ନିଆଯାଉଥିବା ଶପଥ ୩୫ଟି ଶବ୍ଦରେ ସଂଯୋଜିତ ହୋଇଥିବା ବେଳେ ଏହି ଶବ୍ଦଗୁଡ଼ିକ ଆମେରିକା ସମ୍ବିଧାନର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ଯାହାକୁ ସମ୍ବିଧାନର ମୂଳ ଭାବନା ବୋଲି ମଧ୍ୟ ବିବେଚନା କରାଯାଇଥାଏ। ରାଷ୍ଟ୍ରପତି ଭାବରେ ଶପଥ ଗ୍ରହଣ ବେଳେ ଟ୍ରମ୍ପ ଦୁଇଟି ବାଇବେଲ ପଢିବେ ବୋଲି ଜଣାପଡ଼ିଛି। ଏଥିମଧ୍ୟରୁ ଗୋଟିଏ ତାଙ୍କ ମାଆ ଉପହାର ସ୍ୱରୂପ ଦେଇଥିଲେ। ଅନ୍ୟଟି ଲିଙ୍କନ୍ ବାଇବେଲ ବୋଲି କୁହାଯାଇଛି।

ଟ୍ରମ୍ପଙ୍କ ଶପଥ ଗ୍ରହଣ ପୂର୍ବରୁ ଆୟୋଜିତ ରାତ୍ରୀ ଭୋଜନରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ଅଧ୍ୟକ୍ଷ ମୁକେଶ ଅମ୍ବାନୀ ଏବଂ ରିଲାଏନ୍ସ ଫାଉଣ୍ଡେସନର ଅଧ୍ୟକ୍ଷା ନୀତା ଅମ୍ବାନୀ ଯୋଗ ଦେଇଛନ୍ତି। ଏହି ସମୟରେ ଅମ୍ବାନୀ ଦମ୍ପତି ଟ୍ରମ୍ପଙ୍କୁ ଭେଟିଥିଲେ। ଅମ୍ବାନୀ ପରିବାର ବ୍ୟତୀତ ଏମ୍‌ଥ୍ରୀଏମ ଡେଭଲପର୍ସର ପରିଚାଳନା ନିର୍ଦ୍ଦେଶକ ପଙ୍କଜ ବଂଶଲ ଏବଂ ଟ୍ରାଇବେକା ଡେଭଲପର୍ସ ପ୍ରତିଷ୍ଠାତା କଲ୍ପେଶ ମେହେଟ୍ଟାଙ୍କ ଭଳି ଅନ୍ୟ ପ୍ରତିଷ୍ଠିତ ଭାରତୀୟ ଉଦ୍ୟୋଗପତି ମଧ୍ୟ ଏହି ଉତ୍ସବରେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଆହୁରି ଅନେକ ବଡ଼ ବଡ଼ ଶିଳ୍ପପତି ମଧ୍ୟ ଯୋଗ ଦେଇଥିଲେ। ଆମାଜନର ପ୍ରତିଷ୍ଠାତା ଜେଫ୍ ବେଜୋସ୍ ଏବଂ ମେଟା ସିଇଓ ମାର୍କ ଜୁକରବର୍ଗ ମଧ୍ୟ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ସେହିପରି ଟେସଲା ଓ ଟ୍ୱିଟରର ମୁଖ୍ୟ ଏଲନ ମସ୍କ ମଧ୍ୟ ଏହି ଡିନରରେ ଉପସ୍ଥିତ ଥିଲେ ।



ଟ୍ରମ୍ପଙ୍କ ଡିନର ପାର୍ଟିରେ ମୁକେଶ-ନୀତା ଅମ୍ବାନୀ

■ ସାଂସଦଙ୍କୁ ଫୋନ୍‌ରେ ଧମକ

## ୨୦ କୋଟି ଦିଅ; ନଚେତ ମାରି ଦିଆଯିବ

ନୂଆଦିଲ୍ଲୀ,୧୯।୧(ଏଜେନ୍ସି): ଆରଜେଡି ରାଜ୍ୟସଭା ସାଂସଦ ସଞ୍ଜୟ ଯାଦବଙ୍କୁ ଫୋନ୍‌ରେ ଧମକ ଦିଆଯାଇ ତୁରନ୍ତ ୨୦ କୋଟି ଟଙ୍କା ଦେବାକୁ ଦାବି କରାଯାଇଛି। ଯଦି ସଞ୍ଜୟ ଏହି ପରିମାଣର ଟଙ୍କା ନ ଦିଅନ୍ତି ତେବେ ତାଙ୍କୁ ହତ୍ୟା କରାଯିବ ବୋଲି କଲ୍ କରିଥିବା ବ୍ୟକ୍ତି ଜଣକ ଧମକ ଦେଇଛନ୍ତି। ଏଭଳି କଲ୍ ସଞ୍ଜୟଙ୍କ ସହଯୋଗୀଙ୍କ ନିକଟକୁ ଆସିଥିଲା ବେଳେ କଲ୍ କରିଥିବା ବ୍ୟକ୍ତି ଜଣକ ସାଂସଦଙ୍କ ସହ କଥା ହେବାକୁ ଚାହାନ୍ତି ବୋଲି କହିଥିଲେ। କିନ୍ତୁ କିଏ କଲ୍ କରିଛନ୍ତି ବୋଲି ପଚରାଯିବାରୁ ସେ ଆମେରିକାର ଜଣେ ଗ୍ୟାଙ୍ଗଷ୍ଟର ବୋଲି କହିଥିଲେ। ଏପରିକି ଭାରତର ବିଭିନ୍ନ ଜେଲରେ ତାଙ୍କର ସହଯୋଗୀମାନେ ରହିଛନ୍ତି ବୋଲି କହିଥିଲେ। ଏହାପରେ ସାଂସଦ ସଞ୍ଜୟ କଥା ହେବା ପରେ ବ୍ୟକ୍ତି ଜଣକ ତାଙ୍କୁ ଧମକ ଦେଇ ଉପରୋକ୍ତ ପରିମାଣର ଅର୍ଥ ଦାବି କରିଥିବା ସଞ୍ଜୟ ପୁଲିସ ନିକଟରେ ଅଭିଯୋଗ କରି କହିଛନ୍ତି।

**ଇଡି, କଷ୍ଟମ ଅଧିକାରୀ କହି ଡରାଇଥିଲେ ସାଇବର ଠକ**

## ପୁଣି ୧୧ କୋଟି ଠକେଇର ଶିକାର ହେଲେ ଇଞ୍ଜିନିୟର

ବେଙ୍ଗାଲୁରୁ,୧୯।୧(ଏଜେନ୍ସି): ସାଇବର ଠକେଇକୁ ନେଇ ପୁଣି ଏକ ଚାଞ୍ଚଲ୍ୟକର ଖବର ସାମ୍ନାକୁ ଆସିଛି। ବେଙ୍ଗାଲୁରୁର ଜଣେ ସଫ୍ଟୱେୟର ଇଞ୍ଜିନିୟର ସାଇବର ଠକଙ୍କ ଦ୍ୱାରା ପ୍ରତାରିତ ହୋଇ ୧୧ କୋଟି ଟଙ୍କା ହରାଇଛନ୍ତି। ସାଇବର ଠକମାନେ ନିଜକୁ ଇଡି ଏବଂ କଷ୍ଟମ ଅଧିକାରୀ ବୋଲି କହି ସଂପୃକ୍ତ ଇଞ୍ଜିନିୟରଙ୍କୁ ଡରାଇ ଏଭଳି ଠକେଇ କରିଥିଲା ବେଳେ ପରବର୍ତ୍ତୀ ସମୟରେ ପୁଲିସ ତନାଘନା କରି ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏହାବ୍ୟତୀତ ଆହ୍ଲାବାଦରେ ରହିଥିବା ଜଣଙ୍କ ବ୍ୟାଙ୍କ ଆକାଉଣ୍ଟରୁ ପୁଲିସ ୭.୫ କୋଟି ଟଙ୍କା ଠାବ କରିବାକୁ ସକ୍ଷମ ହୋଇଛି। ମିଳିଥିବା ଖବର ଅନୁସାରେ ବେଙ୍ଗାଲୁରୁରେ ସଫ୍ଟୱେର ଇଞ୍ଜିନିୟର ଭାବେ କାର୍ଯ୍ୟ କରୁଥିବା ବିଜୟ କୁମାର ନାମକ ବ୍ୟକ୍ତି ପୁଞ୍ଜି ବଜାରରେ ୫୦ ଲକ୍ଷ ଟଙ୍କା ନିବେଶ କରିଥିଲା ବେଳେ କିଛି ଦିନ ମଧ୍ୟରେ ତାଙ୍କ ପାଣ୍ଠି ୧୨ କୋଟି ଟଙ୍କାରେ ପହଞ୍ଚିଥିଲା। କିନ୍ତୁ ଏହି ବିଷୟ କୌଣସି ସୂତ୍ରରେ ସାଇବର ଠକଙ୍କ ଦୃଷ୍ଟିକୁ ଆସିଥିଲା। ଏହାପରେ ସେମାନେ ବିଜୟ କୁମାରଙ୍କୁ ଡରାଇବା ଆରମ୍ଭ କରିଦେଇଥିଲେ। ନିଜକୁ ଇଡି ଏବଂ କଷ୍ଟମ ଅଧିକାରୀ କହି ସେମାନେ ଅନଲାଇନରେ ବିଜୟଙ୍କୁ ଧମକ ଚମକ ଦେବା ସହିତ ବିଜୟ ମନିଲଣ୍ଡରିଂ ମାମଲାରେ ଜଡ଼ିତ ଅଛନ୍ତି ବୋଲି କହିଥିଲେ। ବିଜୟ ଏହାକୁ ଅସ୍ୱୀକାର କରିଥିଲା ବେଳେ ତାଙ୍କର ସବୁ ଦସ୍ତାବିଜ୍ ଯାଞ୍ଚ କରାଯିବ ବୋଲି ଠକମାନେ କହିଥିଲେ। ପରେ ପରେ ବିଜୟ ନିଜର ଆଧାର, ପାନ ଏବଂ କେୱାଇସି ତଥ୍ୟ ସାଇବର ଠକମାନଙ୍କୁ ଦେଇଥିଲା ବେଳେ ପର୍ଯ୍ୟାୟକ୍ରମେ ଦୁର୍ବୃତ୍ତମାନେ ମାସକ ଭିତରେ ବିଭିନ୍ନ ଆକାଉଣ୍ଟରୁ ଟଙ୍କା ଉଠାଇ ଚାଲିଥିଲେ। ଅର୍ଥ ହେରଫେର ମାମଲାରୁ ବିଜୟ ମୁକ୍ତ ହେବା ଲାଗି ସରକାରୀ ନିୟମ ଅନୁସାରେ ଏଭଳି ହେବା ଉଚିତ ବୋଲି ଠକମାନେ ବିଜୟଙ୍କୁ କହିଥିଲେ। କିଛି ଦିନ ମଧ୍ୟରେ ବିଭିନ୍ନ ଆକାଉଣ୍ଟରୁ ୧୧ କୋଟି ଟଙ୍କା ଉଠାଯାଇଥିବା ବିଜୟ ଜାଣିବା ପରେ ସେ ପୁଲିସ ନିକଟରେ ଅଭିଯୋଗ କରିଥିଲେ। ଏହାପରେ ପୁଲିସ ଅନୁସନ୍ଧାନ କରି ତିନି ଜଣଙ୍କୁ ଗିରଫ କରିବା ସହିତ ୭.୫ କୋଟି ଟଙ୍କା ଠାବ କରିଛି।






■ ଚଳିତ ବର୍ଷର ପ୍ରଥମ 'ମନ୍ କି ବାତ୍'

## ମହାକୁମ୍ଭକୁ ପ୍ରଶଂସା, ଗଣତନ୍ତ୍ର ଦିବସ ପାଇଁ ମୋଦୀଙ୍କ ଶୁଭେଚ୍ଛା

ନୂଆଦିଲ୍ଲୀ,୧୯।୧(ଏଜେନ୍ସି): ଚଳିତ ବର୍ଷର ପ୍ରଥମ ତଥା ୧୧୮ ତମ ମନ୍ କି ବାତ୍ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରୟାଗରାଜରେ ଚାଲିଥିବା ମହାକୁମ୍ଭ ମେଳାର ପ୍ରଶଂସା କରିବା ସହିତ ଗଣତନ୍ତ୍ର ଦିବସ ପାଇଁ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସେ କହିଛନ୍ତି ଯେ, ଚଳିତ ବର୍ଷର ଗଣତନ୍ତ୍ର ଦିବସ ଉତ୍ସବ ସ୍ୱତନ୍ତ୍ର। ଏହା ହେଉଛି ଭାରତୀୟ ଗଣତନ୍ତ୍ରର ୭୫ତମ ବାର୍ଷିକୀ ଏବଂ ସମ୍ବିଧାନ କାର୍ଯ୍ୟକାରୀ ହେବାର ୭୫ବର୍ଷ ପୂର୍ତ୍ତି। ଯେଉଁମାନେ ଆମକୁ ଏହି ପବିତ୍ର ସମ୍ବିଧାନ ଦେଇଛନ୍ତି ସେମାନଙ୍କୁ ମୁଁ ପ୍ରଣାମ କରୁଛି ବୋଲି ମୋଦୀ କହିଛନ୍ତି। ସେହିପରି ମହାକୁମ୍ଭ ବିଷୟରେ ସେ କହିଛନ୍ତି ଯେ, ହଜାର ହଜାର ବର୍ଷ ଧରି ଚାଲିଆସୁଥିବା ଏହି ପରମ୍ପରାରେ କୌଣସି ଭେଦଭାବ କିମ୍ବା ଜାତିଭେଦ ନାହିଁ। ଦେଶର ବିଭିନ୍ନ ଭାଗରୁ ଧନୀ ଏବଂ ଗରିବ ବ୍ୟତିରେକେ ସମସ୍ତେ ଏହି କାର୍ଯ୍ୟକ୍ରମରେ ଏକଜୁଟ ହୁଅନ୍ତି। ଯାହାକି ଭାରତୀୟ ପରମ୍ପରା ଏବଂ ଐତିହ୍ୟର ଏକ ମହାନ ଦିଗ। 'କୁମ୍ଭ', 'ପୁଷ୍କରମ୍' ଏବଂ 'ଗଙ୍ଗା ସାଗର ମେଳା' ଭଳି ପର୍ବ ଆମର ସାମାଜିକ ମିଳନ, ସୌହାର୍ଦ୍ଦ୍ୟ ଏବଂ ଏକତାକୁ ବୃଦ୍ଧି କରିଥାଏ ବୋଲି ମୋଦୀ କହିଛନ୍ତି।



■ ଇସ୍ରାଏଲ-ହମାସ୍ ଯୁଦ୍ଧବିରତି ପ୍ରକ୍ରିୟା ଆରମ୍ଭ

## ୩ ଇସ୍ରାଏଲୀ ନାଗରିକଙ୍କୁ ମୁକ୍ତକଲା ହମାସ୍

ତେଲ୍ଆଭିଭ୍,୧୯।୧(ଏଜେନ୍ସି): ବହୁ ଦ୍ୱନ୍ଦ୍ୱ ଏବଂ ଘାତ ପ୍ରତିଘାତ ଭିତରେ ରବିବାର ଇସ୍ରାଏଲ ଏବଂ ହମାସ ମଧ୍ୟରେ ଯୁଦ୍ଧ ବିରତିକୁ ନେଇ ହୋଇଥିବା ବୁଝାମଣା କାର୍ଯ୍ୟକାରୀ ହୋଇଛି। ଉଭୟ ପକ୍ଷ ମଧ୍ୟରେ ଯୁଦ୍ଧ ବିରତିକୁ ନେଇ ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ସନ୍ଦେହ ଲାଗି ରହିଥିଲେହେଁ ରବିବାର ଧାର୍ଯ୍ୟ ସମୟ ଠାରୁ ୩ ଘଣ୍ଟା ବିଳମ୍ବରେ ପ୍ରତ୍ୟର୍ପଣ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଉଭୟ ପକ୍ଷ ମୁକ୍ତ ହେବାକୁ ଥିବା ପଣବନ୍ଦୀଙ୍କ ତାଲିକା ପ୍ରକାଶ କରିବା ପରେ ପ୍ରଥମେ ହମାସ ପକ୍ଷରୁ ତିନି ଇସ୍ରାଏଲୀଙ୍କୁ ମୁକ୍ତ କରାଯାଇ ଆନ୍ତର୍ଜାତିକ ରେଡ୍କ୍ରସ୍ କମିଟି ହାତରେ ଅର୍ପଣ କରାଯାଇଥିଲା। ପରେ ପରେ ଏହି ତିନି ଜଣଙ୍କୁ ଇଜିପ୍ଟ ବାଟ ଦେଇ ଇସ୍ରାଏଲର ଆଇଡିଏଫ ସ୍ୱଦେଶକୁ ଆଣିବ ବୋଲି ଜଣାପଡ଼ିଛି। ହମାସ ଏହି ତିନି ଜଣଙ୍କୁ ମୁକ୍ତ କରିଥିଲା ବେଳେ ଇସ୍ରାଏଲ ୩୦ ପାଲେଷ୍ଟନୀୟ ବନ୍ଦୀଙ୍କୁ ମୁକ୍ତ କରିଛି। ପ୍ରଥମ ଦଫା ଯୁଦ୍ଧ ବିରତି ୪୨ ଦିନ ପାଇଁ କାର୍ଯ୍ୟକାରୀ କରିବାକୁ ବୁଝାମଣା ହୋଇଥିବାରୁ ଆଗାମୀ ଦିନରେ ଉଭୟ ପକ୍ଷ ଅନ୍ୟ ପଣବନ୍ଦୀଙ୍କୁ ମୁକ୍ତ କରିବେ ବୋଲି କୁହାଯାଇଛି। ତେବେ ଉଭୟ ପକ୍ଷ ମଧ୍ୟରେ ଯୁଦ୍ଧ ବିରତି ପ୍ରସ୍ତାବ କାର୍ଯ୍ୟକାରୀ ହେବା ଏବଂ ବନ୍ଦୀଙ୍କୁ ମୁକ୍ତ କରାଯିବା ପରେ ଇସ୍ରାଏଲ ଏବଂ ପାଲେଷ୍ଟାଇନରେ ଲୋକଙ୍କ ମଧ୍ୟରେ ଖୁସିର ମାହୋଲ ଦେଖାଯାଇଛି। ମୁକ୍ତ ହୋଇଥିବା ତିନି ଇସ୍ରାଏଲୀ ନାଗରିକଙ୍କ ଫଟୋ ଭାଇରାଲ ହେବା ପରେ ଇସ୍ରାଏଲବାସୀଙ୍କ ମଧ୍ୟରେ ଖୁସିର ମାହହୋଲ ଦେଖାଯିବା ସହିତ ଲୋକମାନେ ରାସ୍ତାରେ ଖୁସି ମନାଉଥିବା ଦେଖାଯାଇଛି। କିନ୍ତୁ ଆଗାମୀ ଦିନରେ ଯଦି ହମାସ କ୍ଷମତା ଦଖଲ କରି ପୁଣି ପ୍ରତିବନ୍ଧକ ସୃଷ୍ଟି କରିବାକୁ ଉଦ୍ୟମ କରେ ତେବେ ଯୁଦ୍ଧ ବିରତି ପ୍ରକ୍ରିୟାକୁ ତୁରନ୍ତ ରୋକାଯିବ ବୋଲି ଇସ୍ରାଏଲ ସରକାର ସ୍ପଷ୍ଟ କରିଛନ୍ତି। ଅନ୍ୟପକ୍ଷରେ ଯୁଦ୍ଧ ବିରତି ପ୍ରକ୍ରିୟା ଜାରି ରହିଥିଲେ ମଧ୍ୟ ଇସ୍ରାଏଲର ଆଇଡିଏଫ ଗାଜାର କେତେକ ଅଞ୍ଚଳରେ ଆକ୍ରମଣ ଜାରି ରଖିଥିବା କୁହାଯାଇଛି। ଏଥିରେ ୮ ଜଣଙ୍କ ମୃତ୍ୟୁ ହେବା ସହିତ ୩୦ରୁ ଅଧିକ ଲୋକ ଆହତ ହୋଇଥିବା କୁହାଯାଇଛି।

**ପ୍ରତିବଦଳରେ ମୁକ୍ତହେଲେ ୩୦ ପାଲେଷ୍ଟନୀୟ ବନ୍ଦୀ**



**ଗୋଆରେ ପାରାଗ୍ଲାଇଡିଂ ବେଳେ ଅଘଟଣ**

# ପ୍ରଶିକ୍ଷକଙ୍କ ସହ ପର୍ଯ୍ୟଟକଙ୍କ ମୃତ୍ୟୁ

ପାଣାଜୀ,୧୯।୧(ଏଜେନ୍ସି):

ଗୋଆରେ ପାରାଗ୍ଲାଇଡିଂ ବେଳେ ଅଘଟଣ ଯୋଗୁଁ ଜଣେ ମହିଳା ପର୍ଯ୍ୟଟକ ଏବଂ ତାଙ୍କ ନେପାଳୀ ପ୍ରଶିକ୍ଷକଙ୍କ ମୃତ୍ୟୁ ହୋଇଛି। ପୁଲିସ ରବିବାର ଏହି ଘଟଣା ବିଷୟରେ ସୂଚନା ଦେଇଥିଲା ବେଳେ ଶନିବାର ସନ୍ଧ୍ୟା ପ୍ରାୟ ୫ଟାରେ କେରି ଗାଁରେ ଦୁର୍ଘଟଣା ଘଟିଥିବା ଜଣାପଡ଼ିଛି। ଏହି ଦୁର୍ଘଟଣାରେ ପୁଣେର ପର୍ଯ୍ୟଟକ ଶିବାନୀ ଡେବଲେ ଏବଂ ତାଙ୍କ ପ୍ରଶିକ୍ଷକ ସୁମନ ନେପାଳୀ (୨୬)ଙ୍କ ମୃତ୍ୟୁ ହୋଇଛି। କିନ୍ତୁ ଯେଉଁ କମ୍ପାନୀ ପାରାଗ୍ଲାଇଡିଂ ଚଳାଉଥିଲା ତାହା ବେଆଇନ ଭାବରେ ପରିଚାଳିତ ହେଉଥିଲା ବୋଲି ପୁଲିସ ଜାଣିବାକୁ ପାଇଛି। ଜଣେ ପୁଲିସ ଅଧିକାରୀ କହିଛନ୍ତି ଯେ, ପାରାଗ୍ଲାଇଡର ଉଡ଼ାଣ ଭରିବା ପରେ ତୁରନ୍ତ ଏକ ଖାଲରେ ପଡ଼ିଯାଇଥିଲା। ଫଳରେ ଘଟଣାସ୍ଥଳରେ ଉଭୟଙ୍କ ମୃତ୍ୟୁ ହୋଇଥିଲା। ଏହି ସମ୍ପର୍କରେ ମାଣ୍ଡରେମ୍ ପୁଲିସ ଷ୍ଟେସନରେ କମ୍ପାନୀ ମାଲିକ ଶେଖର ରାଇଜାଦାଙ୍କ ବିରୋଧରେ ମାମଲା ରୁଜୁ କରି ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।



### ହିମାଚଳରେ ଜଣେ ମୃତ, ଜଣେ ଆହତ

ଅନ୍ୟ ଏକ ଘଟଣାରେ ହିମାଚଳ ପ୍ରଦେଶରେ ଧର୍ମଶାଳା ଠାରେ ପାରାଗ୍ଲାଇଡିଂ କରୁଥିଲା ବେଳେ ଗୁଜରାଟର ଜଣେ ମହିଳା ପର୍ଯ୍ୟଟକଙ୍କ ମୃତ୍ୟୁ ହେବା ସହିତ ତାଙ୍କ ପାଇଲଟ୍ ଗୁରୁତର ଆହତ ହୋଇଛନ୍ତି। ମୃତକ ଜଣକ ଗୁଜରାଟର ୨୯ ବର୍ଷୀୟା ଭବସାର ଖୁସି ବୋଲି ଜଣାପଡ଼ିଛି। ସେ ତାଙ୍କ ପରିବାର ସହିତ ଆହ୍ଲାବାଦରୁ ହିମାଚଳ ବୁଲିବାକୁ ଆସିଥିଲା ବେଳେ ଗତକାଲି ପାରାଗ୍ଲାଇଡିଂ ପାଇଁ ବାହାରିଥିଲେ। ସବୁ ପ୍ରସ୍ତୁତି ପରେ ପାଇଲଟଙ୍କ ସହ ଖୁସି ଉଡାଣ ଭରିଥିଲା ବେଳେ ପାରାଗ୍ଲାଇଡ୍ର କାନୋପି ଖୋଲି ନଥିଲା। ଫଳରେ ଉଭୟ ଏକ ପାହାଡ଼ରେ ପିଟି ହୋଇଯାଇଥିଲେ।

■ ମାତୃପ୍ରେମର ବିକଳ୍ପ ନାହିଁ

## ଅଚେତ ଛୁଆକୁ କ୍ଲିନିକ୍‌ରେ ପହଞ୍ଚାଇଲା ମାଆ କୁକୁର

ନୂଆଦିଲ୍ଲୀ,୧୯।୧(ଏଜେନ୍ସି): ମଣିଷ ହେଉ କି ପଶୁ, ମାତୃ ପ୍ରେମର ଯେ ବିକଳ୍ପ ନାହିଁ ଏକଥା ବହୁବାର ବିଭିନ୍ନ କ୍ଷେତ୍ରରେ ପ୍ରମାଣିତ ହୋଇଛି। କିନ୍ତୁ ନିକଟରେ ତୁର୍କୀରେ ଯେଭଳି ଏକ ଘଟଣା ଦେଖାଯାଇଛି ତାହା ମାତୃପ୍ରେମର ମହତ୍ତ୍ୱକୁ ଆହୁରି ଉଜ୍ଜ୍ୱଳିତ କରିବା ସହିତ ମଣିଷ ହୃଦୟକୁ ତରଳ କରିଦେଇଛି। ଗତ ଜାନୁଆରୀ ୧୩ ତାରିଖରେ ତୁର୍କୀର ଏକ ସହରରେ ଗୋଟିଏ କୁକୁର ୬ଟି ଛୁଆ ଜନ୍ମ ଦେଇଥିଲା ବେଳେ ସେଥିମଧ୍ୟରୁ କୌଣସି କାରଣରୁ ୪ଟି ଛୁଆ ମରିଯାଇଥିଲେ। କିନ୍ତୁ ବଞ୍ଚିଥିବା ଦୁଇଟି ଛୁଆ ମଧ୍ୟରୁ ଗୋଟିଏ ଛୁଆ ଅଚାନକ ଅଚେତ ହୋଇ ପଡ଼ି ରହିଥିଲା। ମାଆ କୁକୁରଟି ବହୁ ସମୟ ଧରି ନିଜର ଅସୁସ୍ଥ ଛୁଆ ନିକଟରେ ବସି ରହିଥିଲେ ମଧ୍ୟ କେହି ବି ଆସି ନଥିଲେ। ଶେଷରେ ସେ ନିଜେ ପାଟିରେ କାମୁଡି ନିଜ ଛୁଆକୁ ବେଲିଦୁଜା ଆଲଫା ପଶୁ ଡାକ୍ତରଖାନାକୁ ନେଇଯାଇଥିଲା। ସେଠାରେ କୁକୁରକୁ ଦେଖି ଡାକ୍ତରମାନେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ସେମାନେ ଛୁଆକୁ ପରୀକ୍ଷା କରି ତୁରନ୍ତ ଚିକିତ୍ସା ଆରମ୍ଭ କରି ଦେଇଥିଲେ। ଛୁଆଟି ବଞ୍ଚି ଯାଇଥିଲା ବେଳେ ଆଉ କିଛି ସମୟ ବିଳମ୍ବ ହୋଇଥିଲେ ତାକୁ ବଞ୍ଚାଇବା ସମ୍ଭବ ହୋଇ ନ ଥାଆନ୍ତା ବୋଲି ଡାକ୍ତରଙ୍କ କଥା ଏବେ ସଂପୃକ୍ତ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି।



## ପୂର୍ବତନ ବିଧାୟକ ସୁଧାଂଶୁଙ୍କ ଉପରୁ ହଟିଲା ନିଲମ୍ବନ

**ଭୁବନେଶ୍ୱର,୧୯ ।୧(ସମିସ):** ବାଲେଶ୍ୱର ଜିଲ୍ଲା ରେମୁଣାର ପୂର୍ବତନ ବିଧାୟକ ସୁଧାଂଶୁ ଶେଖର ପରିଡ଼ାଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହାର କରିଛି ବିଜୁ ଜନତା ଦଳ । ଶ୍ରୀ ପରିଡ଼ାଙ୍କ ଉପରୁ ତୁରନ୍ତ ନିଲମ୍ବନ ଆଦେଶ ପ୍ରତ୍ୟାହାର କରାଯାଇଥିବା ନେଇ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଦସ୍ତଖତ ସମ୍ବଳିତ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି ।

### ତାପମାତ୍ରା
ଡିଗ୍ରୀ ସେଲ୍‌ସିୟସ

| ସ୍ଥାନ | ସର୍ବୋଚ୍ଚ | ସର୍ବନିମ୍ନ |
|---|---|---|
| ବାଲେଶ୍ୱର | ୨୮.୦ | ୧୪.୩ |
| ଚାନ୍ଦବାଲି | ୨୬.୪ | ୧୪.୧ |
| କଟକ | ୨୬.୦ | ୧୪.୪ |
| ପାରାଦୀପ | ୨୭.୮ | ୧୬.୪ |
| ଭୁବନେଶ୍ୱର | ୨୭.୮ | ୧୩.୮ |
| ଗୋପାଳପୁର | ୨୫.୪ | ୧୫.୮ |
| ପୁରୀ | ୨୭.୬ | ୧୭.୨ |
| ଅନୁଗୋଳ | ୨୬.୭ | ୧୦.୬ |
| ବାରିପଦା | ୨୬.୪ | ୧୩.୮ |
| ଝାରସୁଗୁଡ଼ା | ୨୯.୮ | ୯.୦ |
| କେନ୍ଦୁଝର | ୨୫.୭ | ୧୦.୪ |
| ସମ୍ବଲପୁର | ୨୯.୭ | ୧୪.୨ |
| ସୁନ୍ଦରଗଡ଼ | ୩୦.୮ | ୧୧.୨ |
| ହୀରାକୁଦ | ୨୮.୪ | ୧୩.୫ |
| ତାଳଚେର | ୨୮.୮ | ୧୨.୮ |
| ଭବାନୀପାଟଣା | ୨୭.୫ | ୧୦.୬ |
| ବଲାଙ୍ଗିର | ୨୭.୮ | ୧୩.୫ |
| କୋରାପୁଟ | ୨୫.୩ | ୧୦.୫ |
| ଫୁଲବାଣୀ | ୨୫.୫ | ୮.୦ |
| ଟିଟିଲାଗଡ଼ | ୨୮.୦ | ୧୪.୦ |
| ମାଲକାନଗିରି | ୩୦.୨ | ୧୪.୧ |
| ସୋନପୁର | ୨୭.୯ | ୧୨.୭ |
| ଦାରିଙ୍ଗବାଡ଼ି | ୨୬.୦ | ୯.୦ |
| ନୟାଗଡ଼ | ୨୭.୦ | ୧୫.୪ |
| ବୌଦ୍ଧ | ୨୬.୮ | ୧୪.୫ |
| ଛତ୍ରପୁର | ୨୭.୭ | ୧୬.୨ |
| ପାରଳାଖେମୁଣ୍ଡି | ୩୦.୫ | ୧୪.୦ |
| ରାୟଗଡ଼ା | ୨୭.୨ | ୧୨.୬ |
| ଭଦ୍ରକ | ୨୮.୪ | ୧୦.୦ |
| ଯାଜପୁର | ୨୮.୬ | ୧୪.୪ |
| ଢେଙ୍କାନାଳ | ୨୮.୪ | ୧୨.୬ |

### ଉଦାହରଣ ସାଜିଲେ ସହକାରୀ ଯନ୍ତ୍ରୀ

# ଦିବ୍ୟାଙ୍ଗ ବୃଦ୍ଧାଙ୍କ ପାଇଁ ତୋଳିଦେଲେ ଘର

**ବିଷମକଟକ, ୧୯।୧ (ସମିସ):** ସରକାରୀ ଆବାସରୁ ବଞ୍ଚିତ ଜଣେ ଦିବ୍ୟାଙ୍ଗ ବୃଦ୍ଧାଙ୍କ ପାଇଁ ଘର ତୋଳି ଦେଇଛନ୍ତି ରାୟଗଡ଼ା ଜିଲ୍ଲା ବିଷମକଟକ ବ୍ଲକର ସହକାରୀ ଯନ୍ତ୍ରୀ ଝରଣା ତ୍ରିପାଠୀ। ରବିବାର ତାଙ୍କର ଗୃହ ପ୍ରବେଶ ମଧ୍ୟ



କରାଇଛନ୍ତି। ତାଙ୍କର ଏପରି ବଦାନ୍ୟତାର ଚର୍ଚ୍ଚା ଏବେ ଚାରିଆଡ଼େ। ଅପରପକ୍ଷେ, ଘର ପାଇବା ପରେ ଦୃଷ୍ଟିହୀନ ମହିଳାଙ୍କ ଖୁସି କହିଲେ ନସରେ, ଯେମିତି ତାଙ୍କ ଜୀବନର ଦୁଃଖ ସରିଯାଇଛି। ବିଷମକଟକ ସଦର ବ୍ଲକ ସାନସାହିର ଦୃଷ୍ଟିହୀନ ମନ୍ଦ କୁସୁଲିଆ (୫୮) । ପରିବାର କହିଲେ ୨ ଝିଅ ଓ ଗୋଟିଏ ପୁଅ। ଦୁଃଖେକଷ୍ଟେ ୨ଝିଅଙ୍କ ବାହାଘର ସାରିଦେଇଥିବା ବେଳେ ପରିଣତ ବୟସରେ ପୁଅ ମା'କୁ ଏକାକରି ଦାଦନ ଖଟିବାକୁ କେଉଁଆଡ଼େ ଚାଲି ଯାଇଛି। ଗତ ୯ ବର୍ଷ ହେବ ମନ୍ଦ ଦୃଷ୍ଟିଶକ୍ତି ହରାଇ କର୍ମକୁ ଆଦରି ଭଙ୍ଗା ଦଦରା ପଲିଥିନ କୁଡ଼ିଆ ଭିତରେ ଆଶ୍ରୟ ନେଉଥିଲେ। ଖରା, ବର୍ଷା

**ଜରିପାଲ ତଳେ ବିତୁଥିଲା ଜୀବନ**

ଓ ଶୀତ କାକରରେ ଭଙ୍ଗା ଦଦରା ଘରେ ଜୀବନ କାଟୁଥିଲେ।

ବିଷମକଟକ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ କାର୍ଯ୍ୟରତ ସହକାରୀ ଯନ୍ତ୍ରୀ ଝରଣା ବର୍ଷେ ହେବ ବିଷମକଟକଠାରେ ସହକାରୀ ଯନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଇ ଆସୁଛନ୍ତି। ବିଷମକଟକ ସାନସାହି ନିକଟରେ ପ୍ରସ୍ତାବିତ ଏକ ମନରେଗା ପ୍ରକଳ୍ପ ନିରୀକ୍ଷଣ ପାଇଁ ଯାଇଥିବା ବେଳେ ଏହି ତାଙ୍କ ବିଷୟରେ ଜାଣିବାକୁ ପାଇଥିଲେ। ଉକ୍ତ ସ୍ଥାନରେ ଆପ୍ସା ଯୁବକ ସଂଘର କେତେଜଣ ସଦସ୍ୟ ତାଙ୍କ ଦୃଷ୍ଟି ଆକର୍ଷଣ କରି ସହାୟତା ପାଇଁ ନିବେଦନ କରିଥିଲେ। ବାସଗୃହ ନିର୍ମାଣ ପାଇଁ ସହକାରୀ ଯନ୍ତ୍ରୀ ସବୁପ୍ରକାର ସହଯୋଗ କରିବେ ବୋଲି ଯୁବଗୋଷ୍ଠୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଦୃଷ୍ଟିହୀନ ବୃଦ୍ଧାଙ୍କ ବାସଗୃହ ନିର୍ମାଣ ଲାଗି ଆବଶ୍ୟକ ସମସ୍ତ ସାମଗ୍ରୀ ଯୋଗାଇଦେବା ସହ ନିର୍ମାଣକାର୍ଯ୍ୟ ଯେପରି ସମୟରେ ହୋଇଯିବ ଯୁବକ ଗୋଷ୍ଠୀର ସାହାଯ୍ୟ ଲୋଡ଼ିଥିଲେ। ମଝିରେ ମଝିରେ ନିଜେ ଆସି ମଧ୍ୟ କାର୍ଯ୍ୟର ଅଗ୍ରଗତି ଅନୁଧ୍ୟାନ କରିଥିଲେ। ଶେଷରେ ଆଜି ଉକ୍ତ ମହିଳାଙ୍କ ବାସଗୃହ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଯାଇଛି।

ଆଜି ମନ୍ଦଙ୍କ ଗୃହ ପ୍ରବେଶ କାର୍ଯ୍ୟକ୍ରମରେ ବିଷମକଟକ ବିଧାୟକ ନୀଳ ମାଧବ ହିକକା, ବିଷମକଟକ ବିଡିଓ ସଦାଶିବ ନାୟକ ଉପସ୍ଥିତ ରହି ସହକାରୀ ଯନ୍ତ୍ରୀ ଝରଣାଙ୍କ ଏଭଳି ମହତ କାର୍ଯ୍ୟକୁ ପ୍ରଶଂସା କରିଥିଲେ।

### ନାଚ ଶିଖାଇବାକୁ ଡାକି ଦୁଷ୍କର୍ମ ଅଭିଯୋଗ

# ନୃତ୍ୟଗୁରୁ ଗିରଫ

**ଭଦ୍ରକ/ବାସୁଦେବପୁର, ୧୯।୧ (ସମିସ):** ଭଦ୍ରକ ଜିଲ୍ଲା ବାସୁଦେବପୁର ପୌରପାଳିକାର ସଙ୍ଗୀତ କଳା ପରିଷଦର ସମ୍ପାଦକଙ୍କ ନାମରେ ଆସିଛି ଦୁଷ୍କର୍ମ ଅଭିଯୋଗ। ବାସୁଦେବପୁର ଥାନାର ଅଭିଯୋଗ କରିଛନ୍ତି ଜଣେ ନାବାଳିକା ଛାତ୍ରୀ। ସମ୍ପାଦକ ତଥା ନୃତ୍ୟ ଗୁରୁ ନାବାଳିକା ଛାତ୍ରୀଙ୍କୁ ଡକାଇ ଓଡ଼ିଶୀ ନୃତ୍ୟ ଶିକ୍ଷା ଦେବା ଆଳରେ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି। ଆଜି ପୁଲିସ୍ ତାଙ୍କୁ ଗିରଫ କରିଛି।



ଅଭିଯୋଗରୁ ପ୍ରକାଶ ଯେ ବାସୁଦେବପୁର ସଙ୍ଗୀତ କଳା ପରିବେଷଣର ସମ୍ପାଦକ ତଥା ନୃତ୍ୟଗୁରୁ ବିଜୟ କୁମାର ରାୟଙ୍କ ନାମରେ ପୂର୍ବରୁ ତିନି ଚାରିଥର ଦୁଷ୍କର୍ମ ଅଭିଯୋଗ ଆସିଛି। ଘର ଆଗରେ ହୋ ହାଲ୍ଲା ହୋଇଛି। ଶେଷରେ ସ୍ଥାନୀୟ ବ୍ୟକ୍ତିଙ୍କ ହସ୍ତକ୍ଷେପ ପରେ ସମାଧାନ ହୋଇଛି। ହେଲେ ସବୁବେଳେ ସମୟ ସାଥ୍ ଦେଇ ନଥାଏ। ଏଥର ଅଭିଯୋଗ ଅନୁସାରେ ସେ ନୃତ୍ୟ ଶିଖାଇବା ସମୟରେ ଜଣେ ନାବାଳିକା ଛାତ୍ରୀଙ୍କୁ ୨ମାସ ଧରି ଅସଦାଚରଣ କରି ଆସୁଥିଲେ। ଶେଷରେ ଛାତ୍ରୀଜଣଙ୍କ ନୃତ୍ୟ ଶିଖିବା ବନ୍ଦ କରିଦେଇଥିଲେ। କିନ୍ତୁ ନୃତ୍ୟଗୁରୁ ବିଜୟ ଗତ ଶନିବାର ଫୋନ୍ କରି ଛାତ୍ରୀଙ୍କୁ ତାଙ୍କ ପତ୍ନୀ ଅସୁସ୍ଥ ଥିବା କହି ଘରକୁ ଡାକିଥିଲେ। ଛାତ୍ରୀ ଜଣଙ୍କ ଘରକୁ ଆସିଥିଲେ। ତାଙ୍କୁ ଏକୁଟିଆ ପାଇ ନୃତ୍ୟଗୁରୁ ଦୁଷ୍କର୍ମ କରିଥିଲେ। ଛାତ୍ରୀଙ୍କ ଚିତ୍କାର ଶୁଣି ଅନ୍ୟଲୋକ ପହଞ୍ଚି ଯିବାରୁ ସେ ସେଠାରୁ ଖସି ଆସିଥିଲେ ବୋଲି ବାସୁଦେବପୁର ଥାନାର ଲିଖିତ ଅଭିଯୋଗ କରିଛନ୍ତି। ପରେ ପରିବାର ଲୋକଙ୍କୁ ସମସ୍ତ ଘଟଣା ଜଣାଇବା ପରେ ବାସୁଦେବପୁର ଥାନାର ଗତକାଲି ବିଳମ୍ବିତ ରାତ୍ରିର ଏତାଲା ଦେଇଥିଲେ। ଅଭିଯୋଗ ପାଇ ପୁଲିସ ସଙ୍ଗୀତ କଳା ପରିଷଦର ସମ୍ପାଦକ ତଥା ନୃତ୍ୟଗୁରୁ ବିଜୟ କୁମାର ରାୟଙ୍କୁ ପକ୍ସୋ ଆକ୍ଟରେ ଗିରଫ କରିଛନ୍ତି ବୋଲି ବାସୁଦେବପୁର ଥାନା ଆଇଆଇସି ଲୋପାମୁଦ୍ରା ନାୟକ ଗଣମାଧ୍ୟମକୁ ସୂଚନା ପ୍ରଦାନ କରିଛନ୍ତି।

### ■ କାରନ୍ଦା କଳାମୁଗୁନି ପଥର ଖଣିରେ ଚଢ଼ଉ

# ୪ଗାଡ଼ି, ୩ ମେସିନ ଜବତ; ୧୩ ଅଟକ

**ଢେଙ୍କାନାଳ/ହିନ୍ଦୋଳ/ରାସୋଳ, ୧୯ ।୧(ସମିସ):** ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ତହସିଲ କାରନ୍ଦା ଗ୍ରାମରେ ଏକ ବେଆଇନ କଳା ମୁଗୁନିପଥର ଖାଦାନରେ ପ୍ରଶାସନ ପକ୍ଷରୁ ଚଢ଼ଉ କରାଯାଇଛି । ଚଢ଼ଉ ବେଳେ ୪ଟି ଟିପ୍ପର, ହାଇୱା ଗାଡ଼ି ସହ ୩ଟି ଜେସିବି, ପ୍ରୋକଲିନ ମେସିନ ଜବତ କରାଯାଇଛି ୧୩ ଅଭିଯୁକ୍ତଙ୍କୁ ଅଟକ ରଖାଯାଇ ତଦନ୍ତ କରାଯାଉଛି। ଅଭିଯୁକ୍ତଙ୍କ ମଧ୍ୟରେ ପ୍ରୋକଲିନ ଓ ଜେସିବି ମେସିନ ଅପରେଟର ଓ ଟିପ୍ପର, ହାଇୱା ଡ୍ରାଇଭର ରହିଛନ୍ତି। ଜିଲ୍ଲା ପ୍ରଶାସନ ନିର୍ଦ୍ଦେଶରେ ଜିଲ୍ଲା ଖଣି ଅଧିକାରୀ ଡମ୍ବରୁଧର ମହାନ୍ତ, ହିନ୍ଦୋଳ ତହସିଲଦାର ଦିଲୀପ କୁମାର ସେଠୀ, ଓଡ଼ାପଡ଼ା ତହସିଲଦାର ମନୋଜ ମାଝି ରାସୋଳ ଥାନା ପୁଲିସ ସହାୟତାରେ ରବିବାର ମିଳିତ ଭାବେ ଚଢ଼ଉ କରଥିଲେ। ଦୀର୍ଘ ଦିନ ହେଲା ଏଠାରୁ ବେଆଇନ ଭାବେ ଖନନ କରାଯାଇ ଟ୍ରିପ ଟ୍ରିପ କଳା ମୁଗୁନି ପଥର ଚୋରା ଚାଲାଣ କରାଯାଉଥିଲା। ବିଶେଷ ସୂତ୍ରରୁ ଖବର ପାଇ ରବିବାର ପୂର୍ବାହ୍ନରେ ଚଢ଼ଉ କରାଯାଇଥିଲା। ଜବତ ଗାଡ଼ି ଓ ଅଟକ ବ୍ୟକ୍ତିମାନଙ୍କୁ ରାସୋଳ ଥାନା ଜିମା ଦିଆଯାଇଛି। ଏ ସମ୍ପର୍କରେ ଖଣି ବିଭାଗ ପକ୍ଷରୁ ଏକ ମାମଲା ରୁଜୁ କରାଯାଇଛି। ବଦାଲୁ ପଞ୍ଚାୟତର ଯୁଗଳ ସେଠୀ ଏହି ବେଆଇନ ଖଣି ଖନନ କରୁଥିବା ଜଣାପଡ଼ିଛି। ତେବେ ଏହି ଚଢ଼ଉ ଲୋକଦେଖାଣିଆ ବୋଲି ସାଧାରଣରେ ଆଲୋଚନା ହେଉଛି। ବେଆଇନ ଭାବେ ଶହ ଶହ ଖଣି ଏବଂ କ୍ରସର ଚାଲୁଥିବା ବେଳେ ସେଗୁଡ଼ିକ ଉପରେ କେବେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ପ୍ରଶ୍ନ ଉଠିଛି।



## ଆଜି ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରିବ ଯୁବ କଂଗ୍ରେସ

**ଭୁବନେଶ୍ୱର,୧୯।୧(ସମିସ):** ନିର୍ବାଚନୀ ପ୍ରତିଶ୍ରୁତି ପୂରଣରେ ବିଫଳତା ଅଭିଯୋଗ ଆଣି ଆସନ୍ତାକାଲି ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରିବାକୁ ଯୁବ କଂଗ୍ରେସ ଘୋଷଣା କରିଛି । ଦିନ ୧୧ ଟା ୩୦ରେ ମାଷ୍ଟରକ୍ୟାଣ୍ଟିନ ଛକରେ ଏକ ବିଶାଳ 'ଯୁବ ଅସନ୍ତୋଷ ସମାବେଶ' କରାଯିବ ଏବଂ ଏହାପରେ ଯୁବ କଂଗ୍ରେସ କର୍ମୀମାନେ ମୁଖ୍ୟମନ୍ତ୍ରୀଙ୍କ ସରକାରୀ ବାସଭବନ ଘେରାଉ କରିବେ ବୋଲି ଦଳ ପକ୍ଷରୁ ସୂଚନା ଦିଆଯାଇଛି। ଯୁବ କଂଗ୍ରେସ ପକ୍ଷରୁ କୁହାଯାଇଛି ଯେ ବିଜେପି ଯେଉଁ ପ୍ରତିଶ୍ରୁତି ଦେଇ କ୍ଷମତାକୁ ଆସିଲା, ତାହା ପୂରଣ କରିବାରେ ଅସମର୍ଥ ହୋଇଛି। ବିପର୍ଯ୍ୟସ୍ତ ଆଇନ୍ ଶୃଙ୍ଖଳାର ସୁଧାର, ଦଳିତ, ଆଦିବାସୀ ଓ ସଂଖ୍ୟାଲଘୁଙ୍କ ଉପରେ ଉପରେ ଅତ୍ୟାଚାର ବନ୍ଦ, ଖଣି ଖାଦନ ଲୁଟ୍ ବନ୍ଦ, ପ୍ରତିଶ୍ରୁତି ଅନୁଯାୟୀ ତୁରନ୍ତ ୩୦୦ ୟୁନିଟ ମାଗଣା ବିଜୁଳି ଯୋଗାଣ, ମହଙ୍ଗା ମାଡ଼ରୁ ନିସ୍ତାର, ଚିଟଫଣ୍ଡ କ୍ଷତିଗ୍ରସ୍ତଙ୍କୁ ନ୍ୟାୟ, ଉତ୍କଟ ବେକାରୀ ସମସ୍ୟା ନିୟନ୍ତ୍ରଣ, ଦୁର୍ନୀତି ଓ କଳା ତାଲିକା ଭୁକ୍ତ କମ୍ପାନୀକୁ ପ୍ରଶ୍ରାହନ ବନ୍ଦ ଆଦିରେ ଦାବିରେ ଏହି ସମାବେଶ ଆୟୋଜନ କରାଯାଇଛି। ଏଥିରେ ଅଖିଳ ଭାରତ ଯୁବ କଂଗ୍ରେସ ସଭାପତି ଉଦୟଭାନୁ ଚିବ୍ ମଧ୍ୟ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ମହାକୁମ୍ଭରେ ଅଗ୍ନିକାଣ୍ଡ...

ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇଛି । ରିଲିଫ ଓ ଉଦ୍ଧାର ପାଇଁ ପ୍ରଶାସନ ତରଫରୁ କାମକୁ ତ୍ୱରାନ୍ୱିତ କରାଯିବା ସହ ସେଠାରେ ଯେପରି କେହି ଫସି ନ ରହିବେ ସେଥିପ୍ରତି ମଧ୍ୟ ଧ୍ୟାନ ଦିଆଯାଉଛି । ସ୍ଥିତି ସ୍ୱାଭାବିକ ହୋଇଛି; ଆଉ ଭୟର କୌଣସି କାରଣ ନାହିଁ ବୋଲି ପ୍ରୟାଗରାଜ ଡିଆଇଜି ରବୀନ୍ଦ୍ର କୁମାର କହିଛନ୍ତି । ସୂଚନା ଅନୁସାରେ, ମେଳା ପରିସରରେ ରହିଥିବା ଗୀତା ପ୍ରେସ୍ ଶିବିରରେ ପ୍ରଥମେ ନିଆଁ ଲାଗିଥିଲା ଏବଂ ପରେ ଏହା ଅନ୍ୟ ଶିବିରକୁ ବ୍ୟାପି ଯାଇଥିଲା । ଅଗ୍ନିକାଣ୍ଡରେ କୋଟି କୋଟି ଟଙ୍କାର ସାମଗ୍ରୀ ଜଳିଯାଇଥିବା କୁହାଯାଇଛି । ବିଶେଷକରି ଗୀତା ପ୍ରେସ୍‌ର ବହୁ ପୁସ୍ତକ ଏବଂ ଅନ୍ୟ ସାମଗ୍ରୀ ଜଳି ପାଉଁଶ ହୋଇଯାଇଛି । ଏହି ଘଟଣା ସତ୍ତ୍ୱେ ମହାକୁମ୍ଭ ମେଳାକୁ ଶ୍ରଦ୍ଧାଳୁଙ୍କ ଆଗମନ ଜାରି ରହିଛି । ଚଳିତ ମାସ ୧୩ ତାରିଖରୁ ଆରମ୍ଭ ହୋଇଥିବା ମହାକୁମ୍ଭ ଆସନ୍ତାମାସ ୨୬ ପର୍ଯ୍ୟନ୍ତ ଚାଲିବ । ଆଜି ସୁଦ୍ଧା ପ୍ରାୟ ୮ କୋଟି ଶ୍ରଦ୍ଧାଳୁ ପ୍ରୟାଗରାଜରେ ବୁଡ଼ ପକାଇସାରିଲେଣି ।

## ଇତିହାସ ରଚିଲା...

ରୌପ୍ୟ ପଦକରେ ସନ୍ତୁଷ୍ଟ ରହିଛି । ସାରା ଟୁର୍ଣ୍ଣାମେଣ୍ଟରେ ଭାରତର ଉଭୟ ଦଳ ଅପରାଜେୟ ରହିଥିଲା । ଚାମ୍ପିଅନ ଭାରତୀୟ ଦଳରେ ଓଡ଼ିଶାର ୩ଜଣ ଖେଳାଳି ଛାପ ଛାଡ଼ିବାରେ ସଫଳ ହୋଇଛନ୍ତି । ପୁରୁଷ ଦଳରେ ପବନୀ ମାଝି ଏବଂ ମହିଳା ଦଳରେ ଶୁଭଶ୍ରୀ ସିଂ ଓ ମଗାଇ ମାଝୀ ସଦସ୍ୟା ରହିଥିଲେ । ଏହି ସଫଳତା ଲାଗି ସାରା ଦେଶରୁ ଭାରତୀୟ ଦଳକୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକ, କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ କିରଣ ରିଜିଜୁ, କ୍ରୀଡ଼ାମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀ ପ୍ରମୁଖ ଉଭୟ ଭାରତୀୟ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି । ଭାରତୀୟ ଖୋ ଖୋ ମହାସଂଘ ଓ ଅନ୍ତର୍ଜାତୀୟ ଖୋ ଖୋ ମହାସଂଘର ମିଳିତ ଆନୁକୂଲ୍ୟରେ ଆୟୋଜିତ ବିଶ୍ୱକପ୍‌ର ଏହି ପ୍ରଥମ ସଂସ୍କରଣରେ ପୁରୁଷ ବିଭାଗରେ ଭାରତ ସମେତ ୨୦ଟି ଓ ମହିଳାରେ ୧୯ଟି ଦେଶ ଅଂଶଗ୍ରହଣ କରିଥିଲେ । ଏଠାରେ ଉଲ୍ଲେଖଯୋଗ୍ୟ, ଓଡ଼ିଶା ସରକାର ବର୍ତ୍ତମାନ ଉଭୟ ଭାରତୀୟ ପୁରୁଷ ଓ ମହିଳା ଖୋ ଖୋ ଦଳର ପ୍ରାୟୋଜକ ରହିଛନ୍ତି । ଆଗାମୀ ୩ ବର୍ଷ ପର୍ଯ୍ୟନ୍ତ ରାଜ୍ୟ ସରକାର ଖୋ ଖୋର ଉନ୍ନତି ଲାଗି୧୫ କୋଟି ଟଙ୍କା ଖର୍ଚ୍ଚ କରିବେ ।

## ସରକାରଙ୍କ ତୁଣ୍ଡ...

ଏହି ପରିପ୍ରେକ୍ଷୀରେ ଆନ୍ଧ୍ରପ୍ରଦେଶ ସରକାର ୯୯୦ କୋଟି ଟଙ୍କା ବ୍ୟୟରେ ପୋଲାଭରମ ପ୍ରକଳ୍ପର ୧.୩ କିମି ଲମ୍ବର ପରିବର୍ତ୍ତିତ ଡ଼ି-ୱାଲ କାମ ଆରମ୍ଭ କରିଛନ୍ତି । ଡାଏଫ୍ରାମ ୱାଲ କାମ ପ୍ରକଳ୍ପର ମୁଖ୍ୟ ଫାଉଣ୍ଡେସନ ହେବ ବୋଲି କୁହାଯାଉଛି । ଏହି ପ୍ରକଳ୍ପ ଦ୍ୱାରା ଓଡ଼ିଶା ବ୍ୟାପକ ଭାବରେ କ୍ଷତିଗ୍ରସ୍ତ ହେବ ଓ ମାଲକାନଗିରି ଜିଲ୍ଲାର ହଜାର ହଜାର ଏକର ଜମି ପଚ୍ଛୁଆ ପାଣିରେ ବୁଡ଼ିଯିବ । ଅନ୍ୟପକ୍ଷରେ ଜିଲ୍ଲାର ହଜାର ହଜାର ଆଦିବାସୀ ପରିବାରଙ୍କ ଭିଟାମାଟି ମଧ୍ୟ ହଜିଯିବ । ଏ ସଂକ୍ରାନ୍ତରେ ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ବିଜେଡି ସରକାର କେନ୍ଦ୍ର ନିକଟରେ ଆପତ୍ତି ଉଠାଇଥିଲେ, ସୁପ୍ରିମକୋର୍ଟରେ ଓଡ଼ିଶା ସରକାର ମଧ୍ୟ ମାମଲା ରୁଜୁ କରିଥିଲେ । ସର୍ବୋଚ୍ଚ ଅଦାଲତ ମଧ୍ୟ ଓଡ଼ିଶାର ଉଦ୍‌ବେଗକୁ ଦୃଷ୍ଟିରେ ରଖି ପ୍ରଭାବିତ ଅଞ୍ଚଳରେ ଜନଶୁଣାଣି କରାଯିବା ଉପରେ ଗୁରୁତ୍ୱାରୋପ କରିଥିଲେ । ମାତ୍ର ସର୍ବୋଚ୍ଚ ଅଦାଲତର ଏହି ପରାମର୍ଶକୁ ମଧ୍ୟ ଆନ୍ଧ୍ର ସରକାର ଗ୍ରହଣ କରିନାହାନ୍ତି । ଯାହାକୁ ନେଇ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ପୂର୍ବତନ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଗତ ମାସ ଦିଲ୍ଲୀ ।।ରେ ବିଭିନ୍ନ ମନ୍ତ୍ରଣାଳୟ ଓ କମିସନଙ୍କୁ ଭେଟି ଓଡ଼ିଶାର ସ୍ୱାର୍ଥକୁ ଅଣଦେଖା କରାଯାଉଥିବା ଉଲ୍ଲେଖ କରି ଉଦ୍‌ବେଗ ପ୍ରକାଶ କରିଥିଲେ ।

ମାତ୍ର ବିଡ଼ମ୍ବନା ହେଉଛି ପୋଲାଭରମ ପ୍ରକଳ୍ପ ଯୋଗୁଁ ଓଡ଼ିଶା ନିଶ୍ଚିତ କ୍ଷତିଗ୍ରସ୍ତ ହେଉଥିବା ବେଳେ ବର୍ତ୍ତମାନର ରାଜ୍ୟ ସରକାର ରହସ୍ୟମୟ ନିରବତା ଅବଲମ୍ବନ କରୁଛନ୍ତି । ଓଡ଼ିଶା ଓ ଦିଲ୍ଲୀରେ ବିଜେପିର ଡବଲ ଇଞ୍ଜିନ୍ ସରକାରଥିବା ବେଳେ ଆନ୍ଧ୍ରରେ ବିଜେପିର ସହଯୋଗୀ ଟିଡ଼ିପି ସରକାର ରହିଛି । ଏହି ଦୃଷ୍ଟିରୁ ଓଡ଼ିଶାର ସ୍ୱାର୍ଥ ସୁରକ୍ଷିତ ରହିବ ବୋଲି ଓଡ଼ିଶାବାସୀ ସ୍ୱାଭାବିକ ଆଶା କରୁଥିଲେ । ମାତ୍ର ଓଡ଼ିଶା ସରକାର ଏହି ପ୍ରସଂଗରେ ସମ୍ପୂର୍ଣ୍ଣ ଚୁପ୍ ରହିବା ରାଜ୍ୟବାସୀଙ୍କୁ ସନ୍ଦେହରେ ପକାଇଛି । ପୋଲାଭରମ ପ୍ରସଙ୍ଗରେ ରାଜ୍ୟ ସରକାର କାହିଁକି ସ୍ୱର ଉତ୍ତୋଳନ କରୁନାହାନ୍ତି ବୋଲି ବିଭିନ୍ନ ମହଲରୁ ପ୍ରଶ୍ନ ଉଠିଛି । ଏହି ପ୍ରସଙ୍ଗରେ ଜଳ ବିଶେଷଜ୍ଞ ଲଳିତ ପଟ୍ଟନାୟକ କହିଛନ୍ତି ଯେ ପୋଲାଭରମ ଯୋଗୁଁ ଓଡିଶା କ୍ଷତିଗ୍ରସ୍ତ ହେବ, ଏ କଥା ସରକାର ଭଲ ଭାବରେ ଜାଣନ୍ତି । ତେଣୁ ରାଜ୍ୟ ସରକାର ଦିଲ୍ଲୀରେ ଯାଇ ବସିବା କଥା, ସମାଧାନ ରାସ୍ତା ବାହାର କରିବା କଥା । ନ ହେଲେ ୨୦୨୬ ବେଳକୁ ଡ୍ୟାମ ହୋଇଗଲେ କାନ୍ଦିଲେ ବି କେହି ଶୁଣିବାକୁ ନ ଥିବେ । ଏପରିକି ଛତିଶଗଡ଼ ଓ ତେଲଙ୍ଗାନାକୁ ସାଥୀରେ ନେଇ ଓଡିଶା ସରକାର ପୋଲାଭରମ ପ୍ରସଙ୍ଗରେ ସ୍ୱରକୁ ମଜବୁତ କରିବାକୁ ଶ୍ରୀ ପଟ୍ଟନାୟକ ପରାମର୍ଶ ଦେଇଛନ୍ତି । ପୋଲାଭରମ ପ୍ରକଳ୍ପକୁ ନେଇ ଓଡିଶା ସରକାରଙ୍କ ଉଦାସୀନତାକୁ କଠୋର ଶବ୍ଦରେ ନିନ୍ଦା କରିଛି ଓଡିଶା ସିଟିଜେନସ ଫୋରମ । କେନ୍ଦ୍ର ସରକାର ଆନ୍ଧ୍ରକୁ ସବୁ ସହାୟତା ଦେଉଥିବ ବେଳେ ଓଡିଶାକୁ ବ୍ୟାପକ ଅବହେଳା କରୁଛନ୍ତି । ରାଜ୍ୟର ଏଭଳି ବିପଦ ସମୟରେ ଓଡିଶା ସରକାର ଶୋଇ ପଡ଼ିଛନ୍ତି ବୋଲି ଅଭିଯୋଗ କରିଛି ଓଡ଼ିଶା ସିଟଜେନ୍ ଫୋରମ । ବିଜେଡି ସରକାର ସମୟରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବାରମ୍ବାର ଦାବି ଉଠାଉଥିଲେ । ମାତ୍ର ବର୍ତ୍ତମାନ ଓଡ଼ିଶା ସରକାରକୁ କେନ୍ଦ୍ରରେ କୌଣସି ଗୁରୁତ୍ୱ ମିଳୁ ନାହିଁ । ତେଣୁ ମୁଖ୍ୟମନ୍ତ୍ରୀ ତୁରନ୍ତ ପ୍ରଧାନମନ୍ତ୍ରୀଙ୍କୁ ତୁରନ୍ତ ଭେଟି ରାଜ୍ୟର ସ୍ୱାର୍ଥ ପାଇଁ ଦାବି ରଖିବା ଉଚିତ । ନଚେତ ଲୋକେ ଏ ପ୍ରସଙ୍ଗରେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଓଡିଶା ସିଟିଜେନସ ଫୋରମ ସଭାପତି ଚିନ୍ମୟ ଦାସ ଚେତାବନୀ ଦେଇଛନ୍ତି ।

ଅନ୍ୟପକ୍ଷରେ ପୋଲାଭରମ ପ୍ରକଳ୍ପର ଡିୱାଲ କାମ ଆରମ୍ଭ କରିବାକୁ ନେଇ 'ଆମ ଜନତା ଅଧିକାର' ମଧ୍ୟ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଛି । ସବୁ ନିୟମକୁ ଭାଙ୍ଗି ଆନ୍ଧ୍ର ସରକାର ପୋଲାଭରମ ଡ୍ୟାମ ବନ୍ଧର ଉଚ୍ଚତା ମନଇଚ୍ଛା ବଢ଼ାଇ ସେହି ଆଧାରରେ ଏବେ ନୂଆ ଡି ୱାଲ କରୁଛନ୍ତି । ଚଳିତ ବର୍ଷ ସୁଦ୍ଧା ଡିୱାଲ କାମ ସାରିବାକୁ ଆନ୍ଧ୍ର ସରକାର ଲାଗିପଡିଛନ୍ତି । ଆନ୍ଧ୍ର ସରକାର ଓଡ଼ିଶାର ମାଲକାନଗିରି ଅଞ୍ଚଳକୁ ବୁଡାଇବାକୁ ବ୍ୟସ୍ତ ଅଛନ୍ତି, କିନ୍ତୁ ଓଡିଶା ସରକାର ନିଜ ଅଞ୍ଚଳକୁ ବୁଡାଇବାକୁ ଅପେକ୍ଷା କରିଛନ୍ତି । ଏହାର ପ୍ରତିବାଦରେ ଆମ ଜନତା ଅଧିକାର ମୁଗି ପଏଣ୍ଟ, ମାଲକାନଗିରି ଓ ଭୁବନେଶ୍ୱରରେ ଆନ୍ଦୋଳନ କରିବାକୁ ଯୋଜନା କରିଛି । ବିଜେପିର ୨୦ ଜଣ ସାଂସଦଙ୍କୁ ରାଜ୍ୟବାସୀ ନିର୍ବାଚିତ କରିଛନ୍ତି । ତା ସତ୍ତ୍ୱେ ମଧ୍ୟ ଓଡିଶା ଯଦି ନ୍ୟାୟ ନ ପାଇବ ତାହେଲେ ଓଡିଶାବାସୀ ସରକାରକୁ କେବେ କ୍ଷମା ଦେବେନି ବୋଲି ଆମ ଜନତା ଅଧିକାର ସଂଯୋଜକ ପ୍ରସନ୍ନ ବିଷୋୟୀ କହିଛନ୍ତି ।

## ପ୍ରଶାସନ ଗଳଦ୍‌ଘର୍ମ...

ଡିଜି ସମ୍ମିଳନୀ, ପରେ ପ୍ରବାସୀ ଭାରତୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଛି । ଉତ୍କର୍ଷ ଓଡ଼ିଶା ଏହି କ୍ରମରେ ତୃତୀୟ ବଡ଼ ସମାବେଶ । ଚଳିତ ମାସ ୨୮ ଓ ୨୯ ତାରିଖ ଦୁଇ ଦିନ ଧରି ଜନତା ମଇଦାନ ଠାରେ ଆୟୋଜିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ଦେଶ ବିଦେଶରୁ ବହୁ ଉଦ୍ୟୋଗପତି, ନିବେଶକ ଯୋଗଦେବେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ କିଛି କେନ୍ଦ୍ରମନ୍ତ୍ରୀମାନେ ଏଥିରେ ଯୋଗ ଦେବେ । ଏଥିପାଇଁ ଅତିଥିଙ୍କ ପଞ୍ଜୀକରଣ ତଥା ସୂଚନା ପ୍ରଦାନ ପାଇଁ ସରକାର ସ୍ୱତନ୍ତ୍ର ୱେବ୍‌ସାଇଟ୍ ଏବଂ ଆପ୍ ପ୍ରଚଳନ କରିଛନ୍ତି । ମାତ୍ର ଆଗାମୀ ସମାବେଶରେ ନିବେଶକମାନେ ଓଡ଼ିଶାରେ ନିବେଶ ନିମନ୍ତେ କେଉଁ ଆଭିମୁଖ୍ୟ ପୋଷଣ କରୁଛନ୍ତି ତାହା ଉପରେ ସମସ୍ତଙ୍କ ଦୃଷ୍ଟି ନିବଦ୍ଧ ହୋଇଛି ।

୨୦୧୬ ପ୍ରଥମ ମେକ୍ ଇନ୍ ଓଡିଶା ସମ୍ମିଳନୀରେ ୧୮ ହଜାର କୋଟିର ୨୮ଟି ଶିଳ୍ପ ପ୍ରସ୍ତାବ ହସ୍ତଗତ ହୋଇଥିଲା । ଏହା ବିଶେଷଭାବରେ ଆଇଟି, ଇସ୍ପାତ, ପେଟ୍ରୋକେମିକାଲ, ନବୀକରଣୀୟ ଶକ୍ତି, ସବୁଜ ଶକ୍ତି, ଗ୍ରୀନ୍ ହାଇଡ୍ରୋଜେନ, ଇନଫ୍ରାଷ୍ଟ୍ରକଚର୍, ବୟନ, ଖାଦ୍ୟ ପ୍ରକ୍ରିୟାକରଣ, ଏମ୍‌ଏସ୍‌ଏମଇ, ଇଲେକ୍ଟ୍ରୋନିକ୍ ସିଷ୍ଟମ୍ ଡିଜାଇନ ଆଣ୍ଡ ମାନୁଫାକଚରିଂ (ଇଏସ୍‌ଡିଏମ୍), ପ୍ରସାଧନ ଆଦି କ୍ଷେତ୍ର ଉପରେ ପର୍ଯ୍ୟବେଶିତ ଥିଲା । ନିବେଶକଙ୍କୁ ଆକୃଷ୍ଟ କରିବା ଲାଗି ଶିଳ୍ପ ନୀତିରେ ସଂଶୋଧନ କରିବା, ନିବେଶ ଅନୁକୂଳ ପରିବେଶ ସୃଷ୍ଟି ତଥା ଭିତ୍ତିଭୂମି ଉପରେ ଯଥେଷ୍ଟ ଗୁରୁତ୍ୱ ଦିଆଯାଇଥିଲା । ପରିଣାମ ସ୍ୱରୂପ ଓଡିଶା ଶିଳ୍ପାୟନରେ ବଡ଼ ପରିବର୍ତ୍ତନ ଆସିଥିଲା ।୨୦୨୨ ମେକ୍ ଇନ୍ ଓଡିଶା କନକ୍ଲେଭ୍‌ରେ ଓଡିଶାକୁ ୧୦.୩୭ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ପ୍ରସ୍ତାବ ମିଳିଥିଲା ସେଥିରେ ଜାପାନ, ଜର୍ମାନୀ, ନରୱେ, ନେପାଳ, ବାଂଲାଦେଶ, ଅଷ୍ଟ୍ରେଲିଆ, ଇଣ୍ଡୋନେସିଆ, ଚୀନ, ଇସ୍ରାଏଲ୍, ସିଙ୍ଗାପୁର, ଥାଇଲାଣ୍ଡ ଭଳି ୧୧ ଦେଶର ନିବେଶକଙ୍କ ସମେତ ପ୍ରାୟ ୧୮ ହଜାର ପ୍ରତିନିଧି ଯୋଗ ଦେଇଥିଲେ ।

ନୂଆ ସରକାର ପୁଞ୍ଜିନିବେଶକୁ ପ୍ରୋତ୍ସାହିତ କରିବା କାର୍ଯ୍ୟକ୍ରମ ବାବଦରେ ରାଜ୍ୟ ସରକାର ଚଳିତ ବଜେଟରେ ୧୨୦ କୋଟି ଟଙ୍କା ବ୍ୟୟ ବରାଦ କରିଛନ୍ତି । ଖୋଦ୍ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦିଲ୍ଲୀ, ମୁମ୍ବଇ ଏବଂ ସିଙ୍ଗାପୁରରେ ନିବେଶକଙ୍କ ସହ ଆଲୋଚନା କରି ଓଡିଶାରେ ନିବେଶ କରିବା ପାଇଁ ଅନୁରୋଧ କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ନିମନ୍ତ୍ରଣ ରକ୍ଷା କରି ତିନି ଦିନ ତଳେ ସିଙ୍ଗାପୁର ରାଷ୍ଟ୍ରପତି ଭୁବନେଶ୍ୱରରେ ଆସିଥିଲେ ଏବଂ ତାଙ୍କ ଉପସ୍ଥିତିରେ ୮ଟି ଗୁରୁତ୍ୱପୂର୍ଣ୍ଣ ବୁଝାମଣା ପତ୍ରରେ ସ୍ୱାକ୍ଷର ହୋଇଛି । ଅପରପକ୍ଷେ ଚଳିତ ମାସରେ ଅନୁଷ୍ଠିତ୧୮ତମ ପ୍ରବାସୀ ଭାରତୀୟ ସମ୍ମିଳନୀର ପ୍ରଭାବ ମଧ୍ୟ ଆଗାମୀ ଶିଳ୍ପ ମହାକୁମ୍ଭ ଉପରେ ପଡ଼ିବ ବୋଲି କୁହାଯାଉଛି । ୨୦୨୯ ସୁଦ୍ଧା ଓଡିଶାକୁ ୨.୫ ଲକ୍ଷ କୋଟି ଟଙ୍କାର ଘରୋଇ ପୁଞ୍ଜିନିବେଶ ଏବଂ ୨ ବିଲିୟନ୍ ଡଲାର ବିଦେଶୀ ପୁଞ୍ଜି ନିବେଶ (ଏଫ୍‌ଡିଆଇ) ଅଣାଯିବ ବୋଲି ନିର୍ବାଚନ ସମୟରେ ବିଜେପି ପ୍ରତିଶ୍ରୁତି ଦେଇଥିଲା । ଏହି ପରିପ୍ରେକ୍ଷୀରେ ଆଗାମୀ ନିବେଶ ସମାବେଶ ରାଜ୍ୟ ସରକାରଙ୍କ ପାଇଁ ଅଗ୍ନିପରୀକ୍ଷା ପରି ହୋଇଛି । ସମୃଦ୍ଧ ଓଡିଶା ଗଠନ ଲକ୍ଷ୍ୟ ରଖିଥିବା ନୂଆ ସରକାରଙ୍କ ପାଇଁ ନିବେଶକଙ୍କ ବିଶ୍ୱାସଭାଜନ ହେବା ସବୁଠାରୁ ବଡ଼ ଆହ୍ୱାନ ପାଲଟିଛି । ଅନ୍ୟପକ୍ଷରେ ଡିଜି ସମ୍ମିଳନୀ ଓ ପ୍ରବାସୀ ଭାରତୀୟ ଦିବସ କାର୍ଯ୍ୟକ୍ରମ ସମୟରେ ରାଜଧାନୀବାସୀ ଟ୍ରାଫିକ୍ ଭିଡ଼ରେ ଅଣନିଶ୍ୱାସୀ ହୋଇଛନ୍ତି । ସହରର ରାସ୍ତା ଘଣ୍ଟା ଘଣ୍ଟା ଧରି ଜାମ୍ ରହିବା ଦ୍ୱାରା ଲୋକଙ୍କୁ ଅକଥନୀୟ ନିର୍ଯାତନା ଭୋଗିବାକୁ ପଡ଼ିଛି । ଏହି ପରିପ୍ରେକ୍ଷୀରେ ନିବେଶ ସମ୍ମିଳନୀ ସମୟରେ ସହରର ଟ୍ରାଫିକ ପରିଚାଳନା ଯେପରି ବିପର୍ଯ୍ୟସ୍ତ ନ ହେବ ତାହା କମିଶନରେଟ ପୁଲିସ ପାଇଁ ମଧ୍ୟ ବଡ଼ ଚାଲେଞ୍ଜ ହୋଇଛି ।

## ସରୁନି ସର୍ଭେ...

ସାଟେଲାଇଟ୍ ଫଟୋଚିତ୍ର ମଧ୍ୟରୁ ୧୮ ଲକ୍ଷ ୮୮ ହଜାର ୩୫୪ଟି ଜମିର ଫିଲ୍ଡ ସର୍ଭେ ଶେଷ ହୋଇସାରିଛି । ଅବଶିଷ୍ଟ୧୭ହଜାର ୧୩୬ଟି ଜମିର ସାଟେଲାଇଟ୍ ଫଟୋଚିତ୍ରର ଫିଲ୍ଡ ସର୍ଭେ ଏବେବି ଶେଷ ହୋଇପାରିନି । ଏଥିରେ ଯାଜପୁର ଜିଲ୍ଲାର ସର୍ବାଧିକ ୫୦୫୦ଟି ପ୍ଲଟ, ଭଦ୍ରକ ଜିଲ୍ଲାର ୨୭୪୩ଟି ଜମି, ପୁରୀ ଜିଲ୍ଲାର ୧୯୫୫ଟି ଜମି ଓ ବାଲେଶ୍ୱରର ୧୭୧୮ଟି ଜମି ରହିଛି । ଏହି ଜମିର ଚାଷୀମାନେ ନିଜର ଅମଳ ଧାନକୁ ବିକ୍ରି କରିବା ନିମନ୍ତେ ପାକ୍ସରେ ପଞ୍ଜୀକରଣ କରିଛନ୍ତି । ହେଲେ ସେମାନଙ୍କୁ ଟୋକନ ମିଳି ନ ଥିବାରୁ ସରକାରୀ ଧାର୍ଯ୍ୟ ଦରରେ ଧାନ ବିକି ଦି' ପଇସା ପାଇବା ସେମାନଙ୍କ ପାଇଁ ସାତସପନ ହୋଇ ଯାଇଛି । ଫଳରେ ବାଧ୍ୟ ହୋଇ ସେମାନେ ଧାନ ବିକିବା ପାଇଁ ଦଲାଲ୍‌ଙ୍କ ଶରଣ ପଶିଛନ୍ତି ।

ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଯେଉଁ ୧୮ ଲକ୍ଷ ୮୮ ହଜାର ୩୫୪ଟି ଜମିର ଫିଲ୍ଡ ସର୍ଭେ ହୋଇଛି, ସେଥିରୁ ମାତ୍ର ୨ଲକ୍ଷ ୨୩ ହଜାର ୧୮୧ଟି ଜମି ହେଉଛି ଧାନ ଚାଷ ହେଉଛି । ବାକି ୧୬ଲକ୍ଷ ୬୫ହଜାର ୧୭୩ଟି ଜମି ହେଉଛି ଅଣଧାନ ଚାଷ ହେଉଥିବା ଜଣାପଡ଼ିଛି । ଧାନ ବିକ୍ରି କରିବା ପାଇଁ ଚାଷୀମାନେ ଏସବୁ ଜମିର ତଥ୍ୟ ଦେଇଥିବା ବିଭାଗର ତଥ୍ୟରୁ ସ୍ପଷ୍ଟ ହୋଇଛି । ଅନ୍ୟପକ୍ଷରେ ରାଜ୍ୟ ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ରାଜ୍ୟ ସରକାର ପ୍ରାୟ ୩୦ହଜାର ଟନ୍ ଧାନ କିଣି ସାରିଛନ୍ତି । ଏବାବଦରେ ୮ ହଜାର କୋଟି ଟଙ୍କା ଧାନ ମୂଲ୍ୟ ଚାଷୀଙ୍କୁ ଦିଆସରିଛି । ଅଦିନିଆ ବର୍ଷା ପାଇଁ ଧାନର ମାନ ହ୍ରାସ ହୋଇଥିବାରୁ କିଛି ଜାଗାରେ କଟ୍‌ନୀଛଟ୍‌ନୀ ହେଉଛି । ଚାଷୀଙ୍କଠାରୁ ଅଳ୍ପ କାଟିଲେ ବି ୩୧୦୦ଟଙ୍କା ପାଇବା ଯୋ ।ଗୁଁ ଚାଷୀମାନେ ଧାନ ବିକ୍ରି କରୁଛନ୍ତି ।

## ଦୀପାବଳି ସୁଦ୍ଧା...

ସୁନା ଉପରେ ସୀମା ଶୁଳ୍କରେ ବୃଦ୍ଧି ଘଟାଇବାକୁ ଯାଉଛନ୍ତି । ଯଦି ଏହା ହୁଏ ତେବେ ସୁନା ମୂଲ୍ୟ ଆହୁରି ବୃଦ୍ଧି ପାଇପାରେ ବୋଲି ବିଶ୍ୱାସ କରାଯାଉଛି । ରିପୋର୍ଟ ଅନୁଯାୟୀ, କେନ୍ଦ୍ର ବଜେଟରେ ସରକାର ସୁନା ଉପରେ ସୀମା ଶୁଳ୍କ ବୃଦ୍ଧି କଲେ ସୁନା ଆମଦାନୀ ମହଙ୍ଗା ହୋଇଯିବ ।ଏହା ସୁନା ମୂଲ୍ୟକୁ ଆହୁରି ବୃଦ୍ଧି କରିବ । ଏଠାରେ ସୂଚନାଯୋଗ୍ୟ ଯେ ଗତ ବର୍ଷ ବଜେଟରେ ସରକାର ସୁନା ଉପରୁ ସୀମା ଶୁଳ୍କ ୧୫ ପ୍ରତିଶତରୁ ୬ ପ୍ରତିଶତକୁ ହ୍ରାସ କରିଥିଲେ । ଏହାପରେ ଘରୋଇ ବଜାରରେ ସୁନା ମୂଲ୍ୟରେ ବହୁତ ହ୍ରାସ ଘଟିଥିଲା । ବଜାରରେ ସୁନା ମୂଲ୍ୟ ସ୍ଥିର ରଖିବା ଏବଂ ନିରନ୍ତର ମୁଦ୍ରାସ୍ଫୀତି ମଧ୍ୟରେ ପର୍ଯ୍ୟାପ୍ତ ଯୋଗାଣ ସୁନିଶ୍ଚିତ କରିବା ପାଇଁ ସରକାର ସୁନା ଉପରେ ସୀମା ଶୁଳ୍କ ହ୍ରାସ କରିଥିଲେ । ମୂଲ୍ୟ ବଢ଼ୁଥିଲେ ସୁଦ୍ଧା ସୁନାର ଉପଯୋଗିତାରେ ବୃଦ୍ଧି ବଡ଼ ଚିନ୍ତାର ବିଷୟ ପାଲଟିଛି, ଯାହା ବାଣିଜ୍ୟ ନିଅଣ୍ଟକୁ ବୃଦ୍ଧି କରିପାରେ । ଏପରି ପରିସ୍ଥିତିରେ, ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଯେ ଏହି କ୍ଷତିକୁ ରୋକିବା ପାଇଁ ସରକାର ବଜେଟରେ ସୁନା ଉପରେ ସୀମା ଶୁଳ୍କ ବୃଦ୍ଧି ଘୋଷଣା କରିପାରନ୍ତି ।

## ଦୟା ପାଣିରେ...

ନଦୀଜଳ ବିଷାକ୍ତ ହୋଇଯାଇଛି । ଏଥିରେ ଦୟା ସମ୍ପୂର୍ଣ୍ଣ ପ୍ରଦୂଷିତ ବୋଲି କୁହାଯାଇଥିଲା । ହେଲେ ଏହାର ବ୍ୟବହାର ଉପରେ ରୋକ୍ ଲଗାଯିବା ପାଇଁ ସେମିତି କୌଣସି ପଦକ୍ଷେପ ଗ୍ରହଣ କରାଯାଇନଥିଲା । ଅନ୍ୟପଟେ ପୁରୀ ଜିଲ୍ଲାର ଜଳକଷ୍ଟ ଅଞ୍ଚଳ କଣାସର ଅନେକ ଲୋକେ ଦୟା ନଦୀର ପାଣିକୁ ବ୍ୟବହାର କରି ଆସୁଥିଲେ । ସେମାନେ ଚିରାଚରିତ ଢଙ୍ଗରେ ଦୟାନଦୀର ପାଣି ବ୍ୟହାର କରିବା ଫଳରେ କିଛି ପଞ୍ଚାୟତରେ ଆରମ୍ଭ ହୋଇଥିଲା ଝାଡ଼ାବାନ୍ତି । ଗଡ଼ିଶାଗଦା, ଗୋପିନାଥପୁର ପଞ୍ଚାୟତର ଏକାଧିକ ଗାଁର ଲୋକେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିଲେ । ଏହାର କାରଣ ଖୋଜିବାକୁ ଯାଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦୟାନଦୀର ପାଣିର ନମୁନା ସଂଗ୍ରହ କରାଯାଇଥିଲା । ଭୁବନେଶ୍ୱରରେ ଏହି ନମୁନା ଯାଞ୍ଚ ପରେ ଦୟାନଦୀ ପାଣିରେ ହଇଜା ଭୂତାଣୁ ଚିହ୍ନଟ ହୋଇଥିଲା । ଫଳରେ କଣାସ ଅଞ୍ଚଳରେ ଏବେ ଝାଡ଼ାବାନ୍ତି ସ୍ଥିତି ଅଣାୟତ୍ତ ହୋଇପଡ଼ିଛି । ଦୟା ନଦୀର ଦୂଷିତ ଜଳ କଣାସ ବ୍ଲକ୍ ନଦୀ କୂଳିଆବାସୀଙ୍କ ପାଇଁ ସାଜିଛି କାଳ । ପ୍ରାୟ ୧୨/୧୩ ଦିନ ହେବ ଗଡ଼ିଶାଗୋଦା, ଜାମଳଗୋଦା, ଗୋପୀନାଥପୁର ତିନୋଟି ପଞ୍ଚାୟତର ଶତାଧିକ ଲୋକେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହେବା ସହିତ ମୃତ୍ୟୁ ସଂଖ୍ୟା ୪କୁ ଛୁଇଁଲାଣି । ଏହାକୁ ନେଇ ଗଡ଼ିଶାଗୋଦା, ଗୋପୀନାଥପୁର ଅଞ୍ଚଳରେ ଲୋକଙ୍କ ମନରେ କୋକୁଆ ଭୟ ସୃଷ୍ଟି ହୋଇଛି ।

ବିଶେଷକରି ଦୟାନଦୀ ଅବବାହିକାରେ ଥିବା ଗାଁଗୁଡ଼ିକରେ ଝାଡ଼ାବାନ୍ତି ବ୍ୟାପିବାରେ ଲାଗିଛି । ଭୁବନେଶ୍ୱରରୁ ଗଙ୍ଗୁଆ ନାଳ ଦେଇ ଆସୁଥିବା ଦୂଷିତ ଡ୍ରେନେଜ ପାଣି ମିଶିବା ପରେ ଦୟା ନଦୀର ପାଣି ପ୍ରଦୂଷିତ ହୋଇଯାଇଛି । ପୂର୍ବରୁ ଦୟାନଦୀର ପାଣି ବ୍ୟବହାର ନକରିବା ଉପରେ ଜନସଧାରଣଙ୍କୁ ବାରଣ କରାଯାଇଥିଲା । ହେଲେ ଅଧିକାଂଶ ଅଞ୍ଚଳରେ ପିଇବା ପାଣିର ସୁବିଧା ନ ଥିବାରୁ ସେମାନେ ବାଧ୍ୟ ହୋଇ ନଦୀପାଣିକୁ ବ୍ୟବହାର କରୁଥିଲେ । ଫଳରେ ଏଥିରୁ ଝାଡ଼ାବାନ୍ତି ବ୍ୟାପିଥିବା କୁହାଯାଉଛି । ପ୍ରତିଦିନ ଆକ୍ରାନ୍ତଙ୍କ ସଂଖ୍ୟା ବଢୁଛି । କଣାସ ସମେତ ପୁରୀ ଏବଂ ଭୁବନେଶ୍ୱରର ବିଭିନ୍ନ ହସ୍ପିଟାଲରେ ଆକ୍ରାନ୍ତଙ୍କ ଚିକିତ୍ସା ଚାଲିଛି । ଶନିବାର ସୁଦ୍ଧା ୩ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ରବିବାର ଆଉ ଜଣଙ୍କର ମୃତ୍ୟୁ ହୋଇଛି । ମୃତକ ହେଲେ, ନଈକୂଳ ପାଟଣାର ଗୁରେଇ ସେଠୀ (୬୦) । କିଛି ଦିନ ହେବ ଝାଡ଼ାବାନ୍ତିରେ ଆକ୍ରାନ୍ତ ଗୁରେଇଙ୍କୁ ଭୁବନେଶ୍ୱର ନିଆଯାଉଥିବା ବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଛି । ଏହାକୁ ନେଇ ଅଞ୍ଚଳବାସୀଙ୍କ ମନରେ ଛନକା ପଶିଥିବା ବେଳେ ଝାଡ଼ାବାନ୍ତିକୁ କିପରି ନିୟନ୍ତ୍ରଣ କରାଯିବ, ସେନେଇ ପ୍ରଶାସନର ମଧ୍ୟ ଚିନ୍ତା ବଢ଼ିଯାଇଛି । ଅନ୍ୟପଟେ ଏବେ ବି କଣାସର ବିଭିନ୍ନ ଅଞ୍ଚଳରୁ ପ୍ରାୟ ୫୦ରୁ ଅଧିକ ଆକ୍ରାନ୍ତ କଣାସ, ପୁରୀ ଏବଂ ଭୁବନେଶ୍ୱରର ବିଭିନ୍ନ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି । କଣାସ ଝାଡ଼ାବାନ୍ତିକୁ ନିୟନ୍ତ୍ରଣ କରିବା ଲାଗି ଗାଁ ଗାଁ ବୁଲି ସଚେତନ କରାଉଛନ୍ତି ଡାକ୍ତରୀ ଟିମ୍ । ବିଶେଷକରି ଅଧିକ ପ୍ରଭାବିତ ଜାଗୁଲାଇପଦର ଏବଂ ନୂଆଗାଁ ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଇଛି । ଗାଁରେ ଅଙ୍ଗନୱାଡି କର୍ମୀ, ଆଶା କର୍ମୀ ବୁଲି ଦୂଷିତ ପାଣି ବ୍ୟବହାର ନ କରିବା ପାଇଁ ଲୋକଙ୍କୁ ବୁଝାଉଛନ୍ତି । ସ୍ୱାସ୍ଥ୍ୟ ବିଭାଗ ଟିମ୍ ମଧ୍ୟ ସ୍ଥିତି ସମୀକ୍ଷା କରିଛନ୍ତି । ହେଲେ ଏ ପର୍ଯ୍ୟନ୍ତ ନିୟନ୍ତ୍ରଣକୁ ଆସିପାରୁ ନାହିଁ । ପ୍ରତିଦିନ ନୂଆନୂଆ ବ୍ୟକ୍ତି ଏଥିରେ ଆକ୍ରାନ୍ତ ହେଉଛନ୍ତି । ଅନ୍ୟପକ୍ଷରେ ଗ୍ରାମବାସୀ କିପରି ସ୍ଥାୟୀ ଭାବେ ବିଶୁଦ୍ଧ ପାଣି ପାଇବେ, ସେଥିଲାଗି ଦାବି କରିଛନ୍ତି ।


**AFFIDAVIT**

By virtue of an affidavit sworn before the Notary Public, Bhubaneswar dt 04.11.2024, I Barkha Sinha have changed my name from BARKHA DEVI to BARKA SINHA and also my son's name from PRETEEK SINHA to PRATIK SINHA for all Future purposes.

Sd/- Barkha Sinha

**AFFIDAVIT**

By virtue of an Affidavit sworn before the Notary Public, Nayagarh, Dated 02.01.2025, I Suryamani Mohanty, S/o Chintamani Mohanty resident of Krushnaprasad, Itamati, Nayagarh-752068 declare that I have changed my minor daughter's name from LIZA MOHANTY to BARSHA MOHANTY. Henceforth she shall be known as **BARSHA MOHANTY** for all future purposes.

Sd/- Suryamani Mohanty

**AFFIDAVIT**

By virtue of an affidavit I declare that in my driving licence My name has been wrongly recorded as Diptikar Rout instead of Bhagirathi Rout which recorded in my certificate and all identification card.So my name is Bhagirathi Rout S/O late Pabitra Mohan Rout .At Kunal . PO Samasarpur .PS Athgarh District Cuttack.

**ପୂର୍ବତଟ ରେଳପଥ**

e-Tender Notice No.: SNTPBBS-012025-IPEXCHANGE, ତା.13.01.2025 ରିଖ

କାର୍ଯ୍ୟର ନାମ: [illegible] TDM [illegible] IP [illegible] SIP [illegible]

କାର୍ଯ୍ୟର ଆନୁମାନିକ ମୂଲ୍ୟ : ଟ.15,75,35,193/-

EMD : ଟ.9,37,700/-, [illegible] : 12 [illegible]

[illegible] : ତା. 04.02.2025 [illegible] 1030 [illegible]

[illegible] (Firm) [illegible]


[illegible] www.ireps.gov.in [illegible]

[illegible] www.ireps.gov.in

[illegible] (P-1), ଭୁବନେଶ୍ୱର

PR-125/CH/24-25

# ସମ୍ପାଦକୀୟ



ଆତ୍ମସନ୍ତୋଷ ହେଉଛି ନୈସର୍ଗିକ ସମ୍ପଦ ଓ ବିଳାସ କେବଳ କୃତ୍ରିମ ଦରିଦ୍ରତା।
-ଗ୍ରୀକ୍ ଦାର୍ଶନିକ ସକ୍ରେଟିସ୍

ସକାଳ
THE SAKALA

## (ଅ)ଭରସାଯୋଗ୍ୟ ମାନଦଣ୍ଡ!

'କେବଳ ଦକ୍ଷତା ବିକାଶ ହିଁ ଆମର ଏକମାତ୍ର ଓ ଚୂଡ଼ାନ୍ତ ଲକ୍ଷ୍ୟ ହେବ ନାହିଁ; ଆମର ଯୁବପିଢ଼ିଙ୍କ ଦକ୍ଷତାକୁ ଯେପରି ବିଶ୍ୱସ୍ତରୀୟ ସ୍ୱୀକୃତି ମିଳିପାରିବ ସେ ଦିଗରେ ଯୋଜନାବଦ୍ଧ ଭାବେ କାମ କରିବାକୁ ପଡ଼ିବ...।' ... 'ଏପରି ଏକ ଦିନ ଆସିବ ଯେତେବେଳେ ନିଯୁକ୍ତିଦାତାମାନେ ଚାକିରି ଆଶାୟୀ ପ୍ରାର୍ଥୀମାନଙ୍କୁ ସାକ୍ଷାତକାର ବେଳେ ପଚାରିବେ ତୁମେ କୁଶଳୀ ତ? ଏବଂ ତୁମେ ଓଡ଼ିଶାରେ ଦକ୍ଷତା ବିକାଶ ତାଲିମପ୍ରାପ୍ତ ତ?' ଏଭଳି ଏକ ଦୂରଦର୍ଶୀ ଲକ୍ଷ୍ୟ ଓ ମହାତାକାଂକ୍ଷୀ ଚିନ୍ତାଧାରା ସହିତ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶାକୁ ବିଶ୍ୱର ଦକ୍ଷତା କେନ୍ଦ୍ର ଭାବେ ଗଢ଼ି ତୋଳିବାକୁ ଯେଉଁ ସମୟୋପଯୋଗୀ ଉଦ୍ୟମ କରିଥିଲେ ତାହାର ପ୍ରାସଙ୍ଗିକତା ଓ ଗୁରୁତ୍ୱ ଏବେ ଅନୁଭୂତ ହେଉଛି। ରାଜ୍ୟର ଓ ଦେଶର ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଦକ୍ଷ ମାନବ ସମ୍ବଳ ଓ କୁଶଳୀ ଶ୍ରମଶକ୍ତିର ଅପରିହାର୍ଯ୍ୟତା କେତେ ଏବଂ ଦକ୍ଷତା ତାଲିମ୍ ପାରଦର୍ଶିତାରେ ଭାରତର ସ୍ଥାନ କେଉଁଠି ତାହା ବିଭିନ୍ନ ସୂଚକାଙ୍କ ସୂଚିତ ଓ ସତର୍କ କରାଇ ଦେଉଛି।

ଗତବର୍ଷ ଇସ୍ରାଏଲରୁ ଏଭଳି ଏକ ଅବାଞ୍ଛିତ ଖବର ମିଳିଥିଲା, ଯାହା ବିଶ୍ୱର ସର୍ବବୃହତ୍ ଯୁବଶକ୍ତିର ଦେଶ ଭାରତ ପାଇଁ ଯେତିକି ଲଜ୍ଜାଜନକ ତା'ଠାରୁ ଅଧିକ ଚିନ୍ତାଜନକ ଥିଲା। ଭାରତ ସରକାରଙ୍କ ଦ୍ୱାରା ପରିଚାଳିତ ବିଶ୍ୱ ଦକ୍ଷତା କେନ୍ଦ୍ରରେ ତାଲିମ୍‌ପ୍ରାପ୍ତ ଯେଉଁ କୁଶଳୀ କାରିଗରମାନଙ୍କୁ ଇସ୍ରାଏଲ୍ ପଠାଯାଇଥିଲା, ସେଠାକାର କର୍ମସଂସ୍କୃତି ଓ ଦକ୍ଷତା ମାନଦଣ୍ଡରେ ସେମାନେ ଅଯୋଗ୍ୟ ବିବେଚିତ ହୋଇ ଅନ୍ୟ କ୍ଷେତ୍ରରେ ମଜୁରିଆ, ଏପରିକି ଝାଡ଼ୁଦାର ଭାବେ ସମାନ ପାରିଶ୍ରମିକରେ ବାଧ୍ୟବାଧକତାରେ କାମ କରୁଥିବା ଜଣାପଡ଼ିଥିଲା। ନିର୍ମାଣ କ୍ଷେତ୍ରରେ ଭାରତରେ ସବୁଠାରୁ ଦକ୍ଷ ଓ କୁଶଳୀ ବିବେଚିତ ଉତ୍ତରପ୍ରଦେଶ, ବିହାର ଓ ହରିଆଣାର କାରିଗର ବା ରାଜମିସ୍ତ୍ରୀମାନେ ହିଁ ବିଦେଶର କର୍ମକୁଶଳତା ମାନଦଣ୍ଡରେ ବିଫଳ ହେବା ପରେ ଭାରତର ଦକ୍ଷତା କେନ୍ଦ୍ରର ପାରଦର୍ଶିତା ପ୍ରଶ୍ନଘେରକୁ ଆସିବା ସ୍ୱାଭାବିକ। ବିଦେଶରେ ଭାରତୀୟ ଶ୍ରମ ଶକ୍ତିର ଦକ୍ଷତା ଓ କୌଶଳର ବିକଳ ଚିତ୍ର ସ୍ୱତଃ ପ୍ରଶ୍ନ ସୃଷ୍ଟି କରୁଛି ଯେ ଆମ ଦେଶର ବିଭିନ୍ନ ଅଞ୍ଚଳରେ ପ୍ରତିଷ୍ଠିତ ବିଶ୍ୱ ଦକ୍ଷତା ବିକାଶ କେନ୍ଦ୍ରମାନଙ୍କର ତାଲିମ୍ ପ୍ରଣାଳୀ ବିଶ୍ୱସ୍ତରୀୟ ତ?

ଏହି ପ୍ରଶ୍ନର ଉତ୍ତର ଖୋଜିବା ବେଳେ ନିକଟରେ ପ୍ରକାଶିତ 'କ୍ୟୁଏସ୍ ୱାର୍ଲ୍ଡ ଫ୍ୟୁଚର ସ୍କିଲ୍ ଇଣ୍ଡେକ୍ସ - ୨୦୨୫' ଯେଉଁ ତଥ୍ୟ ଉଲ୍ଲେଖ ରହିଛି ତାହା ଆମ ପାଇଁ ଖୁସି କମ୍ ଚିନ୍ତା ଅଧିକ କରିବାକୁ ବାଧ୍ୟ କରୁଛି। ଏହି ସୂଚକାଙ୍କ ଅନୁଯାୟୀ କୃତ୍ରିମ ବୁଦ୍ଧିମତ୍ତା(ଏଆଇ), ଗ୍ରୀନ୍ ସ୍କିଲ୍ ପରି ଆଗାମୀ ଦିନର ନିଯୁକ୍ତି ସମ୍ଭାବନା ପାଇଁ ବର୍ତ୍ତମାନର ପ୍ରସ୍ତୁତିରେ ଭାରତ ଆମେରିକା ପଛକୁ ବିଶ୍ୱରେ ଦ୍ୱିତୀୟ ସ୍ଥାନ ହାସଲ କରିପାରିଛି। କିନ୍ତୁ ଦକ୍ଷତା ବିକାଶ କାର୍ଯ୍ୟକ୍ରମକୁ ରୋଜଗାର ବା ନିଯୁକ୍ତି ଭିତ୍ତିକ କରିବାରେ ଭାରତର ସ୍ଥାନ ୪୦ରେ ଥିବା ବେଳେ ଭବିଷ୍ୟ ନିଯୁକ୍ତି ବଜାରର ଦକ୍ଷତା ମାନଦଣ୍ଡ ପୂରଣ କରିବାରେ ଭାରତୀୟ ଯୁବବର୍ଗଙ୍କ ସ୍ଥାନ ତାଲିକାର ୩୭ତମ ସ୍ଥାନରେ ରହିଛି। ତାଲିକାର ପ୍ରଥମ ୫ଟି ସ୍ଥାନରେ ସ୍ୱାଭାବିକ ଭାବରେ ଆମେରିକା, ବ୍ରିଟେନ୍, ଜର୍ମାନୀ, ଅଷ୍ଟ୍ରେଲିଆ ଓ କାନାଡ଼ା ରହିଛନ୍ତି। ବିଶ୍ୱର ଦ୍ରୁତପରିବର୍ତ୍ତନଶୀଳ ନିଯୁକ୍ତି ବଜାରର ଆହ୍ୱାନକୁ ସାମ୍ନା କରିବା ଲାଗି ଭାରତ ସରକାର ବିଗତ ଦଶବର୍ଷ ଧରି ଯୁବଶକ୍ତିର ଦକ୍ଷତା ବିକାଶ ଦିଗରେ ଯେଉଁ ଉଦ୍ୟମ କରିଆସୁଛନ୍ତି ତାହା ପ୍ରଶଂସନୀୟ ନିଶ୍ଚୟ; କିନ୍ତୁ ତାହା ଯେ ବିଶ୍ୱସ୍ତରୀୟ ପ୍ରତିଯୋଗିତାର ମୁକାବିଲା କରିବାରେ ଅକ୍ଷମ ଓ ଅଭରସାଯୋଗ୍ୟ ଏହି ଅପ୍ରିୟ ସତ୍ୟକୁ ସ୍ୱୀକାର କଲେ ଯାଇ ଦୁର୍ବଳତା ଓ ତ୍ରୁଟିବିଚ୍ୟୁତିକୁ ଖୋଜି ବାହାର କରାଯାଇ ପାରିବ। ଆମର ମୁଖ୍ୟ ଦୁର୍ବଳତା ହେଉଛି ପ୍ରତିବର୍ଷ ଭାରତୀୟ ଶ୍ରମ ବଜାରକୁ ଯେତେ ଯୁବବର୍ଗ ଆସୁଛନ୍ତି ସେମାନଙ୍କ ମଧ୍ୟରୁ ୭୫ ଭାଗ ନୂଆ ବୈଷୟିକ ଜ୍ଞାନକୌଶଳ, ପରିବର୍ତ୍ତିତ ଶ୍ରମ ସଂସ୍କୃତି ଓ କାର୍ଯ୍ୟଶୈଳୀ ସହିତ ପରିଚିତ ନୁହନ୍ତି। ତେଣୁ ବିଶ୍ୱ ଅର୍ଥନୀତି ଓ ବୈଷୟିକ ଜ୍ଞାନକୌଶଳ ବିକାଶର ବେଗ ସହିତ ଭାରତର ମାନବ ସମ୍ବଳ ତାଳ ଦେଇ ପାରୁନାହିଁ।

'କ୍ୟୁଏସ୍ ୱାର୍ଲ୍ଡ ଫ୍ୟୁଚର ସ୍କିଲ୍ ଇଣ୍ଡେକ୍ସ - ୨୦୨୫'ର 'ନିଯୁକ୍ତିଦାତା ବା ନିଯୁକ୍ତିବଜାର ଚାହିଦା ଅନୁକୂଳ ଦକ୍ଷତା' ବର୍ଗରେ ଭାରତ ୩୦ଟି ଦେଶ ମଧ୍ୟରେ ସବୁଠାରୁ ତଳେ ରହିଛି। ସେହିପରି 'ଭବିଷ୍ୟତର ଆବଶ୍ୟକତା ଅନୁଯାୟୀ ନବସୃଜନ' କ୍ଷେତ୍ରରେ ମଧ୍ୟ ଭାରତର ସ୍ଥାନ ଉକ୍ତ ସୂଚକାଙ୍କରେ ନୈରାଶ୍ୟଜନକ ରହିଛି। ଏପରିକି ଆଫ୍ରିକୀୟ ଦେଶମାନଙ୍କଠାରୁ ମଧ୍ୟ ଭାରତ ବହୁତଳେ ରହିଛି। ଏଥିପାଇଁ ଆମ ଉଚ୍ଚ ଶିକ୍ଷା ଓ ଗବେଷଣା ବ୍ୟବସ୍ଥାକୁ ଦାୟୀ କରାଯାଇପାରେ। ଗବେଷଣା କ୍ଷେତ୍ରରେ ଆବଶ୍ୟକ ଅନୁଯାୟୀ ପୁଞ୍ଜି ନିବେଶ ହୋଇ ନ ପାରିବା ମଧ୍ୟ ଏହାର ଆଉ ଏକ କାରଣ। ଏହି ପରିପ୍ରେକ୍ଷୀରେ ଓପନ୍ ଏଆଇର ଉଦ୍ୟୋକ୍ତା ସାମ୍ ଅଲ୍‌ଟମ୍ୟାନ୍‌ଙ୍କ ଉକ୍ତ ପ୍ରଣିଧାନଯୋଗ୍ୟ। ୨୦୨୩ ଜୁନ୍‌ରେ ଭାରତଗସ୍ତ ଅବସରରେ ସାମ୍ବାଦିକମାନଙ୍କ ପ୍ରଶ୍ନର ଉତ୍ତରରେ ସେ ଇଙ୍ଗିତ କରିଥିଲେ ଯେ ଭାରତରେ ନବସୃଜନ ଓ ଗବେଷଣାରେ ଉତ୍ତରପିଢ଼ିକୁ ସୁଯୋଗ ଦେବାରେ ପୂର୍ବପିଢ଼ି କୁଣ୍ଠିତ। ସେତେବେଳେ ଅଲ୍ଟମ୍ୟାନ୍ ସମାଲୋଚନାର ଶରବ୍ୟ ହୋଇଥିଲେ ହେଁ ତାହା ହିଁ ଅପ୍ରିୟ ସତ୍ୟ। 'ଭବିଷ୍ୟତର ଆହ୍ୱାନକୁ ମୁକାବିଲା ପାଇଁ ଯୁବବର୍ଗଙ୍କୁ ପ୍ରସ୍ତୁତ କରିବାରେ ଉଚ୍ଚଶିକ୍ଷାର ଅବଦାନ' ବର୍ଗରେ ମଧ୍ୟ ଭାରତର ସ୍ଥାନ୨୬ତମ ରହିଛି। ତେଣୁ ଉଚ୍ଚଶିକ୍ଷାକୁ ନିଯୁକ୍ତି ବା ଉପାର୍ଜନ ଅନୁକୂଳ କରିବାରେ ଭାରତ ନୀତିଗତ କ୍ଷେତ୍ରରେ ପଛୁଆ ରହିଛି ଏବଂ ଏଥିରେ ଆହୁରି ଉନ୍ନତି ଆବଶ୍ୟକ ବୋଲି ରିପୋର୍ଟରେ ପରାମର୍ଶ ଦିଆଯାଇଛି।

ସୁଖର କଥା ଏହି ପୃଷ୍ଠଭୂମିରେ ବିଗତ ୬ ବର୍ଷ ଧରି ଓଡ଼ିଶାର ଦକ୍ଷତା ବିକାଶ କାର୍ଯ୍ୟକ୍ରମରେ ମହତ୍ତ୍ୱପୂର୍ଣ୍ଣ ଯୋଗଦାନ ରଖିଥିବା ସିଙ୍ଗାପୁର ସହିତ ଏହି ମର୍ମରେ ରାଜ୍ୟ ସରକାର ଆଉ ଏକ ଚୁକ୍ତି ସ୍ୱାକ୍ଷର କରିବା ସମଗ୍ର ଦେଶ ପାଇଁ ଏକ ଶୁଭସୂଚନା। କିନ୍ତୁ କେବଳ ରାଜିନାମା, ଯୋଜନା ଓ କାର୍ଯ୍ୟକ୍ରମ କରିଦେଇ ବସିଗଲେ ଚଳିବ ନାହିଁ। ଦକ୍ଷତା ବିକାଶର ନିୟମିତ ସମୀକ୍ଷା ଓ ପରୀକ୍ଷା କରିବାକୁ ହେବ। ନିଯୁକ୍ତି ଆଶାୟୀଙ୍କ ସହିତ କାର୍ଯ୍ୟରତ ଶ୍ରମଶକ୍ତିକୁ ମଧ୍ୟ ସମୟୋପଯୋଗୀ ଓ ଆଜୀବନ ପୁନଃତାଲିମ ପ୍ରଦାନ କରିବା ଦିଗରେ ନୀତିଗତ ନିଷ୍ପତ୍ତିର ଆବଶ୍ୟକତା ରହିଛି। ସେହିପରି ସୃଜନଶୀଳତା, ସମସ୍ୟା ସମାଧାନ, ଔଦ୍ୟୋଗିକ ଚିନ୍ତାଧାରାକୁ ପାଠ୍ୟକ୍ରମରେ ସାମିଲ୍ କରିବା ଦିଗରେ ଆହୁରି ଅଧିକ ମାନସ ମନ୍ଥନ ଜରୁରୀ ହୋଇପଡ଼ିଛି। ବିଗତ ସରକାର ଅମଳରେ ରାଜ୍ୟରେ ଦକ୍ଷତା ବିକାଶ ଦିଗରେ ଯେଉଁ ଯୁଗାନ୍ତକାରୀ ପଦକ୍ଷେପ ନିଆଯାଇଥିଲା, ତାହାକୁ ଆହୁରି ଆଗକୁ ନେବାର ଦାୟିତ୍ୱ ବର୍ତ୍ତମାନର ସରକାର ଉପରେ ପଡ଼ିଛି। ଆମ ଶ୍ରମଶକ୍ତି ଉପରେ ଥିବା 'ଅଭରସାଯୋଗ୍ୟ' ଅପବାଦକୁ ଦୂର କରି ଦକ୍ଷତା ବିକାଶ ମାନଦଣ୍ଡକୁ 'ଭରସାଯୋଗ୍ୟ' କରିପାରିଲେ, ତାହା ହିଁ ହେବ ସର୍ବବୃହତ୍ ସଫଳତା। ଏହି ଗୁରୁତ୍ୱପୂର୍ଣ୍ଣ ଓ କଠିନ ଆହ୍ୱାନପୂର୍ଣ୍ଣ ଦାୟିତ୍ୱକୁ ବର୍ତ୍ତମାନର ସରକାର କିଭଳି ସୁଚାରୁ ରୂପେ ସମ୍ପାଦନ କରିପାରୁଛନ୍ତି, ତା' ଉପରେ ନିର୍ଭର କରୁଛି ରାଜ୍ୟ ଓ ଦେଶର ଅର୍ଥନୈତିକ ଭବିଷ୍ୟତ।

## ସମ୍ବିଧାନର ପ୍ରଥମ ସଂଶୋଧନ ବନାମ ସ୍ୱାଧୀନ ଅଭିବ୍ୟକ୍ତି

**ଦୁର୍ଗାପ୍ରସାଦ ଆଚାର୍ଯ୍ୟ**

ଜବାହାରଲାଲ ନେହରୁଙ୍କ ନେତୃତ୍ୱାଧୀନ ଅସ୍ଥାୟୀ ସଂସଦରେ ୧୯୫୧ ମସିହା ମେ' ମାସ ୧୨ତାରିଖରେ ଆମ ସମ୍ବିଧାନର ଧାରା-୧୯ ସହ ଅନ୍ୟ କେତୋଟିରେ ସଂଶୋଧନ ପାଇଁ ପ୍ରସ୍ତାବ ବା ବିଧେୟକ ଆଗତ କରାଯାଇଥିଲା। ଏଇଠି ସୂଚିତ କରିଦେବା ଆବଶ୍ୟକ ଯେ ସମ୍ବିଧାନ ପ୍ରଣୟନ ପାଇଁ ଯେଉଁ ସମ୍ବିଧାନ ସଭା ବା କନ୍‌ଷ୍ଟିଚ୍ୟୁଏଣ୍ଟ ଆସେମ୍ବ୍ଲି ଗଠିତ ହୋଇଥିଲା, ସ୍ୱାଧୀନତା ପ୍ରାପ୍ତି ପରେ ସେହି ସଭା ଅସ୍ଥାୟୀ ସଂସଦ ଭାବରେ ୧୯୫୨ରେ ପ୍ରଥମ ସାଧାରଣ ନିର୍ବାଚନ ହେବା ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ଥିଲା। ସମ୍ବିଧାନର ଧାରା-୩୭୯ (ଡ୍ରାଫଟ୍ ଧାରା-୩୧) ଅନୁଯାୟୀ ଏହି ଅସ୍ଥାୟୀ ସଂସଦ ନୂତନ ଆଇନ ପ୍ରଣୟନ ତଥା ସମ୍ବିଧାନ ସଂଶୋଧନ କରିବା ପାଇଁ ଯଥାବିଧି କ୍ଷମତା ପ୍ରାପ୍ତ ହୋଇଥିଲା। ଉଲ୍ଲେଖ୍ୟ ଯେ ଏହି ଅସ୍ଥାୟୀ ସଂସଦରେ ଅନୁମୋଦିତ ୧୯୫୦ ଓ ୧୯୫୧ର ଲୋକ ପ୍ରତିନିଧି ଅଧିନିୟମ ଆଧାରରେ ୧୯୫୨ ମସିହା ଠାରୁ ଏ ପର୍ଯ୍ୟନ୍ତ ଆମ ଦେଶରେ ପ୍ରତ୍ୟେକ ନିର୍ବାଚନ ଅନୁଷ୍ଠିତ ହୋଇଆସୁଛି।

ଆମ ସମ୍ବିଧାନର ଏଇ ପ୍ରଥମ ସଂଶୋଧନ ଗୋଟିଏ ଗୁରୁତ୍ୱପୂର୍ଣ୍ଣ କାରଣରୁ ଅତ୍ୟାବଶ୍ୟକ ଥିଲା। ବାକ୍ ସ୍ୱାଧୀନତା ବା ପ୍ରେସ୍ ସ୍ୱାଧୀନତା ପରି ସ୍ପର୍ଶକାତର ସାମ୍ବିଧାନିକ ପ୍ରାବଧାନର ଆଧାରରେ ସେତେବେଳର ନ୍ୟାୟାଳୟମାନେ ରାଜ୍ୟ ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ ପ୍ରଗତିମୂଳକ ନୀତିନିଷ୍ପତ୍ତି ଅସାମ୍ବିଧାନିକ ବୋଲି ରାୟମାନ ଦେଇ ଚାଲିଥିଲେ ବା ଦେବାକୁ ଏକପ୍ରକାର ବାଧ୍ୟ ହେଉଥିଲେ। ଉଦାହରଣ ସ୍ୱରୂପ, ଆମର ସର୍ବୋଚ୍ଚ ନ୍ୟାୟାଳୟ 'ରମେଶ ଥାପର୍ ବନାମ ଷ୍ଟେଟ୍ ଅଫ୍ ମାଡ୍ରାସ (୧୯୫୦)' ଆଇନଗତ ବିବାଦର ଶୁଣାଣି କରି 'ମାଡ୍ରାସ୍ ମେଣ୍ଟେନାନ୍‌ସ ଅଫ୍ ପବ୍ଲିକ ଅର୍ଡର ଆକ୍ଟ' ବା 'ସାର୍ବଜନିକ ଶାନ୍ତିଶୃଙ୍ଖଳା ବ୍ୟବସ୍ଥା ଅଧିନିୟମ-ମାଡ୍ରାସ୍' ପ୍ରେସ୍ ସ୍ୱାଧୀନତାକୁ କ୍ଷୁଣ୍ଣ କରୁଛି ବୋଲି ରାୟ ଦେଇ ତାହାକୁ ଖାରଜ କରି ଦେଇଥିଲେ ଏବଂ ତତ୍‌ସହିତ ଦର୍ଶାଇ ଦେଇଥିଲେ ଯେ କେଉଁ କେଉଁ କ୍ଷେତ୍ରରେ ବା କେଉଁ କେଉଁ କାରଣ ଯୋଗୁଁ ବାକ୍ ସ୍ୱାଧୀନତା ଓ ପ୍ରେସ୍ ସ୍ୱାଧୀନତା ଉପରେ ଅଙ୍କୁଶ ଲଗାଯାଇ ପାରିବାର ଯେଉଁସବୁ ପ୍ରାବଧାନ ସମ୍ବିଧାନର ଧାରା ୧୯ (୨)ରେ ରହିଛି, ସେଥିରେ 'ପବ୍ଲିକ୍ ଅର୍ଡର' (ସାର୍ବଜନିକ ଶାନ୍ତିଶୃଙ୍ଖଳା) ବୋଲି କିଛି ସ୍ପଷ୍ଟ ଉଲ୍ଲେଖ ନାହିଁ। ସର୍ବୋଚ୍ଚ ନ୍ୟାୟାଳୟଙ୍କ ଏହି ରାୟ ଓ ଦେଶର ଭିନ୍ନ ଭିନ୍ନ ନ୍ୟାୟଳୟମାନଙ୍କ ଅନ୍ୟ କେତୋଟି ରାୟ ଲୋକାଭିମୁଖୀ, ବିକାଶମୂଳକ ତଥା ସଂସ୍କାରମୂଳକ ସରକାରୀ ପଦକ୍ଷେପର ରୂପାୟନ ଦିଗରେ ଘୋର ପ୍ରତିବନ୍ଧକ ସୃଷ୍ଟି କରିବା ସ୍ୱାଭାବିକ ଥିଲା। ସେଥିପାଇଁ ସେହି ନିର୍ଦ୍ଦେଶିତ ପ୍ରାବଧାନରେ 'ପବ୍ଲିକ୍ ଅର୍ଡର'କୁ ଅନ୍ତର୍ଭୁକ୍ତ କରିବାର ପ୍ରକାଶ୍ୟ ଉଦ୍ଦେଶ୍ୟ ନେଇ ଧାରା-୧୯ରେ ସଂଶୋଧନ କରାଗଲା ଏବଂ ସ୍ପଷ୍ଟ କରାଗଲା ଯେ 'ଦେଶର ସୁରକ୍ଷା, ବାହ୍ୟ ଦେଶମାନଙ୍କ ସହ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ, ପବ୍ଲିକ୍ ଅର୍ଡର ବା ସାର୍ବଜନିକ ଶାନ୍ତିଶୃଙ୍ଖଳା ପ୍ରତି ବିପଦ ସୃଷ୍ଟି କରୁଥିବା, ନୈତିକତା ଓ ଶୋଭନୀୟ ଆଚରଣକୁ ଉଲ୍ଲଙ୍ଘନ କରୁଥିବା ତଥା ଅପରାଧମୂଳକ କାର୍ଯ୍ୟକଳାପକୁ ପ୍ରତ୍ୟକ୍ଷ ବା ପରୋକ୍ଷରେ ପ୍ରୋତ୍ସାହନ ଦେଉଥିବା ବାକ୍ ସ୍ୱାଧୀନତା ଓ ପ୍ରେସ୍ ସ୍ୱାଧୀନତା' କେବେହେଲେ ମୌଳିକ ଅଧିକାରର ଅନ୍ତର୍ଭୁକ୍ତ ହୋଇପାରିବ ନାହିଁ। ସେହିପରି, ଧାରା ୧୫(୩), ଧାରା ୩୧(କ) ଓ ଧାରା ୩୧(ଖ)ରେ ଏହି ପ୍ରଥମ ସଂଶୋଧନରେ ଯେଉଁସବୁ ପରିବର୍ତ୍ତନ କରାଗଲା, ସେ ସବୁର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଅନୁସୂଚିତ ଜାତି, ଜନଜାତି, ଦଳିତବର୍ଗ, ସଂଖ୍ୟାଲଘୁ ଓ କୃଷିଜୀବୀଙ୍କ ସାମଗ୍ରିକ ହିତ ପାଇଁ ଆବଶ୍ୟକ ସରକାରୀ ପଦକ୍ଷେପ ନେବା, ବିଶେଷକରି, ମୌଳିକ ଅଧିକାରର ଆଳରେ ଭୂସଂସ୍କାର ଆଇନ ଓ ଜମିଦାରୀ ପ୍ରଥା ଉଚ୍ଛେଦ ପାଇଁ ନିଆଯାଇଥିବା ସରକାରୀ ନୀତିନିଷ୍ପତ୍ତି ନ୍ୟାୟାଳୟମାନଙ୍କ ଦ୍ୱାରା ଅସାମ୍ବିଧାନିକ ବା ଅଗଣତାନ୍ତ୍ରିକ ବୋଲି ଯେପରି ଘୋଷିତ ନ ହୁଏ, ତାହା ସୁନିଶ୍ଚିତ କରିବା।

ଏ ବିଷୟ ଏଠାରେ ଅବତାରଣା କରିବାର ଉଦ୍ଦେଶ୍ୟ ହେଲା - ଭାରତୀୟ ସମ୍ବିଧାନର ପଞ୍ଚସ୍ତରୀ ବର୍ଷ ପୂର୍ତ୍ତୀ ଅବସରରେ ୨୦୨୪ର ଡିସେମ୍ବର ତେର ଓ ଚଉଦ ତାରିଖରେ ଲୋକସଭାରେ ମାନ୍ୟବର ସଦସ୍ୟା/ସଦସ୍ୟମାନେ ଯେତେବେଳେ 'ସମ୍ବିଧାନର ଗୌରବମୟ ଯାତ୍ରା' ଶୀର୍ଷକ ମହତ୍ତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ନେଇ ବିଚାରବିମର୍ଶ ବା ମାନସମନ୍ଥନ କରିବେ ବୋଲି ଆମେ ଜାଣିଲେ, ସେତେବେଳେ ସ୍ୱାଭାବିକ ଭାବରେ ଆମେ, ବିଶେଷକରି ଆମମାନଙ୍କ ମଧ୍ୟରେ ଥିବା ସଚେତନ ବୟୋଃବୃଦ୍ଧମାନେ ଭାବିଥିଲେ ଯେ ସେମାନେ ସମ୍ବିଧାନ ଓ ସାମ୍ବିଧାନିକ ବିଧିବ୍ୟବସ୍ଥା ସମ୍ପର୍କିତ କିଛି ସହୃଦୟତାପୂର୍ଣ୍ଣ ମୂଲ୍ୟବାନ, ଉପାଦେୟ ତଥା ବସ୍ତୁନିଷ୍ଠ ଓ ନିରପେକ୍ଷ ଆଲୋଚନା, ପର୍ଯ୍ୟାଲୋଚନା ଶୁଣିବାକୁ ପାଇବେ। କିନ୍ତୁ ଆମେ ସଭିଏଁ ଭୁଲିଯାଇଥିଲେ ଯେ ଆଜି ଆମ ସଂସଦରେ ଜବାହାରଲାଲ, ବଲ୍ଲଭଭାଇ ପଟେଲ, ରାମ ମନୋହର ଲୋହିଆ, ମହାବୀର ତ୍ୟାଗୀ କି ଅଟଳବିହାରୀ ବାଜପେୟୀଙ୍କ ପରି ସତ୍‌ଗୁଣୀ, ସତ୍‌ଜ୍ଞାନୀ ରାଷ୍ଟ୍ରନୀତିଜ୍ଞମାନଙ୍କ ସଂଖ୍ୟା ଯନ୍ତ୍ରଣାଦାୟକ ଭାବରେ ବିରଳ। ତେଣୁ ଆମେ ଯାହା ଶୁଣିବାକୁ ପାଇଲେ, ସେ ସବୁ ଅତି ବିମର୍ଷକର ଭାବରେ ଲଘୁ, ଚପଳ, କୋଳାହଳ ସର୍ବସ୍ୱ ହିଁ ଥିଲା; ଲଜ୍ଜାଜନକ ଭାବରେ କଟୂକ୍ତି, ଆକ୍ଷେପୋକ୍ତି, ଦ୍ୱେଷବିଦ୍ୱେଷ- ବିଜଡ଼ିତ ଆକ୍ରମଣାତ୍ମକ ଟୀକାଟିପ୍ପଣୀରୁ କିଛି ଅଧିକ ନଥିଲା। ସବୁଠାରୁ ଦୁର୍ଭାଗ୍ୟଜନକ ଥିଲା-ସମ୍ବିଧାନରେ କରାଯାଇଥିବା ସଂଶୋଧନ ସବୁର ଆବଶ୍ୟକତା ବା ପ୍ରାସଙ୍ଗିକତାକୁ ନେଇ ବିତର୍କ ଚାଲିଥିବା ବେଳେ ସମ୍ବିଧାନର ପ୍ରଥମ ସଂଶୋଧନଟି ଆନୟନ କରି ପ୍ରଥମ ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହେରୁ ନାଗରିକମାନଙ୍କ ମୌଳିକ ଅଧିକାର ଅନ୍ତର୍ଗତ ବାକ୍ ସ୍ୱାଧୀନତା ପ୍ରତି କୁଠାରାଘାତ କରିଛନ୍ତି ବୋଲି ସୃଷ୍ଟି କରାଯାଇଥିବା ତୁମ୍ବିତୋଫାନ। ଏ ପରିପ୍ରେକ୍ଷୀରେ ଲେଖକର ସ୍ପଷ୍ଟ ମତ ଯେ ନେହେରୁଙ୍କ ପ୍ରତ୍ୟକ୍ଷ ପ୍ରୋତ୍ସାହନରେ ସଂସଦରେ ଗୃହୀତ ହୋଇଥିବା ପ୍ରଥମ ସଂଶୋଧନଟି ତ୍ରୁଟିଯୁକ୍ତ ଓ ସମ୍ପୂର୍ଣ୍ଣ ଅଗଣତାନ୍ତ୍ରିକ ବୋଲି ଯେଉଁ ଯୁକ୍ତି ସବୁ ଉପସ୍ଥାପିତ କରାଗଲା, ସେ ସବୁ ଏକାବେଳକେ ଥିଲା ଏକଦେଶଦର୍ଶୀ ଏବଂ ତୁଚ୍ଛା ଅସୂୟା-ପ୍ରଣୋଦିତ ବିଚାରସୃଷ୍ଟ। ସୁତରାଂ, ସମ୍ବିଧାନର ସେହି ବିତର୍କିତ ପ୍ରଥମ ସଂଶୋଧନଟି କ'ଣ ଓ କେଉଁ ପରିସ୍ଥିତିରେ, କେଉଁଥି ପାଇଁ ସଂସଦରେ ଗୃହୀତ ହୋଇଥିଲା, ସେ ସମ୍ପର୍କରେ କିଛି ବାସ୍ତବତାର ଅବତାରଣା କରିବା ସମୟୋଚିତ ଆବଶ୍ୟକତା।

ତେଣୁ ଏତିକି କହିବା ନିଶ୍ଚୟ ଯେ ଆମ ସମ୍ବିଧାନର ପ୍ରଥମ ସଂଶୋଧନ କୌଣସି ଦୃଷ୍ଟିରୁ ଜନବିରୋଧୀ ନଥିଲା କିମ୍ବା ଅଗଣତାନ୍ତ୍ରିକ ସ୍ୱେଚ୍ଛାଚାରୀ ଶାସକୀୟ କ୍ଷମତା-ପ୍ରୟୋଗର ଉଦାହରଣ ନଥିଲା। ନିଷ୍ପାପର ଭାବରେ ଗଣତାନ୍ତ୍ରିକୀ ମନୋଭାବାପନ୍ନ ଆମର ପ୍ରଥମ ପ୍ରଧାନମନ୍ତ୍ରୀ ଦୂରଦ୍ରଷ୍ଟା ଜବାହାରଲାଲ ନେହେରୁ ଏଇ ପ୍ରଥମ ସଂଶୋଧନ ଆଣି ବାକ୍ ସ୍ୱାଧୀନତା ବା ପ୍ରେସ୍ ସ୍ୱାଧୀନତା ପରି ସର୍ବପ୍ରଧାନ ମୌଳିକ ଅଧିକାରକୁ ଅଣଦେଖା କରିଥିଲେ ବୋଲି କହିବା କେବଳ ଧୃଷ୍ଟତା ମାତ୍ର। କିନ୍ତୁ ଘୋର ବିଡ଼ମ୍ବନା ଯେ ଆମ ଦେଶରେ ଏବେ ପରିଦୃଷ୍ଟ ହେଉଥିବା ଯାବତୀୟ ଅବ୍ୟବସ୍ଥା ବା ଶାସନଗତ ବିଭ୍ରାଟର ଉତ୍ତରଦାୟିତ୍ୱ ନେବାକୁ କୁଣ୍ଠା ପ୍ରକାଶ କରୁଥିବା ନେତୃବୃନ୍ଦ ସ୍ୱାଧୀନ ଭାରତର ପ୍ରଥମପର୍ବର ଘୋର ଜଟିଳ, ସଂକଟମୟ ସନ୍ଧିକ୍ଷଣରେ ଦେଶନିର୍ମାଣର ଗୁରୁ ଭାର ନେଇଥିବା ଜବାହାରଲାଲ ନେହେରୁଙ୍କ ପ୍ରତି ବିଦ୍ୱେଷ- ବିଜଡ଼ିତ ଆଙ୍ଗୁଳି ନିର୍ଦ୍ଦେଶ କରି ଆତ୍ମସନ୍ତୋଷ ଅନୁଭବ କରୁଥିବେ। ଲାଗୁଛି ସତେଯେପରି ନେହେରୁ-ନିନ୍ଦା, ନେହେରୁ-ଭର୍ତ୍ସନାର ଆଜେଣ୍ଡା ଧରି ଏ ଉତ୍ତର-ସତ୍ୟ, ଏ ଡିପ୍ ଫେକ୍ ବା 'ବିଶ୍ୱସନୀୟ ମିଛ'ର ବିଷାକ୍ତ କାଳଖଣ୍ଡରେ ଛଦ୍ମରାଷ୍ଟ୍ରବାଦ, ସାମ୍ପ୍ରଦାୟିକ ଅସହିଷ୍ଣୁତା ଏବଂ ଧର୍ମୀୟ ଉତ୍ତେଜନାର ଧ୍ୱଜାଧାରୀମାନେ ଆକୁମାରୀ ହିମାଚଳ କୀର୍ତ୍ତନ କରିବା ଆରମ୍ଭ କରି ଦେଇଛନ୍ତି।

ଅବଶ୍ୟ ଯେଉଁଠି ଗାନ୍ଧୀ, ଗୋପବନ୍ଧୁମାନେ ଅପାଂକ୍ତେୟ, ସେଇଠି ଦରଦୀ ମାନବିକୀ ଭାବଆବେଗର ମୃଦୁ ପ୍ଲାବନରେ ସର୍ବଥା ଶିହରିତ ହେଉଥିବା ଜବାହାରଲାଲଙ୍କ ପରି ଜଣେ ସତ୍‌ମଣିଷ କିପରିବା କାହାର 'ପ୍ରତିମା ପୁରୁଷ' ହୋଇପାରିବେ? ଏହାଠାରୁ ବଳି ଦୁର୍ଭାଗ୍ୟଜନକ, ବେଦନାଦାୟକ ଆଉ କ'ଣ ବା ଥାଇପାରେ!

(ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ)
କୋଠିଆଁ ବାରଙ୍ଗ (ଜଗତସିଂହପୁର),
ମୋ: ୯୮୫୩୩୫୫୧୦୭

## ସଂସ୍କାରର ପ୍ରଥମ ପାଠଶାଳା

**ଗୋଲଖ ଚନ୍ଦ୍ର ଦାସ**

ସଂସ୍କାର ହେଉଛି ସେହି କାର୍ଯ୍ୟକଳାପ, ଯାହା ଜଣେ ବ୍ୟକ୍ତିକୁ ଯୋଗ୍ୟ ଭାବରେ ଗଢ଼ି ତୋଳିଥାଏ। ବ୍ୟକ୍ତିର ମନ, ମସ୍ତିକ ଓ ଶରୀର ପବିତ୍ର ହୁଏ। ସଂସ୍କାର ମାଧ୍ୟମରେ ମଣିଷ ନିଜର ଅନ୍ତର୍ନିହିତ ପ୍ରବୃତ୍ତିକୁ ସମ୍ପୂର୍ଣ୍ଣ ବିକାଶ କରି ଉଭୟ ନିଜର ଏବଂ ସମାଜର କଲ୍ୟାଣ କରିଥାଏ।

ପବିତ୍ର ଚିନ୍ତାଧାରା ପ୍ରଦାନ କରୁଥିବା ଭାରତରେ ଭାରତୀୟ ସନାତନ ସଂସ୍କୃତିର ଆଧାର ସ୍ତମ୍ଭ ହେଉଛି ପରିବାର। ପରିବାର ଆମ ସଂସ୍କାରର ପ୍ରଥମ ବିଦ୍ୟାଳୟ ଏବଂ ମା' ହେଉଛନ୍ତି ଏହି ବିଦ୍ୟାଳୟର ପ୍ରଥମ ଶିକ୍ଷୟିତ୍ରୀ। ଏକ ସଂସ୍କାରସମ୍ପନ୍ନ ପରିବାର ଦ୍ୱାରା ସଂସ୍କାରସମ୍ପନ୍ନ ସମାଜ ଏବଂ ଏକ ବିକଶିତ ରାଷ୍ଟ୍ର ସୃଷ୍ଟି ହୋଇପାରେ। ପରିବାର ମଧ୍ୟ ସମାଜର ପ୍ରଥମ ଅନୁଷ୍ଠାନ। ଯେତେବେଳେ ଗୋଟିଏ ପରିବାର ସମୂହ ଭାବରେ କାର୍ଯ୍ୟ କରନ୍ତି, ଏହା ଦେଶ ପାଇଁ ଉପଯୋଗୀ ହୋଇଯାଏ। ବ୍ୟକ୍ତିଗତରୁ ଗୋଷ୍ଠୀକୁ ବା 'ମୋ'ଠାରୁ 'ଆମ' ଆଡ଼କୁ ଅଗ୍ରସର ହେଉଥିବା ଏକକ ହେଉଛି ପରିବାର। ପରିବାରର ବାତାବରଣ ବ୍ୟକ୍ତିର ବ୍ୟକ୍ତିତ୍ୱ ଉପରେ ବିଶେଷ ପ୍ରଭାବ ପକାଇ ଥାଏ। ବ୍ୟକ୍ତିର ମାନସିକ ସ୍ଥିତାବସ୍ଥା ପରିବାରର ପରିବେଶ ଉପରେ ନିର୍ଭର କରେ। ପରିବାର ପାଇଁ ତିନୋଟି ଜିନିଷ ଗୁରୁତ୍ୱପୂର୍ଣ୍ଣ। ତାହା ହେଉଛି ଭକ୍ତି, ଶକ୍ତି ଓ ଆନନ୍ଦ।

ପାଶ୍ଚାତ୍ୟକରଣ ଯୋଗୁଁ ଏବେ ଦେଖାଯାଉଛି ପରିବାର ସଦସ୍ୟମାନେ ଭିନ୍ନ ଭିନ୍ନ ଆଚରଣ କରୁଛନ୍ତି। ନିଜ ନିଜ ମଧ୍ୟରେ ପାରସ୍ପରିକ ବୁଝାମଣା, ଆଲୋଚନା ଓ କଥାବର୍ତ୍ତା ହେଉନାହାନ୍ତି। ଯଦି ଏପରି ହୁଏ ତେବେ ପରିବାର ବ୍ୟବସ୍ଥା ସଫଳ ହେବ ନାହିଁ। ଏଥିପାଇଁ ପରିବାରର ସମସ୍ତ ସଦସ୍ୟ ନିଶ୍ଚିତ ଭାବରେ କିଛି ନା କିଛି ବ୍ୟବସ୍ଥା କରିବା ଉଚିତ, ଯାହା ଆଧାରରେ ସମସ୍ତ ସଦସ୍ୟ ଏକତ୍ରିତ ହୋଇ ସକାଳ କିମ୍ବା ସନ୍ଧ୍ୟାରେ ଭଗବାନଙ୍କ ପ୍ରତି ଭକ୍ତି ଏବଂ ଉତ୍ସର୍ଗୀକୃତ ଭାବନା ସହିତ ଏକତ୍ରିତ ହୋଇ ବସିବେ। ସମସ୍ତ ପରିବାର ଏକତ୍ର ଗୋଟିଏ ସ୍ଥାନରେ ବସି ଭୋଜନ କରିବା ଉଚିତ।

ଆମେ ସମସ୍ତେ ପିଲାଦିନେ ସାପ-ସିଡ଼ି ଖେଳିଛୁ। ପରିବାରରେ ମଧ୍ୟ ଏହିପରି ହେଉଛି। ପରିବାର ସଦସ୍ୟ ପରସ୍ପର ସହ ମିଳିତ ଭାବରେ କାର୍ଯ୍ୟ କରିବେ ବା ସହଯୋଗ କରିବେ ତେବେ ଏହା ସିଡ଼ିର କାମ କରିବ ଏବଂ ପରିବାର ଅଗ୍ରଗତି କରିବ। ଯଦି ସେମାନେ ପରସ୍ପରକୁ କାଟିବା ପାଇଁ ସାପ ଭଳି କାର୍ଯ୍ୟ କରିବେ ତେବେ ପରିବାର ପତନ ହେବ। ମାନସିକ ଓ ବ୍ୟବହାରିକ ରୂପରେ ପରିବାର ବ୍ୟବସ୍ଥାକୁ ଏକ ସମନ୍ୱିତ ଭୂମିକାକୁ ଆଣିବା ପରିବାରର ସମସ୍ତ ସଦସ୍ୟଙ୍କ କାର୍ଯ୍ୟ। ଯଦି ପରିବାରର ପୁଅ ଏବଂ ଝିଅମାନେ ଆଗାମୀ ସମୟରେ ପରିବାରକୁ ଆଗକୁ ନେବାରେ ଭୂମିକା ଗ୍ରହଣ କରିବାକୁ ଯାଉଛନ୍ତି, ତେବେ ସେମାନଙ୍କ ବିକାଶ କିପରି ଅଗ୍ରଗତି କରୁଛି ସେଥିପ୍ରତି ଧ୍ୟାନ ଦେବାକୁ ପଡ଼ିବ।

ଆମ ପରିବାରର ପିଲାମାନେ ସତ୍ୟବାଦୀ, ଦାନଶୀଳ, ସାହସୀ, ନିର୍ଭୀକ ହେବା ପାଇଁ ଶିକ୍ଷା ଗୁରୁତ୍ୱପୂର୍ଣ୍ଣ। ପରିବାର ମଧ୍ୟରେ ଏବଂ ସମାଜରେ ସେମାନେ କିପରି ଆଚରଣ କରିବେ ସେହି ସଂସ୍କାର ବ୍ୟବସ୍ଥା ପରିବାରରେ ହେବା ଆବଶ୍ୟକ। ଯଦି ସଂସ୍କାର ନାହିଁ ତେବେ ଶିକ୍ଷା ବ୍ୟର୍ଥ ହୋଇଯାଏ। ସେ ଶିକ୍ଷା ପ୍ରାପ୍ତ କରି ବଡ଼ ପଦପଦବୀରେ ଚାକିରି କରି ମଧ୍ୟ ଯଦି ପିଲାଟିର ସଂସ୍କାର ନାହିଁ ତେବେ ସେ ପରିବାର ପାଇଁ, ସମାଜ ପାଇଁ କିମ୍ବା ଦେଶ ପାଇଁ ଉପଯୋଗୀ ହେବେ ନାହିଁ। ସେହିପରି ପିଲାମାନେ କେଉଁ ଲୋକମାନଙ୍କ ସହିତ ମିଳାମିଶା କରୁଛି ତାହା ଦେଖିବା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ। ସେମାନଙ୍କୁ ପରିବାରର ବଡ଼ ସଦସ୍ୟଙ୍କ ଉଦାହରଣ ଦେବାକୁ ପଡ଼ିବ। ପିଲାମାନେ ଦେଖନ୍ତି ପରିବାରର ବୟସ୍କ ସଦସ୍ୟମାନେ କାହା ସହିତ ମିଳାମିଶା କରୁଛନ୍ତି, ସେମାନଙ୍କ ସହିତ କିଏ ବସୁଛନ୍ତି? ସେମାନେ କ'ଣ କଥାବାର୍ତ୍ତା କରୁଛନ୍ତି? ସେମାନେ ପରସ୍ପର ସହିତ କିପରି ବ୍ୟବହାର କରୁଛନ୍ତି? ପରିବାର ସହିତ ତାଙ୍କୁ ଦେଖି ନୂତନ ପିଢ଼ିଙ୍କର ଦକ୍ଷତା ବିକାଶ ହୋଇଥାଏ। ଯଦି ସଂଗତି ଠିକ୍ ନଥାଏ ତେବେ ଶିକ୍ଷା କିମ୍ବା ସଂସ୍କାରର କୌଣସି ଲାଭ ନାହିଁ। କାରଣ ସଂସ୍କାରର ଅଭିବ୍ୟକ୍ତି ମଧ୍ୟ ସଂଗତି ଉପରେ ନିର୍ଭର କରେ।

ସଫଳ ପରିବାରର ଆଉ ଏକ ସୂତ୍ର ହେଉଛି ଏକତା। ପରିବାର ଭିତରେ ଏକତା ଅଛି କି? ପରିବାର ଏକାଠି କାମ କରନ୍ତି କି? ଏହା କେବଳ ପରସ୍ପରର ଅସୁବିଧା ଦେଖିବା ଏବଂ ଶୁଣିବାରେ ସୀମିତ କି? ଯଦି ପରିବାର ମଧ୍ୟରେ କୌଣସି ଅସୁବିଧା ଉପୁଜେ ତେବେ ପରିବାରର ସମସ୍ତ ସଦସ୍ୟ ଏକାଠି ହୋଇ ସେହି ଅସୁବିଧାକୁ ଦୂର କରିବାକୁ ଚେଷ୍ଟା କରନ୍ତି କି? ଯଦି ସେମାନେ ତାହା କରନ୍ତି ତେବେ ଏହା ଠିକ ଅଛି, ପୂର୍ବ ତିନୋଟି କଥା ସଠିକ୍ ଭାବରେ କାମ କରିବ ଏବଂ ଯଦି ସେଗୁଡ଼ିକ ଠିକ୍ ନୁହେଁ ତେବେ ପ୍ରଥମ ତିନୋଟି କଥା ଅଦରକାରୀ ହୋଇଯିବ।

ପରିବାରର ଶେଷ ସୂତ୍ର ହେଉଛି ସମାଜରେ ପରିବାରର ସ୍ଥାନ। ଉପରୋକ୍ତ ଚାରୋଟି ନୀତି ସହିତ ପରିବାର ସମାଜରେ କେଉଁ ଭୂମିକା ଗ୍ରହଣ କରୁଛି ଏହା ବହୁତ ମହତ୍ତ୍ୱପୂର୍ଣ୍ଣ। କାରଣ ଏହି ଚାରୋଟି ଉପାଦାନ ଦ୍ୱାରା ପରିବାରରୁ ସଂସ୍କାରିତ ବ୍ୟକ୍ତି ପରେ ସମାଜ ଏବଂ ରାଷ୍ଟ୍ର ଗଠନରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି। ପରିବାର, ସମାଜ କିମ୍ବା ରାଷ୍ଟ୍ର ଦୃଷ୍ଟିକୋଣରୁ ତାଙ୍କର କାର୍ଯ୍ୟକଳାପକୁ ସକରାତ୍ମକ, ପ୍ରଗତିଶୀଳ ଭାବରେ ନିର୍ମାଣ କରିବାକୁ ପଡ଼ିବ। ସମାଜରେ ପରିବାରର ସ୍ଥାନର ସାମୂହିକ ଦାୟିତ୍ୱ ପରିବାରର ସମସ୍ତ ସଦସ୍ୟଙ୍କ ଉପରେ ରହିଥାଏ।

ଏକ ବିକଶିତ ରାଷ୍ଟ୍ର ଗଠନ ପାଇଁ ନିଜକୁ ଏବଂ ଆପଣଙ୍କ ପରିବାର ସଦସ୍ୟଙ୍କୁ ସେହି ଦିଗରେ ନେବାକୁ ଚେଷ୍ଟା କରନ୍ତୁ। ରାଷ୍ଟ୍ର ଉପରେ ବିଶ୍ୱ ରହିଛି। ସାରା ବିଶ୍ୱ ଭଲରେ ରହୁ ଏହା ସମସ୍ତଙ୍କର କଳ୍ପନା। ବିଶ୍ୱକୁ ସୁଧାରିବା ପାଇଁ ହେଲେ ପ୍ରଥମେ ଆମ ଦେଶ ଭଲ ହେବା ଉଚିତ। ଆମ ଦେଶକୁ ଠିକ କରିବା ପାଇଁ ଆମ ସମାଜ ଭଲ ହେବା ଉଚିତ ଏବଂ ଏହାର କାରଣ ହେଉଛି ପରିବାର। ଯଦି ପରିବାର ଭଲ ଅଛି ତେବେ ସମାଜ ଭଲ ରହିବ। ପରିବାରକୁ ଭଲ ରଖିବାକୁ ହେଲେ ମୋତେ ଠିକ୍ ହେବାକୁ ପଡ଼ିବ। 'ମୋ ଠାରୁ ଆମର' ଏହି ଯାତ୍ରା କେବଳ ପରିବାରରୁ ଆରମ୍ଭ ହୁଏ। ବସୁଧୈବ କୁଟୁମ୍ବକମ୍, ଯାହା ଆମେ ଘୋଷଣା କରୁଛୁ ଏବଂ କଳ୍ପନା କରୁଛୁ, ତାହା ଏହି ଯାତ୍ରା ମାଧ୍ୟମରେ ହାସଲ କରିହେବ।

ଘିଗିଡିଆ (କେନ୍ଦ୍ରାପଡ଼ା)
ମୋ: ୯୮୬୧୦୬୯୫୫୩

## ଆମ ବୃକ୍ଷଲତା ଆମ ଜୀବନ

**ସୌଭାଗ୍ୟସୁନ୍ଦର**

### ଆଚୁ

ପ୍ରକୃତି-ପରିବେଶ

ଆଚୁ ଏକ ବହୁବିଧ ଉପକାରୀ ଉଦ୍ଭିଦ। ଉତ୍କୃଷ୍ଟ ଉଚ୍ଚମାନର ଜାଳେଣୀ କାଠ ଭାବରେ ଏହା ଭାରତର ୩୦ ଟି ମନୋନୀତ ଗଛ ମଧ୍ୟରୁ ଗୋଟିଏ ଭାବରେ ଚିହ୍ନଟ ହୋଇଛି। ଏହାର ଅନ୍ୟ ଦୁଇଟି ଉପାଦେୟ ତତ୍ତ୍ୱ ହେଉଛି ଔଷଧୀୟ ଗୁରୁତ୍ୱ ଓ କପଡ଼ାକୁ ରଙ୍ଗ କରିବା। ଏହି ଗଛଟି ଆୟୁର୍ବେଦ, ସିଦ୍ଧ, ୟୁନାନୀ, ଟିବ୍ବି (ଗ୍ରୀକ୍ ଯୁଗର ଚିକିତ୍ସା ପଦ୍ଧତି ଯାହା ଭାରତୀୟମାନେ ବ୍ୟବହାର କରିଆସୁଥିଲେ) ଏବଂ ଆମଚି (ତିବ୍ବତୀୟ ପଦ୍ଧତି) ଭଳି ବିଭିନ୍ନ ସ୍ୱଦେଶୀ ଔଷଧ ପ୍ରଣାଳୀରେ ବ୍ୟବହୃତ ହୋଇଥାଏ।

ଏହାର ପତ୍ର, କାଣ୍ଡ ଏବଂ ଫଳର ନିର୍ଗମ ବା ରସ ଗ୍ୟାଷ୍ଟ୍ରୋପାଥି, ଡିସପେପ୍ସିଆ, ଡାଇରିଆ, ପେଟ ଅଲସର, କ୍ଷତ, ଗାଉଟ୍, ପ୍ରଦାହ, ହାର୍ନିଆ, ସାର୍କୋସେଲ ଏବଂ ଜ୍ୱର ଉପଶମ ଚିକିତ୍ସାରେ ବ୍ୟବହୃତ ହୁଏ। ଗଛରେ ଟ୍ୟାନିନ୍, ସାପୋନିନ୍, ଫିନୋଲ୍ ଓ ଆଲକାଲଏଡ୍ ଭଳି ସକ୍ରିୟ ଜୈବ ରାସାୟନିକ ପଦାର୍ଥର ଉପସ୍ଥିତି ଏହାର ଔଷଧୀୟ ଗୁଣକୁ ପ୍ରମାଣିତ କରିଥାଏ। ଯେହେତୁ ସେହି ସକ୍ରିୟ ଦ୍ରବ୍ୟଗୁଣ ବିଶିଷ୍ଟ ଉପାଦାନଗୁଡ଼ିକର ଭୂତାଣୁ, ବ୍ୟାକ୍ଟେରିଆ, ଫୁରଫୁରି ବା ଫଙ୍ଗସ ଏବଂ ପ୍ରଦାହ ପ୍ରତିରୋଧକ ଗୁଣ ରହିଛି, ସେଗୁଡ଼ିକ ବିଭିନ୍ନ ରୋଗର ଚିକିତ୍ସାରେ ବହୁଳ ଭାବରେ ବ୍ୟବହୃତ ହୁଏ। ଉଦ୍ଭିଦଟି ଫ୍ଲାଭୋନଏଡ୍ସ, ଆଲକାଲଏଡ୍ସ, ଫେନୋଲିକ୍ ଏସିଡ୍ ଭଳି ସକ୍ରିୟ ଜୈବ ସାରରେ ଭରପୂର। ଫଳପରେ କାଣ୍ଡରେ ସର୍ବାଧିକ ପରିମାଣର ଫିନୋଲ୍ ଥାଏ ଏବଂ ପତ୍ରରେ ଏହା ସବୁଠାରୁ କମ୍ ପରିମାଣରେ ଥାଏ। ଫେନୋଲ୍ ହେଉଛି ଏକ ସୁଗନ୍ଧିତ ଜୈବ ରସାୟନ, ଯାହା ଗଛରେ ରୋଗ ଏବଂ କୀଟପତଙ୍ଗ ପ୍ରତିରୋଧ ଶକ୍ତି ପ୍ରଦାନ କରେ। ଫେନୋଲ୍‌ରେ ଟାନିନ୍, ଫ୍ଲାଭୋନୋଲ୍ ଭଳି ଅନେକ ଯୌଗିକ ଜୈବ ରସ ରହିଥାଏ।

ଗଛର ଗଣ୍ଠିରୁ ସଂଗୃହୀତ ରସ ରକ୍ତସ୍ରାବ ରୋଗର ଚିକିତ୍ସା ପାଇଁ ଏବଂ ପେଟ ଓ ରକ୍ତ ସ୍ଥିରତା ପାଇଁ ଏକ ଟନିକ୍ ଭାବରେ ବ୍ୟବହାର କରାଯାଉଛି। ଫଳଟି କ୍ୱଚିତ୍ ଔଷଧ ଭାବରେ ବ୍ୟବହୃତ ହୁଏ। କାରଣ ଏହାର ଏକ ଗନ୍ଧ ଅରୁଚିକର। ତଥାପି ଫଳଗୁଡ଼ିକୁ କିଣ୍ୱନ କରି ଉତ୍ପାଦିତ ପାନୀୟ ଏଣ୍ଟେରୋପାଥୋଜେନିକ୍ ବ୍ୟାକ୍ଟେରିଆ ଜୀବାଣୁକୁ ପ୍ରତିରୋଧ ପାଇଁ ବ୍ୟବହୃତ ହୁଏ ଏବଂ ଏଥିରେ ଅଧିକ ପରିମାଣର ପୋଟାସିୟମ୍ ମଧ୍ୟ ଥାଏ। ଛାଲି ଏକ୍‌ଜିମା, ଜ୍ୱର, ଅଲସର ଏବଂ ଗ୍ରନ୍ଥ ଫୁଲା ଚିକିତ୍ସା ପାଇଁ ବ୍ୟବହୃତ ହୁଏ। ପତ୍ରଗୁଡ଼ିକ ପାଚନ ବିକାର ଏବଂ ଯୌନ ରୋଗର ଚିକିତ୍ସା ପାଇଁ ବ୍ୟବହୃତ ହୁଏ। ମୂଳର ଛାଲିରୁ ପ୍ରାପ୍ତ 'ମୋରିଣ୍ଡୋନ୍ ରଙ୍ଗ' କୁ ବାଣିଜ୍ୟ ନାମ 'ସୁରଞ୍ଜି' ରେ ବିକ୍ରି ହୁଏ। ଏହାକୁ ଲାଲ, ଚକୋଲେଟ୍ କିମ୍ବା ବାଇଗଣୀ ରଙ୍ଗରେ କପା, ରେଶମ ଏବଂ ପଶମକୁ ରଙ୍ଗ କରିବା ପାଇଁ ବ୍ୟବହୃତ ହୁଏ। ରଙ୍ଗ କରିବା ପଦାର୍ଥ ମୁଖ୍ୟତଃ ମୂଳର ଛାଲିରେ ମିଳିଥାଏ ଏବଂ ଗଛଗୁଡ଼ିକ ତିନିରୁ ଚାରି ବର୍ଷ ବୟସରେ ପହଞ୍ଚିବା ପରେ ଏହା ସଂଗ୍ରହ କରାଯାଏ।

ଆଚୁର ବୈଜ୍ଞାନିକ ନାମ ହେଉଛି ମୋରିଣ୍ଡା ପ୍ୟୁବେସେନ୍ସ। ଏହାର ଆହୁରି ଅନେକ ଉପଜାତି ଉଦ୍ଭିଦ ରହିଛି। ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ବିଭିନ୍ନ ନାମରେ ଏହା ପରିଚୟ ରହିଛି। ଯଥା ଆଚୁ, ଅଚ୍ଛୁ, ଆତସୁ, ପିଣ୍ଡ୍ରା, ଆଚଚ୍ଛୁ, ଇତ୍ୟାଦି। ସବୁଗୁଡ଼ିକ କମ୍ ବେଶୀରେ ଔଷଧୀୟ ଗୁଣ ବିଶିଷ୍ଟ। ଆଚୁ ଏକ ଛୋଟ ପର୍ଣ୍ଣମୋଚୀ ଗଛ, ୩ ରୁ ୯ ମିଟର ଲମ୍ବା, ଛାଲି ମାଟିଆ କିମ୍ବା ଧୂସର, ଡାଳ ଚିକ୍କଣ। ପତ୍ର ସରଳ, ଗଣ୍ଠିରୁ ବିପରୀତ ଦିଗରେ ଉତ୍ପନ୍ନ, ଫୁଲ ଦ୍ୱିଲିଙ୍ଗୀ, ଧଳା। ଫଳ ଏକ ଗୋଲାକାର ଆକୃତିର, ଯାହା ଅନେକ ଫଳର ଯୌଗିକ ସମାହାର।

ଏହା ଭାରତ, ଶ୍ରୀଲଙ୍କା, ଇଣ୍ଡୋଚୀନ୍, ଜାଭା, ଆସାମ, ବାଂଲାଦେଶ, କାମ୍ବୋଡ଼ିଆ, ପୂର୍ବ ହିମାଳୟ, ଲାଓସ୍, ଥାଇଲ୍ୟାଣ୍ଡ ଏବଂ ଭିଏତନାମରେ ବଢ଼ିଥାଏ। ଭାରତରେ ଏହା ପଶ୍ଚିମବଙ୍ଗ, କେନ୍ଦ୍ରୀୟ ପ୍ରଦେଶ, ମହାରାଷ୍ଟ୍ର, କେରଳ, କର୍ଣ୍ଣାଟକ ଏବଂ ତାମିଲନାଡୁ ଜଙ୍ଗଲମାନଙ୍କରେ ପ୍ରାୟତଃ ଦେଖାଯାଏ। ଓଡ଼ିଶାରେ ଏହା ସାଧାରଣତଃ ମୟୂରଭଞ୍ଜ, କୋରାପୁଟ, ଗଞ୍ଜାମ, ଶିମିଳିପାଳ, ଗନ୍ଧମାର୍ଦ୍ଦନ, ଚିଲିକା ଦ୍ୱୀପପୁଞ୍ଜ, ଭୁବନେଶ୍ୱର ଆଦି ଜଙ୍ଗଲରେ ଦେଖାଯାଏ। ଏହା ଆର୍ଦ୍ର, ସମତଳ, ଆର୍ଦ୍ର ଉଷ୍ଣ ମଣ୍ଡଳୀୟ ଜଙ୍ଗଲରେ ଭଲ ବଢ଼ିଥାଏ। ପ୍ରାକୃତିକ ଭାବରେ ଏହା ଜଙ୍ଗଲରୁ ସଂଗ୍ରହ କରାଯାଏ, ବାଣିଜ୍ୟ ପାଇଁ ଏହାର ଚାଷ ବିରଳ।

ମୋ: ୯୪୩୭୨୧୯୦୪୨୦

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୬.୬୩ ● ପାଉଣ୍ଡ ୧୦୫.୫୫
- ୟୁରୋ ୮୯.୧୭ ● ୟେନ୍ ୦.୫୫

**ସୁନା, ରୁପା ଦର**



୧୦ ଗ୍ରାମ ପିଛା (ଟଙ୍କାରେ)
- ସୁନା: ୭୪,୩୫୦ (ନୂଆଦିଲ୍ଲୀ)
- ରୁପା : ୯୩,୫୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୬,୬୧୯.୦୦
- ନିଫ୍ଟି ୨୩,୨୦୩.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬



# କୋଣାର୍କଠାରେ ତୃତୀୟ ଜାତୀୟ ଖଣି ମନ୍ତ୍ରୀ ସମ୍ମିଳନୀ ଆଜି

ଭୁବନେଶ୍ୱର,୧୯ ।୧(ଏଜେନ୍ସି)

ଖଣି ମନ୍ତ୍ରଣାଳୟ ପକ୍ଷରୁ ଓଡ଼ିଶା ସରକାରଙ୍କ ସହଯୋଗରେ ଜାନୁଆରୀ ୨୦ରୁ ୨୧ ତାରିଖ ପର୍ଯ୍ୟନ୍ତ ଓଡ଼ିଶାର କୋଣାର୍କଠାରେ ତୃତୀୟ ଜାତୀୟ ଖଣି ମନ୍ତ୍ରୀମାନଙ୍କ ସମ୍ମିଳନୀ ଆୟୋଜନ କରାଯାଉଛି । ଏହି ଦୁଇ ଦିନିଆ କାର୍ଯ୍ୟକ୍ରମ ବିକଶିତ ଭାରତ ୨୦୪୭ଙ୍କ୍ଷ୩୯;ର ପରିକଳ୍ପନା ଅନୁଯାୟୀ ଆୟୋଜନ କରାଯାଉଛି । ଏଥିରେ ୧୬ରୁ ଅଧିକ ରାଜ୍ୟର ଖଣି ମନ୍ତ୍ରୀଙ୍କ ସମେତ ଝାଡ଼ଖଣ୍ଡର ମୁଖ୍ୟମନ୍ତ୍ରୀ, ଜମ୍ମୁ ଓ କଶ୍ମୀରର ଉପମୁଖ୍ୟମନ୍ତ୍ରୀ ଏବଂ କେନ୍ଦ୍ର ଓ ଓଡ଼ିଶା ସରକାରଙ୍କ ବରିଷ୍ଠ ଅଧିକାରୀମାନେ ଯୋଗଦେବେ । କେନ୍ଦ୍ର କୋଇଲା ଓ ଖଣି ମନ୍ତ୍ରୀ ଜି. କିଶନ ରେଡ୍ଡୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେବେ । ସମ୍ମିଳନୀର ମୁଖ୍ୟ ଆକର୍ଷଣ ଖଣିରେ ରାଜ୍ୟଗୁଡ଼ିକର ସର୍ବୋତ୍ତମ ଅଭ୍ୟାସ ଉପରେ ରିପୋର୍ଟ ଉନ୍ମୋଚନ: ରାଜ୍ୟମାନଙ୍କ ଦ୍ୱାରା କାର୍ଯ୍ୟକାରୀ ଅଭିନବ ପ୍ରଶାସନ ମଡେଲଗୁଡ଼ିକୁ ପ୍ରଦର୍ଶିତ କରିବା, ଖଣି ଅଭ୍ୟାସରେ ଦକ୍ଷତା ଏବଂ ସ୍ୱଚ୍ଛତାରେ ଉନ୍ନତି ଆଣିବା ଏହି ରିପୋର୍ଟର ଉଦ୍ଦେଶ୍ୟ । ମାଇନିଂ ଟେନମେଣ୍ଟ ସିଷ୍ଟମ (ଏମଟିଏସ) ମଡ୍ୟୁଲର ଶୁଭାରମ୍ଭ: ଡିଜିଟାଲ ପ୍ରଶାସନ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ, ଏହି ମଡ୍ୟୁଲ୍ ଖଣି କାର୍ଯ୍ୟକୁ ସୁବ୍ୟବସ୍ଥିତ କରିବ ଏବଂ ଉତ୍ତରଦାୟିତ୍ୱ ବଢ଼ାଇବ । ଏହାସହ ଷ୍ଟାର୍ଟଅପ୍ ଗୁଡ଼ିକୁ ଅନୁମୋଦନ ପତ୍ର ପ୍ରଦାନ: ସ୍ଥାୟୀ ଖଣି ବ୍ୟବସ୍ଥାରେ ନବସୃଜନକୁ ପ୍ରୋତ୍ସାହିତ କରିବା ପାଇଁ ନିଆଯାଇଥିବା ପଦକ୍ଷେପ ଅଧୀନରେ ଚୟନିତ ଷ୍ଟାର୍ଟଅପ୍‌ଗୁଡ଼ିକୁ ଅନୁମୋଦନ ପତ୍ର ମିଳିବ ।

**ବଜେଟ ୨୦୨୫-୨୬**

# ରେଳବାଇକୁ ମିଳିପାରେ ୩ ଲକ୍ଷ କୋଟି

- ବ୍ୟୟ ବରାଦ ୧୫ରୁ ୧୮ % ବୃଦ୍ଧି ପାଇପାରେ
- ରେଳବାଇ କବଚ ସିଷ୍ଟମ ସଂସ୍ଥାପନ ଉପରେ ଗୁରୁତ୍ୱ ରହିବ

ନୂଆଦିଲ୍ଲୀ,୧୯ ।୧(ଏଜେନ୍ସି)

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ୨୦୨୪-୨୫ ଆର୍ଥିକବର୍ଷ ବଜେଟରେ ରେଳବାଇକୁ ୨.୬୫ ଲକ୍ଷ କୋଟି ଟଙ୍କା ଦେଇଥିଲେ । ଯେଉଁଥିରେ ରେଳ କର୍ମଚାରୀଙ୍କ ଦରମା ଏବଂ ପେନସନ ସହିତ ଭାରତୀୟ ରେଳର ଆଧୁନିକୀକରଣ କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ ଥିଲା । ହେଲେ ଏଥର ବଜେଟରେ ରେଳବାଇକୁ ଏକ ବଡ଼ ଉପହାର ମିଳିପାରେ ।

ଫେବୃଆରୀ ପହିଲାରେ ଅର୍ଥମନ୍ତ୍ରୀ ୨୦୨୫-୨୬ ଆର୍ଥିକବର୍ଷ ପାଇଁ ସାଧାରଣ ବଜେଟ୍ ଉପସ୍ଥାପନ କରିବେ । ଏହି ବଜେଟରେ, ଅର୍ଥମନ୍ତ୍ରୀ ଭାରତୀୟ ରେଳବାଇ ପାଇଁ ଏକ ବଡ଼ ଉପହାର ଘୋଷଣା କରିପାରନ୍ତି । ସୂଚନାଯୋଗ୍ୟ ଯେ ୨୦୨୪-୨୫ ଆର୍ଥିକବର୍ଷ ପାଇଁ ରେଳବାଇକୁ ବଜେଟରେ ୨୬୫ ଲକ୍ଷ କୋଟି ଟଙ୍କା ମିଳିଥିଲା, ଯେଉଁଥିରେ ଏଥର ୧୫ରୁ ୧୮ ପ୍ରତିଶତ ବୃଦ୍ଧି ପାଇପାରେ । ଏହି ଉପହାର ୨୦୨୫ ବଜେଟରେ ରେଳବାଇ ପାଇଁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ କାରଣ ରେଳବାଇ ଦ୍ରୁତ ଆଧୁନିକୀକରଣର ଗତି କରୁଛି, ଯେଉଁଥିରେ ଦୁର୍ଘଟଣା ରୋକିବା ପାଇଁ ରେଳବାଇ କବଚ ସିଷ୍ଟମ ସ୍ଥାପନ କରୁଛି । ୨୦୨୪ ମସିହାରେ ୭୦ ଟି ଛୋଟ ବଡ଼ ରେଳ ଦୁର୍ଘଟଣା ଘଟିଥିଲା ।



୨୦୨୪ ମସିହାର ପ୍ରାରମ୍ଭିକ ମାସଗୁଡିକରେ ତିନୋଟି ବଡ଼ ରେଳ ଦୁର୍ଘଟଣା ଘଟିଥିଲା । ରେଳବାଇରେ ଦ୍ରୁତ ପରିବର୍ତ୍ତନର ଆବଶ୍ୟକତା ରହିଛି । ଏପରି ପରିସ୍ଥିତିରେ, ସରକାର ୨୦୨୫-୨୬ ବଜେଟରେ ରେଳବାଇକୁ ଏକ ସ୍ୱତନ୍ତ୍ର ଉପହାର ଦେଇପାରନ୍ତି ।

ଏକ ରିପୋର୍ଟ ଅନୁଯାୟୀ, ଆଗାମୀ ବଜେଟରେ ଭାରତୀୟ ରେଳବାଇର ପୁଞ୍ଜି ବ୍ୟୟ ୧୫ ରୁ ୨୦ ପ୍ରତିଶତ ବୃଦ୍ଧି ପାଇପାରେ । ଏପରି ପରିସ୍ଥିତିରେ, ରେଳବାଇ ବଜେଟ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ୩ ଲକ୍ଷ କୋଟି ଟଙ୍କାରୁ ଅଧିକ ପାଇପାରିବ । ଭାରତୀୟ ରେଳବାଇରେ ଦ୍ରୁତ ଗତିରେ ଆଧୁନିକୀକରଣ କାର୍ଯ୍ୟ ଚାଲିଛି ।

ଗତ କିଛି ବର୍ଷ ମଧ୍ୟରେ ଅନେକ ବନ୍ଦେ ଭାରତ ଟ୍ରେନ ପ୍ରଚଳନ କରାଯାଇଛି । ଏହା ସହିତ, ଅମୃତ ଭାରତ ଏକ୍ସପ୍ରେସ ମଧ୍ୟ ଆରମ୍ଭ ହୋଇଛି । ସେହି ସମୟରେ, ରେଳବାଇ ପୁରୁଣା ଟ୍ରାକଗୁଡ଼ିକୁ ଦ୍ରୁତ ଗତିରେ ବଦଳାଇବାରେ ଲାଗିଛି ଯାହା ଦ୍ୱାରା ଟ୍ରେନଗୁଡ଼ିକର ଗତି ବୃଦ୍ଧି କରାଯାଇପାରିବ । ଏହା ବ୍ୟତୀତ, ଦୁର୍ଘଟଣା ରୋକିବା ପାଇଁ, ରେଳବାଇ ଏହାର ସମ୍ପୂର୍ଣ୍ଣ ଟ୍ରାକରେ ସିଲ୍ଲ ସିଷ୍ଟମ ସ୍ଥାପନ କରିବା ଉପରେ କାମ କରୁଛି ।

# କିସ୍ନା ଜୁଏଲାରୀରେ ଲକି ଡ୍ର’

**ଗ୍ରାହକ ଜିତିଲେ ମାରୁତି ସେଲେରିଓ**

ଭୁବନେଶ୍ୱର,୧୯ ।୧(ସମିସ)

ଭୁବନେଶ୍ୱରର ଅଗ୍ରଣୀ ଗହଣା ବ୍ରାଣ୍ଡପଟିଆସ୍ଥିତ କିସ୍ନା ଜୁଏଲାରୀ ପକ୍ଷରୁ ଏହାର ଲକି ଡ୍ର’ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଭୁବନେଶ୍ୱରର ସୂର୍ଯ୍ୟନଗର ଅଞ୍ଚଳର ରୋନକ ଅଗ୍ରୱାଲ ଜିତିଛନ୍ତି ମାରୁତି ସେଲେରିଓ କାର । କିସ୍ନା ଜୁଏଲାରୀର ସ୍ୱତ୍ୱାଧିକାରୀ ଅମିତ ଅଗ୍ରୱାଲଙ୍କ ଠାରୁ ରୋନକ୍ ଗାଡ଼ି ଜଚାବି ଗ୍ରହଣ କରିଥିଲେ । ରୋନକ୍ କହିଛନ୍ତି ଯେ, ମୁଁ ଆଜି ନିଜକୁ ଭାଗ୍ୟବାନ ମନେ କରୁଛି । ମୁଁ ଯେଉଁଠି ବି କିଣାକିଣି କରିବାକୁ ଯାଉଥିଲି, ମୋ ସ୍ୱାମୀଙ୍କ ସହ ହେଉ କିମ୍ବା ଏକୁଟିଆ, ମୁଁ ଲକି ଡ୍ର କୁପନ୍ ପୂରଣ କରୁଥିଲି କିନ୍ତୁ କେବେ ବି ପୁରସ୍କାର ପାଇ ନ ଥିଲି । ସେଥିପାଇଁ ମୁଁ ଏକ କାର୍ ଜିତିଛି ବୋଲି ବିଶ୍ୱାସ କରିବାକୁ ମୋତେ କିଛି ସମୟ ଲାଗିଲା । ପୁରସ୍କାର ମିଳିବା ପରେ ଏହି ଦମ୍ପତି ଲଙ୍ଗ ଡ୍ରାଇଭ୍ କରିବାକୁ ନିଷ୍ପତ୍ତି ନେଇସାରିଛନ୍ତି । ଆଉ ଜଣେ ଗ୍ରାହକ ଆଶୁତୋଷ ମହାନ୍ତି ପୁରସ୍କାର ଆକାରରେ ୫୦୦୦ ଟଙ୍କା ପାଇଥିବା ବେଳେ ସ୍ମୃତିରଞ୍ଜନ ରାଉତ ନଗଦ ୩୦୦୦ ଟଙ୍କାର ତୃତୀୟ ପୁରସ୍କାର ରାଶି ଜିତିଥିଲେ । କିସ୍ନା ଜୁଏଲାରୀର ସ୍ୱତ୍ୱାଧିକାରୀ ଅମିତ ଅଗ୍ର୍ୱାଲ କହିଛନ୍ତି, ଏହା ପ୍ରଥମ ଥର ନୁହେଁ, ଆମେ ଆମର ମୂଲ୍ୟବାନ ଗ୍ରାହକଙ୍କ ସହ ଆମର ସମ୍ପର୍କକୁ ଆହୁରି ସୁଦୃଢ଼ କରିବା ପାଇଁ ଏଭଳି ଅନେକ ପଦକ୍ଷେପ ନେଇଛୁ ।




ଭାଗ୍ୟଶାଳୀ ବିଜେତାଙ୍କୁ ଅଭିନନ୍ଦନ ଜଣାଇବା ସହ ଆଗାମୀ ଦିନରେ ଦୋକାନ ଗ୍ରାହକଙ୍କ ପାଇଁ ସମାନ ଅଫର ଆରମ୍ଭ କରିବ ବୋଲି ସେ କହିଛନ୍ତି ।

# ଘରୋଇ ପୁଞ୍ଜି ବଜାରର ହୋସ୍ ଉଡ଼ାଇଲେ ବିଦେଶୀ ନିବେଶକ

- ୨ ଦଶନ୍ଧିରେ ପ୍ରଥମ ଘଟଣା

ମୁମ୍ବଇ,୧୯ ।୧(ଏଜେନ୍ସି)

ଭାରତୀୟ ବଜାରକୁ ନେଇ ବିଦେଶୀ ସଂସ୍ଥାଗତ ନିବେଶକଙ୍କ ମଧ୍ୟରେ ଭୟର ମାହୋଲ ରହିଛି । କେବଳ ଏତିକି ନୁହେଁ ଚଳିତ ଜାନୁଆରୀରେ ବିଦେଶୀ ନିବେଶକଙ୍କ ମଧ୍ୟରେ ଯେଉଁ ଭୟ ଦେଖିବାକୁ ମିଳିଛି ତାହା ଗତ ଦୁଇ ଦଶନ୍ଧିରେ କେବେ ଦେଖିବାକୁ ମି ଳି ନ ଥି ଲ । । ସେୟାର ବଜାରରେ ବିଦେଶୀ ନିବେଶକଙ୍କ ବିକ୍ରି ଯୋଗୁଁ ବଜାର ଧରାଶାୟୀ ହୋଇଛି । ବିଦେଶୀ ସଂସ୍ଥାଗତ ନିବେଶକ ୨୦୨୨ ପରେ ଜାନୁଆରୀ ମାସରେ ସବୁଠୁ ଅଧିକ ପୁଞ୍ଜି ସେୟାର ମାର୍କେଟରୁ ବାହାର କରିଛନ୍ତି । ୨୦୨୨ ଜାନୁଆରୀ ମାସରେ ୩୩ ହଜାର କୋଟି ଟଙ୍କାରୁ ଅଧିକ ସେୟାର ବିକ୍ରି ଦେଖିବାକୁ ମିଳିଥିଲା ।

୨୦୨୫ ଜାନୁଆରୀ ମାସରେ ବର୍ତ୍ତମାନ ସୁଦ୍ଧା ବିଦେଶୀ ନିବେଶକ ସେୟାର ବଜାରରୁ ୪୪ ହଜାର କୋଟି ଟଙ୍କା ଉଠାଇ ସାରିଛନ୍ତି । ଜାନୁଆରୀ ସରିବାକୁ ଆହୁରି ୧୦ ଦିନ ବାକି ଥିବାରୁ ଏହି ସଂଖ୍ୟା ୫୦ ହଜାର କୋଟି ଟପିପାରେ ବୋଲି ଆଶଙ୍କା କରାଯାଉଛି । ଡଲାରରେ ମଜଭୁତି, ଆମେରିକାରେ ବଣ୍ଡ ଇଲ୍ଡରେ ବୃଦ୍ଧି ଏବଂ କମ୍ପାନିଗୁଡ଼ିକର ତ୍ରୈମାସିକ ରେଜଲ୍ଟ ଦୁର୍ବଳ ରହିବ ।



# ସିଏସ୍ ଅନୁଜ ସାରସ୍ୱତ ଆଇସିଏସ୍‌ଆଇ ଇଆଇଆର୍‌ସି ଅଧ୍ୟକ୍ଷ

ଭୁବନେଶ୍ୱର,୧୯ ।୧(ସମିସ): ସିଏସ୍ ଅନୂଜ୍ ସାରସ୍ୱତ ୨୦୨୫ ପାଇଁ ଦ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କମ୍ପାନୀ ସେକ୍ରେଟାରିଜ୍ ଅଫ୍ ଇଣ୍ଡିଆ(ଆଇସିଏସ୍‌ଆଇ) ଇଆଇଆର୍‌ସି ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ୨୦୨୫ ପାଇଁ ଅନୁଷ୍ଠାନର ନୂଆ କର୍ମକର୍ତ୍ତା ଭାବେ ସିଏସ୍ ବିଶାଲ ହାରଲାଲ୍‌କା ଉପାଧ୍ୟକ୍ଷ,ସତୀଶ କୁମାର ସମ୍ପାଦକ ଏବଂ ସିଏସ୍ ସନ୍ତୋଷ କୁମାର କୋଷାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛି । ବିଦାୟୀ ଅଧ୍ୟକ୍ଷ ସିଏସ୍ ଡ. ମୋହିତ୍ ସ ନୂତନ କର୍ମକର୍ତ୍ତାଙ୍କ ଉପରେ ବିଶ୍ୱାସ ଜାହିର କରିଛନ୍ତି ।

THE INSTITUTE OF
Company Secretaries of India
भारतीय कम्पनी सचिव संस्थान
IN PURSUIT OF PROFESSIONAL EXCELLENCE
Statutory body under an Act of Parliament
(Under the jurisdiction of Ministry of Corporate Affairs)



**ସିଆଇଆଇ ସର୍ଭେ**

# ଭାରତରେ ନିବେଶ ପାଇଁ ଅନୁକୂଳ ପରିବେଶ

ନୂଆଦିଲ୍ଲୀ,୧୯ ।୧(ଏଜେନ୍ସି)

ଭାରତର ବର୍ତ୍ତମାନ ଅର୍ଥନୈତିକ ପରିବେଶ ଯେଉଁଭଳି ରହିଛି, ତାହା ଘରୋଇ ନିବେଶ ପାଇଁ ଖୁବ୍ ଅନୁକୂଳ । କାରଣ ଗୋଟିଏ ପଟେ ସମଗ୍ର ବିଶ୍ୱରେ ଆର୍ଥିକ ସ୍ଥିତି ଚାଲେଞ୍ଜପୂର୍ଣ୍ଣ ରହିଥିବାବେଳେ ଭାରତ କିନ୍ତୁ ଏକ ‘ଉତ୍ତମ ବଜାର’ ଭାବେ ଉଭା ହୋଇଛି । ଭାରତୀୟ ଶିଳ୍ପ ସଂଘ (ସିଆଇଆଇ)ର ଏକ ସର୍ଭେରେ ଏହା କୁହାଯାଇଛି ।



ହସ୍ତଗତ ତଥ୍ୟ ଅନୁଯାୟୀ, ପ୍ରାୟ ୯୭ ପ୍ରତିଶତ କମ୍ପାନୀ ୨୦୨୪-୨୫ ଏବଂ ୨୦୨୫-୨୬ରେ ସେମାନଙ୍କ ନିବେଶ ବୃଦ୍ଧି କରିବାକୁ ଯୋଜନା କରୁଛନ୍ତି । ଏହାଦ୍ୱାରା ରୋଜଗାର ବଢ଼ିବ । ନିଯୁକ୍ତି ସୃଷ୍ଟି ହେବ । ସର୍ଭେରେ ୭୯ ପ୍ରତିଶତ କମ୍ପାନୀ କହିଛନ୍ତି, ସେମାନେ ଗତ ତିନି ବର୍ଷରେ ଅଧିକ ଲୋକଙ୍କୁ ନିଯୁକ୍ତି ଦେଇଛନ୍ତି । ସିଆଇଆଇ ସର୍ଭେରୁ ଜଣାପଡ଼ିଛି ଯେ, ୭୫ ପ୍ରତିଶତ କମ୍ପାନୀଙ୍କ ଅନୁଯାୟୀ, ବର୍ତ୍ତମାନ ଆର୍ଥିକ ପରିବେଶ ଘରୋଇ ନିବେଶ ପାଇଁ ଅନୁକୂଳ । ଏହି ସର୍ଭେରେ ୫୦୦ କମ୍ପାନୀଙ୍କୁ ସାମିଲ କରାଯାଇଛି ।

ସିଆଇଆଇର ମହାନିର୍ଦ୍ଦେଶକ ଚନ୍ଦ୍ରଜିତ ବାନାର୍ଜୀ କହିଛନ୍ତି, ସର୍ଭେରେ ସାମିଲ ୭୦ ପ୍ରତିଶତ କମ୍ପାନୀ କହିଛନ୍ତି, ସେମାନେ ଆର୍ଥିକ ବର୍ଷ ୨୦୨୫-୨୬ରେ ନିବେଶ କରିବେ ଆଗାମୀ କିଛି ତ୍ରୈମାସିକରେ ଘରୋଇ ନିବେଶରେ ବୃଦ୍ଧି ହୋଇପାରେ । ସିଆଇଆଇ ପକ୍ଷରୁ କୁହାଯାଇଛି, “ଯଦିଓ ଭୂ-ରାଜନୈତିକ ସ୍ଥିତି ବିଶ୍ୱ ସ୍ତରରେ ଚାହିଦା ଏବଂ ଯୋଗାଣ ଶୃଙ୍ଖଳାରେ ଚାଲେଞ୍ଜ ସୃଷ୍ଟି ହୋଇଛି । ଯାହା ଭାରତକୁ ମଧ୍ୟ ଚାଲେଞ୍ଜ । ହେଲେବି ଭାରତ କିନ୍ତୁ ଏହି ଚାଲେଞ୍ଜପୂର୍ଣ୍ଣ ସ୍ଥିତିରେ ଏକ ଉତ୍ତମ ବଜାର ଭାବେ ଉଭା ହୋଇଛି । ସରକାରଙ୍କ ଆର୍ଥିକ ନୀତି ଦେଶର ଅର୍ଥବ୍ୟବସ୍ଥାକୁ ପୁଣି ଥରେ ଛିଡ଼ା କରିବାରେ ସହାୟକ ହେଉଛି । ସର୍ଭେରୁ ଆହୁରି ମଧ୍ୟ ଜଣାପଡ଼ିଛି ଯେ, ଆସନ୍ତା ବର୍ଷରେ ହେବାକୁ ଥିବା ନିବେଶ କାରଣରୁ ବିନିର୍ମାଣ ଏବଂ ସେବା କ୍ଷେତ୍ରରେ ନିଯୁକ୍ତି ବଢ଼ିବ, ପ୍ରତ୍ୟକ୍ଷ ରୋଜଗାରବି ବୃଦ୍ଧି ପାଇବ । ଏହି ସେକ୍ଟରର ହାରାହାରି ବୃଦ୍ଧି କ୍ରମଶଃ ୧୫ରୁ ୨୨ ପ୍ରତିଶତ ରହିପାରେ ।

**ଆଇଆର୍‌ଡିଏଆଇର ସ୍ୱାସ୍ଥ୍ୟ ବୀମା ପୋର୍ଟେବିଲିଟି ନିୟମ**

# ଭଲ ସେବା ପାଇଁ ବଦଳାଇ ହେବ ବୀମା କମ୍ପାନୀ

- ଗ୍ରାହକଙ୍କୁ ମିଳିବ ସ୍ୱିଚ୍ ସୁବିଧା
- ଲାଗିବନି କୌଣସି ପ୍ରକ୍ରିୟାକରଣ ଶୁଳ୍କ

ନୂଆଦିଲ୍ଲୀ,୧୯ ।୧(ଏଜେନ୍ସି)

ଭାରତୀୟ ବୀମା ନିୟାମକ ବିକାଶ କର୍ତ୍ତୃପକ୍ଷ (ଆଇଆର୍‌ଡିଏଆଇ) ୨୦୧୧ ମସିହାରୁ ବୀମା କ୍ରେତାମାନଙ୍କୁ ପୋର୍ଟେବିଲିଟି ଅଧିକାର ଦେଇଛି । ଏହି ବିକଳ୍ପକୁ ବୀମାକୃତ ବ୍ୟକ୍ତି ତାଙ୍କର ପଲିସିକୁ ବିଦ୍ୟମାନ ବୀମା କମ୍ପାନୀରୁ ଅନ୍ୟ ଏକ ବୀମା କମ୍ପାନୀକୁ ପରିବର୍ତ୍ତନ କରିବା ପାଇଁ ବ୍ୟବହାର କରିପାରିବେ । ସ୍ୱାସ୍ଥ୍ୟ ବୀମା ପୋର୍ଟେବିଲିଟି ସମ୍ବନ୍ଧୀୟ କିଛି ସାଧାରଣ ପ୍ରଶ୍ନର ଉତ୍ତର ଏଠାରେ ଉପଲବ୍ଧ ।



ଯଦି ପଲିସିଧାରକ ତାଙ୍କ ବୀମା କମ୍ପାନୀର ସେବା କିମ୍ବା ଦାବି ସମାଧାନ ପ୍ରକ୍ରିୟାରେ ସନ୍ତୁଷ୍ଟ ନୁହଁନ୍ତି । ଯଦି ଅନ୍ୟ କୌଣସି କମ୍ପାନୀ ଭଲ ବୈଶିଷ୍ଟ୍ୟ, ଅଧିକ କଭରେଜ୍ କିମ୍ବା କମ୍ ପ୍ରିମିୟମ୍ ପ୍ରଦାନ କରୁଛି । ପଲିସିଧାରୀଙ୍କ ସ୍ୱାସ୍ଥ୍ୟସେବା ଆବଶ୍ୟକତା ବଦଳି ଯାଇଛି ଏବଂ ନୂତନ ଆବଶ୍ୟକତା ପାଇଁ ଅନ୍ୟ ଏକ କମ୍ପାନୀ ସହିତ ଉତ୍ତମ କଭରେଜ୍ ଉପଲବ୍ଧ ହୋଇପାରେ । ବୀମା ପୋର୍ଟେବିଲିଟି ପାଇଁ କୌଣସି ପ୍ରକ୍ରିୟାକରଣ ଶୁଳ୍କ ଲାଗିବ ନାହିଁ । ଏହା ସହିତ, ପୁରୁଣା ପଲିସିର କୌଣସି ଲାଭର କ୍ଷତି ନାହିଁ । କେବଳ ପୂର୍ବ ନୀତିରେ ଉଲ୍ଲେଖ କରାଯାଇଥିବା ରୋଗଗୁଡ଼ିକର ଅପେକ୍ଷା ଅବଧିକୁ ଆଗକୁ ବଢ଼ାଯାଏ । ଏହି କ୍ଷେତ୍ରରେ ସୁବିଧାଗୁଡ଼ିକ ରହିଥାଏ । ଆଇଆର୍‌ଡିଏଆଇ ନିୟମ ଅନୁଯାୟୀ, ପଲିସି ନବୀକରଣ ତାରିଖର ୪୫ଦିନ ପୂର୍ବରୁ ପୋର୍ଟେବିଲିଟି ପ୍ରକ୍ରିୟା ଆରମ୍ଭ କରିବା ଆବଶ୍ୟକ । ଯଦି ନୂତନ କମ୍ପାନୀ ମନା କରେ, ତେବେ ଆପଣଙ୍କ ପାଖରେ ଆପଣଙ୍କର ବିଦ୍ୟମାନ ବୀମାକାରୀଙ୍କ ସହିତ ଜାରି ରଖିବାର ବିକଳ୍ପ ରହିବ । ପରବର୍ତ୍ତୀ ସମୟରେ ଦାବି ପ୍ରତ୍ୟାଖ୍ୟାନକୁ ଏଡାଇବା ପାଇଁ ନୂତନ କମ୍ପାନୀକୁ ଆପଣଙ୍କର ଚିକିତ୍ସା ଇତିହାସ ବିଷୟରେ ସମ୍ପୂର୍ଣ୍ଣ ଏବଂ ସତ୍ୟ ସୂଚନା ପ୍ରଦାନ କରନ୍ତୁ । ନୂତନ ଏବଂ ପୁରୁଣା କମ୍ପାନୀର କଭରେଜ୍ ତୁଳନା କରନ୍ତୁ । ନିଶ୍ଚିତ କରନ୍ତୁ ଯେ ନୂତନ ପଲିସି ଆପଣଙ୍କୁ ଆବଶ୍ୟକ ସମସ୍ତ ସୁବିଧା ପ୍ରଦାନ କରୁଛି । ଏକ ନିର୍ଭରଯୋଗ୍ୟ ବୀମା କମ୍ପାନୀ ବାଛନ୍ତୁ ଯାହାର ଦାବି ସମାଧାନ ଅନୁପାତ ଭଲ ଏବଂ ଗ୍ରାହକ ସେବା ଭଲ ଥିବ । ଯଦି ଆପଣ ଆପଣଙ୍କର ବୀମାକୁ ଯାଞ୍ଚ ନକରି ପୋର୍ଟ କରନ୍ତି, ତେବେ କ୍ଷତି ହୋଇପାରେ ।

ଆପଣଙ୍କ ବୟସ, ଚିକିତ୍ସା ଇତିହାସ ଏବଂ ଅନ୍ୟାନ୍ୟ ବିପଦ ଉପରେ ନିର୍ଭର କରି ନୂତନ କମ୍ପାନୀ ସହିତ ସମାନ ପଲିସିର ପ୍ରିମିୟମ୍ ମଧ୍ୟ ବଢ଼ିପାରେ । ନୂତନ କମ୍ପାନୀ ଆପଣଙ୍କ ବିଦ୍ୟମାନ ପଲିସି ସହିତ ମେଳ ଖାଉଥିବା ପଲିସି ପ୍ରଦାନ କରିପାରିବନାହିଁ । ପୋର୍ଟେବିଲିଟି ପାଇଁ ନୂତନ ବୀମା କମ୍ପାନୀର ଅନୁମୋଦନ ଆବଶ୍ୟକ । ଆପଣଙ୍କର ଚିକିତ୍ସା ଅବସ୍ଥା କିମ୍ବା ଅନ୍ୟାନ୍ୟ କାରଣକୁ ଆଧାର କରି ନୂତନ କମ୍ପାନୀ ଆପଣଙ୍କର ପୋର୍ଟେବିଲିଟି ଆବେଦନକୁ ପ୍ରତ୍ୟାଖ୍ୟାନ କରିପାରେ । ନୂତନ କମ୍ପାନୀ ପାଖରେ ଆପଣଙ୍କର ବିଦ୍ୟମାନ ସ୍ୱାସ୍ଥ୍ୟ ବୀମା ପଲିସି ବିବରଣୀ ଏବଂ ଦାବି ଇତିହାସ ପାଇବାର ଅଧିକାର/ବିକଳ୍ପ ଅଛି ।

ଏହାଛଡା ଯଦି ଆପଣଙ୍କର ବିଦ୍ୟମାନ ପଲିସି ପୁରୁଣା ଏବଂ ପୂର୍ବରୁ ଥିବା ସ୍ୱାସ୍ଥ୍ୟ ଅବସ୍ଥା ପାଇଁ ଅପେକ୍ଷା ଅବଧି ଶେଷ ହୋଇଯାଇଛି, ତେବେ ନୂତନ ଯୋଜନା କିଣିବା ପରିବର୍ତ୍ତେ ପଲିସିକୁ ପୋର୍ଟ କରିବା ଭଲ । ଯଦି ଆପଣଙ୍କର ବିଦ୍ୟମାନ ସ୍ୱାସ୍ଥ୍ୟ ବୀମା ପଲିସି ସୀମିତ କଭରେଜ୍ ପ୍ରଦାନ କରେ, ତେବେ ଏକ ନୂତନ ପଲିସି ନେବା ଲାଭଦାୟକ ହୋଇପାରେ, କିନ୍ତୁ ନୂତନ ଯୋଜନାରେ ଅପେକ୍ଷା ଅବଧି ନୂତନ ଭାବରେ ଆରମ୍ଭ ହେବ । ଏହା ମଧ୍ୟ ଏକ ବିକଳ୍ପ: ନୂତନ ଯୋଜନା ପୋର୍ଟିଂ କିମ୍ବା ନେବା ପରିବର୍ତ୍ତେ, ଆପଣ କିଛି ଅତିରିକ୍ତ ପ୍ରିମିୟମ୍ ଦେଇ ଆପଣଙ୍କର ବିଦ୍ୟମାନ ପଲିସିରେ କମ୍ପାନୀ ଦ୍ୱାରା ପ୍ରଦାନ କରାଯାଇଥିବା ଆଡ-ଅନ୍ କିମ୍ବା ରାଇଡର୍ସ ଯୋଡିପାରିବେ ଏବଂ ଆପଣଙ୍କର ବିଦ୍ୟମାନ ଯୋଜନାକୁ ଉନ୍ନତ କରିପାରିବେ ।

# ଘୁମୁରାରେ ବେଦାନ୍ତ ଲାଞ୍ଜିଗଡ଼ ଷ୍ଟଲ୍‌ରେ ବିକାଶ ମୂଳକ କାର୍ଯ୍ୟକ୍ରମ ପ୍ରଦର୍ଶିତ



କଳାହାଣ୍ଡି,୧୯ ।୧(ସମିସ): ଚାରି ଦିନ ଧରି ଚାଲିଥିବା ୨୭ତମ କଳାହାଣ୍ଡି ଉତ୍ସବ- ଘୁମୁରା ୨୦୨୫ ପାଳନ ଅବସରରେ ଭାରତର ଅଗ୍ରଣୀ ଆଲୁମିନା ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମର ସହାୟକ ସଂସ୍ଥା ବେଦାନ୍ତ ଲାଞ୍ଜିଗଡ଼ ଏହାର ଷ୍ଟଲରେ କମ୍ପାନୀ ଏହି ଅଞ୍ଚଳରେ ଚଳାଇଥିବା ପରିବର୍ତନଶୀଳ ଗୋଷ୍ଠୀ ବିକାଶ କାର୍ଯ୍ୟକ୍ରମକୁ ପ୍ରଦର୍ଶିତ କରିଛି । ବେଦାନ୍ତ ଷ୍ଟଲରେ ପ୍ରୋଜେକ୍ଟ ଆଦିକଳାର ହାତତିଆରି ସାମଗ୍ରୀର ଚମତ୍କାର ପ୍ରଦର୍ଶନ କରାଯାଇଥିଲା, ଯାହା ଭାରତର ସର୍ବପୁରାତନ କଳା - ସର୍ଭର ଏବଂ ଢୋକ୍ରକୁ ପୁନରୁଦ୍ଧାର କରିବା ସହିତ ସ୍ଥାୟୀ ଜୀବିକା ମାଧ୍ୟମରେ ୨୦୦ରୁ ଅଧିକ ଗ୍ରାମୀଣ ପରିବାରକୁ ସଶକ୍ତ କରିଥାଏ । ଗ୍ରାମୀଣ ମହିଳାଙ୍କ ପାଇଁ ବେଦାନ୍ତର ଅର୍ଥନୈତିକ ସ୍ୱାଧୀନତାର ସ୍ୱପ୍ନକୁ ପ୍ରତିଫଳିତ କରୁଥିବା ପ୍ରୋଜେକ୍ଟ ସଖୀ ଅଧୀନରେ ୪୦୦୦ରୁ ଅଧିକ ମହିଳାଙ୍କ ଦ୍ୱାରା ବିକଶିତ ଘରୋଇ ଜୈବିକ ଉତ୍ପାଦ ଏହି କଳାତ୍ମକ ପ୍ରଦର୍ଶନର ଏକ ଅଂଶ ଥିଲା । ଏହାବ୍ୟତୀତ ବେଦାନ୍ତର ଅତ୍ୟାଧୁନିକ କାରଖାନାରେ ବକ୍ସାଇଟ୍ ପଥରକୁ ଉଚ୍ଚମାନର ଆଲୁମିନିୟମ ଉତ୍ପାଦରେ ପରିଣତ କରିବାର ପ୍ରଦର୍ଶନ କରି ପର୍ଯ୍ୟଟକଙ୍କୁ ଆଲୁମିନିୟମର ଯାତ୍ରା ସମ୍ପର୍କରେ ଅବଗତ କରାଯାଇଥିଲା ।

ନୟାଗଡ଼ ବନଖଣ୍ଡରେ କର୍ମଚାରୀ ସଙ୍କଟ

# ୬ ରେଞ୍ଜର, ୫ ବନପାଳ, ୫୨ ବନରକ୍ଷୀ ପଦ ଖାଲି

ନୟାଗଡ଼, ୧୯।୧(ସମିସ):

ନୟାଗଡ଼ ବନଖଣ୍ଡରେ କର୍ମଚାରୀ ସଂକଟ ସାଂଘାତିକ ସ୍ଥିତି ସୃଷ୍ଟି କରିଛି । ନୟାଗଡ଼ ବନଖଣ୍ଡରେ ୨ଟି ଏସିଏଫ୍ ପଦବୀ ରହିଥିବା ବେଳେ ୬ ଜଣ ଏସିଏଫ୍ କାର୍ଯ୍ୟରତ ଅଛନ୍ତି । ଫଳରେ ଏସିଏଫ୍‌ଙ୍କୁ ବନାଞ୍ଚଳ ଦାୟିତ୍ୱ ଦିଆଯାଇଛି । ଜିଲ୍ଲାରେ ୯ଟି ରେଞ୍ଜର ପଦବୀ ରହିଥିବା ବେଳେ ୬ଟି ପଦବୀ ଖାଲି ପଡ଼ିଛି । ସେହିଭଳି ଭାବେ ୭ଟି ଡେପୁଟି ରେଞ୍ଜର ପଦବୀରେ ମାତ୍ର ଜଣେ ରହିଥିବା ବେଳେ ୬ଟି ଖାଲି ପଡ଼ିଛି । ନୟାଗଡ଼ ବନଖଣ୍ଡରେ ୭ଟି ବନାଞ୍ଚଳ ଓ ୨୨ଟି ସେକ୍ସନ ଅଫିସ ରହିଛି । ବନାଞ୍ଚଳ ଗୁଡ଼ିକରେ ଏସିଏଫ୍ ଓ ଡେପୁଟି ରେଞ୍ଜରଙ୍କୁ ଦାୟିତ୍ୱ ଦେଇ କାମ କରାଯାଉଛି । ମୋଟ ୪୩ଟି ବନପାଳ ପଦବୀ ରହିଥିବା ବେଳେ ୫ଟି ଖାଲି ପଡ଼ିଛି । ସେହିଭଳି ଭାବେ ୧୨୧ଟି ପଦବୀ ରହିଥିବା ବେଳେ ୬୯ ଜଣ ବନରକ୍ଷୀ କାର୍ଯ୍ୟରତ ଅଛନ୍ତି । ମୋଟ ୫୨ଟି ବନରକ୍ଷୀ ପଦବୀ ଖାଲି ପଡ଼ିଛି । ସବୁଠାରୁ ଆଶ୍ଚର୍ଯ୍ୟ କର କଥା ହେଉଛି ବିଭିନ୍ନ ଚେକ ଗେଟ୍ ଗୁଡ଼ିକ ପାଇଁ ଜଣେ ବି ବନରକ୍ଷୀ ନଥିବା ଜଣାପଡ଼ିଛି । ୨୬ଟି ବିଟ୍ ହାଉସରେ ବନରକ୍ଷୀ ନଥିବାରୁ ଅତିରିକ୍ତ ଦାୟିତ୍ୱ ଦେଇ କାମ ଚଳାଯାଉଛି । ସେହିଭଳି ଭାବେ ସିନିୟର ଆସିଷ୍ଟାଣ୍ଟ ପଦବୀ ୮ଟି ରହିଥିବା ବେଳେ ୬ଟି ପଦବୀ ଖାଲି ପଡ଼ିଛି । ଷ୍ଟେନୋ ପଦବୀ ମଧ୍ୟ ଖାଲି ପଡ଼ିଛି । କନିଷ୍ଠ କିରାଣି ପଦବୀ ୨ଟି, ଡ୍ରାଇଭର ପଦବୀ ୧ଟି ଖାଲି ରହିଥିବା ବନବିଭାଗ ପକ୍ଷରୁ ସୂଚନା ମିଳିଛି । ନୟାଗଡ଼ ଜିଲ୍ଲା ପ୍ରାକୃତିକ ଜଙ୍ଗଲ ପାହାଡ଼ ଘେରା ଜିଲ୍ଲା ହୋଇଥିବା ବେଳେ ଘଞ୍ଚ ଜଙ୍ଗଲ ଜିଲ୍ଲାର ଅମୂଲ୍ୟ ସମ୍ପଦ ଭାବେ ପରିଗଣିତ ହେଉଛି । ଏହି ଜଙ୍ଗଲର ସୁରକ୍ଷା ପାଇଁ କର୍ମଚାରୀ ଅଭାବ ଜଟିଳ ପରିସ୍ଥିତି ସୃଷ୍ଟି କରିଛି । ରାଜ୍ୟ ସରକାର ଖାଲି ଥିବା ପଦବୀ ଗୁଡ଼ିକ ପୂରଣ କରିବାର ନିହାତି ଆବଶ୍ୟକତା ରହିଛି ।

● ୨୦୯ ପଦବୀରୁ ୭୬ ଖାଲି, ୨ ଏସିଏଫ୍‌ଙ୍କ ସ୍ଥାନରେ ଅଛନ୍ତି ୬

## ମାସକୁ ୪.୯୦ଲକ୍ଷ ଗାଡ଼ିଭଡ଼ା ଗଣୁଛି ନୟାଗଡ଼ ବନଖଣ୍ଡ

ନୟାଗଡ଼ ବନଖଣ୍ଡ ମାସକୁ ୪ ଲକ୍ଷ ୯୦ ହଜାର ଟଙ୍କା କେବଳ ଗାଡ଼ି ଭଡ଼ା ବାବଦକୁ ଗଣୁଛି । ଦୁଇ ମାସର ଭଡ଼ାରେ ଗୋଟିଏ ନୂଆ ଗାଡ଼ି କିଣାଯାଇପାରନ୍ତା । ମାତ୍ର ସରକାରଙ୍କ ଅଜବ ନୀତି ପାଇଁ ନୟାଗଡ଼ ବନଖଣ୍ଡ ମାସକୁ ୪ ଲକ୍ଷ ୯୦ ହଜାର ଟଙ୍କା ବ୍ୟୟ କରୁଛି । ନୟାଗଡ଼ ଡିଏଫ୍‌ଓଙ୍କ ପାଇଁ ବିଭାଗ ପକ୍ଷରୁ ଦୁଇଟି ଗାଡ଼ି ବ୍ୟବସ୍ଥା କରାଯାଇଛି । ଡିଏଫ୍‌ଓଙ୍କ ପାଇଁ ହୋଇଥିବା ଦୁଇ ଗାଡ଼ି ମଧ୍ୟରୁ ଗୋଟିଏ ସ୍କର୍ପିଓକୁ ମାସିକ ୩୦ ହଜାର ଟଙ୍କା ପ୍ରଦାନ କରାଯାଉଥିବା ବେଳେ ଗୋଟିଏ ଇନୋଭା ପାଇଁ ମାସକୁ ୩୫ ହଜାର ଟଙ୍କା ପ୍ରଦାନ କରାଯାଉଛି । ଦୁଇଟି ଯୋଜନାରେ ଡିଏଫ୍‌ଓଙ୍କ ପାଇଁ ଦୁଇଟି ଗାଡ଼ି ବ୍ୟବସ୍ଥା କରାଯାଇଛି । ଏହା ସହିତ ନୟାଗଡ଼ ବନଖଣ୍ଡ ମୁଖ୍ୟାଳୟ ପାଇଁ ୩ଟି ବଲେରୋ ମଧ୍ୟ ଭଡ଼ା ଆକାରରେ ରଖାଯାଇଛି । ମାସକୁ ଏହି ୩ଟି ବଲେରୋ ବାବଦ ଭଡ଼ା ୭୩ ହଜାର ଟଙ୍କା ବ୍ୟୟ କରାଯାଉଛି । ଏହା ସହିତ ନୟାଗଡ଼ ବନାଞ୍ଚଳରେ ଦୁଇଟି ବଲେରୋ, ମହୀପୁର ବନାଞ୍ଚଳରେ ୩ଟି ବଲେରୋ, ଦଶପଲ୍ଲା ବନାଞ୍ଚଳରେ ୩ଟି ବଲେରୋ, ଗଣିଆରେ ୧ଟି ବଲେରୋ, ଖଣ୍ଡପଡ଼ାରେ ୨ଟି ବଲେରା, ପଞ୍ଚରିଡ଼ା ବନାଞ୍ଚଳରେ ୨ଟି ବଲେରା, ଓଡ଼ଗାଁ ବନାଞ୍ଚଳରେ ୨ଟି ବଲେରା ଭଡ଼ା ସୂତ୍ରରେ ବ୍ୟବହାର କରାଯାଉଛି । ନୟାଗଡ଼ ବନଖଣ୍ଡରେ ମୋଟ ୨୦ ଟି ଗାଡ଼ି ଭଡ଼ା ସୂତ୍ରରେ ବ୍ୟବହାର ହେଉଥିବା ବେଳେ ବନବିଭାଗ ଏଥିପାଇଁ ମାସିକ ୪ ଲକ୍ଷ ୯୦ ହଜାର ଟଙ୍କା ବ୍ୟୟ କରୁଥିବା ସୂଚନା ଅଧିକାରୀ ତଥ୍ୟରୁ ଜଣାପଡ଼ିଛି ।

ଅଙ୍ଗନବାଡ଼ି ସଂଘର ବୈଠକ

## ଜ୍ୟୋତ୍ସ୍ନାମୟୀ ଜିଲ୍ଲା ସଭାନେତ୍ରୀ



ନୟାଗଡ଼, ୧୯।୧(ସମିସ): ନୟାଗଡ଼ ଜିଲ୍ଲା ଇଟାମାଟି ଜଗନ୍ନାଥ କଲ୍ୟାଣୀମଣ୍ଡପଠାରେ ଅଲ୍ ଓଡ଼ିଶା ଅଙ୍ଗନବାଡ଼ି ଲେଡିଜ ୱାର୍କର୍ସ ଆସୋସିଏସନ୍ ଜିଲ୍ଲା ସମ୍ମିଳନୀ ଅନୁଷ୍ଠିତ ହୋଇଛି । ଏଥିରେ ରାଜ୍ୟ ସଭାନେତ୍ରୀ ସୁମିତା ମହାପାତ୍ର, ସମ୍ପାଦିକା କୁଞ୍ଜଲତା ଦାସ, ଭାରତୀୟ ମଜଦୁର ସଂଘ ଜିଲ୍ଲା ସଭାପତି ବନମାଳୀ ମିଶ୍ର, ସମ୍ପାଦକ ସୁକାନ୍ତ କୁମାର ମହାପାତ୍ର ଯୋଗ ଦେଇଥିଲେ । ଅଙ୍ଗନବାଡ଼ି କର୍ମୀଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା । ଏହା ସହିତ ଜିଲ୍ଲା କର୍ମକର୍ତ୍ତା ଚୟନ କରାଯାଇଥଲା । ନୟାଗଡ଼ ଜିଲ୍ଲା କମିଟି ସଭାନେତ୍ରୀ ପୁନଃ ଜ୍ୟୋତ୍ସ୍ନାମୟୀ ପଣ୍ଡାଙ୍କୁ ଚୟନ କରାଯାଇଛି । ତା ସହିତ ସମ୍ପାଦିକ ଭାବେ ଗୀତାଞ୍ଜଳୀ ସେଠୀଙ୍କୁ ଚୟନ କରାଯାଇଛି । ଉପସଭାନେତ୍ରୀ ଭାବେ ମେନକା ପଲେଇ, ନିର୍ମଳା ଦାଶ ରଣପୁର, ମଞ୍ଜୁଲତା ସାହୁ ଦଶପଲ୍ଲା, ସହ ସମ୍ପାଦିକା ଇନ୍ଦିରା ନାୟକ ଓ ଅନିତା ଖଣ୍ଡୁଆଳ ନୂଆଗାଁ, କୋଷାଧକ୍ଷା ଭାବେ ବାସନ୍ତୀ ପ୍ରଧାନଙ୍କୁ ଚୟନ କରାଯାଇଛି । ସଂଗଠନ କାର୍ଯ୍ୟକାରୀ ସଭାନେତ୍ରୀ ଭାବେ ବିନୋଦିନୀ ଦେଇ ଓ ସଂଗଠନ ମନ୍ତ୍ରୀ ଭାବେ ସଙ୍ଗୀତା କରଙ୍କୁ ଚୟନ କରାଯାଇଛି ।

## ଦୁର୍ଘଟଣାରେ ମାମୁ-ଭଣଜା, ପାଣିରେ ବୁଡ଼ି ବୃଦ୍ଧା ମୃତ

ଓଡ଼ଗାଁ, ୧୯ ।୧(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଥାନା କୋମଣ୍ଡ ପଥରାଛକ ନିକଟରେ ଶନିବାର ବିଳମ୍ବିତ ରାତିରେ ବାଇକ୍ ଦୁର୍ଘଟଣାରେ ମାମୁଁ-ଭଣଜାଙ୍କ ମୃତ୍ୟୁ ଘଟିଥିବାବେଳେ ବାହାଡାଝୋଲା ଫାଣ୍ଡି ତୋଡ଼ିଗାଡ଼ିଆ ଗ୍ରାମର ଜଣେ ବୃଦ୍ଧା କୁଅରେ ପଡ଼ି ମୃତ୍ୟୁବରଣ କରିଛନ୍ତି ।

ଶନିବାର ବିଳମ୍ବିତ ରାତିରେ ଓଡ଼ଗାଁ ସନ୍ନିକଟ ବାହାଡାପିଠା ଗ୍ରାମର ଦୁର୍ଗାମାଧବ ନାୟକ ଓରଫ କାଲୁ(୩୮) ଏବଂ ଭଣଜା ଦେବୁ ନାୟକ (୧୮) ଏକ ବାଇକ୍‌ରେ କୋମଣ୍ଡ ମକରଯାତ୍ରା ଦେଖିବାକୁ ଯାଇଥିଲେ । ବିଳମ୍ବିତ ରାତିରେ ଘରକୁ ଫେରୁଥିବାବେଳେ ପଥରା ଛକ ନିକଟରେ ଚାଳକ ଦେବୁ ଭାରସାମ୍ୟ ହରାଇବାରୁ ରାସ୍ତା ପାର୍ଶ୍ୱରେ ଥିବା ଏକ ଆମ୍ବ ଗଛରେ ବାଇକ୍ ପିଟି ହୋଇଯାଇଥିଲା । ସ୍ଥାନୀୟ ପଥଚାରୀଙ୍କଠାରୁ ଖବରପାଇ ଓଡ଼ଗାଁ ଆଦର୍ଶ ଥାନା ପୁଲିସ ପହଞ୍ଚି ଉଭୟଙ୍କୁ ଓଡ଼ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିବା ବେଳେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ । ଏନେଇ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ଏସ୍‌ଆଇ ଚକ୍ରଧର ସିଂହ ସୂଚନା ଦେଇଛନ୍ତି । ଗୋଟିଏ ପରିବାରରେ ଦୁଇ ଦୁଇଜଣଙ୍କ ମୃତ୍ୟୁ ଗାଁରେ ଏକ ଶୋକାକୁଳ ପରିବେଶ ସୃଷ୍ଟି କରିଛି । ସେହିପରି ନୟାଗଡ଼ ଜିଲ୍ଲା ଓଡ଼ଗାଁ ଆଦର୍ଶ ଥାନା ବାହାଡ଼ାଝୋଲା ଫାଣ୍ଡି ବେରୁହାଁବାରୀ ପଞ୍ଚାୟତ ତୋଡିଗାଡିଆ ଗ୍ରାମର ଜଣେ ମହିଳା ଘର ଅଗଣାରେ ଥିବା କୁଅରେ ଖସିପଡ଼ି ମୃତ୍ୟୁବରଣ କରିଛନ୍ତି । ମୃତ ମହିଳା ରମେଶ ପ୍ରଧାନଙ୍କ ସ୍ତ୍ରୀ ଜେମା ଦେଇ ପ୍ରଧାନ (୫୧) । ଗତକାଲି ସନ୍ଧ୍ୟାରେ ବାରିପଟକୁ ଗୋରୁଙ୍କୁ ପାଳ ଦେବାପାଇଁ ଆଣିବାକୁ ଯାଇଥିଲେ । ଫେରିବା ବେଳେ ଅସାବଧାନତାବଶତଃ କୁଅରେ ଖସିପଡ଼ିଥିଲେ । ଫେରିବା ବିଳମ୍ବ ହେବାରୁ ସ୍ୱାମୀ ରମେଶ ପ୍ରଧାନ ଖୋଜି କୁଅରେ ପଡ଼ିଯାଇଥିବା ଦେଖି ଗ୍ରାମବାସୀଙ୍କୁ ଡାକିଥିଲେ । ଓଡ଼ଗାଁ ଦମକଳ ବାହିନୀ ପହଞ୍ଚି ମହିଳାଙ୍କୁ ଉଦ୍ଧାର କରି ଓଡ଼ଗାଁ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିବାବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ବାହାଡ଼ା ଝୋଲା ଫାଣ୍ଡି ଅଧିକାରୀ ମହମ୍ମଦ ଜାଫ୍ରୁଲା ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛନ୍ତି ।

● ଜୁଆଆଡ୍ଡାରେ ଚଢ଼ଉ; ୧୦ରୁ ଉର୍ଦ୍ଧ୍ୱ ଗିରଫ

## କାର୍, ବାଇକ୍ ସହ ଲକ୍ଷାଧିକ ଟଙ୍କା ଜବତ

ଓଡଗାଁ, ୧୯।୧(ସମିସ): ଓଡଗାଁ ଆଦର୍ଶ ଥାନା ରୋହିବାଙ୍କ ପଞ୍ଚାୟତ ନାଉଖାଲ ନିକଟରେ ଚାଲିଥିବା ଏକ ଜୁଆଆଡ୍ଡାରେ ପୁଲିସ ଚଢ଼ଉ କରିଛି । ଓଡ଼ଗାଁ ଥାନା ନାଉଖାଲ, ଜାମୁପାଟଣା ଓ ଲଣ୍ଡାବାଡ୍ଡ଼ ନିକଟସ୍ଥ କାଜୁ ଜଙ୍ଗଲରେ ଦୀର୍ଘ ଦିନହେଲା କେତେକ ଆନ୍ତଃଜିଲ୍ଲା ଜୁଆଡିଙ୍କ ସହିତ ସ୍ଥାନୀୟ ଜନପ୍ରତିନିଧି ଜୁଆଆଡ୍ଡା ପରିଚାଳନା କରୁଥିବା ଚର୍ଚ୍ଚା ହେଉଥିଲା । ଜିଲ୍ଲା ପୁଲିସ ରବିବାର ଅତର୍କିତ ନାଉଖାଲ ଜୁଆଆଡ୍ଡା ଉପରେ ଚଢ଼ଉ କରିଥିଲେ । ଏଠାରୁ କାର, ବାଇକ୍ ସହିତ ଲକ୍ଷାଧିକ ନଗଦ ଟଙ୍କା ଓ ତାସମୁଠା ଜବତ କରିଥିବା ଜଣାପଡ଼ିଛି । ୧୦ରୁ ଉର୍ଦ୍ଧ୍ୱ ଧନୀ ଶ୍ରେଣୀର ଜୁଆଡ଼ିଙ୍କୁ କାବୁ କରି ଆଣିଥିବାବେଳେ ଏନେଇ ସବିଶେଷ ସୂଚନା ସୋମବାର ସକାଳେ ଦିଆଯିବ ବୋଲି ଥାନା ଆଇଆଇସି ରଶ୍ମି ରଞ୍ଜନ ସାହୁ ସୂଚନା ଦେଇଛନ୍ତି ।

ଦଶପଲ୍ଲା କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ

## ବରଗଡ଼ ଚାମ୍ପିଅନ



ଦଶପଲ୍ଲା, ୧୯।୧(ସମିସ): ଅଗ୍ରଣୀ କ୍ରୀଡା ଅନୁଷ୍ଠାନ ସ୍ୱୋର୍ଟିଭ ସ୍ପୋର୍ଟ୍ସ ସୋସାଇଟି ଆନୁକୂଲ୍ୟରେ ଗାନ୍ଧୀ ମଇଦାନରେ ଚାଲିଥିବା ୨୫ତମ ସର୍ବଭାରତୀୟ ଦଶପଲ୍ଲା କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆଜି ଉଦ୍‌ଯାପିତ ହୋଇଯାଇଛି । ଫାଇନାଲ ମ୍ୟାଚ୍ ୟୁନାଇଟେଡ଼ ସ୍ପୋର୍ଟ୍ସ କ୍ଲବ, ବରଗଡ଼ ବନାମ ୟୁଥ୍ ଡେଭଲପମେଣ୍ଟ କ୍ଲବ୍ ମଣିପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଖେଳ ଶେଷସୁଦ୍ଧା ଅମୀମାଂସିତ ରହିବାରୁ ଟାଇବ୍ରେକର ସହାୟତା ନିଆଯାଇଥିଲା । ୟୁନାଇଟେଡ଼ ସ୍ପୋର୍ଟ୍ସ କ୍ଲବ ୫-୩ରେ ମଣିପୁରକୁ ହରାଇ ଚଳିତବର୍ଷର ଚାମ୍ପିଅନ ହୋଇଛି ।

ଆଜିର ଖେଳ ପରିଚାଳନା କରିଥିଲେ ରେଫରି ଶ୍ୟାମସୁନ୍ଦର ସାହା, ଲାଇନ୍ସରେ ପ୍ରସନ୍ନ କୁମାର ନାୟକ, ରବୀନ୍ଦ୍ର କୁମାର ନାୟକ ଓ ଫୋର୍ଥ ଅଫିସିଆଲରେ ଆର୍ଶୀବାଦ ସେନ ସହଯୋଗ କରୁଥିଲେ । ଉଦ୍‌ଯାପନୀ ସନ୍ଧ୍ୟାରେ ଆୟୋଜିତ ଉତ୍ସବରେ ସ୍ଥାୟୀ ସଭାପତି କୁଞ୍ଜବିହାରୀ ମିଶ୍ର ଅଧ୍ୟକ୍ଷତା କରିଥିଲେ । ମିଳିତ ଭାବରେ ମଞ୍ଚ ସଂଯୋଜନା କରିଥିଲେ ଉପ ସଭାପତି ଦିଲୀପ ପଣ୍ଡା, କ୍ରୀଡାବିତ୍ ତ୍ରିନାଥ ସାହୁ ଓ ସ୍ତମ୍ଭକାର ହାଡିବନ୍ଧୁ ମହାକୁଡ । ସମ୍ପାଦକୀୟ ବିବରଣି ରଖିଥିଲେ ଭବାନୀ ପ୍ରସାଦ ମିଶ୍ର । ମୁଖ୍ୟ ଅତିଥି ଭାବରେ ସ୍ଥାନୀୟ ବିଧାୟକ ରମେଶ ବେହେରା, ସମ୍ମାନିତ ଅତିଥି ଭାବରେ ସମବାୟ ବ୍ୟାଙ୍କ ସିନିଅର ମ୍ୟାନେଜର ପ୍ରଭାତ ଜେନା, ଏନ୍ଏସି ଅଧ୍ୟକ୍ଷା ପୁନମ୍ ପ୍ରିୟଦର୍ଶିନୀ, ବ୍ଲକ ଅଧ୍ୟକ୍ଷା ସୁନନ୍ଦା ସାହୁ, ନୂଆଗାଁ ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ବେହେରା ।

● ଚାନ୍ଦା ଆଦାୟ ଘଟଣା

## ଜେଲଗଲେ ୪ ନକଲି ଓ ଅସଲି ସାମ୍ବାଦିକ

ନୟାଗଡ଼, ୧୯।୧(ସମିସ): ନୂଆଗାଁ ବ୍ଲକ ଡେଭଲପମେଣ୍ଟ ସେକ୍ସନ ସିନିୟର ରେଭିନ୍ୟୁ ଆସିଷ୍ଟାଣ୍ଟ କାହ୍ନୁଚରଣ ଜେନାଙ୍କୁ ଧମକ ଦେଇ ଚାନ୍ଦା ଆଦାୟ କରିବା ଘଟଣାରେ ଆଜି ନୂଆଗାଁ ପୁଲିସ ୪ ଜଣ ଅସଲି ଓ ନକଲି ସାମ୍ବାଦିକଙ୍କୁ କୋର୍ଟ ଚାଲାଣ କରିଛି । ଏହି ବ୍ୟକ୍ତିମାନେ ହେଲେ ଦଶପଲ୍ଲା ଥାନା ଅନ୍ତର୍ଗତ କାଦୁଆ ଅମଲାପଡ଼ାର ପ୍ରମୋଦ କୁମାର ମହାନ୍ତି, ମହାବୀରସାହିର ଦୀନେଶ ସିଠ, ମହାବୀରସାହିର ଜିତେନ୍ଦ୍ର ସ୍ୱାଇଁ ଏବଂ ନୂଆଗାଁ ଥାନା ବାଲାଣ୍ଡା ଅଞ୍ଚଳରେ ଦୀପୁ ରାଉତ ବୋଲି ଜଣାପଡ଼ିଛି । ଶନିବାର ପୂର୍ବାହ୍ନରେ ବ୍ଲକ କାର୍ଯ୍ୟାଳୟରେ ଏହି ବ୍ୟକ୍ତିମାନେ କାହ୍ନୁଚରଣଙ୍କୁ ଧମକ ଦେଇ ୫ ହଜାର ଟଙ୍କା ଚାନ୍ଦା ମାଗିଥିଲେ । ବହୁ କାକୁତି ମିନତି ପରେ ଉକ୍ତ ବ୍ୟକ୍ତିମାନେ ତାଙ୍କୁ ଫୋନ୍ ପେ' ମାଧ୍ୟମରେ ୨ ହଜାର ଟଙ୍କା ଦେବାକୁ ଦାବି କରିଥିଲେ । କାହ୍ନୁଚରଣ ତାଙ୍କୁ ୨ ହଜାର ଟଙ୍କା ଦେବା ପରେ ସେଠାରୁ ଚାଲି ଯାଇଥିଲେ । କାହ୍ନୁଙ୍କ ଅଭିଯୋଗ ଆଧାରରେ ପୁଲିସ ସେମାନଙ୍କ ବିରୁଦ୍ଧରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି । କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଯାଇଥିବା ସୂଚନା ମିଳିଛି ।

ସିରିୟସ ଜୋନ୍ ନାଟକ ମହୋତ୍ସବ

## ତୃତୀୟ ସନ୍ଧ୍ୟାରେ 'ମାଗୁଣିର ଶଗଡ଼'

ନୟାଗଡ଼, ୧୯।୧(ସମିସ): ସିରିୟସ ଜୋନ୍ ନାଟକ ମହୋତ୍ସବ ତୃତୀୟ ସଂନ୍ଧ୍ୟାରେ ମଞ୍ଚସ୍ଥ ହେଲା ବିଦ୍ୟାକନକ ସୃଜନାନୁଷ୍ଠାନର ନାଟକ 'ମାଗୁଣିର ଶଗଡ଼' । ଗୋଦାବରୀଶ ମହାପାତ୍ରଙ୍କ ଲିଖିତ କାହାଣୀ ମାଗୁଣିର ଶଗଡ଼ ଯାହାକୁ ନାଟ୍ୟ ରୂପ ଦେଇଛନ୍ତି ନବୀନ କୁମାର ପରିଡ଼ା ଏବଂ ନିର୍ଦ୍ଦେଶନା ଦେଇଛନ୍ତି ଶ୍ରୀ ଜଗଦୀଶ ପ୍ରସାଦ ମହାରଣା । ଏହି ନାଟକ ମାଧ୍ୟମରେ ଏକ ସାଧାରଣ ଖଟିଖିଆ ଲୋକ ମାଗୁଣିର ସୁଖ, ଦୁଃଖ ଏବଂ ପ୍ରଗତିଶୀଳ ସମାଜ ସହ ତାର ସଂଘର୍ଷକୁ ଖୁବ ସୁନ୍ଦର ଭାବେ ଦର୍ଶାଇଥିଲେ ନାଟ୍ୟକାର । ଜଗଦୀଶ ପ୍ରସାଦ ମହାରଣା, ମାନସ କୁମାର ପରିଡ଼ା, ଶୁଭଙ୍କର ସାହୁ, ଅମରଦିପ ମହାନ୍ତି, ଶୁଭଲକ୍ଷ୍ମୀ ରାଉତରାୟ, ସୂର୍ଯ୍ୟକାନ୍ତ ପାଣିଗ୍ରାହୀ, ବିଜୟ କୁମାର ସାହୁ, ଦେବାଶିଷ ରାଉତ, ରାଜେଶ ମହାନ୍ତି, ଗୋବିନ୍ଦ ଚନ୍ଦ୍ର ମହାପାତ୍ର, ଅଙ୍କିତା ଦେ, ପ୍ରିୟଙ୍କା ପାଣ୍ଡେ, କାଜଲ ରାଣୀ, କ୍ରି ଜଗା ରାଓ ଏବଂ କିର୍ତ୍ତୀକେଶରୀ ମିଶ୍ରଙ୍କ ନିଖୁଣ ଅଭିନୟରେ ଶେଷ ପର୍ଯ୍ୟନ୍ତ ବାନ୍ଧି ହୋଇ ରହିଥିଲେ ଦର୍ଶକ । ଆଜି ସଂନ୍ଧ୍ୟାରେ ସିରିୟସ ଜୋନ୍ ର ସମ୍ପାଦକ ଯାମିନୀକାନ୍ତ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ରଣପୁର ପୂର୍ବତନ ବିଧାୟକ ସତ୍ୟନାରାୟଣ ପ୍ରଧାନ ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ନୟାଗଡ଼ ମ୍ୟୁନିସିପାଲିଟି ଅଧ୍ୟକ୍ଷା ନିରୁପମା ଖଟେଇ ଏବଂ ଅତିରିକ୍ତ ଜିଲ୍ଲାପାଳ ଦିଲ୍ଲୀପ କୁମାର ବଳ ଉପସ୍ଥିତ ଥିଲେ । ନାଟକ ଭାରାକ୍ରାନ୍ତ ମନକୁ ହାଲୁକା କରିବାରେ ସହାୟକ ହୁଏ ବୋଲି ଅତିଥିମାନେ କହିଥିଲେ । ମଞ୍ଚ ପରିଚାଳନା କରିଥିଲେ କବି ଗୋପିନାଥ ସେଠୀ ।



## ଶେଖ୍ ତୌଫିକ୍ 'ଷ୍ଟାର ଅଫ୍ ନୟାଗଡ଼'



ନୟାଗଡ଼, ୧୯।୧(ସମିସ): ଜିଲ୍ଲାସ୍ତରୀୟ ସଙ୍ଗୀତ ପ୍ରତିଭା ଚୟନ କାର୍ଯ୍ୟକ୍ରମ ଷ୍ଟାର ଅଫ୍ ନୟାଗଡ଼ର ଆଜି ଥିଲା ଗ୍ରାଣ୍ଡ ଫାଇନାଲ । ଏଥିରେ ୧୦ ଜଣ ପ୍ରତିଭାବାନ ପ୍ରତିଯୋଗୀ ସଙ୍ଗୀତ ପରିବେଷଣ କରିଥିଲେ । ବିଚାରକ ଭାବେ ବରିଷ୍ଠ କଣ୍ଠଶିଳ୍ପୀ ନବକିଶୋର ମିଶ୍ର ଏବଂ ବରିଷ୍ଠ କଣ୍ଠଶିଳ୍ପୀ ଜଗଦୀଶ ପ୍ରସାଦ ରଥ ଯୋଗ ଦେଇଥିଲେ । ପ୍ରତ୍ୟେକ ପ୍ରତିଯୋଗୀ ଦୁଇଟି ଲେଖାଏଁ ଗୀତ ଗାଇଥିଲେ । ଶେଖ୍ ତୌଫିକ୍ ଅଲ୍ଲୀ ଏହି ପ୍ରତିଯୋଗୀତାରେ ପ୍ରଥମ ସ୍ଥାନ ହାସଲ କରିଥିବା ବେଳେ ଯୁଗ୍ମ ଦ୍ୱିତୀୟ ହୋଇଥିଲେ ଇସ୍ମିତା ପ୍ରିୟଦର୍ଶିନୀ ଓ ମିଲନ୍ କୁମାର ସ୍ୱାଇଁ, ସେହିପରି ତୃତୀୟ ସ୍ଥାନରେ ରହିଥିଲେ ଆଶୁତୋଷ ବେହେରା । ନୟାଗଡ଼ ପୌର ପରିଷଦ ଅଧ୍ୟକ୍ଷା ନିରୂପମା ଖଟେଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜେତାଙ୍କୁ ଟ୍ରଫି ଏବଂ ପ୍ରମାଣପତ୍ର ପ୍ରଦାନ କରିଥିଲେ । ଆଜିର ପ୍ରତିଯୋଗୀତାର ଉଦଘାଟନ ଉତ୍ସବକୁ ସଂଯୋଜନା କରିଥିଲେ ବରିଷ୍ଠ ସାମ୍ବାଦିକ ରାମକୃଷ୍ଣ ରଥ । ମଞ୍ଚ ପରିଚାଳନା କରିଥିଲେ ସୁଶାନ୍ତ ପାଇକରାୟ । ଆଜିର କାର୍ଯ୍ୟକ୍ରମକୁ ପ୍ରଦୀପ ବରାଡ, କାଜଲ ଡାକୁଆ, ସୌମ୍ୟ ଶୁଭମ୍ ରଥ, ଆଦିତ୍ୟ ପ୍ରସାଦ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ବିଜେତାଙ୍କୁ ଆଗାମୀ ଦିନରେ ମ୍ୟୁଜିକ୍ ଆଲବମରେ ଗୀତ ଗାଇବାକୁ ସୁଯୋଗ ଦିଆଯିବ ବୋଲି ସଂଯୋଜକ ଧିରେନ୍ଦ୍ର କୁମାର ପଟ୍ଟନାୟକ ସୂଚନା ଦେଇଛନ୍ତି ।

● ଝରଣା ଖଣିରେ ଅଧିକାରୀଙ୍କ ଚଢ଼ଉ

## ଭୁଜାଲି ଦେଖାଇ ମାଫିଆଙ୍କ ଆତଙ୍କରାଜ

ନୟାଗଡ଼, ୧୯।୧(ସମିସ): ନୟାଗଡ଼ ଜିଲ୍ଲା ସଦରଥାନା ତଥା ନୂଆଗାଁ ବ୍ଲକ ଦୁରୁଦୁରା ପଞ୍ଚାୟତ ଝରଣା ଗାଁ ନିକଟରେ ଥିବା ପଥର ଖଣିରେ ଆଜି ଖଣି ଅଧିକାରୀ ଇଶ୍ୱର ଚନ୍ଦ୍ର ପ୍ରଧାନ ସଦଳବଳ ଚଢଉ କରିଥିଲେ । ଚଢଉବେଳେ ଖଣି ମାଫିଆ କିଛି ସହଯୋଗୀଙ୍କ ଜରିଆରେ ଖଣି ଅଧିକାରୀଙ୍କୁ ଭୁଜାଲି ଦେଖାଇ ଆତଙ୍କ ଖେଳାଇଥିଲେ । ଦୀର୍ଘଦିନ ଧରି ବେଆଇନ ଭାବେ ଏହି ପଥର ଖଣି ଚାଲି ଆସୁଥିବା ବେଳେ ଜିଲ୍ଲା ପ୍ରଶାସନ, ତହସିଲ ଓ ପୁଲିସ ପ୍ରଶାସନ ସବୁକୁ ଆଖି ବୁଜି ଦେଇଥିଲେ । ଆଜି ଖଣି ଅଧିକାରୀଙ୍କ ଚଢ଼ଉପରେ ସେଠାରେ ଖଣି ମାଫିଆଙ୍କ ଦୌରାତ୍ମ୍ୟ ଦେଖିବାକୁ ମିଳିଥିଲା । ଅଘଟଣ ପୂର୍ବରୁ ପୁଲିସ ପହଞ୍ଚିଯିବାରୁ ମାଫିଆ ଓ ତାଙ୍କ ସହଯୋଗୀ ଜଙ୍ଗଲ ଭିତରକୁ ଚମ୍ପଟ ମାରିଥିଲେ । ପୁଲିସ ସେମାନଙ୍କୁ ଗୋଡ଼ାଇବା ପରେ ପୁଲିସକୁ ପଥର ମାରିଥିବା ସୂଚନା ମିଳିଛି । ଖଣି ଅଧିକାରୀ ୧ଟି କମ୍ପ୍ରେସର ମେସିନ, ଗୋଟିଏ ଟ୍ରାକ୍ଟର ଓ ଏକ୍ସାଭେକ୍ଟର ଜିନିଷକୁ ଜବତ କରିଥିବା ସୂଚନା ମିଳିଛି । ଏନେଇ ଖଣି ଅଧିକାରୀ ସଦରଥାନାରେ ଅଭିଯୋଗ କରିବା ପରେ ମାମଲା ରୁଜୁ ହୋଇଛି ।

● କମ୍ପ୍ରେସର, ଟ୍ରାକ୍ଟର ଓ ଏକ୍ସାଭେଟର ଜବତ



ସର୍ବଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ନୟାଗଡ଼ କପ୍

# କଟକ ମଙ୍ଗଳା କ୍ଲବ ଚାମ୍ପିଅନ

ନୟାଗଡ଼, ୧୯।୧(ସମିସ):

ସର୍ବଭାରତୀୟ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ନୟାଗଡ଼ କପ ଫାଇନାଲ ମ୍ୟାଚ ଆଜି କଟକ ମଙ୍ଗଳା କ୍ଲବ ଓ ସମ୍ବଲପୁର ଏକାଡେମୀ ମଧ୍ୟରେ ଖେଳା ଯାଇଥିଲା । ମଙ୍ଗଳା କ୍ଲବ କଟକ ୩-୦ ଗୋଲରେ ବିଜୟ ଲାଭ କରି ଚାମ୍ପିଅନ ହୋଇଛି । ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ. ଦେବାଶିଷ ପଟ୍ଟନାୟକ, ନୟାଗଡ଼ ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ, ନୟାଗଡ଼ ପୌରାଧ୍ୟକ୍ଷା ନିରୁପମା ଖଟେଇ, ଉପାଧ୍ୟକ୍ଷ ଗୁରୁପ୍ରସାଦ ଜେନା, ବରିଷ୍ଠ ବିଜେଡି ନେତ୍ରୀ ଇରାନୀ ରାୟ, ଓଡ଼ଗାଁ ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁ, ଜିଲ୍ଲା ପରିଷଦ ବିରଜାଲକ୍ଷ୍ମୀ ସାହୁ, ସୁବାଷ କଅଁର, ଆଶିଷ ଅଗ୍ରୱାଲ, ନୟାଗଡ଼ କ୍ଲବର ସଭାପତି ଅଶୋକ କୁମାର ନାୟକ, ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ କିଶୋର ଚନ୍ଦ୍ର ଶତପଥୀ, ସମାଜସେବୀ ପ୍ରଦୀପ କୁମାର ସାହୁ, ସିଭିଲ ସୋସାଇଟ ପକ୍ଷରୁ ରୋଟାରିଆନ ଗୋଦାବରୀ ସାହୁ, ନୟାଗଡ଼ ପ୍ରାଇଭେଟ ବସ ଅସୋସିଏସନ ସଭାପତି ମନୋଜ କୁମାର ନାୟକ, ସୁନାଖଳା ଫ୍ରେଣ୍ଡସ କ୍ଲବ ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକ, ହିରୋ ମୋଟର ପ୍ରୋପାଇଟର ରବୀନ୍ଦ୍ର କୁମାର ସାହୁ, ନୟାଗଡ଼ କଲେଜର ପୂର୍ବତନ ଅଧ୍ୟକ୍ଷ ସୁରେଶ ପ୍ରଧାନ, ଇଂ. ଶେଖ୍ ୟୁସୁଫ୍ ଓ ଅନୱାର ଅଲ୍ଲୀ ପ୍ରମୁଖ ଯୋଗ ଦେଇଥିଲେ । ୭୮୬ ୟୁଥ କ୍ଲବ ସିନ୍ଦୁରିଆ, ମଣିଙ୍ଗ କ୍ଲବ ନୟାଗଡ଼ ଆଥଲେଟିକ ଆସୋସିଏସନ ଓ ନୟାଗଡ଼ କ୍ଲବ ମିଳିତ ଉଦ୍ୟମରେ ସର୍ବଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେଉଛି । ଆଜିର ଖେଳରେ ଚାମ୍ପିଅନ ଦଳକୁ ପ୍ରାଇଭେଟ ବସ୍ ଓନର ଆସୋସିଏସନ ପକ୍ଷରୁ ୫୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା । ଏଥି ସହିତ ରନର୍ସଅପ ଦଳକୁ ୩୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା । ମଙ୍ଗଳା କ୍ଲବ କଟକର ପ୍ରକାଶ କୁମାର ନାୟକଙ୍କୁ ଆଜିର ଶ୍ରେଷ୍ଠ ଖେଳାଳୀ ଭାବେ ଟ୍ରଫି ସହ ଅର୍ଥ ରାଶି ପ୍ରଦାନ କରାଯାଇଥିଲା । ସେହିପରି ମଙ୍ଗଳାବାଗର ଦୀନବନ୍ଧୁ ଦାସଙ୍କୁ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳୀ ଭାବେ ଟ୍ରଫି ସହ ଅର୍ଥ ରାଶି ପ୍ରଦାନ କରାଯାଇଥିଲା । ବେଷ୍ଟ ଗୋଲ୍‌କିପର ଭାବେ ସମ୍ବଲପୁର ଏକାଡେମୀର ଗୋଲକିପର ମାଥୀ ଅଙ୍ଗା ଦାଇନାରୀଙ୍କୁ ଶ୍ରେଷ୍ଠ ଗୋଲକିପର ଭାବେ ଟ୍ରଫି ପ୍ରଦାନ କରାଯାଇଥିଲା । ୬ ଦିନ ଖେଳରେ ଯେଉଁମାନେ ସହଯୋଗ କରିଥିଲେ ସେମାନଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଆଜି ଖେଳରେ ମୁଖ୍ୟ ରେଫରୀ ଭାବେ ରାଜୁ ମହାନ୍ତି ଖେଳ ପରିଚାଳନା କରୁଥିବା ବେଳେ ସହାୟକ ରେଫରୀ ଭାବେ ଶଶିକାନ୍ତ ଦାସିଆ ଓ ଦେବରାଜ ସ୍ୱାଇଁ ଖେଳ ପରିଚାଳନା କରିଥିଲେ । ଚତୁର୍ଥ ରେଫରୀ ଭାବେ ଜ୍ୟୋତି ରଞ୍ଜନ ସ୍ୱାଇଁ ଓ ମ୍ୟାଚ କମିଶନର ଭାବେ ଆଲୋକ ଦାସ ଖେଳ ପରିଚାଳନା କରିଥିଲେ । ଆଜି ଖେଳର ଉଦଘୋଷକ ଭାବେ ବରିଷ୍ଠ ସାମ୍ବାଦିକ ରାମକୃଷ୍ଣ ରଥ, ଶେଖ ଅବଦୁଲ ଖାଲ୍ଲିକ, ପ୍ରଫେସର ଆଶୁତୋଷ ମିଶ୍ର ଓ ଭାଗିରଥି ପାସା ଯୋଗ ଦେଇଥିଲେ । ହଜାର ହଜାର ସଂଖ୍ୟକ ଦର୍ଶକ ଖେଳର ମଜା ଉଠାଇଥିଲେ । ପଡ଼ିଆ ଭିତର ଓ ବାହାର ଲୋକାରଣ୍ୟ ହୋଇଥିଲା । ଖେଳ ଆରମ୍ଭରୁ ଏକ ହଜାର ଛାତ୍ରଛାତ୍ରୀମାନଙ୍କୁ ନେଇ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।



# ବିନା ନମ୍ବର ପ୍ଲେଟ୍‌ରେ ପରିବହନ ହେଉଛି ଖଣିଜ ପଦାର୍ଥ

**ଜଟଣୀ,୧୯।୧(ସମିସ)**

ଜଟଣୀ ତହସିଲ ଅଞ୍ଚଳରୁ ପ୍ରତିଦିନ ବେଆଇନ ଭାବେ ଖଣିଜ ସମ୍ପଦ ଚାଲାଣ ହେଉଛି। ଏଥିପାଇଁ ଶହ ଶହ ହାଇୱା, ଟ୍ରକ୍, ଟ୍ରାକ୍ଟର ଭଳି ବଡ଼ଗାଡ଼ି ନିୟୋଜିତ ହେଉଛି। ମାଙ୍କଡ଼ା ପଥର, ମୋରମ୍ ଆଦି ଲୁଟ୍ ହେଉଥିବା ବେଳେ ଅଧିକାଂଶ ଗାଡ଼ି ବିନା ନମ୍ବର ପ୍ଲେଟ୍‌ରେ ଚାଲୁଛି।

## ବେପରୁଆ ଗାଡ଼ିଚାଳନାରୁ ହେଉଛି ଦୁର୍ଘଟଣା; ଖସି ଯାଉଛି ଗାଡ଼ି

ବିଶେଷକରି ରାତିରେ ଏହା ଚାଲାଣ ହେଉଥିବା ବେଳେ ରାସ୍ତାରେ ଗାଡ଼ିଗୁଡ଼ିକ ଦ୍ରୁତଗତିରେ ବେପରୁଆ ଭାବେ ଯା' ଆସ କରୁଛି। ଧରା ପଡ଼ିବାର ଆଶଙ୍କାଥିବାରୁ ଚାଳକମାନେ ଗାଡ଼ିକୁ ଦ୍ରୁତଗତିରେ ନେଉଛନ୍ତି। ତେଣୁ ସବୁ ସମୟରେ ଦୁର୍ଘଟଣାର ଆଶଙ୍କା ରହୁଛି। ପୂର୍ବରୁ ମଧ୍ୟ ରାତିରେ ଦୁର୍ଘଟଣା ଘଟି ଅନେକ ଲୋକଙ୍କର ଜୀବନ ଯାଇଛି। ମୁଖ୍ୟ କଥା ହେଉଛି, ଗାଡ଼ିଗୁଡ଼ିକୁ ଏହି ବେଆଇନ୍ କାମରେ ବ୍ୟବହାର କରିବା ବେଳେ ସେଥିରୁ ନମ୍ବର ପ୍ଲେଟ୍ ବାହାର କରି ଦିଆଯାଉଛି। ଏହି ରୀତିକୁ ସ୍ଥାନୀୟ ଅଂଚଳର ଲୋକେ ଭଲଭାବେ ଜାଣିଥିବାରୁ ପୁଲିସ ଓ ପରିବହନ ବିଭାଗ ପାଖରେ ସୂଚନା ନିଶ୍ଚିତ ଭାବେ ଥିବ। ତେଣୁ ଏହି ଗାଡ଼ିଗୁଡ଼ିକ ଉପରେ କଡ଼ା ଆଭିମୁଖ୍ୟ ଗ୍ରହଣ କରିବାକୁ ଦାବି ହୋଇଛି।

ପ୍ରକାଶ ଥାଉକି, ଜଟଣୀ ତହସିଲ ଅନ୍ତର୍ଗତ ତରାବୋଇ, ଅରୁଗୁଳ, ପାଣିଓରା, କୁସୁମାଟି, ରଥିପୁର, ତିରିମଲ, ଷଣ୍ଢପୁର, କନ୍ତିଆ, ପିତାପଲ୍ଲି ଆଦି ଶତାଧିକ ସ୍ଥାନରେ ବେଆଇନ୍ ଭାବେ ଲଘୁ ଖଣିଜ ଖୋଳାହୋଇ ବାହାରକୁ ଚାଲାଣ ହେଉଛି। ଏଥିରେ ବଡ଼ ବଡ଼ ଗାଡ଼ି ବ୍ୟବହାର ହେଉଛି। ଏହି କାମ ପ୍ରାୟତଃ ରାତିରେ ହେଉଥିବାରୁ ସେ ଗାଡ଼ିଗୁଡ଼ିକର ଚାଳକମାନେ ମଦ୍ୟପାନ କରି ଅତି ବେପରୁଆ ଗାଡ଼ି ଚାଳନା କରୁଛନ୍ତି। ଫଳରେ ଅନେକ ସମୟରେ ଦୁର୍ଘଟଣା ଘଟି ଧନଜୀବନ ନଷ୍ଟ ହେଉଛି। ଅଧିକାଂଶ ଯାନରେ ନମ୍ବର ପ୍ଲେଟ୍ ରହୁ ନଥିବାରୁ ଅଘଟଣ ଘଟିବାପରେ ଗାଡ଼ିକୁ ଚିହ୍ନଟ କରିବା ସମ୍ଭବପର ହେଉନାହିଁ। ଗତକିଛି ମାସ ମଧ୍ୟରେ ସହର ଓ ଏହାର ଆଖପାଖ ଅଂଚଳରେ ଏପରି ଏକାଧିକ ଦୁର୍ଘଟଣା ଘଟିଛି। ତା' ଭିତରୁ କିଛି ଉଦାହରଣ ହେଉଛି ଗତ ମାର୍ଚ୍ଚ ମାସ ୧୪ ତାରିଖରେ ତରାବୋଇ ନୂଆସାହି ନିକଟରେ ବେପରୁଆ ଗାଡ଼ି ଚାଳନା ଯୋଗୁ ଦୁର୍ଘଟଣାରେ ୩ ଜଣ ବ୍ୟକ୍ତି ଗୁରୁତର ହୋଇଥିଲେ। ସେମାନଙ୍କୁ ମଧ୍ୟରୁ ହସ୍ପିଟାଲ୍‌ରେ ଚିକିତ୍ସାଧୀନ ଅବସ୍ଥାରେ ଜଣଙ୍କର ମୃତ୍ୟୁ ହୋଇଥିଲା। ସେହିପରି ମାର୍ଚ୍ଚ ୨୨ତାରିଖରେ କୁଦିଆରୀ ପେଟ୍ରୋଲ ପମ୍ପ ନିକଟରେ ହାଇୱା ଧକ୍କାରେ ଜଣେ ବ୍ୟକ୍ତି ଗୁରୁତର ଆହତ ହୋଇଥିବା ବେଳେ ଜଣେ ମହିଳା ଓ ଶିଶୁପୁତ୍ର ଅଳ୍ପକେ ବର୍ତ୍ତି ଯାଇଥିଲେ। ଜୁଲାଇ ୬ତାରିଖ ରାତିରେ ଥାନା ସମ୍ମୁଖରେ ହିଁ ଏକ ସ୍କୁଟିକୁ ଦ୍ରୁତଗାମୀ ଟ୍ରକ୍ ଆଗକୁ ଘୋଷାଡ଼ି ନେଇଥିଲା। ଦୁର୍ଘଟଣାରେ ଜଟଣୀ ଶ୍ରୀହରି ବିହାରର ଲିପୁ ବଡ଼ଜେନା ଗୁରୁତର ହୋଇ ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁବରଣ କରିଥିଲେ। ଏହିପରି ଦୁର୍ଘଟଣାରେ ଆହୁରି ଅନେକ ଛୋଟବଡ଼ କ୍ଷୟକ୍ଷତି ହୋଇଛି।

ଅନ୍ୟପଟେ ପରିବହନ ବିଭାଗର ନିୟମ ଅନୁସାରେ ଗାଡ଼ିଗୁଡ଼ିକର ଫିଟନେସ୍, ଇନସୁରାନ୍ସ, ପଲ୍ୟୁସନ୍ ଆଦିର କାଗଜପତ୍ର ସହିତ ନମ୍ବର ପ୍ଲେଟ୍ ଠିକ୍ ଥିଲେ ହିଁ ଗାଡ଼ି ସଡ଼କ ଉପରେ ଚାଲିବାକୁ ଅନୁମତି ପାଇବା କଥା। ଦୁର୍ଘଟଣା ଘଟିଲେ ଗାଡ଼ି ମାଲିକ ସହିତ କ୍ଷତିଗ୍ରସ୍ତ ବ୍ୟକ୍ତି କ୍ଷତିପୂରଣ ପାଇବା ପାଇଁ ହକଦାର ହୋଇଥାନ୍ତି। କିନ୍ତୁ ଜଟଣୀ ଅଞ୍ଚଳରେ ଏହି ନିୟମ ମାନି ଗାଡ଼ି ଚାଲୁଛି କି ନାହିଁ, ତଦାରଖ କରିବାରେ ପରିବହନ ବିଭାଗ ଖୁବ୍ ହେଳା କରୁଛି। ତା'ର ସୁଯୋଗ ନେଇ ଅଂଚଳରେ କୌଣସି କାଗଜପତ୍ର ନ ଥାଇ ଅନେକ ଗାଡ଼ି ଚାଲୁଛି।

ଅନ୍ୟପକ୍ଷରେ ବେପରୁଆ ଗାଡ଼ି ଚାଲାଣ ମାମଲାରେ ପ୍ରଶାସନ ପକ୍ଷରୁ ତଥା ଲଘୁ ଖଣିଜ ସମ୍ପଦ ଚୋରି ମାମଲାରେ ସମ୍ପୃକ୍ତ ବିଭାଗ ପକ୍ଷରୁ ମଧ୍ୟ କାର୍ଯ୍ୟାନୁଷ୍ଠାନ ନିଆ ଯାଉନାହିଁ। ଫଳରେ ଆଇନ୍ ଉଲ୍ଲଙ୍ଘନ କାରୀଙ୍କର ଆଦୌ ଭୟ ରହୁନି। ଏହାକୁ ନେଇ ଅଞ୍ଚଳରେ ଜନ ଅସନ୍ତୋଷ ବୃଦ୍ଧି ପାଉଛି।

# ଆଜି ଚିଲିକାରେ ଡଲଫିନ ଗଣନା

**ବାଲୁଗାଁ,୧୯।୧(ସମିସ):** ଚଳିତ ବର୍ଷ ଚିଲିକାରେ କେତେ ସଂଖ୍ୟକ ଡଲଫିନ ଅଛନ୍ତି ତାହାର ଗଣନା ସୋମବାରଠାରୁ ଆରମ୍ଭ ହେବ ବୋଲି ବନ୍ୟପ୍ରାଣୀ ବିଭାଗ ସୂତ୍ରରୁ ଜଣାଯାଇଛି। କ୍ରମାଗତ ଭାବେ ୨୦୧୯ ରୁ ଡଲଫିନ୍ ବୃଦ୍ଧି ପାଇଆସୁଥିବା ବେଳେ ଚଳିତ ବର୍ଷ ବୃଦ୍ଧି ପାଇଛି କି ହ୍ରାସ ପାଇଛି ତାହା ଗଣନା ଶେଷ ହେଲେ ଜଣାପଡ଼ିବ। ଚିଲିକା ବନ୍ୟପ୍ରାଣୀ



## ଗଣନାକାରୀଙ୍କୁ ପ୍ରଶିକ୍ଷଣ

ବିଭାଗ ଓ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷଙ୍କ ମିଳିତ ଭାବେ ସୋମବାରଠାରୁ ସମଗ୍ର ଚିଲିକାରେ ଡ଼ଲଫିନ ଗଣନା କାର୍ଯ୍ୟକ୍ରମ ଆରମ୍ଭ କରିବେ। ସମଗ୍ର ଚିଲିକାକୁ ୫ଟି ଜୋନ୍‌ରେ ଯଥା ବାଲୁଗାଁ, ଚିଲିକା, ଟାଙ୍ଗି, ରମ୍ଭା ଓ ସାତପଡ଼ାରେ ବିଭକ୍ତ କରାଯାଇଛି। ଏହି ଡ଼ଲଫିନ ଗଣନା ନିମନ୍ତେ ୧୮ଗୋଟି ଟିମ୍‌ରେ ପ୍ରାୟ୧୦୦ଜଣ କର୍ମଚାରୀ ନିୟୋଜିତ ହେବେ। ଏନେଇ ୧୦ଗୋଟି ଟିମ୍‌କୁ ଚନ୍ଦ୍ରପୁଟ ସ୍ଥିତ ସିଡ଼ିଏ କାର୍ଯ୍ୟାଳୟ ପରିସରରେ ଏକ ପ୍ରଶିକ୍ଷଣ ଶିବିର ରବିବାରରେ ଅନୁଷ୍ଠିତ ହୋଇଯାଇଛି ଏବଂ ୮ଗୋଟି ଟିମ୍‌କୁ ସାତପଡ଼ା ସ୍ଥିତ ବିଭାଗୀୟ କାର୍ଯ୍ୟାଳୟ ପରିସରରେ ପ୍ରଶିକ୍ଷଣ ଦିଆଯାଇଅଛି। ସୋମବାର ସକାଳ ୭ଘଟିକା ଠାରୁ ମଧାହ୍ନ ପର୍ଯ୍ୟନ୍ତ ଗଣନା କାର୍ଯ୍ୟ କରାଯିବାର କାର୍ଯ୍ୟକ୍ରମ ରହିଛି। ଯଦି ପାଣିପାଗ ଭଲରୁହେ ଗଣନା କରାଯିବ। ଯଦି ପାଣିପାଗ ଖରାପ ରୁହେ ତେବେ ପରବର୍ତ୍ତୀ ସମୟରେ ଗଣନା କରାଯିବ ବୋଲି ବିଭାଗୀୟ ସୂତ୍ରରୁ ଜଣାଯାଇଅଛି। ବିଶେଷ କରି ଡ଼ଲଫିନ ମାତ୍ରାଧିକ ଦୃଷ୍ଟିଗୋଚର ହେଉଥିବା ଅଞ୍ଚଳ ସାତପଡ଼ା ଠାରେ ୮ ଗୋଟି ଟିମ୍ ଓ ବାହାର ଚିଲିକା ଅଞ୍ଚଳରେ ୧୦ ଗୋଟି ଟିମ୍ ଲାଇନ୍ ଟ୍ରାନଜାକ୍ଟ ପଦ୍ଧତିରେ ଡ଼ଲଫିନ୍ ଗଣନା କରିବେ। ସେମାନଙ୍କୁ ଜିପିଏସ ଓ ଅନ୍ୟାନ୍ୟ ଯନ୍ତ୍ରାଂଶ ସମେତ ଗୋଟେ ଲେଖାଏଁ ଯନ୍ତ୍ରଚାଳିତ ଡ଼ଙ୍ଗା ଯୋଗାଇ ଦିଆଯାଇଛି। ଏଥିô ନିମନ୍ତେ ସୋମବାର ଓ ମଙ୍ଗଳବାର ଚିଲିକାରେ ପର୍ଯ୍ୟଟନ ବୋହିବା ମଟରବୋଟ୍ ବନ୍ଦ ରହିବ। ଗଣନାକାରୀମାନେ ବିବରଣୀ ପିସିସିଏଫ୍ ପ୍ରେମକୁମାର ଝାଙ୍କୁ ପ୍ରଦାନ କରିବେ।

● ହାତୀପଲ ନଷ୍ଟ କଲେ ଚାଷୀଙ୍କ କଳେଇ

## ଦୁଃଖରେ ମ୍ରିୟମାଣ ହୋଇ ହୃଦ୍‌ଘାତରେ ମୃତ୍ୟୁ

**ବେଗୁନିଆ,୧୯।୧(ସମିସ):** ବେଗୁନିଆ ବ୍ଲକର ବିଭିନ୍ନ ସ୍ଥାନରେ ୧୬ଟିକିଆ ହାତୀ ପଲ ପଶି କ୍ଷୟକ୍ଷତି କରୁଥିବା ବେଳେ ପ୍ରଶାସନ ତରଫରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ଗୋବିନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ଲୋକିପୁର ଗ୍ରାମରେ ହାତୀ ଗୁଡିକ ଖାଦ୍ୟ ଅନ୍ୱେଷଣରେ ଜନବସତି ମୁହାଁ ହୋଇ ଜମିରେ ୫ ଶହ ଗଦା ହୋଇଥିବା କଳେଇ ଚାଷୀ ଅରୁଣ କହଲସିଂହ (୫୩) ଙ୍କର କ୍ଷତି କରିଛନ୍ତି। ଚାଷୀ ଜଣଙ୍କ ହାତ ଉଧାର ଓ ବ୍ୟାଙ୍କ ଋଣ କରି ଧାନ ଚାଷ କରିଥିଲେ । ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ବିଲରୁ ଧାନ କାଟି ଘରକୁ ଆଣି ପାରି ନ ଥିବା ବେଳେ ବିଲରେ ୫ ଶହ କଳେଇକୁ ଗଦା କରି ରଖିଥିବା ଧାନକୁ ହାତୀପଲ ଖାଇବା ସହ ଦଳି ଚକଟି ଦେଇଥିଲେ । ଅରୁଣ ଜମିକୁ ଯାଇ ଧାନ ଫସଲ ନଷ୍ଟ ହେବା ଦେଖି ମ୍ରିୟମାଣ ହୋଇପଡ଼ିବା ସହ କିପରି କରଜ ସୁଝିବେ ସେହି ଚିନ୍ତାରେ ଭାଙ୍ଗି ପଡ଼ିଥିଲେ। ସେଠାରେ ତାଙ୍କର ହୃଦଘାତ ହୋଇଥିଲା । ପରିବାର ଲୋକ ଖବର ପାଇ ତାଙ୍କୁ ଖୋର୍ଦ୍ଧା ଡାକ୍ତରଖାନାକୁ ଆଣିଥିଲେ। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱରସ୍ଥିତ ଏମ୍ସ ହସ୍ପିଟାଲ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗ୍ରାମ ଶ୍ମଶାନରେ ପୁଅ ଲକ୍ଷ୍ମୀକାନ୍ତ କହଲ ସିଂହ ମୁଖାଗ୍ନି ଦେଇଛନ୍ତି । ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଥିବା ବେଳେ ପରିବାରକୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ବିଧାୟକ ପ୍ରଦୀପ କୁମାର ସାହୁଙ୍କ ସମେତ ଗ୍ରାମବାସୀ ଅନୁରୋଧ କରିଛନ୍ତି ।

● ବିଦ୍ୟାଳୟସ୍ତରୀୟ ନୃତ୍ୟ

## ଡିକେଏସ୍‌ଏନ୍ ବିଦ୍ୟାପୀଠ ପ୍ରଥମ



**ବେଗୁନିଆ,୧୯।୧(ସମିସ):** ବେଗୁନିଆ ବ୍ଲକ ଅନ୍ତର୍ଗତ ବଡ଼ବେରଣା ଗ୍ରାମ ସ୍ଥିତ ଡମଣି କୃପା ସୁରେନ୍ଦ୍ର ନାଥ ବିଦ୍ୟାପୀଠର ଛାତ୍ର ଛାତ୍ରୀମାନେ ମକର ମହୋତ୍ସବରେ ବିଦ୍ୟାଳୟସ୍ତରୀୟ ନୃତ୍ୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ମକର ମହୋତ୍ସବର ଅନ୍ତିମ ଦିବସରେ ବିଧାୟକ ପ୍ରଦୀପ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ରାଜ୍ୟସଭା ସାଂସଦ ମାନସ ମଙ୍ଗରାଜ, ସୁଲତା ଦେଓ ଏବଂ 'ସକାଳ'ର ପ୍ରକାଶକ ଅମିତ କୁମାର ମଲ୍ଲିକ ଓ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାସ୍କର ଲେଙ୍କାଙ୍କ ସମେତ ଅତିଥିମାନେ ପ୍ରଥମ ସ୍ଥାନ ଅଧିକାର କରିଥିବା ଉକ୍ତ ବିଦ୍ୟାପୀଠକୁ ୧୦ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରିଥିଲେ। ଏଥିରେ ସ୍ଥାନୀୟ ଅଞ୍ଚଳରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ଶିକ୍ଷକ/ଶିକ୍ଷୟିତ୍ରୀ, ଅଭିଭାବକ ଓ ବୁଦ୍ଧିଜୀବୀ ଶୁଭେଚ୍ଛା ଜଣାଇଛନ୍ତି ।

## ନୀଳକଣ୍ଠ ମଧ୍ୟ ଇଂରାଜୀ ବିଦ୍ୟାଳୟ ପ୍ରଧାନଶିକ୍ଷକଙ୍କ ପରଲୋକ

**ଚିଲିକା,୧୯ ।୧(ସମିସ):** ନୀଳକଣ୍ଠ ମଧ୍ୟ ଇଂରାଜୀ ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ଭରତ ଚରଣ ସାହୁଙ୍କର (୮୦) ବର୍ଷ ବୟସରେ ବ୍ରହ୍ମପୁରଠାରେ ପରଲୋକ ହୋଇଯାଇଅଛି। ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ ଥିଲେ। ସେ ଜଣେ ସ୍ନେହୀ ଓ ଛାତ୍ର ବତ୍ସଳ ଶିକ୍ଷକ ଭାବେ ପରିଚିତ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ସହଧର୍ମିଣୀ, ପୁତ୍ର, ପୁତ୍ରବଧୂ, ଜାମାତା, କନ୍ୟା ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ଶେଷ ଦର୍ଶନ ପାଇଁ ନିଜ ଜନ୍ମ ସ୍ଥାନ ଚିଲିକା ବ୍ଲକ ଅନ୍ତର୍ଗତ ସାନ ନଇରୀ ଗ୍ରାମକୁ ଅଣା ଯାଇଥିଲା। ତାଙ୍କ ଶବକୁ ଏକ ଶୋଭାଯାତ୍ରାରେ ନିଆଯାଇ ପୁରୀ ସ୍ୱର୍ଗଦ୍ୱାର ଠାରେ ସତ୍କାର କରାଯାଇଛି। ଜ୍ୟେଷ୍ଠ ପୁତ୍ର ସୁଶାନ୍ତ ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ବିୟୋଗରେ ନୀଳକଣ୍ଠ ହାଇସ୍କୁଲ ପ୍ରତିଷ୍ଠାତା ଡାକ୍ତର ମଧୁସୂଦନ ସେନାପତି, ଶିକ୍ଷକ ଶତ୍ରୁଘ୍ନ ପଲାଇ, ସାମ୍ବାଦିକ ଦିଲ୍ଲୀପ ଶତପଥୀ ଓ ତାଙ୍କ ସହକର୍ମୀ ଡମ୍ବରୁଧର ବାରିକ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି।

## ନିଳାମ୍ବୁ ମହୋତ୍ସବ ଫେବୃଆରୀ ୪ରୁ

**ଟାଙ୍ଗୀ,୧୯।୧(ସମିସ):** ଟାଙ୍ଗୀ ବ୍ଲକ ସାମ୍ବାଦିକ ସଂଘର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ନିଳାମ୍ବୁ ମହୋତ୍ସବ ଆସନ୍ତା ଫେବୃଆରୀ ୪ରୁ ଆରମ୍ଭ କରାଯାଇ ୧୦ ତାରିଖରେ ଉଦଯାପିତ ହେବ। ଏହାକୁ ସଫଳ କରିବା ପାଇଁ ସମସ୍ତ ଆନୁସଙ୍ଗିକ କାର୍ଯ୍ୟକ୍ରମ ପ୍ରାୟତଃ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏହି ମହୋତ୍ସବକୁ ସରସ ସୁନ୍ଦର ଓ ଆକର୍ଷଣୀୟ କରିବା ପାଇଁ ସ୍ଥାନୀୟ ଅଞ୍ଚଳର କଳାକାରଙ୍କ ସମେତ ରାଜ୍ୟ ଓ ରାଜ୍ୟ ବାହାରର ପ୍ରଖ୍ୟାତ କଳାକାର ଗୋଷ୍ଠୀ ଅଂଶଗ୍ରହଣ କରିବାକୁ ସେମାନଙ୍କ ସମ୍ମତି ପ୍ରଦାନ କରିଛନ୍ତି। ରାଜ୍ୟର ବିଭିନ୍ନ ପ୍ରାନ୍ତରର ବ୍ୟବସାୟୀ, ସ୍ୱୟଂ ସହାୟକ ଗୋଷ୍ଠୀ ଓ ସରକାରୀ ପ୍ରତିଷ୍ଠାନ ସେମାନଙ୍କ ବୃତ୍ତିଗତ ବ୍ୟବସାୟିକ ସାମଗ୍ରୀ ପ୍ରଦର୍ଶନ କରିବାର ବ୍ୟବସ୍ଥା ହୋଇଛି। କୁନିକୁନି ଛାତ୍ରଛାତ୍ରୀ ଓ ଯୁବ ଗୋଷ୍ଠୀଙ୍କ ପାଇଁ ରାମଦୋଳି ଓ ମୀନାବଜାର ମଧ୍ୟ ଏଥିରେ ସ୍ଥାନିତ ହେଉଛି। ଏତଦବ୍ୟତୀତ ଆମ ଐତିହ୍ୟ, ସଂସ୍କୃତି, ପରମ୍ପରା ଓ ଲୋକକଳାକୁ ପ୍ରୋତ୍ସାହିତ ତଥା ଉତ୍ସାହିତ କରିବାକୁ ରାଜ୍ୟର ମନ୍ତ୍ରୀ, ସାଂସଦ, ବିଧାୟକ, ରାଜନେତା, ଲୋକ ପ୍ରତିନିଧି, ପ୍ରଶାସକ, ଶିକ୍ଷାବିତ, ସମାଜସେବୀ ଓ ପ୍ରତିଷ୍ଠିତ ଆଇନଜୀବୀ ପ୍ରତିଦିନ ମହୋତ୍ସବ ମଣ୍ଡପରେ ଉପସ୍ଥିତ ରହିବେ ବୋଲି ସୂଚନା ମିଳିଛି। ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସଂଘ ସଭାପତି ପଦ୍ମନାଭ ବିଶ୍ୱାଳ, ସମ୍ପାଦକ ମନୋଜ କୁମାର ପଟନାୟକଙ୍କ ସମେତ ସମସ୍ତ କର୍ମକର୍ତ୍ତା ଓ ସଭ୍ୟ ନିବେଦନ କରିଛନ୍ତି।

■ ବୃଦ୍ଧଙ୍କୁ କାର୍ ଧକ୍କା ଦେବା ଘଟଣା

## ମୃତ୍ୟୁ ସହ ସଂଗ୍ରାମ କରି ୧୬ ଦିନ ପରେ ଆଖି ବୁଜିଲେ

**ଜଟଣୀ,୧୯।୧(ସମିସ):** କାର ଧକ୍କାରେ ଗୁରୁତର ହୋଇ ମୃତ୍ୟୁ ସହ ସଂଗ୍ରାମ କରି ୧୬ ଦିନ ପରେ ସୁଧାକର ସେଠୀ (୮୬) ନାମକ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମିଳିଥିବା ସୂଚନା ଅନୁଯାୟୀ ଜଟଣୀ ଥାନା ଅନ୍ତର୍ଗତ କୁଦିଆରୀ ଗ୍ରାମଠାରେ ଗତ ୨ ତାରିଖରେ ବୃଦ୍ଧ ଜଣଙ୍କ ନିଜ ଘର ସମ୍ମୁଖରେ ଛିଡ଼ା ହୋଇଥିବା ବେଳେ ସିଏଚ୦୧ଏକ୍ୟୁ-୧୬୬୫ ନମ୍ବର ବିଶିଷ୍ଟ ଏକ ଇନୋଭା ଗାଡ଼ି ପଛରୁ ଆସି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ବୃଦ୍ଧ ଜଣଙ୍କ ଗୁରୁତର ହୋଇ ଚିକିତ୍ସାଧିନ ଥିଲେ।



ଅପରପକ୍ଷେ ଧକ୍କା ଦେଇଥିବା ଗାଡ଼ିର ଡ୍ରାଇଭର ବାବଦରେ ପଚାରିବା ପାଇଁ ସମ୍ପୃକ୍ତ ଗାଡିର ମାଲିକଙ୍କ ଘର ନିକଟକୁ ବୃଦ୍ଧଙ୍କ ନାତୁଣୀ ଯାଇଥିବା ବେଳେ ଉକ୍ତ ଘରର ଜନୈକା ମହିଳା ତାଙ୍କୁ ଜାତିଆଣ ଆକ୍ଷେପ କରି ଗାଳିଗୁଲଜ କରିଥିଲେ ବୋଲି ଥାନାରେ ଅଭିଯୋଗ ହୋଇଛି। ନ୍ୟାୟ ପାଇବା ଆଶାରେ ବୃଦ୍ଧଙ୍କ ନାତୁଣୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବା ବୃଦ୍ଧଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ଶନିବାର ବୃଦ୍ଧଙ୍କ ମୃତ୍ୟୁ ଘଟିବା ପରେ ପରିବାର ଲୋକେ ଏ ସମ୍ପର୍କରେ ପୁଲିସକୁ ଅବଗତ କରାଇଛନ୍ତି। ଅନ୍ୟପକ୍ଷରେ ମୃତ ସୁଧାକରଙ୍କ ପରିବାର ଗରିବ ଶ୍ରେଣୀୟ ହୋଇଥିବା ବେଳେ ଲୁଗାପଟା ଇସ୍ତ୍ରୀ କରି ସ୍ୱଳ୍ପ ରୋଜଗାରରେ ଗୁଜରାଣ ମେଣ୍ଟାଉଥିଲେ। ଖବର ପାଇ ଦଳିତ ମହାସଂଘ ଭୀମଆର୍ମିର କର୍ମକର୍ତ୍ତାମାନେ ଉପସ୍ଥିତ ରହି ସମବେଦନା ଜଣାଇବା ସହିତ ପ୍ରଶାସନ ନିକଟରେ ଦୋଷୀ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଓ କ୍ଷତିପୂରଣ ଦାବି କରିଛନ୍ତି।

## ଖେଳପଡ଼ିଆରୁ ଅଟୋଚାଳକଙ୍କ ମୃତଦେହ ଉଦ୍ଧାର

**ଖୋର୍ଦ୍ଧା,୧୯।୧(ସମିସ):** ସଦରଥାନା ଅନ୍ତର୍ଗତ କୋକୋସିଂ ଖେଳପଡିଆରୁ ଜଣେ ଅଟୋ ଚାଳକଙ୍କ ମୃତ ଦେହକୁ ପୁଲିସ ଉଦ୍ଧାର କରିଛି। ମୃତକ ହେଲେ ଦୁର୍ଗାପୁର ପଞ୍ଚାୟତ ଗୋକୁଳପୁରର ଅକ୍ରୁର ସେଠୀ (୪୫)। ପୁଲିସ ସୂଚନା ଅନୁସାରେ ଆଜି ସକାଳୁ ସାଢେ ୬ଟା ସମୟରେ କୋକୋସିଂ ଗ୍ରାମର କିଛି ଯୁବକ ପ୍ରାତଃ ଭ୍ରମଣରେ ଆସିଥିଲେ। ଏହି ସମୟରେ ଖେଳପଡିଆରେ ଏକ ଷ୍ଟାର୍ଟ ଅବସ୍ଥାରେ ଥିବା ଅଟୋ ତଳେ ଚାଳକ ଚାପି ହୋଇ ମୃତ୍ୟୁବରଣ କରିଥିବା ଦେଖିଥିଲେ। ପରେ ଏନେଇ ପୁଲିସକୁ ଖବର ଦେବାରେ ପୁଲିସ ପକ୍ଷରୁ ପରିବାରକୁ ଖବର ଦେବା ସହ ସାଇଣ୍ଟିଫିକ ଟିମ ଉପସ୍ଥିତିରେ ତଦନ୍ତ ଆରମ୍ଭ କରିଛି। ଘଟଣାସ୍ଥଳରୁ ପୁଲିସ ଅଟୋ ଓ ମୋବାଇଲକୁ ଜବତ କରିଛି। ଅକ୍ରୁରଙ୍କ ଝିଅ ଲକ୍ଷ୍ମୀପ୍ରିୟା ତାଙ୍କ ବାପାଙ୍କୁ କେହି ଷଡଯନ୍ତ୍ର କରି ହତ୍ୟା କରିଥିବା ଅଭିଯୋଗ କରିଛନ୍ତି। ଅଭିଯୋଗ ଉପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## କନିଷ୍ଠ ଇନ୍‌ଟ୍ରା କ୍ଲବ୍ କ୍ରିକେଟ; ରାଇଜିଙ୍ଗ୍ ଷ୍ଟାର୍ କ୍ଲବ୍ ବିଜୟୀ

### ପ୍ରଦର୍ଶନୀ ମ୍ୟାଚ୍‌ରେ ଉପଜିଲ୍ଲାପାଳ ଏକାଦଶ ବିଜୟୀ



**ଖୋର୍ଦ୍ଧା,୧୯।୧(ସମିସ):** ସ୍ଥାନୀୟ ବିଜେବି ହାଇସ୍କୁଲ ପଡିଆ ମିନି ଷ୍ଟାଡିୟମରେ କ୍ରିକେଟ ଆସୋସିଏସନ୍ ଅଫ ଦି ଡିଷ୍ଟ୍ରିକ୍ଟ ଆନୁକୂଲ୍ୟରେ ଚାଲିଥିବା ଖୋର୍ଦ୍ଧା ଜିଲ୍ଲା କନିଷ୍ଠ ଇନଟ୍ରା କ୍ଲବ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ରବିବାର ମ୍ୟାଚରେ ରାଇଜିଙ୍ଗ କ୍ଲବ୍ କୁମାରବସ୍ତ ଜଟଣୀ କ୍ରିକେଟ ଏକାଡେମୀକୁ ୭ ୱିକେଟ୍‌ରେ ପରାସ୍ତ କରିଛି। ଟସ୍‌ରେ ବିଜୟୀ ହୋଇ ଜଟଣୀ ଦଳ ପ୍ରଥମେ ବ୍ୟାଟିଂ କରି ୩୨.୪ ଓଭରରେ ସମସ୍ତ ୱିକେଟ୍ ହରାଇ ୧୧୨ ରନ କରିଥିଲା। ଦଳ ତରଫରୁ ଅନ୍ୱେଷ ଷଡ଼ଙ୍ଗୀ ୨୫ ରନ ସଂଗ୍ରହ କରିଥିଲେ। ରାଇଜିଙ୍ଗଷ୍ଟାର କ୍ଲବ୍ ପକ୍ଷରୁ ଜିଗ୍ନେସ ରାଉତ ୩ଟି ୱିକେଟ୍ ନେଇଥିଲେ।

ଜବାବରେ ରାଇଜିଙ୍ଗ କୁମାରବସ୍ତ ଦଳ ୩୦ ଓଭରରେ ୩ ୱିକେଟ୍ ହରାଇ ଆବଶ୍ୟକ ରନ ସଂଗ୍ରହ କରି ବିଜୟୀ ହୋଇଛି। ଦଳ ତରଫରୁ ପୂରବ ପ୍ରସାଦ ଓ ଜିଗ୍ନେଶ ରାଉତ ପ୍ରତ୍ୟେକ ୨୦ରନ ସଂଗ୍ରହ କରିଥିଲେ। ଖେଳକୁ ସରୋଜ ପାତ୍ର ଓ ଚନ୍ଦ୍ର ମୋହନ ବରାଳ ପରିଚାଳନା କରିଥିବା ବେଳେ ସ୍କୋରର ରୂପେ ଜିତେନ୍ଦ୍ର ସେନାପତି ଦାୟିତ୍ୱରେ ଥିଲେ। ସୌମେନ୍ଦ୍ର ମହାନ୍ତି ମ୍ୟାଚ୍ ରେଫରୀ ଓ ରୋହିତ ରଞ୍ଜନ ରାୟ ଏବଂ ଅବ୍ୟକ୍ତ ହରିହର ଖାଡଙ୍ଗା ଏହି ମ୍ୟାଚ୍‌ର ସଂଯୋଜକ ରୂପେ କାର୍ଯ୍ୟ କରିଥିଲେ।

ସୂଚନା ଯୋଗ୍ୟ ଯେ ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ପକ୍ଷରୁ ଖୋର୍ଦ୍ଧା ଉପଜିଲ୍ଲାପାଳ ଦିପ୍ତିରଞ୍ଜନ ସେଠୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ ପରିପ୍ରେକ୍ଷୀରେ ଗୋଟିଏ ଦିବାରାତ୍ର ପ୍ରଦର୍ଶନୀ ମ୍ୟାଚ୍ ଉପଜିଲ୍ଲାପାଳ ଏକାଦଶ ଏବଂ ତହସିଲଦାର ଏକାଦଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ମ୍ୟାଚ୍‌ରେ ଖୋର୍ଦ୍ଧା ଉପଜିଲ୍ଲାପାଳ ଏକାଦଶ ବିଜୟୀ ହୋଇଛି। ଉପଜିଲ୍ଲାପାଳ ଦିପ୍ତିରଞ୍ଜନ୍ ସେଠୀ, ତହସିଲଦାର ବିଭାସ ପାଣିଗ୍ରାହୀ ଏହି ମ୍ୟାଚ୍‌ରେ ଖେଳାଳି ଭାବେ ଅଂଶଗ୍ରହଣ କରି ସମସ୍ତ ଷ୍ଟାଫମାନଙ୍କୁ ଉତ୍ସାହିତ କରିଥିଲେ। ବିଦାୟକାଳୀନ ସମ୍ବର୍ଦ୍ଧନା ପାଇଁ ଶ୍ରୀ ସେଠୀ ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ଆତ୍ମରକ୍ଷା କୌଶଳ ତାଲିମ ଶିବିର ଉଦ୍‌ଯାପିତ

**ବେଗୁନିଆ,୧୯।୧(ସମିସ):** ବେଗୁନିଆ ବ୍ଲକ ବାଘମାରୀସ୍ଥିତ ହଟକେଶ୍ୱର ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ୮ଦିନ ବ୍ୟାପି ଚାଲିଥିବା ଆତ୍ମରକ୍ଷା କୌଶଳ ତାଲିମ ଶିବିର ଉଦଯାପିତ ହୋଇଛି । ଏଥିରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଭଗବାନ ସାହୁଙ୍କ ଅଧ୍ୟକ୍ଷତାରେ ଛାତ୍ରୀ ମାନଙ୍କୁ ଶିବିରର ତାତ୍ପର୍ଯ୍ୟ ଓ ଆତ୍ମସୁରକ୍ଷା ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମର ସଂଯୋଜକ ଏନସିସିର ଯଶଲକ୍ଷ୍ମୀ ପାଇକରାୟଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟାପିକା ସଂଯୁକ୍ତା ସାମଲ, ବିନୋଦ ବିହାରି ମାର୍ଥା, ପ୍ରଭାତକୁମାର ମହାନ୍ତି, ଦିଲ୍ଲୀପ ପଣ୍ଡା ଓ ଆଦିତ୍ୟ କୁମାର ବେହେରା ପ୍ରମୁଖ ଯୋଗ ଦେଇଥିଲେ । ପ୍ରତିଭା ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଶିବିରରେ ଯୁକ୍ତ ଦୁଇ ଛାତ୍ରୀମାନେ ଅଂଶଗ୍ରହଣ କରି ବିଭିନ୍ନ ଆତ୍ମରକ୍ଷା କୌଶଳ ମାନ ତାଲିମ ନେଇଥିଲେ। ଶିବିରକୁ କ୍ରୀଡା ଶିକ୍ଷକ ପବିତ୍ର ମୋହନ ସାହୁ ପରିଚାଳନା କରିଥିବା ବେଳେ ପ୍ରଶିକ୍ଷକ ଜ୍ୟୋତିରାଣୀ ଗନ୍ତାୟତ ଆତ୍ମରକ୍ଷାର ବିଭିନ୍ନ କୌଶଳର ତାଲିମ ପ୍ରଦାନ କରିଥିବା ବେଳେ ପ୍ରଶିକ୍ଷଣ ନେଉଥିବା ଛାତ୍ରୀ ମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା ।

## ବିଶ୍ୱଶାନ୍ତି ମହାଯଜ୍ଞ ପୂର୍ଣ୍ଣାହୁତି

**ବୋଲଗଡ,୧୯।୧(ସମିସ):** ବୋଲଗଡ଼ ବ୍ଲକ ବାଙ୍କୋଇ ସ୍ଥିତ ପ୍ରସିଦ୍ଧ ଶୈବ ପୀଠ ଶ୍ରୀ ଶ୍ରୀ ତାରେଶ୍ୱର ଦେବଙ୍କ ମନ୍ଦିର ପରିସରରେ ପବିତ୍ର ମାଘମାସ କୃଷ୍ଣ ପକ୍ଷ ପ୍ରତିପଦା ମଙ୍ଗଳବାର ଠାରୁ ଚାଲିଥିବା ଷଷ୍ଠ ଦିନାତ୍ମକ ବିଶ୍ୱଶାନ୍ତି ମହାଯଜ୍ଞ ରବିବାର ପୂର୍ଣ୍ଣାହୂତି ହୋଇଛି। ବୈଦିକ ବିଧିରେ ଅନୁଷ୍ଠିତ ଏହି ମହାଯଜ୍ଞ ମଙ୍ଗଳବାର ଅଙ୍କୁରାରୋପଣ, ବୁଧବାର ଜଳଯାତ୍ରା, ଦେବତା ଆଗମନ ଓ ଅଗ୍ନିସଂସ୍କାର, ଗୁରୁବାର ଶ୍ରୀମଦ୍ ଭାଗବତ ଗୀତା ଆହୁତି, ଶୁକ୍ରବାର ମହାରୁଦ୍ରାଷ୍ଟମୀ ଧାୟୀ ଆହୁତି, ଶନିବାର ଦୁର୍ଗା ସପ୍ତଶତୀ ଆହୁତି ଏବଂ ରବିବାର ରାଷ୍ଟ୍ରହୋମ ଓ ପୂର୍ଣ୍ଣାହୂତୀ କାର୍ଯ୍ୟକ୍ରମ ହୋଇଯାଇଛି। ପୂର୍ଣ୍ଣାହୂତୀ କାର୍ଯ୍ୟକ୍ରମରେ ଅତିଥି ଭାବେ କଂଗ୍ରେସ ନେତା ପୃଥିବଲ୍ଲଭ ପଟ୍ଟନାୟକ ଏବଂ ଖଣ୍ଡପଡ଼ାର ପୂର୍ବତନ ବିଧାୟକ ସିଦ୍ଧାର୍ଥ ଶେଖର ସିଂହ ଯୋଗ ଦେଇଥିଲେ। ପଣ୍ଡିତ ରମେଶ ଚନ୍ଦ୍ର କର, ବିଭୁତି ଭୂଷଣ ରଥ, ଭବାନୀ ଶଙ୍କର ମିଶ୍ର, ଲକ୍ଷ୍ମୀଧର ପ୍ରହରାଜ, ଅମ୍ରିତ କୁମାର କର, ବିଶ୍ୱରଞ୍ଜନ ଦାଶ, ବିକାଶ ଚନ୍ଦ୍ର ମିଶ୍ର, ବସନ୍ତ କୁମାର ଦାଶ, ମନୋରଞ୍ଜନ ମିଶ୍ର, ଚକ୍ରଧର ମହାପାତ୍ର ପ୍ରମୁଖ ବୈଦିକ ବ୍ରାହ୍ମଣ ମାନଙ୍କ ସହିତ କର୍ତ୍ତା ରୂପେ ସୂର୍ଯ୍ୟ ନାରାୟଣ ପଟ୍ଟନାୟକ ଯଜ୍ଞକାର୍ଯ୍ୟର ଦାୟିତ୍ୱ ତୁଲାଇଥିଲେ। ପୂର୍ବତନ ସରପଞ୍ଚ ମାଧବ ଚନ୍ଦ୍ର ବିଶ୍ୱାଳଙ୍କ ଆବାହକତ୍ୱରେ ସତାଇଶ ମୌଜା ଭକ୍ତଙ୍କ ସହଯୋଗରେ ଉକ୍ତ ଯଜ୍ଞ ଆୟୋଜିତ ହୋଇଥିଲା।

## ଆଡ଼ିଆପଡ଼ା ପ୍ରିମିୟର ଲିଗ୍ ଉଦ୍‌ଯାପିତ

**ଟାଙ୍ଗୀ,୧୯।୧(ସମିସ):** ଟାଙ୍ଗୀ ବ୍ଲକ ଅଧିନସ୍ଥ ଆଡିଆପଡାଠାରେ ଅନୁଷ୍ଠିତ ହେଉଥିବା ପ୍ରିମିୟର ଲିଗ କ୍ରିକେଟ ରବିବାର ଉଦଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ୟୁଥ ଏକାଦଶ ଦୀକ୍ଷିତପଡା ଓ ମା' ବ୍ରାହ୍ମଣୀଦେବୀ ଷ୍ଟ୍ରାଇକର କୟଥପଲ୍ଲୀ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ୟୁଥ ଏକାଦଶ ୭ ଉଇକେଟରେ ବିଜୟୀ ହୋଇଛି। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ସମାଜସେବୀ ଡଃ ସଂଜୟ ପଟ୍ଟନାୟକ ଯୋଗ ଦେଇଥିଲେ। ଟୁର୍ଣ୍ଣାମେଣ୍ଟର ପୁରୋଧା ଅଜୟ କୁମାର ମହାପାତ୍ର ଅନ୍ୟତମ ଅତିଥି ଥିଲେ। ସମ୍ମାନିତ ଅତିଥି ବିଶ୍ୱଭୂଷଣ ଛୋଟରାୟ, ସର୍ବେଶ୍ୱର ରାଉତରାୟ, ନବ ବିଶ୍ୱାଳ, ବେଣୁଧର ରାଉତ ପ୍ରମୁଖ ଯୋଗ ଦେଇଥିଲେ। ଅନୁଷ୍ଠାନ ତରଫରୁ ସଭାପତି ଯୋଗେନ୍ଦ୍ର ମହାରଥୀ, ବିଭୂତି ଭୂଷଣ ମହାପାତ୍ର, ଯଦୁମଣୀ ମହାରଥି, ଦୀଲ୍ଲିପ ମହାରଥି, ଜିତେନ୍ଦ୍ର ମହାପାତ୍ର, ପ୍ରେମାନନ୍ଦ ମହାରଥୀ ଉପସ୍ଥିତ ରହି ସହଯୋଗ କରିଥିଲେ । ଭାଷ୍ୟକାର ଭାବରେ ଦୀପକ ମହାରଥି ଓ କୃଷ୍ଣଚନ୍ଦ୍ର ସାମନ୍ତରାୟ, ବିଜୟ କୁମାର ସାହୁ ପରିଚାଳନା କରିଥିଲେ । ଅମ୍ପାୟାର ଦାୟିତ୍ୱ ସୂର୍ଯ୍ୟକାନ୍ତ ଯାଦବ ଓ ଶିବ ପ୍ରସାଦ ସାହୁ ଏବଂ ତୃତୀୟ ଅମ୍ପାୟାର ଭାବେ ପ୍ରଶାନ୍ତ ମହାରଥୀ ଦାୟିତ୍ୱ ତୁଲାଇଥିଲେ ।

ସର୍ବଭାରତୀୟ ୩୧ ତମ ସଖା ସଂଘ ଫୁଟ୍‌ବଲ

# ହିନ୍ଦୁସ୍ତାନ ହିରୋଜ ଫୁଟ୍‌ବଲ ଏକାଡେମୀ ଚାମ୍ପିଅନ

**ନିରାକାରପୁର,୧୯।୧(ସମିସ):** ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ସଖା ସଂଘ କ୍ରୀଡା ସଂସଦ ତରଫରୁ ଚାଲିଥିବା ୩୧ତମ ସର୍ବଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ରବିବାର ଫାଇନାଲ ମ୍ୟାଚରେ କିଶୋର କ୍ଲବ୍ ଭୁବନେଶ୍ୱରକୁ ୨-୧ ଗୋଲରେ ହିନ୍ଦୁସ୍ଥାନ ହିରୋଜ ଫୁଟବଲ ଏକାଡେମୀ ହରାଇ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ଆଜିର ମ୍ୟାଚ୍ ସଂଘର୍ଷ ପୂର୍ଣ୍ଣ ହୋଇଥିବାବେଳେ କିଶୋର କ୍ଲବ ଭୁବନେଶ୍ୱର ବିପକ୍ଷରେ ପ୍ରଥମାର୍ଦ୍ଧରେ ହିନ୍ଦୁସ୍ଥାନ ହିରୋଜ ଫୁଟବଲ ଏକାଡେମୀ ୨ଟି ଗୋଲ କରିଥିଲା। ଦ୍ୱିତୀୟାର୍ଦ୍ଧରେ କିଶୋର କ୍ଲବ ଗୋଟିଏ ଗୋଲ କରିବାରେ ସକ୍ଷମ ହୋଇଥିଲା। ଆଜିର ଖେଳକୁ ଶିବ ସାମନ୍ତରାୟ, ସୁଜିତ୍ କୁମାର ପାତ୍ର, ସୁକାନ୍ତ କୁମାର ପ୍ରଧାନ, ଓମ୍ ପ୍ରକାଶ ମିଶ୍ର ଓ ଅକ୍ଷୟ କୁମାର ପଟ୍ଟନାୟକ ପରିଚାଳନା କରିଥିଲେ। ସଭାପତି ବିପିନ କୁମାର ଜୟସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅତିଥି ଭାବେ ରାଜ୍ୟ ବିଜେପି ଓବିସି ସେଲ ସଭାପତି ସୁରଥ ବିଶ୍ୱାଳ, ଶିକ୍ଷାବିତ୍ ଡ ସଞ୍ଜୟ କୁମାର ମହାପାତ୍ର, ସମାଜସେବୀ ଜାନକୀ ବଲ୍ଲଭ ମହାପାତ୍ର, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ରାମଚନ୍ଦ୍ର ମହାପାତ୍ର, ସମାଜସେବୀ ପୁଷ୍ପ ରଞ୍ଜନ ସାହୁ, ଅବସରପ୍ରାପ୍ତ ଅଡିଟର ତଥା ଆନ୍ତର୍ଜାତିକ ଫୁଟବଲ୍ ଖେଳାଳି ଦିଲ୍ଲୀପ କୁମାର ପଟ୍ଟନାୟକ, ବିଜେପି ପ୍ରବକ୍ତା ପ୍ରକାଶ ଚନ୍ଦ୍ର ରଥ, ଖୋର୍ଦ୍ଧା ବଣିକ ସଂଘ ସମ୍ପାଦକ ନାରାୟଣ ଦୋରା, କବି ଆର୍ତ୍ତତ୍ରାଣ ସାହୁ, ଦୋଛିଆଁ ସରପଞ୍ଚ ବନମାଳୀ ରାଉତ, ସମାଜସେବୀ ନିହାର ଧଳ, ସମାଜସେବୀ ଶୁଭମ୍ ଦାସ, ନୀଳାଦ୍ରି ସ୍ୱାଇଁ ଓ ସମ୍ପାଦକ ଭାଗିରଥି ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହିତ ବିଜେତା ଓ ରନର୍ସଅପ ଦଳକୁ ଟ୍ରଫି ସହିତ ଅର୍ଥରାଶି ପ୍ରଦାନ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ କମଳ ଲୋଚନ ପ୍ରଧାନ ଓ ପ୍ରଶାନ୍ତ କୁମାର ପାଟ୍ଟଶାଣୀ ମଞ୍ଚ ପରିଚାଳନା କରିଥିଲେ । ଏହି ଅବସରରେ ବିଭିନ୍ନ ବ୍ୟକ୍ତି ବିଶେଷଙ୍କୁ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ଫାଇନାଲ ମ୍ୟାଚରେ ଉତ୍କର୍ଷ କ୍ରୀଡା ପ୍ରଦର୍ଶନ କରିଥିବା ଖେଳାଳିଙ୍କୁ ପୁରସ୍କୃତ ମଧ୍ୟ କରାଯାଇଥିଲା।





■ ୧୯ ବର୍ଷରୁ କମ୍ ମହିଳା ଟି-୨୦ ବିଶ୍ୱକପ୍

## ଭାରତର ବିଜୟ ଅଭିଯାନ

କ୍ୱାଲାଲମ୍ପୁର,୧୯।୧(ଏଜେନ୍ସି): ୱେଷ୍ଟଇଣ୍ଡିଜ୍‌କୁ ୯ ୱିକେଟରେ ପରାସ୍ତ କରି ଭାରତ ଏଠାରେ ଚାଲିଥିବା ୧୯ ବର୍ଷରୁ କମ୍ ମହିଳା ବିଶ୍ୱକପ୍‌ରେ ଭାରତ ଦମଦାର ବିଜୟ ଅଭିଯାନ ଆରମ୍ଭ କରିଛି। ଗ୍ରୁପ୍-ଏ'ରେ ସାମିଲ ହୋଇଥିବା ଭାରତ ତାହାର ପ୍ରଥମ ଲିଗ୍ ମ୍ୟାଚ୍‌ରେ ପ୍ରଥମେ ବୋଲିଂ କରି ୱେଷ୍ଟଇଣ୍ଡିଜ୍‌କୁ ୧୩.୨ ଓଭରରେ ମାତ୍ର ୪୪ ରନ୍‌ରେ ଅଲଆଉଟ କରିଦେଇଥିଲା। ଦଳ ପଧରୁ କେବଳ ଦୁଇଜଣ ଓପନର ଆସାବି କାଲେଣ୍ଡର ୧୨ ଓ କେନିକା କାସାର ୧୫ ରନ୍ କରି ଦୁଇଅଙ୍କରେ ପହଞ୍ଚିଥିଲେ। ପରୁଣିକା



ସିଶୋଦିଆ ୭ ରନ୍‌ରେ ୩ଟି, ଆୟୂଷୀ ଶୁକ୍ଲା ୪ ଓଭର ବୋଲିଂ କରି ୬ ରନ୍‌ରେ ଓ ଜୋଶିଥା ଭିଜେ ୨ ଓଭର ବୋଲିଂ କରି ୫ ରନ୍‌ରେ ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ଜବାବରେ ଭାରତ ମାତ୍ର ୪.୨ ଓଭରରେ ଓପନର ଗୋଙ୍ଗାଦି ତ୍ରିଶା (୪)ଙ୍କ ୱିକେଟ ହରାଇ ବିଜୟ ଲକ୍ଷ୍ୟରେ ପହଞ୍ଚିଥିଲା। ୱିକେଟରକ୍ଷକ ଜି କମଳିନୀ ୧୬ ଓ ସାନିକା ଚାଲକେ ୧୮ ରନ୍‌ରେ ଅପରାଜିତ ରହିଥିଲେ। ଆଜି ଅନୁଷ୍ଠିତ ଏହି ଗ୍ରୁପ୍‌ର ଅନ୍ୟଏକ ଲିଗ୍ ମ୍ୟାଚ୍‌ରେ ଶ୍ରୀଲଙ୍କା ୧୩୯ ରନ୍‌ରେ ମାଲେସିଆକୁ ପରାସ୍ତ କରିଥିଲା। ପ୍ରତ୍ୟେକ ଗ୍ରୁପ୍‌ରେ ୪ଟି ଲେଖାଏଁ ଦଳ ସ୍ଥାନ ପାଇଥିଲାବେଳେ ଭାରତ ତାହାର ପରବର୍ତ୍ତୀ ମୁକାବିଲାରେ ମାଲେସିଆ ସହ ଜାନୁଆରୀ ୨୧ରେ ଓ ଶ୍ରୀଲଙ୍କାକୁ ୨୩ରେ ଭେଟିବ।

## ଦୁର୍ଘଟଣାରେ ମନୁଙ୍କ ଆଇ ଓ ମାମୁଙ୍କ ବିୟୋଗ

ଭିୱାନୀ, ୧୯ ।୧ (ଏଜେନ୍ସି): ପ୍ୟାରିସ ଅଲିମ୍ପିକ୍ସରେ ଦୁଇଟି କାଂସ୍ୟ ପଦକ ଜିତିଥିବା ସୁଟର୍ ମନୁ ଭାକରଙ୍କ ଆଇ ଓ ମାମୁଙ୍କର ଏକ ସଡ଼କ ଦୁର୍ଘଟଣାରେ ବିୟୋଗ ଘଟିଛି। ରବିବାର ସକାଳେ ହରିୟାଣାର ଭିୱାନୀଠାରେ ଏହି ଦୁର୍ଘଟଣା ଘଟିଥିଲା। ସ୍ଥାନୀୟ ମହେନ୍ଦ୍ରଗଡ଼ ବାଇପାସ୍ ରୋଡ୍‌ଠାରେ ମନୁଙ୍କ ମାମୁ ଯୁଦ୍ଧବୀର (୫୦) ଏକ ସ୍କୁଟିନେଇ ଯାଉଥିଲେ। ଏହି ସ୍କୁଟିରେ ଯୁଦ୍ଧବୀରଙ୍କ ବୋଉ ତଥା ମନୁଙ୍କ ଆଇ ସାବିତ୍ରୀ ଦେବୀ (୭୦) ବସିଥିଲେ। ତେବେ ବାଇପାସ୍ ନିକଟରେ ଏକ କାର୍ ଦ୍ରୁତ ଗତିରେ ଆସି ସ୍କୁଟିକୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ଯୁଦ୍ଧବୀର ଓ ସାବିତ୍ରୀଙ୍କ ବିୟୋଗ ଘଟିଥିଲା ବୋଲି ସ୍ଥାନୀୟ ପୁଲିସ ପକ୍ଷରୁ ଏକ ବିବୃତ୍ତିରେ କୁହାଯାଇଛି। ଯୁଦ୍ଧବୀର ହରିୟାଣା ପରିବହନ ବିଭାଗରେ ଡ୍ରାଇଭର ଭାବେ କାର୍ଯ୍ୟ କରୁଥିଲେ। ଦେଶର ସର୍ବଶ୍ରେଷ୍ଠ କ୍ରୀଡ଼ା ପୁରସ୍କାର 'ମେଜର ଧ୍ୟାନଚାନ୍ଦ ଖେଳରତ୍ନ ପୁରସ୍କାର' ଜିତିବାର ଦିନକ ପରେ ଏହି ଗଭୀର ଦୁଃଖଦ ଘଟଣାରେ ମନୁ ଭାଙ୍ଗିପଡ଼ିଛନ୍ତି। ଅପରପକ୍ଷରେ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିବା କାର୍ ଡ୍ରାଇଭରକୁ ଧରିବା ଲାଗି ପୁଲିସ ସନ୍ଧାନ ଜାରି ରଖିଛି।

■ ମହିଳା ଟେନିସ ଖେଳାଳିଙ୍କ ସଫଳତା

## ମୁଖ୍ୟ ଡ୍ର'ରେ ଖେଳିବେ ଆହାନ୍

ଭୁବନେଶ୍ୱର,୧୯।୧(ସମିସ): ଓଡ଼ିଶା ମହିଳା ଟେନିସରେ ଆଜି ଏକ ନୂଆ ସଫଳତାର ଫର୍ଦ୍ଦ ଯୋଡି ହୋଇଯାଇଛି। ଓଡ଼ିଶାର ଖେଳାଳି ଆହାନ କୋଲକାତାରେ ଚାଲିଥିବା ଆଇଟିଏଫ୍ ଜୁନିଅର (ଜେ୨୦୦) ଟେନିସ ପ୍ରତିଯୋଗିତାର ମୁଖ୍ୟ ଡ୍ରରେ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ୧୮ ବର୍ଷରୁ କମ୍ ବିଶ୍ୱ ର୍‌ୟାଙ୍କିଙ୍ଗ୍‌ରେ ଏବେ ୨୩୪୭ ନଂ ସ୍ଥାନରେ ଥିବା ଆହାନ କ୍ରମାଗତ ୩ଟି ମ୍ୟାଚ୍‌ରେ ବିଜୟୀ ହୋଇ ମୁଖ୍ୟ ଡ୍ର'ରେ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ସେ ତାଙ୍କ ଜୀବନରେ ଅନେକ ସଫଳତା ପାଇଥିଲେ ମଧ୍ୟ




ଆଇଟିଏଫ୍ ଜୁନିଅର ସର୍କିଟରେ ପ୍ରଥମଥର ଖେଳିବେ। ଆସନ୍ତାକାଲି ଫ୍ରାନ୍ସର ଇଭା ମାରିଙ୍କସହ ତାଙ୍କର ମୁକାବିଲା ହେବ। ବିଶ୍ୱରେ ଇଭାଙ୍କ ମାନ୍ୟତା ହେଉଛି ୨୫୫। ଏହି ମୁକାବିଲାରେ ଯଦି ଆହାନ ବିଜୟୀ ହୁଅନ୍ତି, ତେବେ ସେ ଓଡ଼ିଶା ଲାଗି ଇତିହାସ ସୃଷ୍ଟି କରିବେ। ଏହି ମୁକାବିଲା ପୂର୍ବରୁ ତାଙ୍କୁ ଓଡ଼ିଶା ଟେନିସ ପକ୍ଷରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

ଅଷ୍ଟ୍ରେଲିଆନ୍ ଓପନ୍

# କ୍ୱାର୍ଟରରେ ଜୋକୋଭିଚ୍-ଆଲ୍‌କାରାଜ

ମେଲବୋର୍ଣ୍ଣ,୧୯ ।୧(ଏଜେନ୍ସି): ଚଳିତ ଅଷ୍ଟ୍ରେଲିଆନ୍ ଓପନ୍ ଟେନିସ ଟୁର୍ଣ୍ଣାମେଣ୍ଟର ପୁରୁଷ ଏକକ ପ୍ରତିଯୋଗିତାରେ ନୋଭାକ ଜୋକୋଭିଚ, ଆଲେକଜାଣ୍ଡର ଜ୍ୱେରେଭ, କାର୍ଲୋସ ଆଲକାରାଜ, ଟମି ପଲ୍‌ଙ୍କ ଭଳି ଖେଳାଳି କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ମଙ୍ଗଳବାର କ୍ୱାର୍ଟରରେ ୭ମ ସିଡ୍ ସର୍ବିଆର ଜୋକୋଭିଚ୍ ଓ ତୃତୀୟ ସିଡ୍ ଆମେରିକାର କାର୍ଲୋସ ଆଲକାରାଜ ଏବଂ ଦ୍ୱିତୀୟ ସିଡ୍ ଜର୍ମାନୀର ଜ୍ୱେରେଭ ଓ ଆମେରିକାର ପଲ ପରସ୍ପରକୁ ଭେଟିବେ। ରବିବାର ଖେଳାଯାଇଥିବା ଚତୁର୍ଥ ରାଉଣ୍ଡ ମୁକାବିଲାରେ ୩୭ ବର୍ଷୀୟ ଜୋକୋଭିଚ୍ ୬-୩, ୬-୪, ୭-୬ ସେଟ୍‌ରେ ଚେକ ଗଣରାଜ୍ୟର ଜିରି ଲେହେକାଙ୍କୁ ପରାସ୍ତ କରିଥିବା ବେଳେ ତୃତୀୟ ସିଡ୍ ସ୍ପେନ୍‌ର ଆଲକାରାଜ ୱାକ୍ ଓଭର ପାଇ ଅଗ୍ରଗତି କରିଛନ୍ତି। ୧୫ତମ ସିଡ୍ ବ୍ରିଟେନର ଜ୍ୟାକ ଡ୍ରାପର ଇଞ୍ଜୁରୀ କାରଣରୁ ଓହରିଯିବା ପରେ ଆଲକାରାଜ କ୍ୱାର୍ଟରକୁ ଉଠିଥିଲେ। ସେହିପରି ଦ୍ୱିତୀୟ ସିଡ୍ ଜର୍ମାନୀ ଜ୍ୱେରେଭ ୬-୧, ୨-୬, ୬-୩, ୬-୨ ସେଟ୍‌ରେ ୧୪ତମ ସିଡ୍ ଫ୍ରାନ୍ସର ଉଗୋ ହମ୍ବର୍ଟଙ୍କୁ ଓ ଦ୍ୱାଦଶ ସିଡ୍ ଆମେରିକାର ପଲ୍ ୬-୧, ୬-୧, ୬-୧ ସେଟ୍‌ରେ ସ୍ପେନର ଆଲେଜାଣ୍ଡ୍ରୋ ଡେଭିଡୋଭିକ୍ ଫୋକିନାଙ୍କୁ ପରାସ୍ତ କରି କ୍ୱାର୍ଟରକୁ ଉଠିଛନ୍ତି। ୨୪ଟି ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ





କରିଥିବା ଜୋକୋଭିଚ ଏଥର ସଫଳ ହେଲେ ୨୫ଟି ଟାଇଟଲ ହାସଲ କରି କିମ୍ବଦନ୍ତୀ ଅଷ୍ଟ୍ରେଲୀୟ ମହିଳା ଖେଳାଳି ମାର୍ଗାରେଟ୍ କୋର୍ଟ (୨୪ ଟାଇଟଲ)ଙ୍କୁ ପଛରେ ପକାଇ ବିଶ୍ୱ ରେକର୍ଡ ସୃଷ୍ଟି କରିବେ।

### କ୍ୱାର୍ଟରରେ ସାବାଲେଙ୍କା, ଗଫ୍

ମହିଳା ଏକକରେ ମଧ୍ୟ ଅରିନା ସାବାଲେଙ୍କା, କୋକୋ ଗଫ୍, ପଉଲା ବଡୋସା, ଆନଷ୍ଟାସିଆ ପାଭଲ୍ୟୁଚେଙ୍କୋଭାଙ୍କ ଭଳି ସିଡେଡ୍ ଖେଳାଳି କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। କ୍ୱାର୍ଟରରେ ସାବାଲେଙ୍କା ଓ ପାଭଲ୍ୟୁଚେଙ୍କୋଭା ଏବଂ ଗଫ୍ ଓ ବଡୋସା ପରସ୍ପରକୁ ଭେଟିବେ। ଶ୍ରେଷ୍ଠ ସିଡ ବେଲାରୁଷର ସାବାଲେଙ୍କା ୬-୧, ୬-୨ ସିଧାସଳଖ ସେଟ୍‌ରେ ୧୪ତମ ସିଡ୍ ୧୭ ବର୍ଷୀୟ ରୁଷୀୟ ଖେଳାଳି ମୀରା ଆନ୍ଦ୍ରିଭାଙ୍କୁ, ତୃତୀୟ ସିଡ ଆମେରିକାର ଗଫ୍ ୫-୭, ୬-୨, ୬-୧ ସେଟ୍‌ରେ ସ୍ୱିଜରଲାଣ୍ଡର ବେଲିଣ୍ଡା ବେନକିକ୍‌ଙ୍କୁ, ୧୧ତମ ସିଡ୍ ସ୍ପେନ୍‌ର ବଡୋସା ୬-୧, ୭-୬ ସେଟ୍‌ରେ ସର୍ବିଆର ଓଲଗା ଡାନିଲୋଭିକଙ୍କୁ, ପାଭଲ୍ୟୁଚେଙ୍କୋଭା ୭-୬, ୬-୦ ସେଟ୍‌ରେ ୧୮ତମ ସିଡ୍ କ୍ରୋଏସିଆର ଡୋନା ଭେକିକ୍‌ଙ୍କୁ ପରାସ୍ତ କରି କ୍ୱାର୍ଟରକୁ ଉଠିଛନ୍ତି।

### ମିଶ୍ରିତ ଯୁଗଳ କ୍ୱାର୍ଟରରେ ବୋପାନ୍ନା

ଭାରତୀୟ ୪୪ ବର୍ଷୀୟ ଅଭିଜ୍ଞ ଖେଳାଳି ରୋହନ ବୋପାନ୍ନା ଅଷ୍ଟ୍ରେଲିଆନ୍ ଓପନ୍ ମିଶ୍ରିତ ଯୁଗଳର କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ଦ୍ୱିତୀୟ ରାଉଣ୍ଡ ମ୍ୟାଚ୍‌ରେ ପ୍ରତିପକ୍ଷ ଚତୁର୍ଥ ସିଡ୍ ଯୋଡି ମୋନାକୋର ହୁଗୋ ନିସ୍ ଓ ଆମେରିକାର ଟେଲର ଟାଉନସେଣ୍ଡ ଓହରିଯିବା କାରଣରୁ ବୋପାନ୍ନା ଓ ତାଙ୍କ ଚୀନ ସାଥି ଝାଙ୍ଗ ସୁଆଇ କ୍ୱାର୍ଟରକୁ ଉଠିଛନ୍ତି। ପୂର୍ବରୁ ଏହି ଭାରତ-ଚୀନ ଯୋଡି ପ୍ରଥମ ରାଉଣ୍ଡରେ ଫ୍ରାନ୍ସ ଓ କ୍ରୋଏସିଆ ଯୋଡି କ୍ରିଷ୍ଟିନା ମ୍ଲାଡେନୋଭିକ୍ ଓ ଇଭାନ ଡୋଡିଗଙ୍କୁ ୬-୪, ୬-୪ ସିଧାସଳଖ ସେଟ୍‌ରେ ପରାସ୍ତ କରି ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଥିଲେ। ପୂର୍ବରୁ ବୋପାନ୍ନା ପୁରୁଷ ଯୁଗଳ ପ୍ରଥମ ରାଉଣ୍ଡରେ ପରାସ୍ତ ହୋଇ ବିଦାୟ ନେଇଛନ୍ତି। ଗତବର୍ଷ ବୋପାନ୍ନା ଓ ତାଙ୍କ ଅଷ୍ଟ୍ରେଲିଆ ସାଥି ମାଥ୍ୟୁ ଏବଡେନ ଟାଇଟଲ ହାସଲ କରିଥିଲେ।

■ ଗୋଲାପଦେଇ ସ୍ମାରକୀ ସ୍କୁଲ ଚେସ୍

## ପ୍ରାଂଶୁ ଚାମ୍ପିଅନ, ଓମ୍ ରନର୍ସଅପ୍

ଭୁବନେଶ୍ୱର,୧୯।୧(ସମିସ): ଭୁବନେଶ୍ୱର ଏପିଜେ ସ୍କୁଲ୍‌ର ପ୍ରାଂଶୁ ଦାଶ ଓ ଚନ୍ଦ୍ରଶେଖରପୁର ଡିଏଭି ପବ୍ଲିକ୍ ସ୍କୁଲ୍‌ର ଓମ୍‌ସ୍ୱରୂପ ପାଢ଼ୀ ଏଠାରେ ରବିବାର ଅନୁଷ୍ଠିତ ଚତୁର୍ଥ ଗୋଲାପଦେଇ ସ୍ମାରକୀ ସ୍କୁଲ୍ ଓପନ ଚେସ୍‌ରେ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। କେଶୁରାସ୍ଥିତ ରୟାଲ ପବ୍ଲିକ୍ ସ୍କୁଲ୍‌ରେ ଖେଳାଯାଇଥିବା ଏହି ଟୁର୍ଣ୍ଣାମେଣ୍ଟରେ ଖଣ୍ଡଗିରି ମଦର୍ସ ପବ୍ଲିକ୍ ସ୍କୁଲ୍‌ର ରେୟାଂଶ ମହାନ୍ତି ତୃତୀୟ, ୟୁନିଟ୍-୧ ମଦର୍ସ ପବ୍ଲିକ୍ ସ୍କୁଲ୍‌ର ଶିବହରି ସନତ ଚତୁର୍ଥ ଓ ଚନ୍ଦ୍ରଶେଖରପୁର ଡିଏଭିର ଜେମି ଶିବମ ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି। ଖେଳ ଶେଷରେ ଆୟୋଜକ ରୟାଲ ପବ୍ଲିକ୍ ସ୍କୁଲର ଉପାଧକ୍ଷା ପ୍ରଜ୍ଞାପାରମିତା ସାହୁ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ଦେବାଶିଷ ପାଣିଗ୍ରାହୀ ଖେଳ ପରିଚାଳନା କରିଥିଲାବେଳେ ବିଶ୍ୱନାଥ ବେହେରା ଉପସ୍ଥିତ ଥିଲେ।



● ମୁଲତାନ ଟେଷ୍ଟରେ ସ୍ପିନରଙ୍କୁ ୩୪ ୱିକେଟ

## ୧୨୭ ରନ୍‌ରେ ଜିତିଲା ପାକିସ୍ତାନ

ମୁଲତାନ୍,୧୯।୧(ଏଜେନ୍ସି): ଭ୍ରମଣକାରୀ ୱେଷ୍ଟଇଣ୍ଡିଜ୍ ଓ ଆୟୋଜକ ପାକିସ୍ତାନ ମଧ୍ୟରେ ଏଠାରେ ଅନୁଷ୍ଠିତ ପ୍ରଥମ ଟେଷ୍ଟ ମ୍ୟାଚ୍ ୩ ଦିନରେ ଶେଷ ହୋଇଛି। ଏହି ମ୍ୟାଚ୍‌କୁ ପାକିସ୍ତାନ ୧୨୭ ରନ୍‌ରେ ଜିତିବା ସହ ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ରେ ୧-୦ରେ ଆଗୁଆ ରହିଛି। ସିରିଜ୍‌ର ଦ୍ୱିତୀୟ ଟେଷ୍ଟ ଏଠାରେ ଜାନୁଆରୀ ୨୫ରୁ ୨୯ ମଧ୍ୟରେ ଖେଳାଯିବ।ମୁଲତାନ ଟେଷ୍ଟରେ ୱେଷ୍ଟଇଣ୍ଡିଜ୍‌ର ପ୍ରଥମ ଇନିଂସରେ ୪ଟି ଓ ଦ୍ୱିତୀୟ ଇନିଂସରେ ୫ଟି ସମେତ ମୋଟ ୯ଟି ୱିକେଟ ନେଇଥିବା ପାକିସ୍ତାନର ଅଫବ୍ରେକ୍ ବୋଲର ସାଜିଦ୍ ଖାନ୍‌ଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଏହି ମ୍ୟାଚ୍ ସ୍ପିନରଙ୍କ କବ୍‌ଜାରେ ରହିଥିଲା ଓ ଏମାନେ ୪୦ଟି ମଧ୍ୟରୁ ୩୪ଟି ୱିକେଟ ଅକ୍ତିଆର କରିଥିଲେ। ୱେଷ୍ଟଇଣ୍ଡିଜ୍‌ର ଫାଷ୍ଟ ବୋଲର ଜେଡେନ୍ ସିଲ୍ସ ୩ଟି ଓ ପାକିସ୍ତାନର ୩ଜଣ ଖେଳାଳି ରନ୍‌ଆଉଟ ହୋଇଥିଲେ। ଏଠାରେ ପ୍ରଥମେ ବ୍ୟାଟିଂ କରିଥିବା ପାକିସ୍ତାନ ପ୍ରଥମ ଇନିଂସରେ ୨୩୦ ରନ୍ କରିଥିଲା। ୱେଷ୍ଟଇଣ୍ଡିଜ୍‌ର ସ୍ପିନରମାନେ ୬ଟି ୱିକେଟ ପାଇଥିଲେ। ପେସର ସିଲ୍ସଙ୍କୁ ୩ଟି ୱିକେଟ ମିଳିଥିଲାବେଳେ ଜଣେ ଖେଳାଳି ରନ୍‌ଆଉଟ ହୋଇଥିଲେ। ଜବାବରେ ୱେଷ୍ଟଇଣ୍ଡିଜ୍‌ର ପ୍ରଥମ ଇନିଂସ ୧୩୭ରେ ଶେଷ ହୋଇଥିଲା। ଏଥିରେ ପାକିସ୍ତାନର ସ୍ପିନର ସମସ୍ତ ୧୦ଟି ଯାକ ୱିକେଟ ପାଇଥିଲେ। ନୋମାନ ଅଲି ୫ଟି, ସାଜିଦ୍ ଖାନ୍ ୪ଟି ଓ ଆବ୍ରାର ଅହମ୍ମଦ୍‌ଙ୍କୁ ଗୋଟିଏ ୱିକେଟ ମିଳିଥିଲା। ୯୩ ରନ୍‌ରେ ଆଗୁଆ ରହିଥିବା ପାକିସ୍ତାନ ଦ୍ୱିତୀୟ ଇନିଂସରେ ୧୫୭ ରନ୍ କରିଥିଲା। ଏହି ଇନିଂସରେ ୱେଷ୍ଟଇଣ୍ଡିଜ୍‌ର ବାମହାତୀ ସ୍ପିନର ଜୋମେଲ ୱାରିକାନ୍ ସର୍ବାଧିକ ୭ଟି, ଗୁଡକେଶ ମୋତି ଗୋଟିଏ ଓ ଆଉ ୨ଜଣ ଖେଳାଳି ରନ୍‌ଆଉଟ ହୋଇଥିଲେ। ଏହା ପରେ ମ୍ୟାଚ୍ ଜିତିବାକୁ ୱେଷ୍ଟଇଣ୍ଡିଜ୍ ଆଗରେ ୨୫୧ ରନ୍‌ର ବିଜୟଲକ୍ଷ୍ୟ ଧାର୍ଯ୍ୟକରାଯାଇଥିଲା। ଏହାକୁ ପିଛା କରି ୱେଷ୍ଟଇଣ୍ଡିଜ୍ ମାତ୍ର ୧୨୩ ରନ୍‌ରେ ଅଲଆଉଟ ହୋଇଯାଇଥିଲା। ଏଥିରେ ମଧ୍ୟ ପାକିସ୍ତାନର ସ୍ପିନରମାନେ ସମସ୍ତ ୧୦ଟି ଯାକ ୱିକେଟ ଅକ୍ତିଆର କରିଥିଲେ। ସାଜିଦ୍ ଖାନ୍ ୪ଟି, ଆବ୍ରାର ଅହମ୍ମଦ୍ ୪ଟି ଓ ନୋମାନ ଅଲି ଗୋଟିଏ ୱିକେଟ ପାଇଥିଲେ।

■ ଉତ୍କଳ ଓପନ ଟେନିସ ଟୁର୍ଣ୍ଣାମେଣ୍ଟ

## ଅମୃତଜୟଙ୍କୁ ଦ୍ୱିମୁକୁଟ, ଅଭିପ୍ସାଙ୍କୁ ମହିଳା ଟାଇଟଲ



ଭୁବନେଶ୍ୱର,୧୯।୧(ସମିସ): ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ରେ ୩ ଦିନ ଧରି ଚାଲିଥିବା ଉତ୍କଳ ଓପନ ଟେନିସ ଟୁର୍ଣ୍ଣାମେଣ୍ଟ-୨୦୨୫ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ପୁରୁଷ ବିଭାଗରେ ଅମୃତଜୟ ମହାନ୍ତି ଦ୍ୱିମୁକୁଟ ହାସଲ କରିଛନ୍ତି। ସେ ପୁରୁଷ ଏକକ ଫାଇନାଲରେ ୨-୦ରେ ପ୍ରାର୍ଥନା ମଣ୍ଡଳଙ୍କୁ ଓ ଯୁଗଳରେ ଶୁଭ୍ରନିଲ ବର୍ମନଙ୍କ ସହ ମିଶି ୨-୦ରେ ଅଂଶୁ ଭୂୟାଁ ଓ ଚିନ୍ମୟ ପ୍ରଧାନଙ୍କ ଯୋଡିଙ୍କୁ ହରାଇ ଟାଇଟଲ ଜିତିଥିଲେ। ମହିଳା ଏକକରେ ପ୍ରାର୍ଥନା ମଣ୍ଡଳଙ୍କୁ ହରାଇ ଅଭିପ୍ସା ଦେହୁରୀ, ଏକକ ବିଭାଗରେ ୧୨ ବର୍ଷରୁ କମ୍ ବାଳକରେ ସୂର୍ଯ୍ୟମାନ ଥାଟୋଇଙ୍କୁ ହରାଇ ସମୟ ଆଗମାନ୍, ୧୪ ବର୍ଷରୁ କମ୍ ବାଳକରେ ସଫଳ ଆଗମାନଙ୍କୁ ହରାଇ ସୂୟାଶ ପଟ୍ଟନାୟକ, ୧୪ ବର୍ଷରୁ କମ୍ ବାଳିକାରେ ସରଞ୍ଜନା ଦାସ୍‌ଙ୍କୁ ହରାଇ ଶାଜ୍‌ଫା ୱାନିଆ ଚାମ୍ପିଅନ ହୋଇଛନ୍ତି। ୪୦ ବର୍ଷରୁ ଉଦ୍ଧର୍ ପୁରୁଷ ଯୁଗଳରେ ସତାର୍ଥ ପଟ୍ଟନାୟକ ଓ ଦୟାଲ ଗଙ୍ଗୱାର, ୫୦ ବର୍ଷରୁ ଉଦ୍ଧର୍ ପୁରୁଷ ଯୁଗଳରେ ସ୍ନେହାଶିଷ ବେହେରା ଓ ଏସ୍‌ଏସ୍ ରଥ, ୬୦ ବର୍ଷରୁ ଉଦ୍ଧର୍ ପୁରୁଷ ଯୁଗଳରେ ସଞ୍ଜୟ ସାହୁ ଓ ଏସ୍‌ଏସ୍ ରଥ ଟାଇଟଲ ଜିତିବାରେ ସମର୍ଥ ହୋଇଛନ୍ତି। ଟାଇଟଲ ଜିତିଥିବା ସମସ୍ତ ପ୍ରତିଯୋଗୀଙ୍କୁ ଟ୍ରଫି ସହ ୧୨,୦୦୦ ଓ ରନର୍ସ ଅପ୍‌ଙ୍କୁ ଟ୍ରଫି ସହ ୮,୦୦୦ ଟଙ୍କା ପ୍ରଦାନ କରାଯାଇଛି। ଖେଳ ଶେଷରେ କ୍ରୀଡ଼ା ଓ ଯୁବସେବା ବିଭାଗର ପ୍ରମୁଖ ଶାସନ ସଚିବ ଭାସ୍କରଜ୍ୟୋତି ଶର୍ମା ଓ ଅର୍ଥବିଭାଗର ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ।

ଅଷ୍ଟମ ଓସ୍‌ଜା ବାର୍ଷିକ ପୁରସ୍କାର

## ପ୍ରତ୍ୟାଶା ଶ୍ରେଷ୍ଠ କ୍ରୀଡ଼ାବିତ୍; ଜବାରଙ୍କୁ ଜୀବନବ୍ୟାପୀ ସେବା ସମ୍ମାନ




ଭୁବନେଶ୍ୱର,୧୯ ।୧(ସମିସ): ଓଡ଼ିଶା କ୍ରୀଡ଼ା ସାମ୍ବାଦିକ ସଂଘ (ଓସ୍‌ଜା)ର ଅଷ୍ଟମ ବାର୍ଷିକ ପୁରସ୍କାର ଉତ୍ସବ ରବିବାର ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ ଟେନିସ ସେଣ୍ଟରଠାରେ ଅନୁଷ୍ଠିତ ହୋଇଛି। ୨୦୨୪ ବର୍ଷ ପାଇଁ ଓଡ଼ିଶା ସନ୍ତରଣର ମହିଳା ତାରକା ପ୍ରତ୍ୟାଶା ରାୟଙ୍କୁ ଶ୍ରେଷ୍ଠ କ୍ରୀଡ଼ାବିତ ଭାବେ ପୁରସ୍କୃତ କରାଯାଇଥିଲା। ସେହିପରି ପୂର୍ବତନ ଫୁଟବଲ ତଥା ସନ୍ତୋଷ ଟ୍ରଫି ଖେଳାଳି ଓ ରାଜ୍ୟର ସଫଳତମ ଫୁଟବଲ ପ୍ରଶିକ୍ଷକ ମହମ୍ମଦ ସହିଦ ଜବାରଙ୍କୁ ଜୀବନବ୍ୟାପୀ ସେବା ପାଇଁ ପୁରସ୍କାର ପ୍ରଦାନ କରାଯାଇଥିଲା। ଜବାର ଓ ପ୍ରତ୍ୟାଶା ଉଭୟଙ୍କୁ ପୁରସ୍କାର ବାବଦରେ ନଗଦ ୨୫ ହଜାର ଟଙ୍କା, ପ୍ରଶସ୍ତିପତ୍ର, ଉତ୍ତରୀୟ ଓ ସ୍ୱତନ୍ତ୍ର ଟ୍ରଫି ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅର୍ଜୁନ ପୁରସ୍କାର ବିଜୟିନୀ ପୂର୍ବତନ ମହିଳା ଆଥଲେଟ୍ ସିନିମୋଲ ପାଓଲୋସ ମୁଖ୍ୟ ଅତିଥି ଭାବେ ଏବଂ ହକି ଏଚ୍‌ପିସିଓ ମୁଖ୍ୟ କାର୍ଯ୍ୟନିର୍ବାହୀ ଦୀପଙ୍କର ମହାପାତ୍ର, ଚେସ୍ ଗ୍ରାଣ୍ଡମାଷ୍ଟର ସ୍ୱୟମ୍ଭ ମିଶ୍ର ଓ ଅଭିଜ୍ଞ ହକି ପ୍ରଶିକ୍ଷକ ଅମୂଲ୍ୟ ବିହାରୀ ନନ୍ଦ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଓସ୍‌ଜା ସଭାପତି ସନ୍ଦୀପ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସମ୍ପାଦକ ସୁରେଶ ସ୍ୱାଇଁ ସଂଘର ଯାତ୍ରା ଓ ଆଗାମୀ ଲକ୍ଷ୍ୟ ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଇଥିଲେ। କାର୍ଯ୍ୟକାରୀ ସଭାପତି ସମ୍ବିତ ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ। ସଂଘ କୋଷାଧକ୍ଷ ଦେବାଶିଷ ସୁନ୍ଦରାୟ ସଭା ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଓଜାର ସଦସ୍ୟବୃନ୍ଦ ଉପସ୍ଥିତ ଥିଲେ ଓ ସମସ୍ତ ଅତିଥିଙ୍କୁ ସମ୍ବର୍ଦ୍ଧିତ ଯାଇଥିଲା। ଏହି ଅବସରରେ ମୁଖ୍ୟ ଅତିଥି ପାଓଲୋସ ଓଡ଼ିଶା ସହ ତାଙ୍କର ଥିବା ପୁରଣା ସମ୍ପର୍କ କଥା ବଖାଣିଥିଲେ। ବିଗତ ଦେଢ଼ ଦଶନ୍ଧି ମଧ୍ୟରେ ଓଡ଼ିଶା କ୍ରୀଡ଼ାଭିତ୍ତିଭୂମୀ ନିର୍ମାଣରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟ କରିଛି ଓ ସୂଚାରୁ ରୂପେ ଏହାର ରକ୍ଷଣାବେକ୍ଷଣ କରିଛି। ସେହିପରି କଟକରେ ଆୟୋଜିତ ଜୁନିଅର ଆଥଲେଟିକ୍ସ ଚାମ୍ପିଅନସିପରୁ ମୋର କ୍ୟାରିଅର ଆରମ୍ଭ ହୋଇଥିଲା ବୋଲି ସିନିମୋଲ କହିଥିଲେ।

ସର୍ବଭାରତୀୟ କ୍ରୀଡ଼ା ସଂଘ (ଏସ୍‌ଜେଏଫ୍‌ଆଇ) ଅନୁବନ୍ଧିତ ଓସଜା ୨୦୧୮ ରୁ ଏହି ବାର୍ଷିକ କ୍ରୀଡ଼ା ପୁରସ୍କାର ପ୍ରଦାନ କରିଆସୁଛି। ପ୍ରଥମ ବର୍ଷର ବିଜେତା ଥିଲେ ଆଥଲେଟ ପୂର୍ଣ୍ଣିମା ହେମ୍ବ୍ରମ ଓ ଫୁଟବଲର ଦେବ ସିଂହ। ସେହିପରି ୨୦୧୯ରେ ହକି ତାରକା ଅମିତ ରୋହିଦାସ ଓ ଦ୍ରୋଣାଚାର୍ଯ୍ୟ ବିଜେତା ବକ୍ସିଂ ପ୍ରଶିକ୍ଷକ ବ୍ରଜଭୂଷଣ ମହାନ୍ତି, ୨୦୨୦ରେ ପାରା ବ୍ୟାଡମିଣ୍ଟନ ଖେଳାଳି ପ୍ରମୋଦ ଭଗତ ଓ ଆଥଲେଟିକ କୋଚ୍ ପଞ୍ଚାନନ ଗନ୍ତାୟତ, ୨୦୨୧ରେ ଚେସ୍ ଗ୍ରାଣ୍ଡମାଷ୍ଟର ସ୍ୱୟମ୍ଭ ମିଶ୍ର ଓ ଆଥଲେଟିକ୍ସ କୋଚ୍ ଅରୁଣ ଦାସ, ୨୦୨୨ରେ ବିଶିଷ୍ଟ ବାସ୍କେଟବଲ ଖେଳାଳି ଅରୂପାନନ୍ଦ ରାଉତରାୟ ଓ ହକି ଅଲିମ୍ପିଆନ ବୀରେନ୍ଦ୍ର ଲାକ୍ରା, ୨୦୨୩ରେ ମହିଳା ସାଇକ୍ଲିଷ୍ଟ ସ୍ୱସ୍ତୀ ସିଂ ଓ ରାଜ୍ୟର ପ୍ରଥମ ଅନ୍ତର୍ଜାତୀୟ ହକି ଖେଳାଳି ପିଟର ତିର୍କୀ ଏବଂ ଗତ ୨୦୨୪ ବର୍ଷରେ ତାରକା ଜାଭେଲିନ ଥ୍ରୋୟର କିଶୋର ଜେନା ଓ ଅର୍ଜୁନ ପୁରସ୍କାର ବିଜେତା ଭାରୋତ୍ତୋଳକ ବିଜୟ ଶତପଥିଙ୍କୁ ପୁରସ୍କୃତ କରାଯାଇଥିଲା।

■ ରାଜ୍ୟ ଶକ୍ତିଉତ୍ତୋଳନ ସଂଘ

## ଚିତ୍ତରଞ୍ଜନ ସଭାପତି, ହରିପ୍ରସାଦ ସମ୍ପାଦକ



ଭୁବନେଶ୍ୱର, ୧୯ ।୧ (ସମିସ): ସ୍ଥାନୀୟ ଉତ୍କଳ କରାଟେ ସ୍କୁଲ ପରିସରରେ ଚାଲିଥିବା ୩୦ତମ ରାଜ୍ୟ ଶକ୍ତିଉତ୍ତୋଳନ ପ୍ରତିଯୋଗିତା ଅବସରରେ ରାଜ୍ୟ ସଂଘର ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଗାମୀ ୪ ବର୍ଷ ନିମନ୍ତେ ଓଡ଼ିଶା ଶକ୍ତିଉତ୍ତୋଳନ ସଂଘର କର୍ମକର୍ତ୍ତା ନିର୍ବାଚିତ ହୋଇଛନ୍ତି। ଇଂ ଚିତ୍ତରଞ୍ଜନ ସ୍ୱାଇଁ ସଭାପତି ଭାବେ ଓ ଡ. ହରିପ୍ରସାଦ ପଟ୍ଟନାୟକ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। ସେହିଭଳି କୀର୍ତ୍ତନ ବେହେରା, ସୁଶ୍ରୀ ଗୌରୀ ମହାନ୍ତି ଓ କୃଷ୍ଣଚନ୍ଦ୍ର ସାହୁ ଉପସଭାପତି, ବ୍ରହ୍ମପଦ ବେହେରା ଓ ରାନୁ ମହାନ୍ତି ଯୁଗ୍ମ ସମ୍ପାଦକ, ପ୍ରଦୀପ କୁମାର ପାତ୍ର କୋଷାଧକ୍ଷ ପଦକୁ ଅଳଙ୍କୃତ କରିଛନ୍ତି। କାର୍ଯ୍ୟକାରୀ ସଦସ୍ୟ ଭାବେ ରମେଶ ଚନ୍ଦ୍ର ବିଡକ, ରାକେଶ ଶତପଥୀ, ଶକ୍ତିପ୍ରସାଦ ବାରିକ, ରାଜେନ୍ଦ୍ର ପରିଡ଼ା, ଏମ୍‌ଡି ଜାଭେଦ, ଦେବାଶିଷ ମହାନ୍ତି, ଚନ୍ଦ୍ରଶେଖର ସାହୁ, ବିଶ୍ୱଜିତ୍ ଜେନା, ଦୀପକ ନାୟକ, ସଦାଶିବ ତ୍ରିପାଠୀ, ଘାସିରାମ ହରିଜନ, ସମରେନ୍ଦ୍ର ରାଉତରାଏ, ହିମାଂଶୁ ଶେଖର ଦାସ ମନୋନୀତ ହୋଇଛନ୍ତି।

## ଗୀତାବାଣୀ

**ଯୋଗୀ ଯୁଞ୍ଜୀତ ସତତମାତ୍ମାନଂ ରହସି ସ୍ଥିତଃ ।**
**ଏକାକୀ ଯତଚିତ୍ତାତ୍ମା ନିରାଶୀରପରିଗ୍ରହଃ ॥**



ଭୋଗବୁଦ୍ଧିପୂର୍ବକ ସଂଗ୍ରହ ନ କରୁଥିବା, ଇଚ୍ଛାରହିତ ଏବଂ ଅନ୍ତଃକରଣ ତଥା ଶରୀରକୁ ବଶୀଭୂତ କରିଥିବା ଯୋଗୀ ଏକାକୀ ଏକାନ୍ତ ସ୍ଥାନରେ ରହି ନିରନ୍ତର ପରମାତ୍ମାଙ୍କଠାରେ ମନୋନିବେଶ କରନ୍ତୁ ।

ଷଷ୍ଠୋଽଧ୍ୟାୟ- ଶ୍ଲୋକ-୧୦

## ପ୍ରଶ୍ନୋତ୍ତର



୧. ଶ୍ରୀରାମ ବାନରମାନଙ୍କ ପାଇଁ ଇନ୍ଦ୍ରଙ୍କୁ କ'ଣ ମାଗିଥିଲେ?
୨. ଅତିକାୟ କାହାର ପୁତ୍ର ଥିଲେ?
୩. ପର୍ଶୁରାମ କେଉଁ ପର୍ବତରେ ତପସ୍ୟା କରିଥିଲେ?
୪. ଦଶରଥ ପୂର୍ବଜନ୍ମରେ କେଉଁ ଋଷି ଥିଲେ?
୫. ସମ୍ବରାସୁରକୁ କିଏ ବଧ କରିଥିଲେ?

**ଉତ୍ତର**
(୧) ଅମୃତ (୨) ରାବଣ (୩) ମହେନ୍ଦ୍ର ପର୍ବତ (୪) କଶ୍ୟପ ଋଷି (୫) ଇନ୍ଦ୍ର

# ମହାକୁମ୍ଭରେ ବାବାଙ୍କ ମେଳା

**ତୀର୍ଥରାଜ ପ୍ରୟାଗରାଜରେ ମହାକୁମ୍ଭ ଆରମ୍ଭ ହୋଇଛି । ସଙ୍ଗମରେ ଆୟୋଜିତ ଏହି ବିଶାଳ ଧର୍ମୀୟ ସମାବେଶରେ ବିଭିନ୍ନ ସଂପ୍ରଦାୟର ସାଧୁସନ୍ଥଙ୍କ ସମେତ ଦେଶବିଦେଶର କୋଟି କୋଟି ଶ୍ରଦ୍ଧାଳୁଙ୍କ ଆଗମନ ହୋଇଛି । କୁମ୍ଭମେଳାରେ ନାଗାସାଧୁଙ୍କ ଉପସ୍ଥିତି ସବୁବେଳେ ଉତ୍କଣ୍ଠା ଓ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଥାଏ । ସବୁଥର ପରି ଏଥର ମଧ୍ୟ କେତେଜଣ ନିଆରା ବାବାଙ୍କ ଅଦ୍ଭୁତ ସାଧନା, ବିଚିତ୍ର ଜୀବନଶୈଳୀ, ସାମାଜିକ ବାର୍ତ୍ତା ପ୍ରଦାନ ଦେଖିବାକୁ ମିଳୁଛି, ଯାହାକି ଏହି ଧାର୍ମିକ ମହୋତ୍ସବରେ ନୂଆ ରଙ୍ଗ ଭରିଛି ।**



**କବୁତର ବାବା:** ରାଜସ୍ଥାନରୁ ଆସିଥିବା ଜୁନା ଆଖଡ଼ାର ମହନ୍ତ ରାଜପୁରୀ ଜୀ ମହାରାଜଙ୍କୁ 'କବୁତର ବାବା' କୁହାଯାଏ । ସେ ଯୁଆଡ଼େ ଯାଆନ୍ତି ପାରାକୁ ନିଜ ମୁଣ୍ଡରେ ବସାଇ ବୁଲନ୍ତି । ପ୍ରାୟ ୯ ବର୍ଷ ଧରି ପାରା ତାଙ୍କ ମୁଣ୍ଡ ଉପରେ ବସା କରିଛି । ଏହି ବାବାଙ୍କ ମତରେ, ପ୍ରାଣୀ ସେବା ହିଁ ହେଉଛି ସବୁଠୁ ବଡ଼ ଧର୍ମ । ଜୀବଜନ୍ତୁଙ୍କ ପ୍ରତି ପ୍ରେମ ଓ ସମ୍ମାନ ହେଉଛି ପ୍ରକୃତ ଧର୍ମ ।



**ରୁଦ୍ରାକ୍ଷ ବାବା:** ଗୀତାନନ୍ଦ ଗିରି ବାବା 'ରୁଦ୍ରାକ୍ଷ ବାବା' ନାଁରେ କୁମ୍ଭମେଳାରେ ଧ୍ୟାନ ଆକର୍ଷଣ କରିଛନ୍ତି । ମୁଣ୍ଡ, ଗଳା, ହାତ, ଅଣ୍ଟାରେ ସେ ରୁଦ୍ରାକ୍ଷ ଧାରଣ କରିଛନ୍ତି । ୧୧ ହଜାର ରୁଦ୍ରାକ୍ଷ ତାଙ୍କ ଶରୀରରେ ଅଛି । ଏହି ସମସ୍ତ ରୁଦ୍ରାକ୍ଷର ଓଜନ ୩୦ କିଲୋରୁ ଅଧିକ । ଶରୀରରେ ରୁଦ୍ରାକ୍ଷ ସଂଖ୍ୟା ବଢ଼ିବାରୁ ସେ 'ରୁଦ୍ରାକ୍ଷ ବାବା' ନାଁରେ ଲୋକପ୍ରିୟ ହେଲେ ।

**ବାବାଙ୍କ ମସ୍ତକରେ ଶସ୍ୟ:** ଉତ୍ତର ପ୍ରଦେଶ ସୋନଭଦ୍ରର ଅମରଜିତ୍ ଓରଫ୍ ଅନାଜ ବାବା ଏଥର କୁମ୍ଭମେଳାରେ ଚର୍ଚ୍ଚାରେ ଅଛନ୍ତି । ସେ ତାଙ୍କ ଜଟାରେ ଚଣା, ଗହମ ଚାଷ କରନ୍ତି । ଗତ ୫ ବର୍ଷ ଧରି ସେ ତାଙ୍କ ଜଟା ଉପରେ ଅନେକ ଫସଲ ଚାଷ କରିଆସୁଛନ୍ତି । ସେ ବିଶ୍ୱ ଶାନ୍ତି ଓ କଲ୍ୟାଣର ସଂକଳ୍ପ ନେଇଛନ୍ତି । ଚାଉଳ ଦେଇ ସେ ଲୋକଙ୍କୁ ଆଶୀର୍ବାଦ ପ୍ରଦାନ କରନ୍ତି ।





**କମ୍ପ୍ୟୁଟର ବାବା:** କମ୍ପ୍ୟୁଟର ବାବା ସବୁବେଳେ ସାଙ୍ଗରେ ଲାପ୍‌ଟପ୍ ଧରି ବୁଲନ୍ତି । ସେ ଏଥିରେ କାର୍ଟୁନ୍ ଦେଖିବାକୁ ଭଲପାଆନ୍ତି । ତାଙ୍କର ପ୍ରକୃତ ନାଁ ହେଉଛି ଦାସ ତ୍ୟାଗୀ । ୧୯୯୮ରେ ନରସିଂହପୁରର ଜଣେ ସନ୍ଥ ତାଙ୍କର ଏହି ନାମକରଣ କରିଥିଲେ । ତ୍ୟାଗୀ ବାବାଙ୍କର ଗ୍ୟାଜେଟ୍ ଓ ଟେକ୍ନୋଲୋଜି ଉପରେ ସ୍ୱତନ୍ତ୍ର ରୁଚି ଥିବାରୁ ସେ 'କମ୍ପ୍ୟୁଟର ବାବା' ନାଁରେ ପରିଚିତ ।

**ଚା'ବାଲା ବାବା:** କୁମ୍ଭମେଳାର ଅନ୍ୟତମ ଆକର୍ଷଣ ସାଜିଛନ୍ତି ଚା'ବାଲା ବାବା । ତାଙ୍କର ପ୍ରକୃତ ନାଁ ଦିନେଶ ସ୍ୱରୂପ ବ୍ରହ୍ମଚାରୀ । ସେ ଗତ ୪୦ ବର୍ଷ ଧରି ମୌନ ବ୍ରତ ଧାରଣ କରିବା ସହ ଦିନକୁ ୧୦ କପ୍ ଚା' ପିଇ ଜୀବନ ଜିଉଁଛନ୍ତି । ସେ ଆଇଏଏସ୍ ପାଇଁ ପ୍ରସ୍ତୁତ ହେଉଥିବା ବିଦ୍ୟାର୍ଥୀଙ୍କୁ ମାଗଣା କୋଚିଂ ପ୍ରଦାନ କରନ୍ତି । ହ୍ୱାଟ୍ସଆପ୍ ମାଧ୍ୟମରେ ସେମାନଙ୍କ ମାର୍ଗଦର୍ଶନ କରାଇଥାନ୍ତି ।



**ଘୋଡ଼ା ବାବା:** ଜୟପୁରୀ ବାବା ମହାକୁମ୍ଭରେ 'ଘୋଡ଼ା ବାବା' ନାଁରେ ଲୋକପ୍ରିୟତା ସାଉଁଟୁଛନ୍ତି । ଘୋଡ଼ାରେ ବସି ସେ ମହାକୁମ୍ଭ ଯାତ୍ରା କରୁଛନ୍ତି । ତାଙ୍କ ସହିତ ଚାରିଟି ଘୋଡ଼ା ଅଛନ୍ତି । ଏସବୁକୁ ସେ ବରେଲିରୁ ଆଣି ମହାକୁମ୍ଭକୁ ଆସିଥିବା କହିଛନ୍ତି ।

**୯ ବର୍ଷ ଧରି ହାତ ଉପରକୁ ଟେକିଛନ୍ତି:** ମହାକାଳ ଗିରି ବାବା ରାଜସ୍ଥାନ ଯୋଧପୁରର ନିବାସୀ । ଏହି ବାବା ୯ ବର୍ଷ ଧରି ଗୋଟିଏ ହାତକୁ ଉପରକୁ ଟେକି ରଖିଛନ୍ତି । ଏହିପରି ଭାବେ ସେ ୧୨ ବର୍ଷ ପର୍ଯ୍ୟନ୍ତ ହାତ ଉପରକୁ ଟେକି ରଖିବା ସଂକଳ୍ପ ନେଇଛନ୍ତି । ଫଳରେ ତାଙ୍କ ହାତର ନଖ କାଟି ନାହାନ୍ତି । ଯେଉଁଥିପାଇଁ ଏହି ହାତର ନଖ ତାଙ୍କ ଅଙ୍ଗୁଳିଠାରୁ ମଧ୍ୟ ବଡ଼ ।

**କଣ୍ଟା ବାବା:** କଣ୍ଟା ବାବା ନାଁରେ ପ୍ରସିଦ୍ଧ 'ରମେଶ କୁମାର । ସେ କଣ୍ଟା ଉପରେ ଶୋଇ ରହି ତପସ୍ୟା କରନ୍ତି । ଗତ ୪୦-୫୦ ବର୍ଷ ଧରି ସେ ଏଭଳି ତପସ୍ୟା କରି ଆସୁଛନ୍ତି । କଣ୍ଟାରେ ଶୋଇଲେ କ୍ଷତି ନୁହେଁ, ଲାଭ ହୋଇଥାଏ ବୋଲି କହନ୍ତି ।

**ଚାବିବାଲା ବାବା:** ଉତ୍ତର ପ୍ରଦେଶ ରାଇବରେଲିର ହରିଶ୍ଚନ୍ଦ୍ର ୨୦ କେଜି ଚାବି ନିଜ ସହ ଧରି ବୁଲନ୍ତି । ସେଥିପାଇଁ ସେ 'ଚାବିବାଲା ବାବା' ନାଁରେ ପରିଚିତ । ଏହି ଚାବିକୁ ସେ 'ରାମନାମ ଚାବି' ବୋଲି କହନ୍ତି । ସେ ୧୬ ବର୍ଷ ବୟସରେ ଗୃହତ୍ୟାଗ କରିଥିଲେ । ଅନ୍ୟପଟେ ମସ୍କୁଲାର ବାବା, ଆଇଆଇଟି ବାବା, ବୁଲେଟ୍ ବାବା ପରିବେଶ ବାବା, ସାଢ଼େ ଆଠ ବର୍ଷ ଧରି ଛିଡ଼ା ହୋଇ ନ ଥିବା ବାବା, ଦେଢ଼ ଫୁଟ୍ ବାବା, ଜଟାବାଲା ବାବା ମଧ୍ୟ କୁମ୍ଭମେଳାର ଅନ୍ୟତମ ଆକର୍ଷଣ ସାଜିଛନ୍ତି ।



## କଳ୍ପବାସ

ପ୍ରତିବର୍ଷ ମାଘ ମାସରେ ଉତ୍ତରପ୍ରଦେଶ ପ୍ରୟାଗରାଜରେ କଳ୍ପବାସ ମେଳା ଲାଗେ । ଏହାକୁ ମାଘ ମେଳା ବି କୁହାଯାଏ । ଏହି ଅବସରରେ ସାଧୁସନ୍ଥ ଏବଂ ଅନ୍ୟ ଶ୍ରଦ୍ଧାଳୁମାନେ ମାସେ ବ୍ୟାପୀ ପ୍ରୟାଗରାଜର ନଦୀ କୂଳରେ କଳ୍ପବାସ କରନ୍ତି । କଳ୍ପବାସର ଜୀବନ କଠିନ ଓ ତପସ୍ୟାପୂର୍ଣ୍ଣ ହୋଇଥାଏ । ଯାହାକୁ କରିବା ଆଦୌ ସହଜ ନୁହେଁ । ଶାସ୍ତ୍ରମତେ ସୂର୍ଯ୍ୟ ମକର ରାଶିରେ ପ୍ରବେଶ କରିବା ପରେ କଳ୍ପବାସ ଆରମ୍ଭ ହୋଇଥାଏ । ଏହା ପୌଷ ପୂର୍ଣ୍ଣମୀରୁ ମାଘ ପୂର୍ଣ୍ଣିମା ପର୍ଯ୍ୟନ୍ତ ମାସେ ବ୍ୟାପୀ ଚାଲେ । ଯେଉଁଥିରେ ଜଣେ ବ୍ୟକ୍ତି ମାସେ ପର୍ଯ୍ୟନ୍ତ ତପ, ଧର୍ମ ଏବଂ ସାଧନାରେ ରହିଥାନ୍ତି । କଳ୍ପବାସ କଲେ ଗଙ୍ଗାମାତାଙ୍କ ଆରାଧନା କରାଯାଏ । ଶାସ୍ତ୍ର ଅନୁସାରେ କଳ୍ପବାସ କରୁଥିବା ବ୍ୟକ୍ତିଙ୍କୁ ୧୦୦ ବର୍ଷର ତପସ୍ୟାର ଫଳ ପ୍ରାପ୍ତ ହୋଇଥାଏ । କଳ୍ପବାସ ୧୨ ବର୍ଷ କିମ୍ବା ଜୀବନସାରା ମଧ କରି ହେବ । ଚଳିତ ଥର ମହାକୁମ୍ଭ ପଡୁଥିବାରୁ କଳ୍ପବାସର ଗୁରୁତ୍ୱ ବଢ଼ିଯାଇଛି ।

- ନଦୀ କୂଳରେ ଘର କରି ଲୋକଙ୍କୁ ମାସେ ପର୍ଯ୍ୟନ୍ତ ରହିବାକୁ ପଡ଼େ ।
- କଳ୍ପବାସ କରୁଥିବା ଲୋକେ ନଦୀକୂଳ ଛାଡ଼ି ଅନ୍ୟ କେଉଁଠିକୁ ଯିବା ଆସିବା କରି ନ ଥାନ୍ତି ।
- କଳ୍ପବାସ କରୁଥିବା ଲୋକେ ଦିନକୁ ଥରେ ଭୋଜନ କରନ୍ତି ଏବଂ ନିଜ ଖାଦ୍ୟ ନିଜେ ପ୍ରସ୍ତୁତ କରନ୍ତି ।
- କଳ୍ପବାସ କରୁଥିବା ଲୋକେ ତିନିଥର ଗଙ୍ଗାସ୍ନାନ କରନ୍ତି ।
- ସେମାନେ ପୂରା ଦିନ ଭଜନ କୀର୍ତ୍ତନରେ ବିତାଇ ଥାନ୍ତି ।
- ଭୂମିରେ ଶୟନ ସହ ବ୍ରହ୍ମଚର୍ଯ୍ୟ ପାଳନ କରିବା ଜରୁରି ।
- ଏହି ସମୟରେ ମିଛ କହିବା, ପରନିନ୍ଦା କରିବା, ଖରାପ ଚିନ୍ତା କରିବା ଅନୁଚିତ ।

## ଦୁର୍ଭାଗ୍ୟ ଆଣେ ଗଛ

**ଘରୁ ଗଛ କେବଳ ସୁନ୍ଦର କରି ନ ଥାଏ, ବରଂ ସକାରାତ୍ମକ ଶକ୍ତି ଓ ଆର୍ଥିକ ସମୃଦ୍ଧି ଆଣିଥାଏ । ତେବେ ବାସ୍ତୁଶାସ୍ତ୍ର ଅନୁସାରେ, କିଛି ଗଛ ଏଭଳି ଥାଏ, ଯାହାକୁ ଘର ଅଗଣାରେ ଲଗାଇବା ଅଶୁଭ ।**



- ଘର ଅଗଣାରେ ଅଶ୍ୱତ୍ଥ ଗଛ ଲଗାଇବା ଅନୁଚିତ । ଏହା ଦ୍ୱାରା ନକାରାତ୍ମକ ଶକ୍ତି ସୃଷ୍ଟି ହୁଏ । ଆର୍ଥିକ ସମସ୍ୟା ଉତ୍ପନ୍ନ ହୋଇଥାଏ । ଘର ସଦସ୍ୟଙ୍କୁ ଆର୍ଥିକ ଓ ମାନସିକ ସମସ୍ୟା ବି ସାମ୍ନା କରିବାକୁ ପଡ଼ିଥାଏ । ଏହାକୁ ଘର ବାହାରେ ନଚେତ୍ ଧାର୍ମିକ ସ୍ଥଳରେ ଲଗାଇବା ଭଲ ।
- ଔଷଧୀୟ ଗୁଣ ପାଇଁ ତେନ୍ତୁଳି ଗଛ ପରିଚିତ । ଏହାକୁ ନକାରାତ୍ମକ ଉର୍ଜାର କେନ୍ଦ୍ର ବୋଲି କୁହାଯାଏ । ଘର ଅଗଣାରେ ତେନ୍ତୁଳି ବା କୟାଁ ଗଛ ଲଗାଇବା ଦ୍ୱାରା ଆର୍ଥିକ ସମସ୍ୟା ଦେଖା ଦିଏ । ଏହା ପାରିବାରିକ ଅଶାନ୍ତିର କାରଣ । ସେଥିପାଇଁ ତେନ୍ତୁଳି ଗଛକୁ ଘର ବାହାରେ ଲଗାଇବା ଉଚିତ ।
- ବାସ୍ତୁଶାସ୍ତ୍ର ଅନୁସାରେ, ଖଜୁରି ଗଛ ଘରେ ଦରିଦ୍ରତା ଆଣିଥାଏ । ଘର କାର୍ଯ୍ୟରେ ବାଧା ଆସେ ଏବଂ ଉନ୍ନତି ବାଧାପ୍ରାପ୍ତ ହୁଏ । ଘରେ ନକାରାତ୍ମକ ଶକ୍ତି ବଢ଼ିଥାଏ । ତେଣୁ ବଗିଚା ତଥା କ୍ଷେତରେ ଲଗାଇବା ଭଲ ।
- ବରଗଛ ଘରେ ଅଶାନ୍ତି ଓ ଝଗଡ଼ା ସୃଷ୍ଟି କରିଥାଏ । ଏହା ଆର୍ଥିକ ସମସ୍ୟା ଏବଂ ମାନସିକ ଅଶାନ୍ତିର କାରଣ । ତେଣୁ ଏହାକୁ ଘରଠୁ ଦୂରରେ ଲଗାଇବା ଶୁଭ ।

## ସୌଭାଗ୍ୟ ଆଣେ କୁକୁରକୁ ଖାଦ୍ୟ ପ୍ରଦାନ

**ହିନ୍ଦୁ ଧର୍ମରେ କୁକୁରକୁ ଖାଦ୍ୟ ଦେବା ଶୁଭ ବୋଲି କୁହାଯାଇଛି । କେବଳ ସେତିକି ନୁହେଁ, ଏହା ଦ୍ୱାରା ପାପ କର୍ମରୁ ମୁକ୍ତି ମିଳେ । ତେବେ କେଉଁ ରଙ୍ଗ କୁକୁରକୁ ଖାଦ୍ୟ ଦେବା ଦ୍ୱାରା ଦୁଃଖ, ଦୁର୍ଦ୍ଦଶା ଦୂର ହୁଏ, ସେ ସମ୍ପର୍କରେ ଜାଣିବା ।**

- ଜ୍ୟୋତିଷ ଶାସ୍ତ୍ରରେ ଦୁଇ ରଙ୍ଗ କୁକୁରକୁ ଖାଦ୍ୟ ଦେବା କୁହାଯାଇଛି । କୁକୁରକୁ ଶନି ଓ କେତୁଙ୍କ ପ୍ରତୀକ ଭାବେ ବିବେଚନା କରାଯାଏ ।
- ତେବେ ଜ୍ୟୋତିଷ ଶାସ୍ତ୍ର ଅନୁସାରେ, କଳା-ଧଳା ଛିଟ ରଙ୍ଗ କୁକୁରକୁ ଖାଇବାକୁ ଦେବା ଦରକାର ।
- କୁକୁରକୁ ଭୈରବଙ୍କ ସେବକ ବୋଲି କୁହାଯାଏ । କୁକୁରକୁ ରୁଟି ଖାଇବାକୁ ଦେବା ଦ୍ୱାରା କାଳ ଭୈରବ ପ୍ରସନ୍ନ ହୋଇଥାନ୍ତି । ଏହାସହ ବ୍ୟକ୍ତି ଆକସ୍ମିକ ମୃତ୍ୟୁ ଭୟରୁ ଦୂରରେ ରହିଥାଏ ।
- କୁକୁରକୁ ଖୁଆଇବା ଦ୍ୱାରା ଶନିମହାଦଶା, ଶନି ସାଢ଼େସାତିର ପ୍ରଭାବ କମ୍ ହୋଇଥାଏ ବୋଲି କୁହାଯାଏ ।
- ଗମ୍ଭୀର ରୋଗରୁ ମୁକ୍ତି ପାଇଁ ରବିବାର କଳା କୁକୁରକୁ ଚଣା ଡାଲି ଖାଇବାକୁ ଦେବା ଉଚିତ ବୋଲି ଜ୍ୟୋତିଷମାନେ କହନ୍ତି ।


## ଶିକ୍ଷାର ମହତ୍ତ୍ୱ

**ଗୌତମ ବୁଦ୍ଧଙ୍କ ମୂଲ୍ୟବାନ ବିଚାର, ଜ୍ଞାନ, ଉପଦେଶ ତଥା ନୀତିବାଣୀ ଦ୍ୱାରା ଲୋକଙ୍କ ଜୀବନ ବଦଳିଯାଏ । ସେଥିପାଇଁ ଜ୍ଞାନାଲୋକକୁ ଅଧିକ ଉଦ୍‌ଭାସିତ କରିବା ପାଇଁ ବୁଦ୍ଧଙ୍କ ବିଚାରଧାରାକୁ ଅବଶ୍ୟ ଆପଣାଇବା ଉଚିତ । ଏହି ପରିପ୍ରେକ୍ଷୀରେ ଶିକ୍ଷାର ମହତ୍ତ୍ୱକୁ ନେଇ ବୁଦ୍ଧଙ୍କର ଏକ ସୁନ୍ଦର ତଥା ଶିକ୍ଷଣୀୟ କଥା ନିମ୍ନରେ ପ୍ରଦତ୍ତ କରାଗଲା ।**

**ବୁଦ୍ଧ କଥା**

ଏକଦା ଜଣେ ଯୁବକ ଗୌତମ ବୁଦ୍ଧଙ୍କ ପାଖକୁ ଆସି କହିଲେ, " ମହାଭାଗ । ମୋ ଗାଁ ଅଶିକ୍ଷିତ ।' ମୁଁ ମୋ ଘର ଲୋକଙ୍କ ସହ ଝଗଡ଼ା କରି ଯାହା କିଛି ପାଠ ପଢ଼ିଛି । ଆଗକୁ ଆହୁରି ବି ପଢ଼ିବାକୁ ଚାହୁଁଛି । ହେଲେ ସମସ୍ତେ ମୋତେ ବାଧା ଦେଉଛନ୍ତି । ଘର ଲୋକ କହୁଛନ୍ତି ଚାଷକାର୍ଯ୍ୟରେ ବହୁତ ଟଙ୍କା ଅଛି ଏବଂ ଏ ଲାଗି କୌଣସି ଶିକ୍ଷାର ଆବଶ୍ୟକତା ନାହିଁ । ତେବେ ଏ ଚିନ୍ତାଧାରା କେବଳ ମୋ ଘର ଲୋକଙ୍କର ନୁହେଁ, ପୂରା ଗାଁବାସୀ ମଧ୍ୟ ଏହି ସମାନ କଥା ଭାବୁଛନ୍ତି । ତେଣୁ ଦୟାକରି ଆପଣ ମୋ ଗାଁକୁ ଆସି ଶିକ୍ଷାର ପ୍ରଚାର ପ୍ରସାର କରନ୍ତୁ ।"

ଯୁବକଙ୍କ ଏକଥା ଶୁଣି ଦିନେ ବୁଦ୍ଧ ସେହି ଗାଁକୁ ଆସିଲେ । ଗ୍ରାମବାସୀ ବୁଦ୍ଧଙ୍କର ଅତିଥି ସତ୍କାର କଲେ ଏବଂ ନିତିଦିନ ବୁଦ୍ଧଙ୍କ ପ୍ରବଚନ ଶୁଣିବାକୁ ଆସିଲେ । ତେବେ ପ୍ରବଚନରେ ଯେତେବେଳେ ବି ବୁଦ୍ଧ ଶିକ୍ଷାର ମହତ୍ତ୍ୱ ବାବଦରେ କୁହନ୍ତି, ଲୋକେ ସମସ୍ତେ ତାହାକୁ ବିରୋଧ କରନ୍ତି । ଏହା ଭିତରେ ଦିନେ ଜଣେ ମହିଳା ନିଜର ପାଞ୍ଚ ବର୍ଷର ପୁଅକୁ ବୁଦ୍ଧଙ୍କ ସମ୍ମୁଖକୁ ଆଣି ପଚାରିଲେ, 'ମହାଶୟ! କେଉଁ ବୟସରେ



ତା'କୁ ଶିକ୍ଷା ପ୍ରଦାନ କରିବି?' ଉତ୍ତରରେ ବୁଦ୍ଧ ତାଙ୍କୁ ବୁଝାଇ କହିଲେ, 'ପାଞ୍ଚ ବର୍ଷ ପୂର୍ବରୁ ହିଁ ତୁମକୁ ପିଲାଟିର ଶିକ୍ଷାଗ୍ରହଣ ଆରମ୍ଭ କରିବାର ଥିଲା । କ'ଣ ଖାଇବା ଉଚିତ, ଅନୁଚିତ, କେମିତି ଓ କିଭଳି କଥା କହିବା ଦରକାର, ଏସବୁ ତା'କୁ ପ୍ରାରମ୍ଭରୁ ହିଁ ଶିଖାଇବାର ଥିଲା । ବୁଦ୍ଧଙ୍କର ଏହି କଥା ସମ୍ପୃକ୍ତ ମହିଳାଙ୍କ ସମେତ ଅନ୍ୟଲୋକ ଠିକ୍ ଭାବେ ବୁଝିପାରିଲେ । ସେବେଠୁ ନିଜ ନିଜ ପିଲାଙ୍କୁ ବିଦ୍ୟାଳୟକୁ ପଠାଇଲେ ।

କିଛିଦିନ ପରେ ବର୍ଷା ଋତୁ ଆସିଲା । ଯୁବକ ଲୋକଙ୍କୁ ଜଳ ସଂରକ୍ଷଣର କୌଶଳ କହିଲେ । କିନ୍ତୁ ଅନେକ ତାଙ୍କୁ ଉପହାସ କରି କଥା ଶୁଣିଲେ ନାହିଁ । ତେବେ ଯୁବକ ଜଣକ ସେମାନଙ୍କ କଥାକୁ ଗୁରୁତ୍ୱ ନ ଦେଇ ନିଜ କାମ କରି ଚାଲିଲେ । ସେହିପରି ବୁଦ୍ଧଙ୍କର ସହଯୋଗ ଥିବାରୁ କେହି ଯୁବକଙ୍କୁ ବିରୋଧ କରୁ ନ ଥିଲେ । ତେବେ ଖରାଦିନେ ଯେମିତି ଜଳ ସଙ୍କଟ ଯୋଗୁଁ ଫସଲ ଶୁଖିଲା, ଯୁବକ କୂଅ ଖୋଳିଲେ । ଅବଶ୍ୟ ଜଳ ସଂରକ୍ଷଣର କୌଶଳ ଯୋଗୁଁ ବହୁତ ପାଣି ବାହାରିଲା । ଏହା ଦେଖି ଗ୍ରାମବାସୀ ତାଙ୍କ ଶିକ୍ଷାର ମହତ୍ତ୍ୱ ବୁଝିଲେ । ଧୀରେ ଧୀରେ ସମ୍ପୂର୍ଣ୍ଣ ଗାଁ ବି ଶିକ୍ଷିତ ହେଲା । ଗାଁର ଏହି ପରିବର୍ତ୍ତନକୁ ଦେଖି ବୁଦ୍ଧ ଶେଷରେ ସମସ୍ତ ବାସିନ୍ଦାଙ୍କୁ କହିଲେ, 'ଜ୍ଞାନ ପ୍ରତ୍ୟେକ ବୟସରେ ଅର୍ଜନ କରାଯାଇପାରିବ । ଉଚିତ ଶିକ୍ଷା ଓ ଜ୍ଞାନ ହିଁ ମଣିଷ ଜୀବନରେ ଆସିବାକୁ ଥିବା ସମସ୍ୟାର ସମାଧାନ ବାହାର କରିଥାଏ ।' ଏଣୁ ଶିକ୍ଷାର ମୂଲ୍ୟକୁ ପ୍ରତ୍ୟେକ ଲୋକ ବୁଝିବା ଦରକାର ।"

## ବ୍ୟକ୍ତିତ୍ୱ ବିକାଶରେ ଆଧ୍ୟାତ୍ମିକତା

**ପିଲାମାନଙ୍କଠାରେ ଛୁଆବେଳୁ ହିଁ ଆଧ୍ୟାତ୍ମିକ ଚିନ୍ତନ ବିକଶିତ କରିବା ଦରକାର । ଯାହାକି ସେମାନଙ୍କୁ ବଡ଼ ହେଲା ପରେ ଜୀବନ ତମାମ ନୈତିକ ମାର୍ଗରେ ଯିବା ପାଇଁ ପ୍ରେରିତ କରିବ । ଆଧ୍ୟାତ୍ମିକ ଅଭ୍ୟାସ ବ୍ୟକ୍ତିତ୍ୱ ସହିତ ମାନସିକ ଓ ନୈତିକ ବିକାଶରେ ସାହାଯ୍ୟ କରେ । ଏହାଦ୍ୱାରା ପିଲାଙ୍କଠାରେ ସକାରାତ୍ମକ ଭାବ ଏବଂ ଆତ୍ମବିଶ୍ୱାସ ବିକଶିତ ହୁଏ । ତେବେ ପିଲାଙ୍କ ସମ୍ପୂର୍ଣ୍ଣ ବିକାଶ ଲାଗି ଆଧ୍ୟାତ୍ମିକ ଅଭ୍ୟାସକୁ ଆପଣାଇବା ଜରୁରି ।**



ଛୋଟ ଛୋଟ ଜିନିଷ ପାଇଁ ପିଲାଙ୍କୁ ଧନ୍ୟବାଦ କହିବା ଶିଖାଇବା ଦରକାର । ଏହାଦ୍ୱାରା ଜୀବନ ସନ୍ତୁଷ୍ଟ ଏବଂ ସକାରାତ୍ମକ ଢଙ୍ଗରେ ଗତି କରେ । ସେହିପରି ନିତିଦିନ ପ୍ରାର୍ଥନା ମାଧ୍ୟମରେ ଠାକୁରଙ୍କୁ ଧନ୍ୟବାଦ ଜଣାଇବା ଉଚିତ । ପ୍ରତିଦିନ ପିଲାଙ୍କୁ କିଛି ନୂଆ ଶିଖିବା ପାଇଁ ପ୍ରେରିତ କରିବା ଦରକାର । ଦିନ ଭଲରେ ହେଉ କି ଖରାପ, ଯେମିତି କଟିଛି, ତାହାକୁ ନେଇ ଭଗବାନଙ୍କୁ କୃତଜ୍ଞତା ଜଣାନ୍ତୁ । ଏହାବାଦ୍ ଆତ୍ମନିରୀକ୍ଷଣ କରି ଭଲ ଓ ଖରାପ ଅଭ୍ୟାସକୁ ଚିହ୍ନନ୍ତୁ । ଧ୍ୟାନ ଓ ପ୍ରାର୍ଥନା ଦ୍ୱାରା ମାନସିକ ଶାନ୍ତି ମିଳେ । ତେଣୁ ସମସ୍ତଙ୍କ ପାଖରେ ସକାଳ ଓ ସନ୍ଧ୍ୟାରେ ପ୍ରାର୍ଥନା କରିବା ଅଭ୍ୟାସ ରହିବା ଦରକାର । ଆଧ୍ୟାତ୍ମିକ ଜୀବନରେ କରୁଣା ଭାବ ସବୁଠୁ ମହତ୍ତ୍ୱପୂର୍ଣ୍ଣ । ଏଣୁ ଅନ୍ୟର ସେବା କରିବା ଏବଂ ଦାନ ଭାବ ନିଜ ଭିତରେ ବିକାଶ କରିବା ଭଲ । ଅସହାୟ, ଗରିବଙ୍କୁ ଯଥାସମ୍ଭବ ଖାଦ୍ୟ, ବସ୍ତ୍ର ଦାନ କରନ୍ତୁ । ପ୍ରକୃତି ସହିତ ଯୋଡ଼ି ରହିବାକୁ ପ୍ରେରିତ କରନ୍ତୁ । ଏହାଦ୍ୱାରା ଶାନ୍ତି ଭାବ ମନରେ ଆସେ । ଆଧ୍ୟାତ୍ମିକ ପୁସ୍ତକ ପଢ଼ିବା ପାଇଁ ପ୍ରୋତ୍ସାହିତ କରନ୍ତୁ । ରାମାୟଣ, ଗୀତା ଶ୍ଲୋକ ଶିଖାନ୍ତୁ ।

# ଖୋ ଖୋ ବିଶ୍ୱକପ୍: ଭାରତ ଡବଲ୍ ଚାମ୍ପିଅନ

## ପୁରୁଷ ଓ ମହିଳା ଫାଇନାଲରେ ନେପାଳ ପରାସ୍ତ





ନୂଆଦିଲ୍ଲୀ, ୧୯ ।୧ (ଏଜେନ୍ସି): ଭାରତର ଉଭୟ ପୁରୁଷ ଓ ମହିଳା ଖୋ ଖୋ ଦଳ ଇତିହାସ ରଚିଛି। ଏଠାରେ ଚାଲିଥିବା ଖୋ ଖୋ ବିଶ୍ୱକପ୍‌ର ପ୍ରଥମ ସଂସ୍କରଣରେ ପୁରୁଷ ଓ ମହିଳା ବିଭାଗରେ ଚାମ୍ପିଅନ ହୋଇ ଆୟୋଜକ ଭାରତୀୟ ଦଳ ଐତିହାସିକ ଡବଲ୍ ସ୍ୱର୍ଣ୍ଣପଦକ ସଫଳତା ପାଇଛି। ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଇଣ୍ଡୋର ଷ୍ଟାଡିୟମରେ ରବିବାର ଖେଳାଯାଇଥିବା ପୁରୁଷ ବିଭାଗ ଫାଇନାଲରେ ଭାରତ ୫୪-୩୬ ପଏଣ୍ଟରେ ନେପାଳକୁ ପରାସ୍ତ କରିଥିଲା। ସେହିଭଳି ଭାରତୀୟ ମହିଳା ଦଳ ମଧ୍ୟ ସମାନ ପ୍ରତିଦ୍ୱନ୍ଦ୍ୱୀ ନେପାଳକୁ ୭୮-୪୦ ପଏଣ୍ଟରେ ହରାଇ ଖୋ ଖୋ ବିଶ୍ୱକପ୍‌ର ପ୍ରଥମ ସଂସ୍କରଣରେ ଚାମ୍ପିଅନ ହୋଇ ସ୍ୱର୍ଣ୍ଣାକ୍ଷରରେ ନାମକୁ ଲିପିବଦ୍ଧ କରିଛି। ସବୁଠୁ ଉଲ୍ଲେଖନୀୟ କଥା ହେଉଛି ଭାରତର ଉଭୟ ଦଳ ବିଶ୍ୱକପ୍‌ରେ ଅପରାଜେୟ ରହିବାର ରେକର୍ଡ ବଜାୟ ରଖିଥିଲା।

ରବିବାର ସନ୍ଧ୍ୟାରେ ପ୍ରଥମେ ମହିଳା ବିଶ୍ୱକପ୍ ଫାଇନାଲ ଖେଳାଯାଇଥିଲା। ଏଥିରେ ବିଶ୍ୱର ଦୁଇ ଶକ୍ତିଶାଳୀ ଦଳ ଭାରତ ଓ ନେପାଳ ପରସ୍ପରକୁ ଭେଟିଥିଲେ। ଗ୍ରୁପ୍ ପର୍ଯ୍ୟାୟରୁ ଦମ୍‌ଦାର ପ୍ରଦର୍ଶନ କରିଆସିଥିବା ଭାରତୀୟ ମହିଳା ଦଳ ଫାଇନାଲରେ ମଧ୍ୟ ଏହି ଅପରାଜେୟ ଧାରା ବଜାୟ ରଖି ଶେଷରେ (୭୮-୪୦) ୩୮ ପଏଣ୍ଟରେ ବିଜୟୀ ହୋଇ ଚାମ୍ପିଅନ ହୋଇଥିଲା। ପ୍ରିୟଙ୍କା ଇଙ୍ଗଲେଙ୍କ ନେତୃତ୍ୱାଧୀନ ଭାରତୀୟ ମହିଳା ଦଳ ମ୍ୟାଚର ମୋଟ୍ ୪ଟି ଯାକ ଟର୍ନରେ ଉଭୟ ଆଟାକ୍ ଓ ଡିଫେନ୍ସରେ ନେପାଳକୁ ଚକ୍ମା ଦେଖାଇଥିଲା। ଭାରତ ଟର୍‌ରେ ୪୨ ଓ ସ୍କାଏ ଡାଇଭରେ ୨୨ ପଏଣ୍ଟ ହାତେଇଥିଲା।

### ପୁରୁଷରେ ମଧ୍ୟ ନେପାଳ ହାରିଲା

ଅପରପକ୍ଷରେ ପୁରୁଷ ବିଭାଗ ଫାଇନାଲ ସମାନ ପ୍ରତିଦ୍ୱନ୍ଦ୍ୱୀ ଆୟୋଜକ ଭାରତ ଓ ନେପାଳ ମଧ୍ୟରେ ଖେଳାଯାଇଥିଲା। ମହିଳାଙ୍କ ଭଳି ନେପାଳ ପୁରୁଷ ଦଳ ଲଢୁଆ ପ୍ରଦର୍ଶନ କରିଥିଲେ ମଧ୍ୟ (୩୬-୫୪) ୧୮ ପଏଣ୍ଟରେ ହାରି ରନର୍ସଅପ୍‌ରେ ସନ୍ତୁଷ୍ଟ ରହିଥିଲା। ଭାରତ ପୋଲ୍ ଡାଇଭ୍‌ରେ ୧୦, ସ୍କାଏ ଡାଇଭରେ ୨୮ ଓ ଟର୍‌ରେ ୨୬ ପଏଣ୍ଟ ସଂଗ୍ରହ କରିଥିଲା। ଅଧିନାୟକ ପ୍ରତୀକ ୱାଇକର, ରାମଜୀ କାଶ୍ୟପ, ବି, ନିଖିଳ, ପବନୀ ଶବର ଭାରତକୁ ଚାମ୍ପିଅନ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଜାନୁଆରୀ ୧୩ରୁ ଆରମ୍ଭ ହୋଇଥିବା ବିଶ୍ୱକପ୍‌ରେ ପୁରୁଷରେ ୨୦ ଓ ମହିଳାରେ ୧୯ଟି ଦେଶ ଅଂଶଗ୍ରହଣ କରିଥିଲେ। ପୁରୁଷରେ ନେପାଳ ସର୍ବାଧିକ ୫୨୪ ଓ ମହିଳାରେ ଭାରତ ୬୨୮ ପଏଣ୍ଟ ସ୍କୋର କରିଥିଲା।

### ପ୍ରାୟୋଜକ ରହିଛନ୍ତି ଓଡ଼ିଶା ସରକାର

ଅପରପକ୍ଷରେ ଓଡ଼ିଶା ଲାଗି ମଧ୍ୟ ଏହା ଏକ ସ୍ୱତନ୍ତ୍ର ମୁହୂର୍ତ୍ତ। ଓଡ଼ିଶା ସରକାର ବର୍ତ୍ତମାନ ୩ ବର୍ଷ ଲାଗି ଭାରତର ଉଭୟ ପୁରୁଷ ଓ ମହିଳା ଦଳର ପ୍ରାୟୋଜକ ରହିଛନ୍ତି। ବର୍ଷକୁ ୫ କୋଟି ହିସାବରେ ୩ ବର୍ଷ ଲାଗି ଓଡ଼ିଶା ସରକାର ୧୫ କୋଟି ଟଙ୍କା ପ୍ରାୟୋଜକ ବାବଦରେ ଖର୍ଚ୍ଚ କରିବେ। ଓଡ଼ିଶା କ୍ରୀଡ଼ାମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀ ଉଦ୍‌ଯାପନୀ ଦିବସରେ ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

### ଓଡ଼ିଶାର ଯୋଗଦାନ | ଚାମ୍ପିଅନ ଦଳରେ ୩ ଓଡ଼ିଆ

ଖୋ ଖୋ ବିଶ୍ୱକପ୍‌ର ପ୍ରଥମ ସଂସ୍କରଣରେ ଭାରତ ଚାମ୍ପିଅନ ହୋଇଥିବାବେଳେ ଏଥିରେ ଓଡ଼ିଆ ଛାପ ମଧ୍ୟ ରହିଥିଲା। ଉଭୟ ପୁରୁଷ ଓ ମହିଳା ଦଳରେ ଓଡ଼ିଶାର ମୋଟ୍ ୩ ଜଣ ଖେଳାଳି ରହିଥିଲେ। ମହିଳା ଦଳରେ ଶୁଭଶ୍ରୀ ସିଂ ଓ ମଗାଇ ମାଝୀ ଏବଂ ପୁରୁଷ ଦଳରେ ପବନୀ ଶବର ସଦସ୍ୟ ରହିଥିଲେ। ଏହି ୩ଜଣ ଖେଳାଳି ଓଡ଼ିଶାରେ ଥିବା ଖୋ ଖୋ ଏଚ୍‌ପିସିରେ ପ୍ରଶିକ୍ଷଣ ନେଉଥିବାବେଳେ କିଟ୍‌ରେ ଅଧ୍ୟୟନ କରୁଛନ୍ତି।

### ଚାମ୍ପିଅନ ପଥରେ...

**ଭାରତୀୟ ପୁରୁଷ**

ଗ୍ରୁପ୍ ପର୍ଯ୍ୟାୟ

ନେପାଳ ବିପକ୍ଷରେ ୪୨-୩୭ରେ ବିଜୟୀ
ବ୍ରାଜିଲ ବିପକ୍ଷରେ ୬୪-୩୪ରେ ବିଜୟୀ
ପେରୁ ବିପକ୍ଷରେ ୭୦-୩୮ରେ ବିଜୟୀ
ଭୁଟାନ ବିପକ୍ଷରେ ୭୧-୩୪ରେ ବିଜୟୀ

କ୍ୱାର୍ଟର

ଶ୍ରୀଲଙ୍କା ବିପକ୍ଷରେ ୧୦୦-୪୦ରେ ବିଜୟୀ

ସେମିଫାଇନାଲ

ଦକ୍ଷିଣ ଆଫ୍ରିକା ବିପକ୍ଷରେ ୬୦-୪୨ରେ ବିଜୟୀ

ଫାଇନାଲ

ନେପାଳ ବିପକ୍ଷରେ ୫୪-୩୬ରେ ବିଜୟୀ

**ଭାରତୀୟ ମହିଳା**

ଗ୍ରୁପ୍ ପର୍ଯ୍ୟାୟ

ଦ.କୋରିଆ ବିପକ୍ଷରେ ୧୭୫-୧୮ରେ ବିଜୟୀ
ଇରାନ ବିପକ୍ଷରେ ୧୦୦-୧୬ରେ ବିଜୟୀ
ମାଲେସିଆ ବିପକ୍ଷରେ ୧୦୦-୨୦ରେ ବିଜୟୀ

କ୍ୱାର୍ଟର

ବାଂଲାଦେଶ ବିପକ୍ଷରେ ୧୦୯-୧୬ରେ ବିଜୟୀ

ସେମିଫାଇନାଲ

ଦକ୍ଷିଣ ଆଫ୍ରିକା ବିପକ୍ଷରେ ୬୬-୧୬ରେ ବିଜୟୀ

ଫାଇନାଲ

ନେପାଳ ବିପକ୍ଷରେ ୭୮-୪୦ରେ ବିଜୟୀ

# ବାହାହେଲେ ନୀରଜ ଚୋପ୍ରା



ନୂଆଦିଲ୍ଲୀ,୧୯ ।୧(ଏଜେନ୍ସି): ଭାରତୀୟ ଆଥଲେଟିକ ସୁପରଷ୍ଟାର ତଥା ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ବିଜେତା ଜାଭେଲିନ ପିଙ୍ଗାଳି ନୀରଜ ଚୋପ୍ରା ହାତକୁ ଦୁଇହାତ ହୋଇଛନ୍ତି। ହିମାନୀ ନାମ୍ନୀ ଜଣେ ଝିଅକୁ ବିବାହ କରିଛନ୍ତି ବୋଲି ନୀରଜ ନିଜ ସୋସିଆଲ ମିଡିଆ ଆକାଉଣ୍ଟରେ ଫଟୋ ସେୟାର କରିଛନ୍ତି। ତାଙ୍କ ବିବାହ କଥା କେବଳ ଦୁଇ ପରିବାର ଲୋକ ଜାଣିଥିଲେ। ବିବାହ ଖବରକୁ ଗୁପ୍ତ ରଖାଯାଇଥିଲା। ବିବାହ ସହ ଏକ ନୂଆ ଜୀବନ ଆରମ୍ଭ କରିବାକୁ ଯାଉଛି ବୋଲି ନୀରଜ ନିଜର ପୋଷ୍ଟରେ ଉଲ୍ଲେଖ କରିଛନ୍ତି।

ହରିୟାଣାର ଲାରସାଉଲିରୁ ଆସିଥିବା ହିମାନୀ ଆମେରିକାର ଲସ ଏଞ୍ଜେଲ୍ସସ୍ଥିତ ସାଉଥଇଷ୍ଟର୍ଣ୍ଣ ଲୁସିଆନା ବିଶ୍ୱବିଦ୍ୟାଳୟରେ ଶିକ୍ଷାପ୍ରାପ୍ତ କରିଛନ୍ତି ଓ ସେ ମଧ୍ୟ ଜଣେ ଦକ୍ଷ ଟେନିସ ଖେଳାଳି। ସେ ମଧ୍ୟ ଫ୍ରାଙ୍କଲିନ୍ ପିୟର୍ସ ବିଶ୍ୱବିଦ୍ୟାଳୟରେ ସହକାରୀ ଟେନିସ କୋଚ୍ ଭାବେ କାର୍ଯ୍ୟ କରିଛନ୍ତି। ଏହି ବିବାହ ଦୁଇଦିନ ତଳେ ଅନୁଷ୍ଠିତ ହୋଇଛି ବୋଲି ନୀରଜଙ୍କ ପରିବାର ତରଫରୁ କୁହାଯାଇଛି। ନୀରଜ ଓ ହିମାନୀ ଏବେ ହନିମୁନ ପାଇଁ ବିଦେଶ ଯାଇଛନ୍ତି। ଭାରତ ଫେରିବା ପରେ ବିବାହ ଭୋଜିର ଆୟୋଜନ କରାଯିବ ବୋଲି ନୀରଜଙ୍କ ଦାଦା ସୁରେନ୍ଦ୍ର ଚୋପ୍ରା କହିଛନ୍ତି।

# ସର୍ବଭାରତୀୟ ଆନ୍ତଃବିଶ୍ୱବିଦ୍ୟାଳୟ ରଗ୍‌ବୀ ଆରମ୍ଭ

ଭୁବନେଶ୍ୱର, ୧୯ ।୧ (ସମିସ): ସର୍ବଭାରତୀୟ ଆନ୍ତଃବିଶ୍ୱବିଦ୍ୟାଳୟ ରଗ୍‌ବୀ ଚାମ୍ପିଅନସିପ୍ (ମହିଳା) ରବିବାର ଏଠାରେ ଉଦ୍‌ଘାଟିତ ହୋଇଯାଇଛି। ସର୍ବଭାରତୀୟ ବିଶ୍ୱବିଦ୍ୟାଳୟ ସଂଘ (ଏଆଇୟୁ) ଓ କିସ୍ ବିଶ୍ୱବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାରେ ଦେଶର ୫୦ ବିଶ୍ୱବିଦ୍ୟାଳୟର ପାଖାପାଖି ୧୦୦୦ ଖେଳାଳି ଓ ଅଫିସିଆଲ୍ ଭାଗନେଇଛନ୍ତି। ଓଡ଼ିଶାରୁ କିଟ୍, ଉତ୍କଳ, ଫକିର ମୋହନ ବିଶ୍ୱବିଦ୍ୟାଳୟ ଏହି ସମ୍ମାନଜନକ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି। ପ୍ରଥମ ଦିବସରେ କିଟ୍ ଓ ଉତ୍କଳ ବିଶ୍ୱବିଦ୍ୟାଳୟ ବିଜୟରୁ ଅଭିଯାନ ଆରମ୍ଭ କରିଛନ୍ତି। ଏହି ଅବସରରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ଅଂଶଗ୍ରହଣକାରୀ ସମସ୍ତ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି।

# ଶକିବଙ୍କ ବିପକ୍ଷରେ ଗିରଫ ପରୱାନା

ଢ଼ାକା,୧୯ ।୧(ଏଜେନ୍ସି): ବାଂଲାଦେଶର ତାରକା କ୍ରିକେଟ ଖେଳାଳି ଶକିବ ଅଲ ହସନଙ୍କ ବିପକ୍ଷରେ ଢ଼ାକାର ଏକ କୋର୍ଟ ପକ୍ଷରୁ ଏକ ଗିରଫ ପରୱାନା ଜାରି କରାଯାଇଛି। ଆଇଏଫ୍‌ଆଇସି ବ୍ୟାଙ୍କ୍ ଚେକ୍ ବାଉନ୍ସ କେସ୍‌ରେ ଢ଼ାକା ଅତିରିକ୍ତ ମୁଖ୍ୟ ମେଟ୍ରୋପଲିଟାନ ବିଚାରପତି ଜିଆଦୁର ରହମନ ବିଚାର କରି ଏଭଳି ନିର୍ଦ୍ଦେଶ ଦିଆଯାଇଛି। ଗତବର୍ଷ ଡିସେମ୍ବର୧୫ରେ ତାଙ୍କ ନାମରେ ଚେକ୍‌ବାଉନ୍ସ କେସ ଦାୟର କରାଯାଇଥିଲା। ଡିସେମ୍ବର ୧୯ରେ ତାଙ୍କୁ କୋର୍ଟରେ ହାଜର ଲାଗି ନିର୍ଦ୍ଦେଶ ଦିଆଯାଇଥିଲା। ୪କୋଟି ୧୪ ଲକ୍ଷ ୫୭ ହଜାର ଟଙ୍କା ହେରଫେର ଅଭିଯୋଗରେ ଆଇଏଫ୍‌ଆଇସି ବ୍ୟାଙ୍କ ପକ୍ଷରୁ କେସ କରାଯାଇଥିଲା। ଶକିବଙ୍କ କମ୍ପାନି ଅଲ ହାସନ ଆଗ୍ରୋ ଫାର୍ମ ଲିମିଟେଡ୍ ପକ୍ଷରୁ ବ୍ୟାଙ୍କରୁ ଋଣ ନେଇ ପରିଶୋଧ କରାଯାଇ ନ ଥିଲା। ତାଗିଦ୍ ପରେ କମ୍ପାନି ଯେଉଁ ଚେକ୍ ଦେଇଥିଲା ତାହା ବାଉନ୍ସ ହୋଇଯାଇଥିଲା।

# 'ସଞ୍ଜୁ ନିଜ ଇଚ୍ଛାରେ କେରଳ ପକ୍ଷରୁ ଖେଳିପାରିବେ ନାହିଁ'

ଥିରୁଅନନ୍ତପୁରମ,୧୯ ।୧(ଏଜେନ୍ସି): ସଞ୍ଜୁ ସାମସନ ଯେତେବେଳେ ଚାହିଁବେ ନିଜ ଇଚ୍ଛା ଅନୁଯାୟୀ କେରଳ ପକ୍ଷରୁ ଖେଳିପାରିବେ ନାହିଁ। କେରଳ ପକ୍ଷରୁ ଖେଳିବାକୁ ହେଲେ ରାଜ୍ୟ କ୍ରିକେଟ ସଂଘ ପକ୍ଷରୁ ଥିବା ନିୟମ ମାନିବାକୁ ହେବ। ନିୟମ ସମସ୍ତଙ୍କ ଲାଗି ସମାନ। ସିଏ ସଞ୍ଜୁ ହୁଅନ୍ତୁ କିମ୍ବା ଅନ୍ୟ କେହି ବୋଲି କହିଛନ୍ତି ରାଜ୍ୟ କ୍ରିକେଟ ସଂଘ ସଭାପତି ଜୟେଶ ଜର୍ଜ। ଏବେ ସଞ୍ଜୁଙ୍କୁ ବିଜୟ ହଜାରେ ଟ୍ରଫି ଲାଗି କେରଳ ଦଳରେ ସାମିଲ କରାଯାଇ ନ ଥିଲା। ଏଥିଲାଗି ତାଙ୍କୁ ଚାମ୍ପିଅନ୍ସ ଟ୍ରଫି ଲାଗି ଭାରତୀୟ ଦଳରେ ଚୟନ କରାଗଲା ନାହିଁ ବୋଲି କୁହାଯାଉଛି। ଏ ସମ୍ପର୍କରେ ମୁଁ କିଛି ଜାଣି ନାହିଁ ବୋଲି ଜୟେଶ କହିଥିଲେ। କିନ୍ତୁ ବିସିସିଆଇ ମୁଖ୍ୟ କାର୍ଯ୍ୟନିର୍ବାହୀ ନରହରି ଅମିନଙ୍କ ଅନୁଯାୟୀ କେବଳ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଲାଗି ଜଣଙ୍କୁ ଚୟନ କରାଯାଇପାରିବ ନାହିଁ। ତେବେ ସେ କାହିଁକି ଭାରତୀୟ ଦଳରେ ସାମିଲ ହେଲେ ନାହିଁ ତାହାର ଉତ୍ତର ମୋ ନିକଟରେ ନାହିଁ। ବିଜୟ ହଜାରେ ଟ୍ରଫି ଲାଗି କେରଳ ଦଳ ମନୋନୀତ ହେବା ପୂର୍ବରୁ ସଞ୍ଜୁ ଉପଲବ୍ଧ ହେବେ ନାହିଁ ବୋଲି ଧାଡ଼ିକିଆ ମେସେଜ୍ ଦେଇଥିଲେ। ୩୦ ଜଣିଆ ସମ୍ଭାବ୍ୟ ଦଳ ଚୟନ ପରେ ସେ କ୍ୟାମ୍ପରେ ସାମିଲ ହେବେ ବୋଲି ଆଉ ଏକ ମେସେଜ୍ ଦେଇଥିଲେ। ଏଣୁ ଆମେ ତାଙ୍କ ନାମ ବିଚାରକୁ ନେଲୁ ନାହିଁ। ସେ ଯେତେବେଳେ ଚାହିଁବେ ଦଳରେ ସାମିଲ ହୋଇ ପାରିବେ ନାହିଁ ବୋଲି ଜୟେଶ ଜର୍ଜ କହିଛନ୍ତି। ସଞ୍ଜୁ ଶେଷଥର ୨୦୨୩ରେ ଭାରତ ପକ୍ଷରୁ ଦିନିକିଆ ମ୍ୟାଚ୍ ଖେଳିଥିଲେ।

# ଜାନ୍‌ସେନ୍‌ଙ୍କ ଡବଲ୍ ଗୋଲ୍: ଓଡ଼ିଶା ୱାରିୟର୍ସର ବୃହତ୍ ବିଜୟ

ରାଉରକେଲା,୧୯ ।୧(ସମିସ): ଏଠାରେ ଚାଲିଥିବା ମହିଳା ହକି ଇଣ୍ଡିଆ ଲିଗର ପ୍ରଥମ ସଂସ୍କରଣରେ ରବିବାର ଖେଳାଯାଇଥିବା ମ୍ୟାଚ୍‌ରେ ଘରୋଇ ଓଡ଼ିଶା ୱାରିୟର୍ସ ୪-୧ ଗୋଲରେ ଶ୍ରଚି ରାରହ ବେଙ୍ଗଲ ଟାଇଗର୍ସକୁ ପରାସ୍ତ କରି ଦ୍ୱିତୀୟ ବିଜୟ ହାସଲ କରିଛି। ଏଥିସହ ଓଡ଼ିଶା ୪ ମ୍ୟାଚ୍ ଖେଳି ୨ ବିଜୟ ସହ ୮ ପଏଣ୍ଟ ହାସଲ କରି ଶୀର୍ଷରେ ରହିଛି। ଅନ୍ୟପଟେ ବେଙ୍ଗଲ ୪ ମ୍ୟାଚ୍ ଖେଳି ଗୋଟିଏ ବିଜୟ ସହ ୪ ପଏଣ୍ଟ ପାଇ ତୃତୀୟ ସ୍ଥାନରେ ରହିଛି। ସ୍ଥାନୀୟ ବିର୍ସା ମୁଣ୍ଡା ହକି ଷ୍ଟାଡିୟମରେ ଖେଳାଯାଇଥିବା ଏହି ଏକପାଖିଆ ମୁକାବିଲାରେ ୧୬ତମ ମିନିଟ୍‌ରେ ମିଚେଲେ ଫିଲେଟ ଫିଲ୍ଡ ଗୋଲ ଦେଇ ଓଡ଼ିଶାକୁ ଅଗ୍ରଣୀ କରାଇଥିଲେ। ୟିବି ଜାନେସନ ପେନାଲ୍ଟି କର୍ଣ୍ଣର ଜରିଆରେ ୧୮ ଓ ୪୭ତମ ମିନିଟ୍‌ରେ ଦୁଇଟି ଗୋଲ ସ୍କୋର କରି ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ସେହିପରି ମ୍ୟାଚ୍ ଶେଷ ହେବାର ଦୁଇ ମିନିଟ୍ ପୂର୍ବରୁ ଅର୍ଥାତ ୫୮ ମିନିଟ୍‌ରେ ନେହା ଗୋଏଲ ଫିଲ୍ଡ ଗୋଲ ଦେଇ ଦଳ ପାଇଁ ଚତୁର୍ଥ ଗୋଲ ସ୍କୋର କରିଥିଲେ। ଅପରପକ୍ଷରେ ଉଦୀତା ୩୦ତମ ମିନିଟରେ ବେଙ୍ଗଲ ତରଫରୁ ଏକାମାତ୍ର ଗୋଲ ସ୍କୋର କରି ପରାଜୟ ବ୍ୟବଧାନକୁ କମାଇଥିଲେ। ଓଡ଼ିଶା ୫ଟି ଓ ବେଙ୍ଗଲ ୨ଟି ପେନାଲ୍ଟି କର୍ଣ୍ଣର ପାଇଥିଲା। ସର୍କଲ ଏଣ୍ଟ୍ରି ଓ ସଟ୍ସରେ ଓଡ଼ିଶା ଯଥେଷ୍ଟ ଆଗରେ ରହିଥିଲେ। ବେଙ୍ଗଲ ଖେଳାଳିମାନେ ଅଧିକ ସମୟ ବଲକୁ ନିଜ ଅକ୍ତିଆରରେ ରଖିଥିଲେ ମଧ୍ୟ ଅଧିକ ଗୋଲ ଦେଇପାରି ନଥିଲେ।

## ଦିଲ୍ଲୀକୁ ସୁଟ୍‌ଆଉଟ୍‌ରେ ହରାଇଲା ଲାନ୍ସର୍ସ

ରାଉରକେଲା,୧୯ ।୧(ସମିସ): ଚଳିତ ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍) ଷଷ୍ଠ ସଂସ୍କରଣର ଫେଜ୍-୨ ଅର୍ଥାତ ଦ୍ୱିତୀୟ ପର୍ଯ୍ୟାୟ ରବିବାରଠାରୁ ଆରମ୍ଭ ହୋଇଛି। ଫେଜ-୨ରେ ଅନୁଷ୍ଠିତ ହାଇସ୍କୋରିଂ ପ୍ରଥମ ମ୍ୟାଚ୍‌ରେ କଳିଙ୍ଗ ଲାନ୍ସର୍ସ ଓ ଦିଲ୍ଲୀ ଏସ୍‌ଜି ପାଇପର୍ସ ପରସ୍ପରକୁ ଭେଟିଥିଲେ ଓ ଏହି ମ୍ୟାଚ୍ ୫-୫ ଗୋଲରେ ଅମୀମାଂସିତ ରହିଥିଲା। ଫଳରେ ଫଳାଫଳ ପାଇଁ ମ୍ୟାଚ୍ ସୁଟ୍ ଆଉଟ୍‌କୁ ଯାଇଥିଲା। ଏଥିରେ ଲାନ୍ସର୍ସ ୩-୨ ଗୋଲରେ ଦିଲ୍ଲୀକୁ ପରାସ୍ତ କରିଛି। ସ୍ଥାନୀୟ ବିର୍ସା ମୁଣ୍ଡା ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ବଡ଼ ବ୍ୟବଧାନରେ ପଛରେ ଥିବା ଲାନ୍ସର୍ସ ପ୍ରତ୍ୟାବର୍ତ୍ତନ କରି ଗୋଲ ପରିଶୋଧ କରି ମୁକାବିଲାକୁ ସଂଘର୍ଷପୂର୍ଣ୍ଣ କରି ଡ୍ର ରଖିବାରେ ସକ୍ଷମ ହୋଇଥିଲା। ଲାନ୍ସର୍ସ ତରଫରୁ ଆଲେକଜାଣ୍ଡର ହେଣ୍ଡ୍ରିକ୍ସ ୧୩ ଓ ୫୨ତମ ମିନିଟ୍‌ରେ, ଥିଏରୀ ବ୍ରିଙ୍କମ୍ୟାନ ୩୫ ଓ ୪୭ତମ ମିନିଟ୍‌ରେ ଦୁଇଟି ଲେଖାଏ ଏବଂ ଅଙ୍ଗଦ ୪୯ତମ ମିନିଟ୍‌ରେ ଗୋଲ ସ୍କୋର କରିଥିଲେ। ଅପରପକ୍ଷରେ ଦିଲ୍ଲୀ ତରଫରୁ ଟୋମାସ ଡୋମେନେ ୧୮ ଓ ୨୦ତ ମିନିଟ୍‌ରେ ଦୁଇଟି, କୋରେ ୱେୟେର ୨୧, କୋଜି ୟାମାସାକି ୨୩ ଓ ଦିଲରାଜ ସିଂ ୩୭ତମ ମିନିଟ୍‌ରେ ଗୋଲ ସ୍କୋର କରିଥିଲେ। ଲାନ୍ସର୍ସ ବଲ ପୋଜସନ, ସଟ୍ସ, ସର୍କଲ ଏଣ୍ଟ୍ରିରେ ଆଗରେ ରହିଥିଲା। ଦିଲ୍ଲୀ ୮ ଓ ଲାନ୍ସର୍ସ ୭ଟି ପେନାଲ୍ଟି କର୍ଣ୍ଣର ପାଇଥିଲା।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS